
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୬/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 6/2019 | ★★★★

୪୫ଶ ଭାଗ ୧୩୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-







କଂଗ୍ରେସ ମୁସ୍‌ଲିମ୍ ଲିଗ୍ ଭାଇରସ୍ ଦ୍ୱାରା ଆକ୍ରାନ୍ତ।
-ଯୋଗୀ ଆଦିତ୍ୟନାଥ,
ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ





ମଥୁରା ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ହେମାମାଳିନୀ ଟ୍ରାକ୍ଟରରେ ବସି ନିର୍ବାଚନ ପ୍ରଚାର କରୁଛନ୍ତି।




ଲକ୍ଷ୍ନୌରେ ସମାଜବାଦୀ ପାର୍ଟିର ନିର୍ବାଚନୀ ଇସ୍ତାହାର ଜାରି କରୁଛନ୍ତି ଦଳର ଅଧ୍ୟକ୍ଷ ଅଖିଳେଶ ଯାଦବ।



ଲୋକ ସଭା ନିର୍ବାଚନରେ ଖର୍ଚ୍ଚ ପାଇଁ ଉଦ୍ଦିଷ୍ଟ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହାଇଦ୍ରାବାଦର ବଞ୍ଜାରା ହିଲ୍ସ ଅଞ୍ଚଳରେ ଏକ କାର୍‌ରୁ ଜବତ କରିଛି ପୋଲିସ।



ସ୍ୱାଧୀନ ଭାରତର ପ୍ରଥମ ଭୋଟର ଶ୍ୟାମଶରଣ ନେଗୀ ହିମାଚଳ ପ୍ରଦେଶର କଲ୍‌ପାସ୍ଥିତ ନିଜ ବାସଭବନରେ ବିଜୟ ସଙ୍କେତ ଦେଖାଉଛନ୍ତି।

# ଦ୍ୱୀପରୁ ନ ହଟିଲେ ସାମରିକ କାର୍ଯ୍ୟାନୁଷ୍ଠାନ

ମାନିଲା,୫।୪(ଏଏଫ୍‌ପି)

ଦକ୍ଷିଣ ଚାଇନା ସାଗରର ବିବାଦୀୟ ଦ୍ୱୀପରୁ ଓହରିଯିବାକୁ ଫିଲିପାଇନ୍ସ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେ ବେଜିଂକୁ ସତର୍କ କରାଇଦେଇଛନ୍ତି। ଉକ୍ତ ସମୁଦ୍ରକୁ ନେଇ ଉତ୍ତେଜନା ବଢ଼ିଚାଲିଥିବାବେଳେ ଯଦି ଚାଇନା ସେଠାରେ ପ୍ରବେଶ କରେ ତେବେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଫିଲିପାଇନ୍ସ ରାଷ୍ଟ୍ରପତି ଚେତାବନୀ ଦେଇଛନ୍ତି। ଫିଲିପାଇନ୍ସ ଅଧିକୃତ ଦ୍ୱୀପ ନିକଟରେ ଚାଇନା ଜାହାଜ ପଇଁତରା ମାରିବା ଚିନ୍ତାଜନକ ବୋଲି ଆମେରିକା ପ୍ରତିରକ୍ଷା ବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି।

ଦକ୍ଷିଣ ଚାଇନା ସାଗରକୁ ବେଜିଂ ନିଜର ବୋଲି ଦାବି କରିଆସୁଛି। ସେଠାରେ ଥିବା ବିଭିନ୍ନ ଦ୍ୱୀପ ସମେତ ଚାଇନା ନିର୍ମିତ କୃତ୍ରିମ ଦ୍ୱୀପରେ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ଠୁଳ କରି ଏହାକୁ ଏକ ଯୁଦ୍ଧକ୍ଷେତ୍ରରେ ପରିଣତ କରିଛି। ଟ୍ରିଲିୟନ ଡଲାର ମୂଲ୍ୟର ସାମଗ୍ରୀ ପରିବହନ ହେଉଥିବା ଉକ୍ତ ସମୁଦ୍ର ଉପରେ ଚାଇନା ଏକଚାଟିଆ ଅଧିକାର ଜାରି କରିବା ଲାଗି ଯେଉଁ ଉଦ୍ୟମ ଚଳାଇଛି ତାହା ସଫଳ ହେବାକୁ ଦିଆଯିବ ନାହିଁ ବୋଲି ଫିଲିପାଇନ୍ସ କହିଛି। ମାନିଲା ଅଧୀନରେ



ଥିବା ପାଗ୍-ଆସା ଦ୍ୱୀପ ନିକଟରେ ଗତ ଜାନୁୟାରୀରୁ ୨୦୦ରୁ ଅଧିକ ଚାଇନା ଜାହାଜ ପଇଁତରା ମାରୁଥିବା ଜଣାପଡିବା ପରେ ଫିଲିପାଇନ୍ସ ରାଷ୍ଟ୍ରପତି ଉପରୋକ୍ତ ଚେତାବନୀ ଦେଇଛନ୍ତି। ପାଗ୍-ଆସା ଦ୍ୱୀପରେ ଫିଲିପାଇନ୍ସର ସୈନ୍ୟ ମୁତୟନ ଅଛନ୍ତି। ତେଣୁ ଚାଇନା ଯଦି ଉକ୍ତ ଦ୍ୱୀପକୁ ସ୍ପର୍ଶକରେ ତେବେ ରାଷ୍ଟ୍ରପତି ଡୁଟେର୍ଟେ ତାଙ୍କ ସୈନ୍ୟବାହିନୀକୁ ଆତ୍ମଘାତୀ ମିଶନ ପାଇଁ ପ୍ରସ୍ତୁତ ହେବାକୁ କହିବେ ବୋଲି ରୋକ୍‌ଠୋକ ଶୁଣାଇଛନ୍ତି। ଚାଇନା ଜାହାଜର ଉପସ୍ଥିତି ବେଆଇନ ଏବଂ ଫିଲିପାଇନ୍ସ ସାର୍ବଭୌମତ୍ୱର ଉଲ୍ଲଂଘନ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବ୍ୟାଙ୍କକ୍ ଗସ୍ତରେ

**ଚାଇନାକୁ ଫିଲିପାଇନ୍ସର ଚେତାବନୀ**



ରୋଡ୍ରିଗୋ ଡୁଟେର୍ଟେ

ଥିବା ଆମେରିକା ପ୍ରତିରକ୍ଷା ବିଭାଗର ଉପସହକାରୀ ସଚିବ ଯୋସେଫ୍ ଫେଲ୍ଟର କହିଛନ୍ତି, ଦକ୍ଷିଣ ଚାଇନା ସମୁଦ୍ରରେ ବେଜିଂର ଆକ୍ରମଣାତ୍ମକ କାର୍ଯ୍ୟକଳାପ ଚିନ୍ତାଜନକ। ଚାଇନାର ଏଭଳି ପଦକ୍ଷେପ ଅନାବଶ୍ୟକ ଏବଂ ଅନଧିକୃତ ବୋଲି ଫେଲ୍ଟର କହିଛନ୍ତି।

ପେଟ୍ରୋଲିୟମ ସାମଗ୍ରୀ ସମୃଦ୍ଧ ଦକ୍ଷିଣ ଚାଇନା ସାଗର ଏବଂ ଏଥିରେ ଥିବା ବିଭିନ୍ନ ଦ୍ୱୀପ ଉପରେ ଚାଇନା ସମେତ ଫିଲିପାଇନ୍ସ, ବ୍ରୁନେଇ, ମାଲେସିଆ, ତାଇୱାନ ଏବଂ ଭିଏତ୍‌ନାମ ସେମାନଙ୍କ ଅଧିକାର ଦାବି କରିଆସୁଛନ୍ତି। ଉକ୍ତ ଅଞ୍ଚଳ ଉପରେ ଚାଇନା କରୁଥିବା ଦାବିର କୌଣସି ଆଇନଗତ ପ୍ରାସଙ୍ଗିକତା ନାହିଁ ବୋଲି ୨୦୧୬ରେ ଅନ୍ତର୍ଜାତୀୟ ମେରିଟାଇମ୍ ଟ୍ରିବ୍ୟୁନାଲ ରାୟ ଦେଇଥିଲେ, ଯାହା ଫିଲିପାଇନ୍ସ ପାଇଁ ବଡ଼ ବିଜୟ ଥିଲା। ତେବେ ଚାଇନା ବିରୋଧରେ ନରମ ଆଭିମୁଖ୍ୟ ଏବଂ ଏହାର ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ବିଲିୟନ ଡଲାର ନିବେଶ ପ୍ରତିଶ୍ରୁତିରୁ ଖୁବ୍ କମ୍ ପାଇବା ନେଇ ଫିଲିପାଇନ୍ସ ରାଷ୍ଟ୍ରପତି ନିଜ ଦେଶରେ ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି। ଅନ୍ୟପକ୍ଷରେ ପାଗ୍-ଆସା ଦ୍ୱୀପରେ ଉତ୍ତେଜନା ଖବରକୁ ବେଜିଂ ଖଣ୍ଡନ କରିଛି। ଏହି ପ୍ରସଙ୍ଗରେ ଉଭୟ ପକ୍ଷ ମଧ୍ୟରେ ଗଠନମୂଳକ କଥାବାର୍ତ୍ତା ଜାରି ରହିଛି ବୋଲି ଚାଇନା କହିଛି।

## ନିର୍ବାଚନ ଲଢ଼ିବେନି ସୁମିତ୍ରା ମହାଜନ



ନୂଆଦିଲ୍ଲୀ,୫।୪(ପି.ଟି.)

ଲୋକ ସଭାର ବିଦାୟୀ ବାଚସ୍ପତି ସୁମିତ୍ରା ମହାଜନ ଚଳିତ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ। ମଧ୍ୟପ୍ରଦେଶର ଇନ୍ଦୋର ଆସନରୁ ୮ ଥର ଏମ୍‌ପି ହୋଇଥିବା ସୁମିତ୍ରା ଏନେଇ ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ଭାଜପା ୭୫ ବର୍ଷ ଅତିକ୍ରମ କରିଥିବା ନେତାମାନଙ୍କୁ ଦଳର ଟିକେଟ ନ ଦେବାକୁ ନିଷ୍ପତ୍ତି ନେଇଥିବାରୁ ଇନ୍ଦୋରରୁ ଅନ୍ୟ କାହାକୁ ଛିଡ଼ା କରାଯିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଏଥିଲାଗି ଭାଜପା ସେଠାରୁ କାହାକୁ ପ୍ରାର୍ଥୀ କରିବ ତାହା ଦଳ ଉପରେ ସେ ଛାଡ଼ିଦେଇଛନ୍ତି ବୋଲି ଆସନ୍ତା ସପ୍ତାହରେ ୭୬ ବର୍ଷରେ ପଦାର୍ପଣ କରିବାକୁ ଥିବା ସୁମିତ୍ରା କହିଛନ୍ତି।

## ଆଡଭାନୀଙ୍କୁ ଭେଟିଲେ ଜୋଷୀ

ନୂଆଦିଲ୍ଲୀ,୫।୪(ପି.ଟି.)

ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଜୋଷୀ ଶୁକ୍ରବାର ବର୍ଷୀୟାନ ନେତା ଲାଲକୃଷ୍ଣ ଆଡ୍‌ଭାନୀଙ୍କୁ ଭେଟିଛନ୍ତି। ଭାଜପା ସହ ଯେଉଁମାନେ ଏକମତ ନୁହନ୍ତି, ଦଳ ସେମାନଙ୍କୁ ଦେଶବିରୋଧୀ କିମ୍ବା ଶତ୍ରୁ ବିବେଚନା କରେ ନାହିଁ ବୋଲି ଆଡ୍‌ଭାନୀ ନିଜ ବ୍ଲଗ୍‌ରେ ଉଲ୍ଲେଖ କରିବାର ଦିନକ ପରେ ତାଙ୍କ ଘରେ ଦୁଇ ନେତାଙ୍କ ସାକ୍ଷାତକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ତେବେ ଏଥର ଲୋକ ସଭା ନିର୍ବାଚନ ପାଇଁ ଦଳୀୟ ଟିକେଟରୁ ବଞ୍ଚିତ ଆଡ୍‌ଭାନୀ ଓ ଜୋଷୀଙ୍କ ମଧ୍ୟରେ କ'ଣ ଆଲୋଚନା ହୋଇଛି ସେନେଇ କିଛି ପଦାକୁ ଆସିନାହିଁ।

■ ଅଗୁଷ୍ଟା ମାମଲା: କୋର୍ଟଙ୍କୁ ଜଣାଇଲେ ମିଶେଲ

## କାହା ନାଁ ନେଇନାହିଁ

ନୂଆଦିଲ୍ଲୀ,୫।୪(ପି.ଟି.)

ଅଗୁଷ୍ଟା ୱେଷ୍ଟଲ୍ୟାଣ୍ଡ ହେଲିକପ୍ଟର ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ଦାଖଲ କରିଥିବା ଅତିରିକ୍ତ ଚାର୍ଜଶିଟ୍‌ରେ କଂଗ୍ରେସ ନେତାଙ୍କ ନାମ ଥିବା ଜଣାପଡିଛି। ତେବେ ହେଲିକପ୍ଟର କିଣା ଚୁକ୍ତିନାମା ସହ ସମ୍ପୃକ୍ତ କୌଣସି ବ୍ୟକ୍ତିଙ୍କ ନାଁ ସେ ତଦନ୍ତ ବେଳେ ନେଇ ନ ଥିବା ଅନ୍ୟତମ ମଧ୍ୟସ୍ଥ ଖ୍ରୀଷ୍ଟିଆନ ମିଶେଲ ଦିଲ୍ଲୀର ଏକ ଅଦାଲତଙ୍କୁ କହିଛନ୍ତି।

ମିଶେଲ ସ୍ୱତନ୍ତ୍ର ବିଚାରପତି ଅରବିନ୍ଦ କୁମାରଙ୍କ କୋର୍ଟରେ ଏକ ଆବେଦନପତ୍ର ଦାଖଲ କରି କେନ୍ଦ୍ର ସରକାର ତଦନ୍ତକାରୀ ସଂସ୍ଥାକୁ ରାଜନୈତିକ ଲକ୍ଷ୍ୟ ହାସଲ ପାଇଁ ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି। ମିଶେଲଙ୍କ ଆବେଦନ ଉପରେ ଶନିବାର ସୁଦ୍ଧା ଜବାବ ଦାଖଲ କରିବାକୁ କୋର୍ଟ ଇଡିକୁ ନିର୍ଦ୍ଦେଶ ଦେଇଛନ୍ତି। ମିଶେଲଙ୍କ ଓକିଲ ଚାର୍ଜଶିଟ୍‌ର ନକଲ ମାଗିଛନ୍ତି। ସୂଚନାଯୋଗ୍ୟ ଇଡି ଦାଖଲ କରିଥିବା ଅଭିଯୋଗ ଫର୍ଦ୍ଦରେ ଏପି (ଅହମଦ ପଟେଲ) ଏବଂ ଏଫ୍‌ଏମ୍ (ଫାମିଲି) ଲାଞ୍ଚ ଗ୍ରହଣ କରିଥିବା ଉଲ୍ଲେଖ ଥିଲା। ଏହି ଫାମିଲି କିଏ ତାହା ସମସ୍ତେ ଜାଣନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଉତ୍ତରାଖଣ୍ଡର ଏକ ସଭାରେ କହିଛନ୍ତି।

**GIET UNIVERSITY**

GUNUPUR - 765022, ODISHA, INDIA

Incorporated by Act 23 of Govt. Of Odisha and under approval of UGC, New Delhi

ADMISSION NOTICE FOR

Ph.D. / M.Phil - 2019

| Engineering & Technology | Management | Science (M.Phil & Ph.D) |
|---|---|---|
| Mechanical / Computer Science<br>Electronics & Comm. Engg. / Civil<br>Biotechnology / Electrical Engg.<br>Chemical / Electrical & Electronics | Management | Physics / Chemistry /<br>Mathematics / Botany /<br>Zoology / Biotechnology |

RENOWNED GUIDES / SUPERVISORS SHALL BE AVAILABLE ACROSS ALL BRANCHES

**Eligibility :** Post graduate degree in the relevant subject with 60% marks at M.Tech or 55% marks at M.Sc. (Relaxation of 5% for SC/ST/OBC/PH candidates). Final year PG students are eligible to apply.

**Admission Procedure:** Admission will be made through Entrance Test & Interview as per M.Phil./Ph.D. regulations of the University based on UGC regulation.

**Application Procedure :** Details of regulation and application format should be downloaded from the University website www.giet.edu, along with DD of Rs.800/- (Rs.400/- in case of SC and ST candidates) drawn in favor of "GIET University" payable at SBI, Gunupur and be sent by registered post / courier to Admission Cell, GIET University, Gunupur 765 022, Rayagada District, Odisha on or before 31st May 2019.

**Enquiries** if any regarding Ph.D. / M.Phil admissions be mailed to phdadmissions@giet.edu



OTHER PROGRAMMES OFFERED FOR 2019 ADMISSIONS

| B.Tech | B.Tech | B.Sc. (Agriculture) / MCA / MBA / BBA | M.Sc. | M.Tech |
|---|---|---|---|---|
| ROBOTICS AND AUTOMATION<br>AEROSPACE ENGINEERING<br>CONSTRUCTION TECH. & MGT.<br>FOOD ENGINEERING & TECH.<br>PETROCHEM & REFINERY ENGG.<br>AGRICULTURAL ENGINEERING<br>ELECTN. AND COMPUTER SC.<br>ELECTRICAL & ELECTN. ENGG. | BIOTECHNOLOGY<br>CIVIL ENGINEERING<br>CHEMICAL ENGINEERING<br>COMPUTER SC. AND ENGG.<br>COMPUTER SC. AND TECHNOLOGY<br>ELECTRICAL ENGINEERING<br>ELECTN. & COMM. ENGG.<br>MECHANICAL ENGINEERING | B.Sc. (Agriculture)<br>MCA<br>MBA<br>BBA | PHYSICS,<br>CHEMISTRY,<br>LIFE SCIENCE,<br>MATHEMATICS,<br>BIOTECHNOLOGY | Biotechnology<br>Machine Design<br>Manufacturing Tech.<br>Power Electronics<br>Comp. Sc. & Engg.<br>Chemical Engg.<br>Heat Power & Thermal<br>Structural Engg.<br>Elctn. & Comm. Engg. |

For other admissions : 8118053001 / 8118053003 or mail to enquiry@giet.edu

ନ୍ୟାଶନାଲ ହେରାଲ୍ଡ ମାମଲା

## ହାଇକୋର୍ଟ ରାୟ ସୁପ୍ରିମକୋର୍ଟରେ ସ୍ଥଗିତ

**ନୂଆଦିଲ୍ଲୀ,୫।୪(ପି.ଟି.):** ନ୍ୟାଶନାଲ ହେରାଲ୍ଡ ମାମଲାରେ ଦିଲ୍ଲୀ ହାଇକୋର୍ଟଙ୍କ ରାୟ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ସ୍ଥଗିତାଦେଶ ଜାରି କରିଛନ୍ତି। ନ୍ୟାଶନାଲ ହେରାଲ୍ଡ ବିଲ୍ଡିଂକୁ ଖାଲି କରିବା ପାଇଁ ଏହାର ପ୍ରକାଶକ ଆସୋସିଏଟେଡ ଜର୍ନାଲ୍ସ ଲିଃ (ଏଜେଏଲ)କୁ ଦିଲ୍ଲୀ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏଜେଏଲ୍‌ର ଆବେଦନ ଉପରେ କେନ୍ଦ୍ର ସରକାରଙ୍କ ଜମି ଓ ଉନ୍ନୟନ କାର୍ଯ୍ୟାଳୟ (ଏଲ୍ ଆଣ୍ଡ ଡିଓ)ଙ୍କୁ ନୋଟିସ ଜାରି କରିଛନ୍ତି। ଦିଲ୍ଲୀର କେନ୍ଦ୍ରସ୍ଥଳରେ ଥିବା ହେରାଲ୍ଡ ହାଉସ୍ ପରିସରକୁ ଖାଲି କରିବାରେ କେନ୍ଦ୍ରକୁ କୌଣସି ବଳପୂର୍ବକ ପଦକ୍ଷେପ ନେବାରୁ ଦୂରେଇ ରଖିବା ନିମନ୍ତେ ଏଜେଏଲ୍ ପକ୍ଷରୁ କରାଯାଇଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେବା ପରେ ଏହା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏଜେଏଲ୍‌ରୁ ୟଙ୍ଗ ଇଣ୍ଡିଆ କମ୍ପାନୀକୁ ଅଂଶଧନ ହସ୍ତାନ୍ତର କରାଯାଇଛି, ଯାହାର ସର୍ବାଧିକ ଅଂଶଧନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ତାଙ୍କ ମାଆ ସୋନିଆ ଗାନ୍ଧୀଙ୍କ ନାଁରେ ରହିଛି। ଫାଇଦା ଉଠାଇବା ପାଇଁ ଏହା ଏକ ଗୋପନ ଏବଂ ଷଡଯନ୍ତ୍ରପୂର୍ଣ୍ଣ କାରବାର ବୋଲି ହାଇକୋର୍ଟ ଦର୍ଶାଇଥିଲେ।

# ଦକ୍ଷିଣ କୋରିଆ ଜଙ୍ଗଲ ଜଳୁଛି



ସିଓଲ,୫।୪( ଏଏଫ୍‌ପି)

■ଜାତୀୟ ବିପତ୍ତି ଘୋଷଣା କଲା ସିଓଲ

■୯୦୦ ଦମକଳ, ୧୦ ହଜାର କର୍ମଚାରୀ ନିୟୋଜିତ

ଦକ୍ଷିଣ କୋରିଆର ସୀମାନ୍ତବର୍ତ୍ତୀ ଜଙ୍ଗଲରେ ନିଆଁ ଲାଗି ବ୍ୟାପକ ଅଞ୍ଚଳକୁ ମାଡିଯାଇଛି। ଏହି ଅଗ୍ନିକାଣ୍ଡରେ ୪୦୦ ଘର ଜଳିଯିବା ସହ ହଜାର ହଜାର ଲୋକ ବାସହରା ହେଲେଣି। ନିଆଁରେ ପୋଡିହୋଇ ୨ ଜଣଙ୍କ ମୃତ୍ୟୁହେବା ସହ ୧୧ ଆହତ ହୋଇଥିବା ଜଣାପଡିଛି। ୪୦୦୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଛି। ଗୋସେଓଙ୍ଗ୍ ସହରରେ ଥିବା ଏକ ରିସୋର୍ଟ ନିକଟରେ ଟ୍ରାନ୍ସଫର୍ମର ସ୍ପାର୍କିଂରୁ ନିଆଁ ଲାଗି ଏହା ଅନ୍ୟ ଅଞ୍ଚଳକୁ ବ୍ୟାପିଯାଇଥିଲା। ଦକ୍ଷିଣ କୋରିଆ କର୍ତ୍ତୃପକ୍ଷ ଏହାକୁ ବିରଳ ଜାତୀୟ ବିପତ୍ତି ଘୋଷଣା କରିଛନ୍ତି। ନିଆଁଲିଭା କାର୍ଯ୍ୟରେ ୯୦୦ ଦମକଳ ଏବଂ ୧୦ ହଜାର ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେନାବାହିନୀ ପକ୍ଷରୁ ୩୨ଟି ହେଲିକପ୍ଟର ଓ ୧୬,୫୦୦ ଯବାନଙ୍କୁ ମଧ୍ୟ ନିଆଁଲିଭା କାର୍ଯ୍ୟରେ ଲଗାଯାଇଛି। ଟେଲିଭିଜନ ଏବଂ ସୋସିଆଲ ମିଡିଆ ଫଟୋରୁ ସେଠାରେ ନିଆଁର ପ୍ରାଚୀର ଏବଂ ଆକାଶରେ ଧୂଆଁର ବାଦଲ ସୃଷ୍ଟି ହୋଇଥିବା ଦେଖାଯାଇଛି।

# 'ଭାଜପା ବିରୋଧରେ ଭୋଟ ଦିଅ'

**ନୂଆଦିଲ୍ଲୀ,୫।୪:** ସମାନତା ଓ ସାମାଜିକ ନ୍ୟାୟର ପ୍ରଚାର କରୁଥିବା ନେତୃତ୍ୱକୁ ସମର୍ଥନ କରି ଭାଜପା ବିରୋଧରେ ଭୋଟ ଦେବାକୁ ୬୦୦ରୁ ଊର୍ଦ୍ଧ୍ୱ କଳାକାର ଦେଶର ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏକ ମିଳିତ ବିବୃତିରେ ଭୋଟରଙ୍କୁ କୁହାଯାଇଛି, 'ଦେଶରେ ଭିନ୍ନ ମତବାଦର ଏକୀକରଣ ଓ ଧର୍ମନିରପକ୍ଷେତା ସୁରକ୍ଷାରେ ସହାୟତା କରନ୍ତୁ'। ଏଥିପାଇଁ ଜାରି ଏକ ଆବେଦନପତ୍ରରେ ସ୍ୱାକ୍ଷର କରିଛନ୍ତି ଅମୋଲ ପାଲେକର, ଅରୁନ୍ଧତୀ ରାୟ, ଅସ୍ତାଦ ଦେବୁ, ଆର୍ଶିଆ ସତ୍ତାର, ଡାନିଶ ହୁସେନ୍, ଗିରିଶ କର୍ନାଡ, ନାସିରୁଦ୍ଦିନ୍ ଶାହ, ଏମ୍.କେ. ରାଇନା, କବିତା ଲଙ୍କେଶ, କୋଙ୍କଣା ସେନ୍ ଶର୍ମା, ଲିଲେଟି ଦୁବେ, ମଲ୍ଲିକା ତନେଜା ଏବଂ ନଭତେଜ୍ ଜୋହର।

ଭାରତରେ ଥିଏଟର ନିର୍ମାତାଙ୍କର ଏକ ସୁଦୀର୍ଘ ଓ ଗୌରବମୟ ପରମ୍ପରା ରହିଛି। ଗୋଷ୍ଠୀବାଦ, ସଂକୀର୍ଣ୍ଣତାବାଦ, ଅତିବେଶି ଦେଶପ୍ରୀତିର ପ୍ରଚାର କରୁଥିବା ଶକ୍ତିକୁ ଏହି ଗୋଷ୍ଠୀ ବିରୋଧ କରେ। କେବଳ ଏହା ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଓ ଅଖଣ୍ଡ ଭାରତରେ ବିଶ୍ୱାସ କରେ। ବର୍ତ୍ତମାନ ଅତ୍ୟଧିକ ଦେଶପ୍ରୀତିର ନାରା ଭାରତ ପାଇଁ ବିପଦ ଆଣିଛି। ଘୃଣ୍ୟ ରାଜନୀତି, ଧର୍ମାନ୍ଧତାରେ ବିଶ୍ୱାସୀ ବ୍ୟକ୍ତିଙ୍କୁ କ୍ଷମତାରୁ ଦୂରେଇ ରଖିବା ଆବଶ୍ୟକ। ବିଶେଷକରି ଭାରତୀୟ ଜନତା ପାର୍ଟି ଓ ଏହାର ମିତ୍ରଦଳକୁ ବିରୋଧ କରିବା ସହିତ ବିଜ୍ଞତାର ସହିତ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ଦଳକୁ ଭୋଟ ଦେବାକୁ ଏହି କଳାକାର ଗୋଷ୍ଠୀ ନିବେଦନ କରିଛି।

**୬୦୦ କଳାକାରଙ୍କ ନିବେଦନ**



ନାସିରୁଦ୍ଦିନ୍ ଶାହ — କୋଙ୍କଣା ସେନ୍‌ଶର୍ମା

### ଇତିହାସର ଆଇନାରେ

## ଏପ୍ରିଲ ୬ର ପ୍ରମୁଖ ଘଟଣା

୧୯୯୨ ଏପ୍ରିଲ ୬ରେ ବୋସ୍‌ନିଆ ଯୁଦ୍ଧ ଆରମ୍ଭ ହୋଇଥିଲା। ବୋସ୍‌ନିଆ ଏବଂ ହେର୍ଜଗୋଭିନା ମଧ୍ୟରେ ଉପୁଜିଥିବା ଏହି ଯୁଦ୍ଧକୁ ଅନ୍ତର୍ଜାତୀୟ ସଶସ୍ତ୍ର ବିଦ୍ରୋହ କୁହାଯାଏ।

୨୦୧୨ ଏପ୍ରିଲ ୬ରେ ରିପବ୍ଲିକ୍ ଅଫ୍ ମାଲିଠାରୁ ଆଜାୱାଦକୁ ସ୍ୱାଧୀନ ଘୋଷଣା କରାଯାଇଥିଲା। ତୌରେଜ ବିଦ୍ରୋହୀମାନେ ମାଲି ସେନାକୁ ତଡିଦେବା ପରେ ନ୍ୟାଶନାଲ ମୁଭମେଣ୍ଟ ଫର ଦି ଲିବରେଶନ୍ ଅଫ୍ ଆଜାୱାଦ (ଏମ୍‌ଏନ୍‌ଏଲ୍‌ଏ) ଦ୍ୱାରା ଏହାକୁ ଏକପକ୍ଷୀୟ ଭାବେ ସ୍ୱାଧୀନ ଘୋଷଣା କରାଯାଇଥିଲା।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୬/୨୦୧୯ | Bhubaneswar, Saturday, April 6/2019




ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୬ ଏପ୍ରିଲ, ୨୦୧୯

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସାଇ
ପରିବାରବର୍ଗ


ଗୌରବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମୁଖ୍ୟମନ୍ତ୍ରୀଙ୍କ ବ୍ୟାୟାମ ଭିଡିଓ ଜାରି

## ସାମାଜିକ ଗଣମାଧ୍ୟମରେ ହେଲା ଭାଇରାଲ




**ଭୁବନେଶ୍ୱର, ୫।୪ (ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବ୍ୟାୟାମ କରୁଥିବାର ଏକ ଭିଡିଓ ଶୁକ୍ରବାର ଦଳ ପକ୍ଷରୁ ଜାରି କରାଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ଅନେକ ପ୍ରକାର ବ୍ୟାୟାମ କରୁଥିବା ଦେଖାଯାଇଛି। ସାଧାରଣତଃ ଧଳା କୁର୍ତ୍ତା ଓ ପାଇଜାମା ପିନ୍ଧୁଥିବା ନବୀନଙ୍କୁ ଭିଡିଓରେ ଖେଳ ପୋଷାକ (ଟ୍ରାକ୍ ପ୍ୟାଣ୍ଟ ଏବଂ କଳା ବାନିୟନ)ପିନ୍ଧିଥିବାର ଦେଖିବାକୁ ମିଳିଛି। ଦୁଇ ମିନିଟ୍ ୮ ସେକେଣ୍ଡର ଏହି ଭିଡିଓଟିରେ ନବୀନ ପଟ୍ଟନାୟକ ଦୌଡୁଥିବା, ସାଇକେଲିଂ, ହ୍ୟାଙ୍ଗିଙ୍ଗ୍, ବଗିଚା ଭ୍ରମଣ ଏବଂ ଜଗିଂ ଇତ୍ୟାଦି କରୁଥିବା ଦେଖାଯାଇଛି। ସାଧାରଣ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶାରୀରିକ ଭାବେ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି, ଏହି ବାର୍ତ୍ତା ଦେବାକୁ ଉକ୍ତ ଭିଡିଓ ଜାରି କରାଯାଇଥିବା ସମୀକ୍ଷକମାନେ ମତ ରଖିଛନ୍ତି। ଭିଡିଓଟି ଅଳ୍ପ ସମୟ ମଧ୍ୟରେ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କିଛିଦିନ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହିପରି ଏକ ଭିଡିଓ ଛାଡ଼ିଥିଲେ। ଏଥିସହିତ ଅନ୍ୟ କିଛି ସେଲିବ୍ରିଟିଙ୍କୁ ତାଙ୍କ ଫିଟ୍‌ନେସ ଚ୍ୟାଲେଞ୍ଜ ଗ୍ରହଣ କରିବାକୁ ଟୁଇଟର ମାଧ୍ୟମରେ ଅନୁରୋଧ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଅନୁରୋଧକୁ ଅନେକେ ସମ୍ମାନ ଜଣାଇ ଏହିପରି ଭିଡିଓ ଜାରି କରିଥିଲେ। ଅତୀତରେ ମୁଖ୍ୟମନ୍ତ୍ରୀ ଶାରୀରିକ ଭାବେ ଅସୁସ୍ଥ ଥିବା କଥା ବିରୋଧୀମାନେ ଅଭିଯୋଗ ଆଣିଥିଲେ, ଯାହାକୁ ନେଇ ବିଜେଡି-ଭାଜପା ଆରୋପ-ପ୍ରତ୍ୟାରୋପର ପର୍ବ ମଧ୍ୟ ଦେଖିବାକୁ ମିଳିଥିଲା।

# ୪ ମାଓବାଦୀ ମୃତ, ଜଣେ ଯବାନ ଶହୀଦ

## ଛତିଶଗଡରେ ଏନ୍‌କାଉଣ୍ଟର

**ରାଇଘର,୫।୪(ଡି.ଏନ.ଏ):** ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଠାରୁ ୮ କି.ମି ଦୂର ସୀମାନ୍ତ ଛତିଶଗଡରେ ମାଓବାଦୀ ଓ ସିଆରପିଏଫ ଯବାନ ମଧ୍ୟରେ ଗୁରୁବାର ମଧ୍ୟ ରାତ୍ରିରେ ଗୁଳି ବିନିମୟ ହୋଇଛି। ଏଥିରେ ୪ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ଏଥିସହ ଜଣେ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ସହ ଅନ୍ୟ ଜଣେ ଆହତ ହୋଇଛନ୍ତି। ଓଡିଶା- ଛତିଶଗଡ ସୀମା ତଥା ଧାମତାରି ଜିଲାର ସୀତାନଦୀ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ଖଲାରି ନିକଟସ୍ଥ ସାଲେଭଟା ଜଙ୍ଗଲ ମଧ୍ୟରେ ମୈନପୁର, ନୂଆପଡା, କଳାହାଣ୍ଡି ଜିଲାର ମାଓବାଦୀ ଡିଭିଜନର ମିଳିତ ଜୋନାଲ କମିଟି ବୈଠକ ଚାଲିଥିଲା। ବୋରେଇ ଓ ଖଲାରି ସିଆରପିଏଫ କ୍ୟାମ୍ପର ଯବାନ ଓ ବୋରେଇ ପୋଲିସ ମିଳିତ ଭାବେ ତଲାସୀ କରିଥିଲେ। ସେମାନେ ଚାମେଡା ଜଙ୍ଗଲ ଦେଇ ଅଗ୍ରସର ହେଉଥିବାବେଳେ ମାଓବାଦୀମାନେ ସେମାନଙ୍କ ଉପରକୁ ଗୁଳି ଚଳାଇବାରୁ ଏନ୍‌କାଉଣ୍ଟର ହୋଇଥିଲା ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ସୁରକ୍ଷା ବାହିନୀ ପାଲଟା ଜବାବ ଦେବାରୁ ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇ ପଳାଇଥିଲେ। ଏନ୍‌କାଉଣ୍ଟର ବେଳେ ମୁଖ୍ୟ କନ୍‌ଷ୍ଟେବଲ ହାରିଶ ଚାନ୍ଦ ଶହୀଦ ହୋଇଥିବାବେଳେ ସୁଧୀର କୁମାର ଆହତ ହୋଇଥିଲେ। ହାରିଶଙ୍କ ଘର ଭୋପାଲରେ ବୋଲି ଜଣାପଡିଛି।

# ସରିଲା ଖାତାଦେଖା, ମେ'ରେ ଫଳ ପ୍ରକାଶ

## ମାଟ୍ରିକ ପରୀକ୍ଷା

**କଟକ ଅଫିସ,୫।୪:** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ପରୀକ୍ଷା ମୂଲ୍ୟାୟନ ପ୍ରକ୍ରିୟା ଶୁକ୍ରବାର ଶେଷ ହୋଇଛି। ଗତ ୨୫ ତାରିଖରୁ ରାଜ୍ୟର ୬୦ଟି ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା ଜାରି ରହିଥିଲା। ତ୍ରୁଟିଶୂନ୍ୟ ତଥା ନିର୍ଭୁଲ ଭାବେ ପ୍ରାଥମିକ ଖାତାଦେଖା ପ୍ରକ୍ରିୟା ଶେଷ ହୋଇଛି ବୋଲି ବୋର୍ଡ ସଭାପତି ଡ. ଜାହାଁ ଆରା ବେଗମ୍ କହିଛନ୍ତି। ଆସନ୍ତା ମଙ୍ଗଳବାର ସୁଦ୍ଧା ସମସ୍ତ ଉତ୍ତରଖାତା ବୋର୍ଡ ଅଫିସରେ ପହଞ୍ଚିବ। ପରେ ଦ୍ୱିତୀୟ ପର୍ଯ୍ୟାୟ ଯାଞ୍ଚ ପ୍ରକ୍ରିୟା ଏପ୍ରିଲ ଶେଷ ସପ୍ତାହ ସୁଦ୍ଧା କରାଯାଇ ମେ' ମାସରେ ପରୀକ୍ଷାଫଳ ପ୍ରକାଶ କରାଯିବ ବୋଲି ସଭାପତି ଡ. ବେଗମ କହିଥିଲେ। ସେହିପରି ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାଖାତାର ମୂଲ୍ୟାୟନ ନେଇ ମଧ୍ୟ ବିଶେଷ ଧ୍ୟାନ ଦିଆଯାଉଛି ବୋଲି ସେ କହିଛନ୍ତି। ସୂଚନାଥାଉ କି, ଗତ ଫେବୃଆରୀ ୨୨ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ୨୦୧୯ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା, ମଧ୍ୟମା ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଏକସାଙ୍ଗରେ ଆରମ୍ଭ ହୋଇଥିଲା। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ୨୮୩୦ଟି ପରୀକ୍ଷା କେନ୍ଦ୍ର ସ୍ଥିର ହୋଇଥିବାବେଳେ ୪୪ଟି କେନ୍ଦ୍ରରେ ମଧ୍ୟମା ଓ ୭୯ଟି କେନ୍ଦ୍ରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ହୋଇଥିଲା। ଚଳିତବର୍ଷ ପ୍ରଥମଥର ନିମନ୍ତେ ୪ଟି ସମାନ୍ତରାଳ ପ୍ରଶ୍ନପତ୍ରର ବ୍ୟବସ୍ଥା ହୋଇଥିଲା। ଅନ୍ୟପକ୍ଷରେ ଚଳିତ ମାଟ୍ରିକ ପରୀକ୍ଷାରେ ଓଡ଼ିଆ, ଗଣିତ ଓ ସାମାଜିକ ବିଜ୍ଞାନ ବିଷୟର ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

# ମେ ତୃତୀୟ ସପ୍ତାହରେ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାଫଳ

**ଭୁବନେଶ୍ୱର, ୫।୪(ବ୍ୟୁରୋ):** ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆସନ୍ତା ମେ' ତୃତୀୟ ସପ୍ତାହରେ ପ୍ରକାଶ ପାଇବ। ଏ ନେଇ ଶୁକ୍ରବାର ସିବିଏସ୍‌ଇ ପକ୍ଷରୁ ଘୋଷଣା କରାଯାଇଛି। ପରୀକ୍ଷା ଫଳ ସିବିଏସ୍‌ଇ ୱେବ୍‌ସାଇଟ୍ CBSERESULTS.NIC.INରେ ଉପଲବ୍ଧ ହେବ। ଖୁବ୍‌ଶୀଘ୍ର ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବ। ଗତବର୍ଷ ମେ' ୨୬ରେ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ଚଳିତବର୍ଷ ଦ୍ୱାଦଶ ପରୀକ୍ଷା ଫେବୃଆରୀ ୧୫ରୁ ଆରମ୍ଭ ହୋଇ ଏପ୍ରିଲ ୩ରେ ଶେଷ ହୋଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଏକାଦଶସ୍ଥ ବୁଧ ପ୍ରଭାବରେ ଆଜି ଆପଣ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ମଧ୍ୟ ଶିଥିଳତା ଦେଖାଦେବ।

**ବୃଷ**

ଅଷ୍ଟମସ୍ଥ ବୃହସ୍ପତି ହେତୁ ପରିସ୍ଥିତି ତାଡନାରେ ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଦୀର୍ଘଦିନରୁ ପରିକଳ୍ପନା କରିଥିବା ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବନ୍ଧୁଙ୍କୁ କର୍ମକ୍ଷେତ୍ରରେ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**ମିଥୁନ**

ରାଶିରେ ରାହୁ ଯୋଗୁ ବିଭିନ୍ନ ପ୍ରକାରର ଅଭାବ ଅନଟନ ମାନସିକ ଶାନ୍ତିକୁ ନଷ୍ଟକରିପାରେ। ପାରିବାରିକ ସମସ୍ୟା କ୍ରମଶଃ ବଳିଯାଉଥିବାରୁ ମନର ଦୁଃଖକୁ ଲୁଚାଇ ରଖି ବନ୍ଧୁମାନଙ୍କ ସମ୍ମୁଖରେ ହସି ହସି କଥା କହିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**କର୍କଟ**

ନବମସ୍ଥ ଚନ୍ଦ୍ର ହେତୁ କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ପ୍ରଶାସନିକ ସ୍ତରରେ ଏପରି କି ଶିଳ୍ପ, ବାଣିଜ୍ୟରେ ମଧ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ଅବଶ୍ୟ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଆକସ୍ମିକ ସ୍ଥାନାନ୍ତର ସୂଚନା ମନକୁ ଭାରାକ୍ରାନ୍ତ କରିପାରେ।

**ସିଂହ**

ଶୁକ୍ର ପ୍ରଭାବରେ କର୍ମକ୍ଷେତ୍ରରେ ଆହ୍ୱାନ ବ୍ୟତିରେକ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ନିଜର ଦକ୍ଷତା ବଳରେ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ପାରିବାରିକ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**କନ୍ୟା**

ଶନିଙ୍କ ଚତୁର୍ଥ ସ୍ଥିତି ଯୋଗୁ ଅତି ନିକଟତର ବନ୍ଧୁଙ୍କ ସହ ଆପଣଙ୍କର ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିପାରନ୍ତି। ପୂର୍ବରାଗ ଶୁଝାଇବାକୁ ଯାଇ ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ନିର୍ମାଣ, ସଙ୍ଗଠନ, ପ୍ରଶାସନ ସ୍ତରରେ ସମସ୍ୟା ମୁକ୍ତ ରହିବ।

**ତୁଳା**

ସପ୍ତମ ସ୍ଥାନ ପ୍ରତି ଶୁଭଦୃଷ୍ଟିର ଅଭାବରେ ବିଭିନ୍ନ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ। କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ବନ୍ଧୁଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ବିଛା**

ମାଙ୍ଗଳିକ କାର୍ଯ୍ୟ ସକାଶେ ନିଜର ଆତ୍ମୀୟମାନଙ୍କ ସହ ଆଲୋଚନା କରିପାରନ୍ତି। କର୍ମକ୍ଷେତ୍ରରେ ଶତ୍ରୁତା ପଥରୋଧ କରୁଥିବାର ସନ୍ଦେହ କରି ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ସାମାନ୍ୟ ବିଳମ୍ବିତ ସମୟରେ ଆଶା ପୂରଣ ହୋଇଯିବ।

**ଧନୁ**

ରବି ଓ ଚନ୍ଦ୍ର ହେତୁକ ପାରିବାରିକ କ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଯିବ। ନିର୍ମାଣାଧୀନ କାମ ପୂର୍ଣ୍ଣାଙ୍ଗ ନ ହେବା ମୂଳରେ ଅର୍ଥାଭାବ ଯୋଗୁ ବିଚଳିତ ହେବେ।

**ମକର**

କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ପରିବାରରେ ସାଧାରଣ ଘଟଣାକୁ କେନ୍ଦ୍ରକରି ଅଶାନ୍ତି ଉପୁଜିପାରେ। ଶ୍ରବଣା ନକ୍ଷତ୍ରର ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅର୍ଥ ସଂକଟର ସମାଧାନ ପାଇଁ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ।

**କୁମ୍ଭ**

ମଙ୍ଗଳଙ୍କ ଯୋଗୁ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ନିଜ ଉପରେ ନ୍ୟସ୍ତ ଥିବା କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇବେ। ବ୍ୟବସାୟ କ୍ଷେତ୍ରରେ ଆଶାଜନକ ଫଳ ପାଇବେ କିନ୍ତୁ ଋଣ ପରିଶୋଧ କରିବାରେ ବିଫଳ ହେବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ମୀନ**

ଶାରୀରିକ ସୁସ୍ଥତା ଅକ୍ଷୁର୍ଣ୍ଣ ରହିଲେ ମଧ୍ୟ ଟେନ୍ସନ ଜମା ଛାଡିବ ନାହିଁ। ରାଜନୈତିକ ସ୍ଥିତି ପ୍ରତି କୌଣସି ସମସ୍ୟାର ସୁରାକ ପାଇ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବେ। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିବେ, କିନ୍ତୁ ଚିନ୍ତା କରନ୍ତୁ ନାହିଁ। ଆଧ୍ୟାତ୍ମିକ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହେବେ।

ଆଜି ଚୈତ୍ର ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଶନିବାର, ଏପ୍ରିଲ ୬ ତାରିଖ, ରାଶି ନକ୍ଷତ୍ର-ଦିବା ଘ୮।୦୮ମି. ପରେ ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୪୯ମି. ଗତେ ଘ୧।୨୧ମି. ମଧ୍ୟେ, ଘ୨।୫୪ମି. ଗତେ ଘ୪।୩୦ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୧୦ମି. ଗତେ ଘ୮।୪୧ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୮।୪୪ମି. ଗତେ ଘ୧୦।୧୭ମି. ମଧ୍ୟେ ରାହୁକାଳ।


# CLASSIFIEDS




## SALE

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/- BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

Book 4BHK flat near AIIMS square, 150 meter Aiginia over bridge NH-5, 1622sqft @ 65lac. including parking. 7978584549. D-66072

Tomando market ପାଖରେ Janla NH-5, ପାଖରେ ଘରବାରି plot ନେଇ ଘର କରନ୍ତୁ। 9438859527. D-66325

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 9439206202. D-66308

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

Booking 2BHK simplex 1200 sqft. land 12,80,000/-, 7km. from BJEM-II, monthly Installment 10,000/- 7735738102. D-11944

Plot for sale Patrapada, Bhubaneswar near Inox Mall, gharabari yellowzone, price 849/-: 9437335686,, 7008487006. D-66421

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-12005

ଭୁବନେଶ୍ୱର Patrapada HDFC Bank ରୁ 500 mtr କଲୋନୀରେ plot କିଣନ୍ତୁ। 9348767829. D-66330

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66063

2400 sft GA plot sale at SUM Hospital (Bharatpur), Bhubaneswar. Contact Deepak- 9937329999 (Brokers excuse). D-66211

ଭୁବନେଶ୍ୱର ଗଙ୍ଗପଡ଼ାରେ ଲେଆଉଟ୍ ଆପ୍ରୋଭାଲ ଥାଇ ଘରବାରି ପ୍ଲଟ ମିଳୁଅଛି। Contact: 9556124345, 9437287595. D-11901

Gharabari boundary plot sale infront of Harvajan Singh Royal Habitat mega apartment adjacent to NISER. Very nominal cost: 9438262073. D-66212

ଫୁଲନଖରାରେ ନିର୍ମିତ ବୃହତ୍ତମ ମାର୍କେଟ (**Grand bazar) NH5**ରୁ ଅଳ୍ପ ଦୂରତାରେ ଘରବାରି ବାସୋପଯୋଗୀ **plot କିଣନ୍ତୁ। 9938737955.** D-66323

Ready 4BHK duplex with gated community at Balianta through cash/cheque (land-1400 construction-2200 @ 55 lakh. contact: 9938219397, 9861022055. D- 11951

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66305

ନଖରା ତ୍ରିନାଥ ବଜାର ଠାରେ SC ଘରବାରି ପ୍ଲଟ 1200କୁ 3,80,000/- ପ୍ରତାପ ନଗରୀ ଧାକୁଲେଇ ପୀଠ ଠାରେ 1200କୁ 3,00,000/- (outright). 9776934361, 8144706560. D-66318

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-12006

2BHK simplex 15,00,000/- finishing Hanspal, ready to move 30,00,000/- available. 9668194157. D-66328

ସ୍ଥିତିବାନ ଘରବାରି ପ୍ଲଟ ରେଡଙ୍ଗ ଷ୍ଟେସନ ପାଖରେ କିଣି ଘର କରନ୍ତୁ। 9938066403. D-66329

ଭୁବନେଶ୍ୱର Infosys-II ପଛପଟେ ପାଚେରି ସହ sqft. 600/-ରେ plot ବିକ୍ରିହେବ। 8658962508, 8480864171. D-66321

30 guntha gharabari land sale at Bhubaneswar close to 100ft. Sum hospital, Nuagaon Road (10 lakhs per guntha) Direct owner- 9777063609 D-66331

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Built your Resudential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech: 9040008777.** D-12004




Main road side modern building immediate occupation near Jharapada flyover Indian oil petrol pump cuttack road, Bhubaneswar. Suitable for office guest house etc. contact: 9438081042, 9438668573. D-11997

New ladies hostel, 60 bed available. Marble room attached latrin bathrooms, Baramunda Bus stand. Student, employees contact: 9438423524. D-11999

1 bedroom, 1 small room with dining, drawing, swimming pool & gym at Reta Valley near KEC College, BBSR, 9439084778. D-12003

2BHK ground floor for rent at Tankapani Road, front of Jagannath Ashram 9937313707. D-52892

1800 sqft. office space for rent at Goutam Nagar. Contact: 9337117523. D- 62175




Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Summer special mesmerizing offer expert therapeutic refreshing massage appointment. 9668374480. D-66069

Herbal full body massage by smart/expert therapist. Contact: 8338067247. D-66067

Experience fullbody massage with us by experts. Enquiry- 0674-2597822, 7377048581. D-66066

Herbal full body massage with refreshment by well trained therapist. 7381239385, 0674-2540855. D-66065

Sampark ayurvedic massage club fully relaxed by smart lady, home service available. 8280102993. D-65868

Physiotherapy full body massage by trained ladies/ gents therapist: 7008773793. D-66422

Newly opening ayurvedic body massage smart therapist Shree herbal. 7750020754. D-66068

Ayurvedic full body massage ladies/ gents smart experts therapist. 9114697517. D-65870

Ayurvedic full body massage ladies/ gents experts therapist. 8338097451 . D-65871




ଶ୍ରୀ ଗଣେଶ ଜ୍ୟୋତିଷ ତୁରନ୍ତ ସମାଧାନ 101% ଗୃହକ୍ଲେଶ, ଶତ୍ରୁପୀଡ଼ା, ବ୍ୟବସାୟ, ସ୍ୱାମୀ-ସ୍ତ୍ରୀ, ବିବାହ, କଳାଯାଦୁ, ପ୍ରେମ ସମସ୍ୟା, ବଶୀକରଣ, ସ୍ପେଶାଲିଷ୍ଟ, ପଣ୍ଡିତ ସାଗରଜୀ: 9928051901. D-11986

## AFFIDAVIT

I, Smrutiprava Samantaroy, W/o Chittaranjan Nayak have changed my name from Smrutiprava Samantroy to Smrutiprava Samantaroy vide affidavit dated 06/02/2019 sworn before Executive Magistrate, Bhubaneswar. Henceforth I, will be called as Smrutiprava Samantaroy onwards. D-11996

## 1st Happy Birth Day



**Sreyansh (Sai)**

"ହସୁଥାରେ ଧନ ସବୁଦିନ ତୁ ହସୁ ଥା' ତୋର ଏ ହସ ଦେଖି ଭୁଲିଯିବୁ ଆମେ ସବୁ ଦୁଃଖ ବ୍ୟଥା" ଶୁଭେଚ୍ଛା ସହ: ଜେଜେ ମା, ଅଜା, ଆଈ, ବାବା, ମାମା, ବଡ଼ବାପା, ବଡ଼ବୋଉ, ପିଉସା, ପିଉସୀ, ମାମୁଁ, ମାଇଁ, ଦାଦା, ଖୁଡ଼ୀ, ସାରଦାବାବା, ପ୍ରିୟ ଦିଦି, ମନୀଷା ମିସ୍, ରୁବି ମିସ୍, ସୋନି, ଗୁଡୁଲି, ତୁତ୍ତୁ, ଗୁଡ଼ି, ରାନୀ, ରିୟା, ଲକି, ନଣ୍ଟୁ ଓ ପରିବାରବର୍ଗ। ଧ-୬୬୪୨୩

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୬/୨୦୧୯ | Bhubaneswar, Saturday, April 6/2019 | ପୃଷ୍ଠା-୧





**‘#ମିଟୁ’ କାହାଣୀ ଶେୟାର କଲେ ଶ୍ରୁତି ମରାଠେ**
ଜଣେ ପ୍ରଯୋଜକଙ୍କ ଅଶାଳୀନ ମନ୍ତବ୍ୟ ବିଷୟରେ ମୁହଁ ଖୋଲିଛନ୍ତି ମରାଠୀ ଫିଲ ଅଭିନେତ୍ରୀ ଶ୍ରୁତି ମରାଠେ । ୦୫

୧୫ **ନୀରଜ ଚୋପ୍ରା ପୁରସ୍କୃତ**
ଷ୍ଟାର ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଓ ଅଲିମ୍ପିକ ରୌପ୍ୟ ବିଜୟିନୀ ପି.ଭି. ସିନ୍ଧୁ ୨୦୧୮ ବର୍ଷର ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରୀଡ଼ାବିତ୍ ଭାବେ ଇଏସ୍‌ପିଏନ୍ ଇଣ୍ଡିଆ ମଲ୍ଟି-ସ୍ପୋର୍ଟ୍ସ ଆୱାର୍ଡ ଜିତିଛନ୍ତି ।









## ଆମେରିକା ଗଣିଲା ପାକିସ୍ତାନର ଯୁଦ୍ଧବିମାନ: ଯେତିକି ଦେଇଥିଲା ସେତିକି ଅଛି

# ଭାରତ ଖସାଇନାହିଁ ଏଫ୍-୧୬

**ୱାଶିଂଟନ/ନୂଆଦିଲ୍ଲୀ, ୫।୪(ଆଇଏଏନ୍‌ଏସ୍/ପି.ଟି.)**

ପାକିସ୍ତାନର କୌଣସି ଏଫ୍-୧୬ ଯୁଦ୍ଧବିମାନକୁ ଭାରତ ଖସାଇନାହିଁ। ପାକିସ୍ତାନ ବାୟୁସେନା (ପିଏଏଫ୍)କୁ ଆମେରିକା ଯୋଗାଇଥିବା ସମସ୍ତ ଲଢୁଆ ବିମାନ ସୁରକ୍ଷିତ ଅଛି। ଆମେରିକା ପକ୍ଷରୁ ସେଗୁଡ଼ିକୁ ଗଣାଯିବା ପରେ ଭାରତର ଦାବିକୁ ଖଣ୍ଡନ କରାଯାଇଛି। ଆମେରିକାର ଏକ ଆଗଧାଡ଼ିର ପତ୍ରିକାରେ ଏସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇବା ପରେ ଭାରତର ଦାବିକୁ ନେଇ ପ୍ରଶ୍ନ ଉଠିଛି। ଭାରତ ମିଛ କହିବା ଛାଡ଼ି ପ୍ରକୃତ ସତ ସାମ୍ନାକୁ ଆଣୁ ବୋଲି ଶୁକ୍ରବାର ପାକିସ୍ତାନ ଦାବି କରିଛି।

ଜମ୍ମୁ-କଶ୍ମୀରର ପୁଲୱାମାରେ ଫେବୃୟାରୀ ୧୪ରେ ଜୈଶ୍ ଆକ୍ରମଣରେ ୪୯ ଯବାନ ଶହୀଦ ହେବା ପରେ ଭାରତୀୟ ବାୟୁସେନା (ଆଇଏଏଫ୍) ପକ୍ଷରୁ ପାକିସ୍ତାନର ବାଲାକୋଟ ଆତଙ୍କବାଦୀ ତାଲିମ ଶିବିରକୁ ଟାର୍ଗେଟ କରାଯାଇଥିଲା। ପୁଲୱାମା ଆକ୍ରମଣ ଓ ବାଲାକୋଟ ପ୍ରତିଆକ୍ରମଣକୁ ନେଇ ଦୁଇ ପଡ଼ୋଶୀ ମୁହାଁମୁହିଁ ହେବା ପରେ ଉତ୍ତେଜନା ବୃଦ୍ଧି ପାଇଥିଲା। ୨୭ ତାରିଖରେ ପିଏଏଫ୍‌ର କେତୋଟି ଏଫ୍-୧୬ ଭାରତୀୟ ବାୟୁସୀମା ଅତିକ୍ରମ କରି ନିୟନ୍ତ୍ରଣରେଖା ସଂଲଗ୍ନ କେତେକ ସେନାଘାଟିକୁ ଟାର୍ଗେଟ କରୁଥିବାବେଳେ ଆଇଏଏଫ୍ ଏହାକୁ ଟାର୍ଗେଟ କରି ଖସାଇଦେଇଥିବା ଭାରତ ଦାବି କରିଥିଲା। ବାୟୁସେନା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନ ଏଫ୍-୧୬କୁ ଘଉଡ଼ାଇବାକୁ ଯାଇ ନିୟନ୍ତ୍ରଣରେଖା (ଏଲ୍‌ଓସି) ଅତିକ୍ରମ କରି ପାକ୍-ଅଧିକୃତ କଶ୍ମୀର (ପିଓକେ)କୁ ଚାଲିଯାଇଥିଲେ। ସେଠାରେ ପିଏଏଫ୍ ଆକ୍ରମଣରେ ଅଭିନନ୍ଦନଙ୍କ ମିଗ୍-୨୧ ବାଇସନ୍ ଖସିପଡ଼ିଥିଲା ଓ ପାକିସ୍ତାନୀ ସୁରକ୍ଷା ବଳ ତାଙ୍କୁ ଧରିନେଇଥିଲେ। ପାକିସ୍ତାନ କବ୍‌ଜାରେ ୬୦ ଘଣ୍ଟା ରହିବା ପରେ ମାର୍ଚ୍ଚ ୧ରେ ପଡ଼ୋଶୀ ଦେଶ ଅଭିନନ୍ଦନଙ୍କୁ ଛାଡ଼ିଦେଇଥିଲା। ଏହି ବିଷୟ ସାରା ଭାରତ ଜାଣିଛି। ହେଲେ ‘ଆମେରିକାନ୍ ଫରେନ୍ ପଲିସି’ ଜର୍ନାଲରେ ପ୍ରକାଶିତ ଏକ ରିପୋର୍ଟ ☞ପୃଷ୍ଠା-୪

**ଆମେରିକାନ୍ ଫରେନ୍ ପଲିସି ଜର୍ନାଲ ରିପୋର୍ଟ**



- ୨ ପ୍ରତିରକ୍ଷା ଅଧିକାରୀ ପାକିସ୍ତାନ ଯାଇ ଗଣିଛନ୍ତି ସବୁ ଏଫ୍-୧୬
- ଆଇଏଏଫ୍‌ର ୨ଟି ଯୁଦ୍ଧବିମାନ ଖସାଇଛୁ ବୋଲି ପାକିସ୍ତାନର ଦାବି ଉପରେ ଆମେରିକାର ମୋହର
- ଭାରତ ‘ମିଛ ଦାବି’ରୁ ଓହରି ସତ ସାମ୍ନାକୁ ଆଣୁ: ପାକିସ୍ତାନୀ ସେନା

# ଜୟଦେବ କଂଗ୍ରେସ ପ୍ରାର୍ଥୀ ଶୂନ୍ୟ

**ଭୁବନେଶ୍ୱର,୫।୪(ବ୍ୟୁରୋ)**



ସୁକାନ୍ତ ତିଆଡି ଭୋଇ

- ସୁକାନ୍ତ ତିଆଡି ଭୋଇଙ୍କ ପ୍ରାର୍ଥିପତ୍ର ନାକଚ
- ଭାଜପା ଅଭିଯୋଗକୁ ନେଇ ନଳିନୀଙ୍କ ନାମାଙ୍କନ ପତ୍ର ଯାଞ୍ଚ ଅଟକିଲା
- ଅନନ୍ତଙ୍କ ନାମରେ ବି ଅଭିଯୋଗ



ନଳିନୀ ପ୍ରଧାନ

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ଶୁକ୍ରବାର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏ ନେଇ ବିଧିବଦ୍ଧ ଘୋଷଣା କରାଯାଇ ନ ଥିଲେ ମଧ୍ୟ ଜଣେ ବିଧାୟକଙ୍କର ନାମାଙ୍କନପତ୍ର ନାଚକ ହୋଇଥିବା ଜଣାପଡ଼ିଛି। ସେହିପରି ସମ୍ବଲପୁର ଲୋକ ସଭା ଆସନର ବିଜେଡି ପ୍ରାର୍ଥୀ ନଳିନୀ ପ୍ରଧାନଙ୍କ ନାମାଙ୍କନପତ୍ର ଯାଞ୍ଚ ଅଟକିଥିବା ବେଳେ ଭୁବନେଶ୍ୱର ମଧ୍ୟ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ହୋଇଥିବା ଅନନ୍ତ ନାରାୟଣ ଜେନାଙ୍କ ପ୍ରାର୍ଥିତ୍ୱକୁ ନେଇ ଅଭିଯୋଗ ହୋଇଛି।

ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବା ପୂର୍ବରୁ ଭୁବନେଶ୍ୱର ଲୋକ ସଭା ନିର୍ବଚାନ ମଣ୍ଡଳୀ ଅନ୍ତର୍ଗତ ଜୟଦେବ ବିଧାନସଭା ନିର୍ବାଚନମଣ୍ଡଳୀ ଚଳିତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଶୂନ୍ୟ ହୋଇଯାଇଛି। ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ସୁକାନ୍ତ ତିଆଡ଼ି ଭୋଇଙ୍କର ପ୍ରାର୍ଥିପତ୍ର ନାକଚ ହୋଇଥିବା ଜଣାପଡ଼ିଛି। ପ୍ରାର୍ଥିପତ୍ରରେ ତ୍ରୁଟି ଥିବାରୁ ସୁକାନ୍ତ ନିର୍ବାଚନ ଲଢ଼ିବାରୁ ବଞ୍ଚିତ ହୋଇଥିବା ସୂଚନା ମିଳିଛି । ତେବେ ଏ ନେଇ ବିଧିବଦ୍ଧ ଘୋଷଣା କରାଯାଇ ନାହିଁ। ନିର୍ବାଚନ ମଇଦାନରୁ ସୁକାନ୍ତ ଆଉଟ ହେବା ପରେ ଜୟଦେବ ନିର୍ବାଚନ ମଣ୍ଡଳୀରେ ଏବେ ବିଜେଡି ଓ ଭାଜପା ମଧ୍ୟରେ ଦ୍ୱିମୁଖୀ ଲଢ଼େଇ ଜୋର୍‌ଦାର ହେବ। ସୁକାନ୍ତଙ୍କ ପ୍ରାର୍ଥିପତ୍ର ନାକଚ କଂଗ୍ରେସକୁ ବଡ଼ ଝଟକା ଦେଇଛି। ଏହି ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ଅରବିନ୍ଦ ଢାଲି ଏବଂ ଭାଜପା ପ୍ରାର୍ଥୀ ନରେନ୍ଦ୍ରନାଥ ନାୟକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଜଣେ ପ୍ରତିଦ୍ୱନ୍ଦ୍ୱୀ ବାହାରିଯାଇଥିବା ବେଳେ ଲଢ଼େଇ କେବଳ ଭାଜପା ଓ ବିଜେଡି ମଧ୍ୟରେ ହେବ।

ସେହିପରି ସମ୍ବଲପୁର ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ନୀତୀଶ ଗଙ୍ଗଦେବ ବିଜେଡି ପ୍ରାର୍ଥୀ ନଳିନୀଙ୍କ ପ୍ରାର୍ଥିତ୍ୱକୁ ନେଇ ଚ୍ୟାଲେଞ୍ଜ କରିଥିବା ବେଳେ ଅନନ୍ତଙ୍କ ବିରୋଧରେ ଭୁବନେଶ୍ୱର ମଧ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଅଭିଯୋଗ ଆଣିଛନ୍ତି। ନଳିନୀଙ୍କ ବିରୋଧରେ ନୀତୀଶ ଅଫିସ ଅଫ୍ ପ୍ରଫିଟ୍ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ହେବା ପରେ ନଳିନୀଙ୍କ ପ୍ରାର୍ଥିପତ୍ର ଯାଞ୍ଚକୁ ଘୁଞ୍ଚାଇ ଦିଆଯାଇଛି। ରିଟର୍ନିଂ ଅଫିସର ଶନିବାର ସକାଳ ୧୧ଟା ୪୫ ମିନିଟରେ ☞ପୃଷ୍ଠା-୪

- **ଆଧାର ଅଧାଦେଶକୁ ଚ୍ୟାଲେଞ୍ଜ**

## ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ମନାକଲେ

**ନୂଆଦିଲ୍ଲୀ,୫।୪(ପି.ଟି.)**

କେନ୍ଦ୍ର ସରକାରଙ୍କ ଆଧାର ଅଧାଦେଶ ଉପରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ଉକ୍ତ ଅଧାଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଆବେଦନକାରୀ ପ୍ରଥମେ ହାଇକୋର୍ଟରେ ଆବେଦନ କରିବାକୁ ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଛନ୍ତି। ଜଷ୍ଟିସ ଏସ୍.ଏ. ବୋବ୍‌ଡେ ଏବଂ ଏସ୍.ଏ. ନାଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ବାବୁଙ୍କ ଅବସର ଘର**


**ଆଜିର ମନ୍ତବ୍ୟ**

“ଆତଙ୍କବାଦୀଙ୍କୁ ଭାରତ ଜବାବ ଦେଲେ କେତେଜଣଙ୍କ ନିଦ ହଜିଯାଉଛି।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**କିଛି ତଥ୍ୟ**

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୫ ବିଲିୟନ ବୃଦ୍ଧି ଘଟି ୪୧୨ ବିଲିୟନ ଡଲାର ଛୁଇଁଛି।
-ଆରବିଆଇ

- **ଭୋଟରଙ୍କୁ ଲୋଭଦେଖାଇଲେ ନବ ଦାସ: ଭିଡିଓ ଭାଇରାଲ**

# ବିନା ମରୁଡ଼ିରେ ବି ସହାୟତା ଟଙ୍କା କରାଇଦେବି



ନବକିଶୋର ଦାସ ଉଦ୍‌ବୋଧନ ଦେଉଛନ୍ତି।

**ବାମରା, ୫।୪ (ସ୍ୱ.ପ୍ର.)**

୨୦୧୯ ସାଧାରଣ ନିର୍ବାଚନ ପାଇଁ ରାଜନୈତିକ ପାଣିପାଗ ସରଗରମ ରହିଛି। ସଭାସମିତିରେ ନେତାମାନେ ଭୋଟରଙ୍କୁ ଲୋଭର ପାହାଡ ଦେଖାଉଛନ୍ତି। ଅନେକ ପ୍ରତିଶ୍ରୁତି ଦେଉଛନ୍ତି। କ’ଣ କରିପାରିବେ କ’ଣ କରି ନ ପାରିବେ ତାହା ନ ଦେଖି ଯାହା ପାଟିକୁ ଆସିଲା କହି ଦେଇ ଯାଉଛନ୍ତି। ଫଳରେ ଏହା ସମ୍ପୃକ୍ତ ନେତାମାନଙ୍କୁ ଯେତିକି ଅଡୁଆରେ ନ ପକାଉଛି ଦଳ ପାଇଁ ତାହାଠୁ ଅଧିକ କଣ୍ଟା ସୃଷ୍ଟି କରୁଛି। ସମ୍ବଲପୁର ଜିଲା ବାମରା ବ୍ଲକ ତୁରେଇ ଗାଁରେ ବୁଧବାର ଏଭଳି ଏକ ଘଟଣା ଘଟିଛି। କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଥିବା ତଥା ଦଳରୁ ଝାରସୁଗୁଡା ବିଧାୟକ ପ୍ରାର୍ଥୀ ହୋଇଥିବା ନବକିଶୋର ଦାସ ଏକ ସଭାରେ କୁଚିଣ୍ଡା ବିଜେଡି ବିଧାୟକ ପ୍ରାର୍ଥୀ ଓ ଦଳର ସମ୍ବଲପୁର ଲୋକସଭା ପ୍ରାର୍ଥୀଙ୍କ ସପକ୍ଷରେ ଭୋଟରଙ୍କୁ ଅନେକ ଲମ୍ବା ପ୍ରତିଶ୍ରୁତି ଦେଇଛନ୍ତି। ଏହାର ଏକ ଭିଡିଓ ଏବେ ଭାଇରାଲ ହେବା ପରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ବିରୋଧୀ ଭାଜପା ଓ କଂଗ୍ରେସ ନବଙ୍କ ଏଭଳି କାର୍ଯ୍ୟକଳାପକୁ ସମାଲୋଚନା କରିଛନ୍ତି।

ଉକ୍ତ ସଭାରେ ନବ କହିଛନ୍ତି, ଏସ୍‌ଏଚଜି ମା’ମାନେ ବିଜେଡିର ଦଳୀୟ ପ୍ରାର୍ଥୀଙ୍କୁ ଭେଟ୍ ଦିଅନ୍ତୁ। ଲୋକଙ୍କ ଦାବି ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚାଇବା କାମ ମୋର। ଯଦି ବିଜେଡିର କୁଚିଣ୍ଡା ବିଧାୟକ ପ୍ରାର୍ଥୀ କିଶୋରଚନ୍ଦ୍ର ନାଏକ ଓ ଏମ୍‌ପି ପ୍ରାର୍ଥୀ ନଳିନୀ ପ୍ରଧାନ ଜିତନ୍ତି ତେବେ ପ୍ରତି ପଞ୍ଚାୟତରେ ଏସଏଚଜି ଗ୍ରୁପର ସଦସ୍ୟାମାନେ ବସି ବୈଠକ କରିବା ପାଇଁ ଦି ବର୍ଷ ଭିତରେ ଦିଟା ଘର କରି ଦିଆଯିବ। ପିଇବା ପାଣି ଓ ନଳକୂଅ ସମସ୍ୟା ସେ ☞ପୃଷ୍ଠା-୪

- **ସିଭିଲ ସର୍ଭିସ୍ ପରୀକ୍ଷାଫଳ ପ୍ରକାଶ**

# କନିଷ୍କ କାଟାରିଆ ଟପ୍ପର

**ଭୁବନେଶ୍ୱର,୫।୪(ବ୍ୟୁରୋ)**

**୧୧୮ ର୍‍ୟାଙ୍କରେ ଓଡ଼ିଶାର ସୌମ୍ୟରଞ୍ଜନ ରାଉତ**

କେନ୍ଦ୍ରୀୟ ଲୋକ ସେବା ଆୟୋଗ(ୟୁପିଏସ୍‌ସି) ୨୦୧୮ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ସର୍ବଭାରତୀୟ ସ୍ତରରେ କନିଷ୍କ କାଟାରିଆ ଟପ୍ପର ହୋଇଛନ୍ତି। ଆଇଆଇଟି ବମ୍ବେରୁ ବି.ଟେକ୍ କରିଥିବା କନିଷ୍କ ହେଉଛନ୍ତି ତଫସିଲଭୁକ୍ତ ଜାତି ବର୍ଗର। କନିଷ୍କଙ୍କ ପରେ ଦ୍ୱିତୀୟ ସ୍ଥାନରେ ଅକ୍ଷତ ଜୈନ୍ ରହିଥିବା ବେଳେ ଜୁନେଦ୍ ଅହମ୍ମଦ ତୃତୀୟ ସ୍ଥାନ ଅକ୍ତିଆର କରିଛନ୍ତି। ଚତୁର୍ଥରେ ଶ୍ରେୟାଂଶ କୁମାତ, ପଞ୍ଚମରେ ସୃଷ୍ଟି ଜୟନ୍ତ ଦେଶମୁଖ, ଷଷ୍ଠରେ ଶୁଭମ୍ ଗୁପ୍ତା, ସପ୍ତମରେ କ୍ରାନ୍ତି, ଅଷ୍ଟମରେ ବରୁଣ ରେଡ୍ଡୀ, ନବମରେ ବୈଶାଳୀ ସିଂ ଓ ଦଶମରେ ଗୁଞ୍ଜନ ଦ୍ୱିବେଦୀ ଅଛନ୍ତି। ତେବେ ପଞ୍ଚମ ସ୍ଥାନରେ ଥିବା ସୃଷ୍ଟି ଜୟନ୍ତ ଦେଶମୁଖ ମହିଳାଙ୍କ ଭିତରେ ଟପ୍ପର ହୋଇଛନ୍ତି। ସେହିପରି ଓଡ଼ିଶାର ସୌମ୍ୟରଞ୍ଜନ ରାଉତ ୧୧୮ ର୍‍ୟାଙ୍କରେ ରହିଛନ୍ତି। ଓଡ଼ିଶାର ଅନ୍ୟ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୧୯ ସ୍ଥାନରେ ଉପାସନା ମହାପାତ୍ର, ୨୩୫ରେ ଜୁବିନ ମହାପାତ୍ର, ୩୫୭ରେ ସୌରଭ ମିଶ୍ର, ୩୬୭ରେ ପ୍ରଶାନ୍ତ ମିଶ୍ର, ୫୨୬ରେ ସଞ୍ଜୟ ସାହୁ, ୬୨୯ରେ ଦେବରାଜ ଦାସ, ୫୩୮ରେ ସିଦ୍ଧାର୍ଥ ଗୌତମ, ୫୦୦ରେ ସୁଧାଂଶୁ ନାୟକ, ୫୧୧ରେ ଦୀପକ କୁମାର ମିଶ୍ର ଓ ୪୫୭ରେ ☞ପୃଷ୍ଠା-୪



କନିଷ୍କ କାଟାରିଆ







କର୍ମମାର୍ଗର ଭଲ ଦିଗଟି ହେଲା– ତା'ଭିତରେ ଭଗବାନଙ୍କ ସହିତ ଶତ୍ରୁତା ବି ଯଦି ହୁଏ– ତେବେ ସେହି ଶତ୍ରୁତା ମଧ୍ୟ ମୁକ୍ତିର ଉପାୟ ହୋଇଉଠେ। କେବେ କେବେ ଭଗବାନ ଆମକୁ ତାଙ୍କ ପାଖକୁ ଟାଣି ନିଅନ୍ତି ଓ ଧରିରଖନ୍ତି – ସବୁଠାରୁ କ୍ଷିପ୍ର ଉପାୟଟି ଦ୍ୱାରା। ତା'ହେଲା – ସେ ଯେତେବେଳେ ଆମର ଦୁର୍ଦ୍ଦମ ଦୁର୍ଦ୍ଧର୍ଷ ଐକାନ୍ତିକ ଶତ୍ରୁ ହୋଇଉଠନ୍ତି। –ଶ୍ରୀଅରବିନ୍ଦ

# ବାବୁଙ୍କ ଅବସର ଘର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନୀତି ଆୟୋଗ ଆଉ କେଉଁଥିରେ ନ ହେଉ ପଛେ, ଗୋଟିଏ ବିଷୟରେ ତାହାର ପୂର୍ବତନ ଅବତାର ଯୋଜନା କମିଶନ ସହ ସାଦୃଶ୍ୟ ରଖୁଛି– ଏହା ହେଉଛି ଅବସରପ୍ରାପ୍ତ ବାବୁମାନଙ୍କ ପସନ୍ଦର ଘର। ପ୍ରାପ୍ତ ସୂଚନା ଅନୁସାରେ, ନୀତି ଆୟୋଗରେ ଦଳେ ପୂର୍ଣ୍ଣକାଳୀନ ଅଫିସର ଉପଦେଷ୍ଟା ଓ ପ୍ରମୁଖ ଉପଦେଷ୍ଟା ଭାବେ କାର୍ଯ୍ୟରତ ଥିଲେ ମଧ୍ୟ ଉପାଧ୍ୟକ୍ଷ ରାଜୀବ କୁମାର ଓ ଅନେକ ସଦସ୍ୟ ଅବସରପ୍ରାପ୍ତ ବାବୁମାନଙ୍କୁ ଏଥିରେ ନିଯୁକ୍ତି ଦେବା ସପକ୍ଷରେ ଅଛନ୍ତି। ଏଥିରେ ଏହା ପୂର୍ବରୁ ଜଣେ ସ୍ୱତନ୍ତ୍ର ସଚିବ, ଜଣେ ପ୍ରମୁଖ ପରାମର୍ଶଦାତା, ଜଣେ ଅତିରିକ୍ତ ସଚିବ, ଦୁଇଜଣ ବରିଷ୍ଠ ଉପଦେଷ୍ଟା ଏବଂ ନଅଜଣ ଉପଦେଷ୍ଟା ଅଛନ୍ତି, ଯେଉଁମାନେ ସରକାରଙ୍କ ଦ୍ୱାରା ପୂର୍ଣ୍ଣ ଅବଧି ପାଇଁ ନିଯୁକ୍ତି ପାଇଛନ୍ତି। ତା' ସତ୍ତ୍ୱେ ଅଭିଜ୍ଞତା ଓ ଅବଦାନ ଆଧାରରେ ଅବସରପ୍ରାପ୍ତ ବାବୁମାନଙ୍କୁ ଅଣାଯାଉଛି। ନିକଟରେ ଅବସରପ୍ରାପ୍ତ ଭାରତୀୟ ବନସେବା ଅଧିକାରୀ ଡ. ଅଶୋକ କୁମାର ଜୈନଙ୍କୁ ନିଯୁକ୍ତି ଦିଆଯାଇଛି, ଯିଏ କି ତେଲେଙ୍ଗାନା ବନ ଉନ୍ନୟନ ନିଗମର ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଥିଲେ ଓ ଗତମାସରେ ଅବସର ନେଇଛନ୍ତି। ସେ ବର୍ତ୍ତମାନ ତିନିବର୍ଷ ପାଇଁ ନୀତି ଆୟୋଗର ପ୍ରମୁଖ ଉପଦେଷ୍ଟା (ଆପେକ୍ସ ସେଲ୍) ଭାବେ କାର୍ଯ୍ୟ କରିବେ। ତାଙ୍କ ନିଯୁକ୍ତିକୁ ପୂର୍ବ ଅଭିଜ୍ଞତା ଓ ନୀତି ଆୟୋଗ ପାଇଁ ଅବଦାନ ଦେବାର ସାମର୍ଥ୍ୟ ଦୃଷ୍ଟିରୁ ଯୁକ୍ତିଯୁକ୍ତ ଦର୍ଶାଯାଇଛି। ଭାରତୀୟ ହିମାଳୟ ଅଞ୍ଚଳର ଉନ୍ନୟନ ବିଷୟରେ ତାଙ୍କୁ ଜଣେ ବିଶେଷଜ୍ଞ ଭାବେ ବିଚାର କରାଯାଏ। ଏହା ପୂର୍ବରୁ ସି.କେ. ମୁରଲୀ ଓ ୟୁ.କେ. ଶର୍ମାଙ୍କୁ ମଧ୍ୟ ଅବସର ପରେ ନୀତି ଆୟୋଗ ସଦସ୍ୟ ଭାବେ ଗ୍ରହଣ କରିଥିଲା। କିନ୍ତୁ ଅନେକେ ଏହି ଉଦ୍ୟମକୁ ଅବସରପ୍ରାପ୍ତ ବା ଚାକିରିରେ ଥିବା ଓ ନିଜ ରାଜ୍ୟ କ୍ୟାଡରକୁ ଫେରିବାକୁ ଚାହୁଁ ନ ଥିବା ବାବୁମାନଙ୍କ କ୍ୟାରିୟରର ସମ୍ପ୍ରସାରଣ ବୋଲି ବିବେଚନା କରୁଛନ୍ତି।

### ଇସ୍ତଫା ପରେ ଇସ୍ତଫା

କେରଳ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ)ରେ ସବୁକିଛି ଠିକ୍‌ଠାକ୍ ଚାଲିନାହିଁ। ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍‌ଙ୍କ ବ୍ୟକ୍ତିଗତ ସଚିବ ଇସ୍ତଫା ଦେବା ପରେ ପରେ ଏବେ ପଡ଼ିଛି ତାଙ୍କ ମୁଖ୍ୟ ପ୍ରମୁଖ ସଚିବଙ୍କ ପାଳି। ୧୯୮୧ ବ୍ୟାଚ୍ ଆଇଏଏସ୍ ଅଫିସର ନଳିନୀ ନେଟ୍ଟୋ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ସିଏମ୍‌ଓରେ କେତେକ ରାଜନୈତିକ ନିଯୁକ୍ତିକୁ ନେଇ ମତପାର୍ଥକ୍ୟ ହେତୁ ନେଟ୍ଟୋ ଇସ୍ତଫା ଦେଲେ ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀ ତାଙ୍କୁ ନିର୍ବାଚନ ସରିବା ପର୍ଯ୍ୟନ୍ତ ରହିବା ପାଇଁ କହିଥିଲେ ମଧ୍ୟ ସେ ସେଥିରେ ରାଜି ହୋଇ ନ ଥିଲେ। ମିଳିଥିବା ରିପୋର୍ଟ ଅନୁସାରେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବଙ୍କ ସହ ତାଙ୍କର ସମ୍ପର୍କ ଖରାପ ହୋଇଥିଲା ଏବଂ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଫାଇଲ ଦେଖାଯାଉ ନ ଥିଲା। ଆଗରୁ ପିନାରାୟି ବିଜୟନ୍‌ଙ୍କ ସରକାରରେ ନେଟ୍ଟୋ ମୁଖ୍ୟ ସଚିବ ଭାବେ କାର୍ଯ୍ୟ କରିଥିଲେ। ୨୦୧୬ରେ ଅବସର ପରେ ପରେ ବିଜୟନ୍ ତାଙ୍କୁ ତାଙ୍କର ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦେଇଥିଲେ।

### ବାବୁଙ୍କ ଖେଳ ରାଜକୋଷକୁ କାଳ

ମହାରାଷ୍ଟ୍ରର ପାଞ୍ଚଜଣ ବରିଷ୍ଠ ବାବୁ ଡାଭୋସରେ ପାଞ୍ଚଦିନର ରହଣି ପାଇଁ ୭.୬୩ କୋଟି ଟଙ୍କାର ବିଲ୍ ପ୍ରଦାନ କରିଛନ୍ତି। ରାଜ୍ୟର ଏହି ପ୍ରତିନିଧି ଦଳରେ ଥିଲେ ଅତିରିକ୍ତ ମୁଖ୍ୟ ସଚିବ ଏସ୍.ଏମ୍. ଗଓ୍ୱାଇ। ଉକ୍ତ ବିଲ୍ ଏବେ ରାଜ୍ୟ ଆକାଉଣ୍ଟସ ବିଭାଗର ବିଚାରାଧୀନ ଅଛି। ଯଦି ବିଲ୍‌ଟି ପାସ୍ ହୋଇଯାଏ, ତେବେ ରାଜକୋଷରୁ ଏହି ବିପୁଳ ଟଙ୍କା ପଇଠ କରାଯିବ। ଟୁଇଟରରେ ଏହାକୁ ନେଇ ପ୍ରବଳ କ୍ରୋଧ ପ୍ରକାଶ ପାଇଥିଲେ ମଧ୍ୟ ଫଡ୍‌ନବିସ୍ ସରକାର ଏହା ଉପରେ କୌଣସି ତଦନ୍ତ ଆଦେଶ ଦେଇନାହାନ୍ତି। ଏତେ ବିପୁଳ ପରିମାଣର ଟଙ୍କା ବାବୁମାନେ ୫ ଦିନରେ କେମିତି ଖର୍ଚ୍ଚ କଲେ ତାହା ନ ଜାଣି ଟଙ୍କା ପଇଠ କରାଗଲେ ଟିକସଦାତାଙ୍କ ଅର୍ଥ ବରବାଦ ହେବା ସାର ହେବ। ଡାଭୋସ ହେଉଛି ବିଶ୍ୱର ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ କ୍ରୀଡ଼ାର ସ୍ଥାନ। ପ୍ରତିବର୍ଷ ଜାନୁୟାରୀ ମାସରେ ଦୁଇ ସପ୍ତାହ ପାଇଁ ଏହା ସ୍ୱିଜରଲାଣ୍ଡର ଏକ ସ୍କିଇଙ୍ଗ୍ ଗ୍ରାମରେ ପରିଣତ ହୋଇଯାଏ। ଏହି କ୍ରୀଡ଼ାର ମଜା ନେବା ପାଇଁ ଏଠାକୁ ବିଶ୍ୱର ବିଖ୍ୟାତ, ଧନୀ ଓ କ୍ଷମତାଶାଳୀ ଲୋକମାନେ ଆସନ୍ତି। ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ୍) ଏଠାକୁ ବିଶ୍ୱର ଧନୀ ବ୍ୟବସାୟୀ ଓ କ୍ଷମତାଶାଳୀ ରାଜନେତାମାନଙ୍କୁ ନିମନ୍ତ୍ରଣ କରି ବାଣିଜ୍ୟ, ଜଳବାୟୁ ପରିବର୍ତ୍ତନ ପରି ବିଭିନ୍ନ ବିଶ୍ୱ ପ୍ରସଙ୍ଗରେ ଆଲୋଚନା କରିବାର ସୁଯୋଗ ଦିଏ। ଏହି ବାର୍ଷିକ କାର୍ଯ୍ୟକ୍ରମରେ ଭାରତ ମଧ୍ୟ ଅଂଶଗ୍ରହଣ କରେ। କିନ୍ତୁ ଏ ବର୍ଷ ରାଜନେତାମାନଙ୍କ ଅପେକ୍ଷା କର୍ପୋରେଟ୍ ହସ୍ତୀମାନଙ୍କ ସଂଖ୍ୟା ବେଶ୍ ଅଧିକ ହୋଇଥିଲା। ବାବୁମାନଙ୍କ ସଂଖ୍ୟା ବି କିଛି କମ୍ ନ ଥିଲା। ତେବେ ଏ ନିର୍ବାଚନ ଋତୁରେ ଏ ବିପୁଳ ଅର୍ଥ ବିନର୍ବ୍ୟୟ ଘଟଣା ସାଧାରଣ ଜନତାଙ୍କ ଚିନ୍ତାଧାରା ଉପରେ ପ୍ରଭାବ ପକାଇବାର ଥିବାରୁ ସରକାର ଏ ପ୍ରସଙ୍ଗ ଉପରେ ଆଦୌ ଉଦାସୀନ ରହିବା ଉଚିତ ନୁହେଁ।

Email: dilipcherian@gmail.com

# ଲୋକେ ଅସୁଖୀ ତ ଅସଫଳ ସରକାର



ଡ. ସନ୍ତୋଷ କୁମାର ମହାପାତ୍ର

ଆଉ କିଛିଦିନ ପରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ତା'ର ୫ ବର୍ଷର ଶାସନ ସମାପ୍ତି କରିବ। କିନ୍ତୁ ଯେଉଁ ଆଶା ନେଇ ଦେଶବାସୀ ଏହି ସରକାର ଗଠନ କରିଥିଲେ ତାହା ଆଜି ପୂରଣ ହୋଇଛି କି? ପ୍ରଥମ କଥା ହେଉଛି କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଅମଳରେ ଅନେକ ଦୁର୍ନୀତିରେ ଲୋକମାନେ ଅତିଷ୍ଠହୋଇ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାରଙ୍କୁ କ୍ଷମତାସୀନ କରିଥିଲେ। ସେତେବେଳେ କ୍ଷମତାକୁ ଆସିବା ପାଇଁ ଅନେକ ମନଭୁଲାଣିଆ ସ୍ଲୋଗାନ ଦିଆଯିବା ସହିତ ଭାଜପା ତରଫରୁ ଅନେକ ପ୍ରତିଶ୍ରୁତି ଦିଆଯାଇଥିଲା। ସେଥିମଧ୍ୟରୁ ଥିଲା ବିଦେଶରୁ କଳାଧନ ଫେରାଇ ଆଣି ପ୍ରତି ଲୋକଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଜମା କରିବା, ପ୍ରତ୍ୟେକ ବର୍ଷ ୨ କୋଟି ନୂତନ ନିଯୁକ୍ତି ସୃଷ୍ଟି କରିବା, ରାଜନୀତିରେ ଅପରାଧୀକରଣ ବନ୍ଦ କରିବା ସହିତ ଦୁର୍ନୀତି, ଭ୍ରଷ୍ଟାଚାର ରୋକିବା, ଦରଦାମ୍ ନିୟନ୍ତ୍ରଣ କରିବା, ସମସ୍ତଙ୍କୁ ବିଦ୍ୟୁତ୍, ପାନୀୟଜଳ, ପାଇଖାନା ସୁବିଧା ଥିବା ବାସଗୃହ ଯୋଗାଇଦେବା, ବୁଲେଟ୍ ଟ୍ରେନ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା, ମହିଳାମାନଙ୍କ ପାଇଁ ୩୩% ସଂରକ୍ଷଣ, ଚାଷୀମାନଙ୍କୁ ତାଙ୍କ ଚାଷ କାର୍ଯ୍ୟର ବ୍ୟୟ ଉପରେ ୫୦% ଲାଭ ପ୍ରଦାନକରି ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରିବା, ଲୋକପାଳ ନିଯୁକ୍ତି କରିବା, ପ୍ରଶାସନିକ କ୍ଷେତ୍ରରେ ସଂସ୍କାର ଆଣି ମିନିମମ୍ ଗଭର୍ନମେଣ୍ଟ ଓ ମାକ୍ସିମମ୍ ଗଭର୍ନାନ୍ସ ନୀତିକୁ ଗୁରୁତ୍ୱ ଦେବା, ୟୁନିଫର୍ମ ସିଭିଲ କୋଡ୍ ପ୍ରଚଳନ କରିବା, ରାମମନ୍ଦିର ନିର୍ମାଣ ପାଇଁ ସମସ୍ତ ସମ୍ଭାବନା ସୃଷ୍ଟି କରିବା, କଶ୍ମୀର ପଣ୍ଡିତମାନଙ୍କୁ କଶ୍ମୀରକୁ ଫେରାଇ ଆଣିବା, ଜମ୍ମୁ-କଶ୍ମୀରରେ ଦକ୍ଷ ପ୍ରଶାସନ ପ୍ରଦାନ କରିବା ସହିତ ସମ୍ବିଧାନର ଧାରା ୩୭୦ ଉଚ୍ଛେଦ କରିବା। ଏତଦ୍‌ବ୍ୟତୀତ ଗଙ୍ଗା ପରିଷ୍କାର କରିବାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ଏଥିମଧ୍ୟରୁ ଅଧିକାଂଶ ପ୍ରତିଶ୍ରୁତି ପାଣିର ଗାର ହୋଇଛି। ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତି ମଧ୍ୟରେ ରହିଯାଇଛି। 'ଅଚ୍ଛେ ଦିନ୍ ଆନେ ୱାଲା ହାଏ' ପରେ ବର୍ତ୍ତମାନ 'ମୋଦି ହାଏ ତୋ ମୁମ୍‌କିନ୍ ହାଏ'ସ୍ଲୋଗାନ ଦିଆଯାଉଛି।

ମୋଦି ସରକାରଙ୍କ ୨ଟି ସିଦ୍ଧାନ୍ତ ଆଲୋଡ଼ନ ସୃଷ୍ଟି କରିବା ସହିତ ସମାଲୋଚନାର ଶରବ୍ୟ ମଧ୍ୟ ହୋଇଥିଲା। ତାହା ହେଲା ବିମୁଦ୍ରୀକରଣ ଓ ଜିଏସ୍‌ଟି। କିନ୍ତୁ ବିମୁଦ୍ରୀକରଣ ଏକ ରାଜନୈତିକ ପଦକ୍ଷେପ ଥିଲା। ଏହା ଉତ୍ତରପ୍ରଦେଶ ନିର୍ବାଚନକୁ ଆଖିଆଗରେ ରଖି ନିଆଯାଇଥିଲା ବୋଲି ଅନେକେ ମତ ଦେଇଛନ୍ତି। କଳାଟଙ୍କା ଉଦ୍ଧାର, ଦୁର୍ନୀତି ହ୍ରାସ, ସନ୍ତ୍ରାସବାଦୀ କାର୍ଯ୍ୟକଳାପର ବିଲୋପ, ଜାଲ୍ ନୋଟ୍ କାରବାର ରୋକିବା ପାଇଁ ଏହି ସିଦ୍ଧାନ୍ତ ନିଆଯାଇଥିଲା ବୋଲି କୁହାଯାଉଛି। ପରେ ନଗଦ ମୁକ୍ତ ଅର୍ଥନୀତି ବା କମ୍ ନଗଦ ଅର୍ଥନୀତିର ଲକ୍ଷ୍ୟ ଯୋଡ଼ାଯାଇଥିଲା। କିନ୍ତୁ ପରିଣତିରେ ହେଲା କ'ଣ? ହେଲା ଏଇଆ ଯେ ସବୁ କଳାଟଙ୍କା ଧଳା ହୋଇଗଲା। କାରଣ ଅଚଳ ହୋଇଥିବା ଟଙ୍କାର ପ୍ରାୟ ୯୯%ରୁ ଊର୍ଦ୍ଧ୍ୱ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଫେରିଲା। ଜାଲ୍‌ନୋଟ୍ କାରବାର କମିବା ପରିବର୍ତ୍ତେ ବଢ଼ିଲା। ସନ୍ତ୍ରାସବାଦୀ କାର୍ଯ୍ୟକଳାପ ହ୍ରାସ ପାଇଲାନାହିଁ, ଯାହାର ଜ୍ୱଳନ୍ତ ଉଦାହରଣ କଶ୍ମୀର।

ବାସ୍ତବରେ ଦୁର୍ନୀତିର ଉତ୍ସ ହେଉଛି ରାଜନୈତିକ ପ୍ରକ୍ରିୟା ଏବଂ ରାଜନୀତିର ଅପରାଧୀକରଣ। କୌଣସି ସରକାର ଏହାକୁ ବନ୍ଦ କରିବାକୁ ଚାହୁଁନାହାନ୍ତି, କାରଣ ନିର୍ବାଚନରେ ହଜାର ହଜାର କୋଟିର କଳାଟଙ୍କା ଖର୍ଚ୍ଚ ହେଉଛି, ଯାହା ବର୍ତ୍ତମାନ ସମସ୍ତେ ଅଙ୍ଗେ ନିଭାଉଛନ୍ତି। ଯେ କ୍ଷମତାରେ ରହୁଛି ସେ ଚାହୁଁଛି ଦଳୀୟ ପାଣ୍ଠିକୁ ଅର୍ଥ ପ୍ରଚୁର ଆସୁ। ଯେଉଁ ଇଲେକ୍ଟୋରାଲ ବଣ୍ଡ୍ ପ୍ରଚଳନ କରାଯାଇଛି, ସେଥିରେ କୌଣସି ଦଳୀୟ ପାଣ୍ଠିକୁ ଯିଏ ଦାନଦେବ, ତା'ର ନାମ ଗୋପନ ରଖାଯିବ। ଏହା ଦୁର୍ନୀତିକୁ ବେଶି ପ୍ରୋତ୍ସାହିତ କରୁଛି। ଏହି ବଣ୍ଡ୍ ମାଧ୍ୟମରେ ଯେତିକି ପାଣ୍ଠି ଆସୁଛି, ତହିଁରୁ ଭାଜପାକୁ କେବଳ ୯୫% ଆସୁଛି। ଅନ୍ୟ ଦଳ ତୁଳନାରେ ଭାଜପାକୁ ବହୁ ଅଧିକ ଅର୍ଥ ଆସୁଛି ଏବଂ ଏହାର ଆସେଟ୍ ମଧ୍ୟ ବହୁ ଅଧିକ। ପୁନଶ୍ଚ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ଅନୁସାରେ ପ୍ରାୟ ୩୩% ସାଂସଦ ବା ବିଧାୟକଙ୍କ ନାମରେ ଅପରାଧର ଅଭିଯୋଗ ରହିଛି। ସେଥିରୁ ୪୮ଜଣଙ୍କ ନାମରେ ମହିଳାଙ୍କ ବିରୋଧରେ କରିଥିବା ଅପରାଧର ଅଭିଯୋଗ ରହିଛି। ଯଦି ଦଳଗତ କଥା ବିଚାର କରାଯାଏ ଭାଜପାରେ ସେହି ଅପରାଧୀଙ୍କ ସଂଖ୍ୟା ଅଧିକ। ଏଣୁ ଏସବୁର ସମାଧାନ ନ କରିବା ପର୍ଯ୍ୟନ୍ତ ଦୁର୍ନୀତି ହ୍ରାସ ପାଇବା କଷ୍ଟକର।

ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି, ଏହି ସରକାର ଅମଳରେ ତଥ୍ୟ ବିକୃତୀକରଣର ଅଭିଯୋଗ ଉଠିଛି। ୧୦୮ ଜଣ ବିଶିଷ୍ଟ ବ୍ୟକ୍ତି ସରକାରଙ୍କୁ ଏ ସମ୍ପର୍କରେ ଲେଖିଛନ୍ତି। ସରକାର ତାଙ୍କ ଅମଳରେ ଅଧିକ ଅଭିବୃଦ୍ଧି ଏବଂ ଉପା ସରକାର ଅମଳରେ କମ୍ ଅଭିବୃଦ୍ଧି ଦେଖାଇବା, ନିଯୁକ୍ତି ଅଧିକ ଦେଖାଇବା ଏବଂ ନିଜର ବିଫଳତାକୁ ସଫଳତାର ରୂପ ଦେବା ପାଇଁ ତଥ୍ୟ ପ୍ରସ୍ତୁତିର ପଦ୍ଧତିରେ ପରିବର୍ତ୍ତନ କରିବାର ଅଭିଯୋଗ ଆସିଛି, ଯାହା ଭାରତ ଇତିହାସରେ କେବେ ଦେଖିବାକୁ ମିଳି ନ ଥିଲା। ଏପରି କାର୍ଯ୍ୟକୁ ବିରୋଧକରି ଜାତୀୟ ପରିସଂଖ୍ୟାନ ଆୟୋଗରୁ ୨ ଜଣ ଇସ୍ତଫା ଦେଇଛନ୍ତି। କେବଳ ସେତିକି ନୁହେଁ, ବିଭିନ୍ନ ନିୟାମକ ସଂସ୍ଥାରେ ହସ୍ତକ୍ଷେପ ଯୋଗୁ ଏହାର ମୁଖ୍ୟ ସବୁ ଇସ୍ତଫା ଦେଉଛନ୍ତି। ନୀତି ଆୟୋଗର ପାନଗାରିଆ, ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟମ୍, ରିଜର୍ଭ ବ୍ୟାଙ୍କର ଗଭର୍ନର ଉର୍ଜିତ ପଟେଲ ଇସ୍ତଫା ଦେବା ଏହାର ଜ୍ୱଳନ୍ତ ଉଦାହରଣ। ସରକାରଙ୍କୁ ଅର୍ଥନୀତିରୂପକ ଗାଡ଼ିର ଡ୍ରାଇଭର ଭାବେ ବିଚାର କରାଗଲେ, ନିୟାମକ ସଂସ୍ଥା ଓ ଗଣମାଧ୍ୟମକୁ ବ୍ରେକ୍ ଭାବେ ବିଚାର କରାଯିବ। ବ୍ରେକ୍ ଯଦି ଦୁର୍ବଳ ହୁଏ, ତେବେ ଅର୍ଥନୀତି ଅବସ୍ଥା କ'ଣ ହେବ ସହଜରେ ଅନୁମେୟ। ଜରୁରିକାଳୀନ ପରିସ୍ଥିତି ପରେ ବର୍ତ୍ତମାନ ପ୍ରଥମଥର ପାଇଁ ସ୍ୱାଧୀନ ମତଦେବା କଷ୍ଟକର ହୋଇଛି। ଅଧିକାଂଶ ଗଣମାଧ୍ୟମ ସ୍ୱାଧୀନତା ହରାଇଲା ବେଳେ ବୁଦ୍ଧିଜୀବୀମାନେ ଆଜି ସର୍ବାଧିକ ଅବହେଳିତ। ସବୁଠାରୁ ଚିନ୍ତାର ବିଷୟ ହେଉଛି, ଏ ସରକାର ଭାବାବେଗ ସହିତ ଜଡ଼ିତ ବିଭିନ୍ନ ପ୍ରସଙ୍ଗକୁ ବେଶି ପ୍ରଚାର କରୁଛନ୍ତି ଏବଂ କ୍ଷୁଧା, ଦାରିଦ୍ର୍ୟ, ବେକାରି ଓ ବୈଷମ୍ୟ ଭଳି ସମସ୍ୟାଠାରୁ ଲୋକଙ୍କୁ ଦୂରେଇରଖିବାର ପ୍ରୟାସ କରୁଛନ୍ତି, ଯାହା ଗଣତନ୍ତ୍ରର ପରିପନ୍ଥୀ।

ସରକାର ୨ କୋଟି ନିଯୁକ୍ତି ସୃଷ୍ଟି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏ କଥା ସତ ଯେ ଯିଏ ବି ସରକାର କରୁନା କାହିଁକି ବେକାରି ପରି ସମସ୍ୟା ସମାଧାନ କରିବା ସହଜସାଧ୍ୟ ନୁହେଁ। କିନ୍ତୁ ସରକାରଙ୍କ ପ୍ରଚେଷ୍ଟା ଅବ୍ୟାହତ ରହିବା ଉଚିତ। ବର୍ତ୍ତମାନ ଉଭୟ କେନ୍ଦ୍ର ଓ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ସରକାର ନିଯୁକ୍ତି ବୃଦ୍ଧି ବିଶେଷକରି ଶିକ୍ଷିତ ବେକାରଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରୟାସ କରୁନାହାନ୍ତି, ଯାହା ବିସ୍ଫୋରକ ସ୍ଥିତି ସୃଷ୍ଟି କରିବାକୁ ଯାଉଛି। ଏନ୍‌ଏସ୍‌ଏସ୍‌ଓରେ ଆକଳନ ଅନୁଯାୟୀ ୨୦୧୭-୧୮ରେ ୬.୫କୋଟି ଯୁବତୀଯୁବକ ବେକାର ଏବଂ ବେକାରି ହାର ୬.୧%, ଯାହା ଗତ ୪୫ ବର୍ଷରେ ସର୍ବାଧିକ। ସବୁଠାରୁ ଚିନ୍ତାର ବିଷୟ ଭାରତ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ର ଭାବେ ପରିଗଣିତ ହେଲେ ମଧ୍ୟ ବିଭିନ୍ନ ସୂଚକାଙ୍କରେ ଅତି ନିମ୍ନରେ ରହିଛି। ଅଭିବୃଦ୍ଧିର ସୁଫଳ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିପାରୁନାହିଁ। ଭାରତର ୧% ଲୋକଙ୍କ ପାଖରେ ଦେଶର ମୋଟ ସମ୍ପଦର ୫୧.୫୩% ଏବଂ ୧୦% ଲୋକଙ୍କ ପାଖରେ ୭୭.୪% ରହିଛି।

ଜଣେ ପ୍ରଶ୍ନ କରିପାରେ ସରକାରଙ୍କ ଅମଳରେ କ'ଣ କିଛି ଭଲ ଯୋଜନା ହୋଇନି, ନିଶ୍ଚୟ ହୋଇଛି। କିନ୍ତୁ ଏକ ସରକାରଙ୍କୁ ପ୍ରଶଂସା କରାଯିବ ସେତେବେଳେ ଯେତେବେଳେ ସେହି ସରକାର ଜିଡିପି ଅନୁସାରେ ଅଧିକ ଟିକସ ଆଦାୟ କରିବେ, ବଜେଟ ଆକାର ଜିଡିପି ଅନୁସାରେ ବୃଦ୍ଧି ପାଇବ ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ତଥା ସାମାଜିକ କ୍ଷେତ୍ରରେ ବେଶି ବ୍ୟୟବରାଦ ହେବ। ଏପରି ହେଲେ ସମଗ୍ର ଜନତାଙ୍କ ଉପରେ ଏହାର ସୁପ୍ରଭାବ ପଡ଼ିବ। କିନ୍ତୁ ଜିଡିପି ଅନୁସାରେ ବଜେଟ ଆକାର ହ୍ରାସ ପାଉଛି। ଦୀର୍ଘବର୍ଷ ଧରି ଜିଡିପି ଅନୁସାରେ ଟିକସ ଆଦାୟ (କେନ୍ଦ୍ର+ରାଜ୍ୟ) ପ୍ରାୟ ୧୭% ପାଖାପାଖି ରହିଛି, ଯାହା ଉନ୍ନତ ଦେଶ ତୁଳନାରେ ଅଧା। ଯଦି ନରେନ୍ଦ୍ର ମୋଦି ଏହାକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇଥାନ୍ତେ ନିଶ୍ଚୟ ପ୍ରଶଂସାଯୋଗ୍ୟ ହୋଇଥାନ୍ତେ। କିନ୍ତୁ ସେ ଟିକସ ରିହାତି ଦେବା ସହିତ କିଛି ନିର୍ଦ୍ଦିଷ୍ଟ କର୍ପୋରେଟ୍‌ଙ୍କ ସମ୍ପଦ ବୃଦ୍ଧିକୁ ପ୍ରାଧାନ୍ୟ ଦେଲେ। ଗରିବ ସେହି ଗରିବ ରହିଗଲା। ପୁନଶ୍ଚ ଶିକ୍ଷା ଓ ସ୍ୱାସ୍ଥ୍ୟରେ ଜିଡିପି ଅନୁସାରେ ବ୍ୟୟ ହ୍ରାସ ପାଉଛି। ଫଳରେ ନୋବେଲ ବିଜେତା ଅମର୍ତ୍ତ୍ୟ ସେନ୍ ଭାରତ ପଛକୁ ଗତି କରୁଛି ବୋଲି କହୁଛନ୍ତି। ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ କ୍ଷେତ୍ରରେ ବ୍ୟୟ ଦୃଷ୍ଟିରୁ ଭାରତ ୧୫୧ ସ୍ଥାନରେ ଅର୍ଥାତ୍ ୧୫୦ଟି ଦେଶ ତଳେ। ମହିଳାମାନଙ୍କ ସ୍ଥିତି ଆହୁରି ନିମ୍ନଗାମୀ ହେବା ସହିତ ସେମାନଙ୍କ ଉପରେ ହିଂସା ବୃଦ୍ଧି ପାଉଛି। ସବୁଠାରୁ ଦୁଃଖର ବିଷୟ ଗତ କିଛିବର୍ଷ ହେବ ଭାରତୀୟମାନେ ଦିନକୁଦିନ ଅସୁଖୀ ହେଉଛନ୍ତି। ମୁଣ୍ଡ ପିଛା ଆୟ, ସାମାଜିକ ସହାୟତା, ହାରାହାରି ଆୟୁ, ସ୍ୱାଧୀନତା, ମହାନତା, ଦୟା, ଦୁର୍ନୀତି ହ୍ରାସକୁ ଭିତ୍ତିକରି ବିଶ୍ୱ ଖୁସି ସୂଚକାଙ୍କ ୨୦୧୯ରେ ଭାରତ ୧୫୦ଟି ଦେଶ ମଧ୍ୟରେ ୧୪୦ ସ୍ଥାନକୁ ଆସି ୧୩୯ଟି ଦେଶ ତଳେ। ୨୦୧୫ରେ ଭାରତ ୧୧୭ ସ୍ଥାନରେ ଥିଲା। ଭାରତୀୟମାନେ ଯଦି ଅସୁଖୀ, ତେବେ ସରକାର ସଫଳ ବୋଲି କିପରି କୁହାଯିବ?

ମୋ-୯୪୩୭୨୦୮୭୬୨,
skmohapatra67@gmail.com

# ପଞ୍ଜିକାରେ ଭବିଷ୍ୟତ ସୂଚନା



ହରିଶଙ୍କର ମିଶ୍ର

ପ୍ରତ୍ୟେକ ବର୍ଷ ମହାବିଷୁବ ପଣାସଂକ୍ରାନ୍ତିଠାରୁ ପ୍ରଚଳିତ ହେଉଥିବା ବାର୍ଷିକ ପଞ୍ଜିକା ଦୋଳପୂର୍ଣ୍ଣମୀ ଦିନ ଦୋଳବେଦିରେ ଗ୍ରହବିପ୍ର ପାଠ କରିବା ବିଧି ରହିଛି। ବର୍ଷ ମଧ୍ୟରେ ଶୁଭାଶୁଭ ତିଥି, ସ୍ନାନଯୋଗ, ଦୈନିକ ପଞ୍ଚାଙ୍ଗ ବ୍ୟାପ୍ତି ଭିତ୍ତିରେ ବିବିଧ ସୂଚନା ସହ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ, କୃଷି ସୂଚନା, ପାଣିପାଗ, ଶସ୍ୟାଦିର ଆୟ, ରାଜ୍ୟ ଓ ରାଷ୍ଟ୍ରଫଳର ପୂର୍ବାନୁମାନ ରହୁଥିବାରୁ ଏହି ସୂଚନା ଜାଣିବା ପାଇଁ କିଛି ବର୍ଷ ପୂର୍ବେ ଦୋଳବେଦି ନିକଟରେ ବେଶ୍ ଜନଗହଳି ହେଉଥିଲା। ଏହି ନିର୍ଣ୍ଣୟ ଗ୍ରହମାନଙ୍କର ସ୍ଥିତି ଓ ଚଳନ ସହ ଅନ୍ୟ ଗଣନା ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ସୁଲଭ ମୁଦ୍ରଣ ପାଇଁ ଗଣନାରେ ବ୍ୟାପକ ଅମେଳ ସତ୍ତ୍ୱେ କେବଳ ବ୍ୟବସାୟିକ ଉଦ୍ଦେଶ୍ୟରେ ଏବେ ଅନେକ ପଞ୍ଜିକା ଉପଲବ୍ଧ ହେଉଥିବାରୁ ଆମ ଚଳଣିରେ ପଞ୍ଜିକାର ଭୂମିକା ଗୌଣ ହୋଇଯାଉଛି। ଗଣନା ନିର୍ଭୁଲ ରହିଲେ ପଞ୍ଜିକାପ୍ରଦତ୍ତ ସମସ୍ତ ତଥ୍ୟ ଓ ସୂଚନା ମଧ୍ୟ ତ୍ରୁଟିଶୂନ୍ୟ ହୋଇଥାଏ।

ଚଳିତ ବର୍ଷ (୨୦୧୮-୧୯) ଓଡ଼ିଶାରେ ପ୍ରଚଳିତ ଅଗ୍ରଣୀ ପଞ୍ଜିକାମାନଙ୍କରେ ପ୍ରଦତ୍ତ ଭବିଷ୍ୟ ସୂଚନାରୁ ଜଣାଯାଏ ଯେ, ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ମୂଲ୍ୟବୃଦ୍ଧି ଓ ଆତଙ୍କବାଦର ସୂଚନା ଅନେକ ପଞ୍ଜିକାରେ ରହିଥିବା ବେଳେ ଭାଗ୍ୟଦୀପ ପ୍ରେସ ପଞ୍ଜିକାରେ ଶତ୍ରୁଙ୍କର ଗୁପ୍ତ ଆଡ୍ଡା ଠାବ ଓ ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକାରେ ସୀମାନ୍ତରେ ଯୁଦ୍ଧ ପରିସ୍ଥିତିର ସୂଚନା ଥିଲା। କ୍ରୀଡ଼ା କ୍ଷେତ୍ରରେ ରାଜ୍ୟର ପ୍ରଗତି ଓ ସମ୍ମାନ ବୃଦ୍ଧିର ସୂଚନା କିଛି ପଞ୍ଜିକାରେ ରହିଥିବା ବେଳେ ଅସଲି ଖଡିରତ୍ନ ପଞ୍ଜିକାରେ କ୍ରୀଡ଼ା ଓ ବିଜ୍ଞାନ କ୍ଷେତ୍ରରେ ଓଡ଼ିଶା ଦେଶ ଓ ବିଶ୍ୱସ୍ତରରେ ସୁନାମ ପାଇବାର ସୂଚନା ଥିଲା। ରାଧାରମଣ ପ୍ରେସର ପଞ୍ଜିକାନୁଯାୟୀ ଉପରସ୍ତରରେ ଦୁର୍ନୀତି ହ୍ରାସ ହେଲେ ବି ତଳସ୍ତରରେ ବୃଦ୍ଧି, ଯୋଗାଯୋଗରେ ଉନ୍ନତି, ପ୍ରଶାସନିକ ବିଫଳତା ସହ ଉଚ୍ଚ ନ୍ୟାୟାଳୟର ଦୃଷ୍ଟାନ୍ତମୂଳକ ରାୟର ସୂଚନା ଥିବାବେଳେ ଭାଗ୍ୟଜ୍ୟୋତି ପ୍ରେସ ପଞ୍ଜିକାରେ ଶୃଙ୍ଖଳିତ ଶାସନ, ନୂତନ ଯୋଜନା, ସବୁ ସ୍ତରରେ ଦୁର୍ନୀତି ହ୍ରାସ ଓ ବେକାରି ସମସ୍ୟା ସମାଧାନର ସୂଚନା ରହିଥିଲା। ଅସଲି ଖଡିରତ୍ନ ପଞ୍ଜିକାରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଯୋଜନା ପ୍ରଣୟନରେ ମତଭେଦ, କିଛି ମନ୍ତ୍ରୀଙ୍କ ସ୍ୱଇଚ୍ଛାରେ ପଦତ୍ୟାଗ, ଯୋଜନାର ଅପବ୍ୟବହାର, କେନ୍ଦ୍ର ସରକାରଙ୍କ ବ୍ୟୟବହୁଳ ବିଜ୍ଞାପନ ସହ ରାଜ୍ୟରେ ସରକାରୀ କର୍ମଚାରୀ, ଶିକ୍ଷା ବିଶେଷତଃ ଆଇନ ବିଭାଗୀୟ ଆନ୍ଦୋଳନର ସୂଚନା ଥିଲା। ଶାରଳା ପଞ୍ଜିକାରେ ବ୍ୟଭିଚାର ବୃଦ୍ଧି, ଶିକ୍ଷା ବିଭାଗ ସମସ୍ୟା ସହ ରାଜନୈତିକ ଅସ୍ଥିରତା ଓ ଶାସନ ମୁଖ୍ୟଙ୍କର ଲୋକପ୍ରିୟତା ଦର୍ଶାଯାଇଥିଲା।

ସାମନ୍ତଚନ୍ଦ୍ରଶେଖରପଞ୍ଜିକାରେବର୍ଷଟିସାମଗ୍ରିକ ଭାବେ ଦେଶ ପାଇଁ ଶୁଭଦାୟକ ଦର୍ଶାଯାଇଥିବା ବେଳେ କର୍ମକୁଶଳୀ ପ୍ରଜାକଲ୍ୟାଣକାରୀ ଶାସନରେ ପ୍ରଜାଙ୍କର ଭୋଗବିଳାସ ବୃଦ୍ଧି, ଅପବ୍ୟୟ, ଖାଦ୍ୟ ଓ ଜଳର ଅପବ୍ୟବହାର, ଟଙ୍କାର ମୂଲ୍ୟ ହ୍ରାସ, ଟିକସ ବୃଦ୍ଧି, ପଡ଼ୋଶୀ ଦେଶ ସହ ଶୀତଳ ଯୁଦ୍ଧ, ସାମାଜିକ ସୁରକ୍ଷା, ଆତ୍ମନିଯୁକ୍ତି, ଦକ୍ଷତା ତାଲିମ ଆଦି ମାନବ ସମ୍ବଳର ବିକାଶ ସହ ଦେଶର ଅସ୍ମିତା ବୃଦ୍ଧିର ସୂଚନା ରହିଥିଲା। ହିଂସାତ୍ମକ ଘଟଣା, ଶାସନରେ ଦୁର୍ନୀତି ଓ ଗଣତନ୍ତ୍ରର ଚାରି ଖମ୍ବ ମଧ୍ୟରେ ବିବାଦର ସୂଚନା ମଧ୍ୟ ଥିଲା। ପ୍ରତ୍ୟେକ ପଞ୍ଜିକାରେ ବର୍ଷା ୫୦ ଦିନ ରହିଥିବା, କିନ୍ତୁ କୋହିନୂର ପ୍ରେସ ପଞ୍ଜିକାରେ ୭୨ ଦିନ ଦର୍ଶାଯାଇଥିବା ବେଳେ ତା୨୭।୭।୧୮ରିଖରେ ସଂଘଠିତ ଚନ୍ଦ୍ରଗ୍ରହଣର ସର୍ବମୋକ୍ଷ ସମୟ ସମସ୍ତ ପଞ୍ଜିକାଠାରୁ ଏଥିରେ ଭିନ୍ନ ରହିଥିଲା। ପ୍ରତ୍ୟେକ ସଂକ୍ରାନ୍ତି ଦିନ ପ୍ରଦତ୍ତ ପାଣିପାଗକୁ ଲକ୍ଷ୍ୟ କଲେ ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକାରେ ପ୍ରଦତ୍ତ ତଥ୍ୟ ଅନେକାଂଶରେ ସତ୍ୟ ହୋଇଥିବା ଜଣାଯାଏ।

ତେବେ ୨୦୧୯-୨୦ ମସିହା ପାଇଁ ପ୍ରକାଶିତ ପଞ୍ଜିକା ଦେଶ ତଥା ରାଜ୍ୟର ସାଧାରଣ ନିର୍ବାଚନ ବର୍ଷରେ ହେଉଥିବାରୁ ଏହାର ପୂର୍ବାନୁମାନର ଗୁରୁତ୍ୱ ରହିଛି। ମାତ୍ର ରାଧାରମଣ ପ୍ରେସ ବା କୋହିନୂର ପ୍ରେସ ପଞ୍ଜିକାରେ ଏ ସମ୍ପର୍କରେ ସାମାନ୍ୟତମ ସୂଚନା ନ ଥିବା ବେଳେ ଅନ୍ୟ ପଞ୍ଜିକା ଭଳି କେବଳ ବାତ୍ୟା, ବନ୍ୟା, ଘୂର୍ଣ୍ଣିଝଡ଼ରେ ଧନଜୀବନ ହାନିର ସୂଚନା ରହିଛି। ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକାରେ ପ୍ରଦତ୍ତ ରାଷ୍ଟ୍ରଫଳ ଓ ରାଜ୍ୟଫଳ ଅନୁଯାୟୀ କେନ୍ଦ୍ରରେ ସରକାର ପରିବର୍ତ୍ତନ ହୋଇ ନ ପାରେ। ରାଜ୍ୟରେ ସମର୍ଥନ ହ୍ରାସ ସତ୍ତ୍ୱେ ସରକାର ଅପରିବର୍ତ୍ତିତ ରହିବା ସହ ଶାସନ ମୁଖ୍ୟଙ୍କର ସ୍ୱାସ୍ଥ୍ୟ ପ୍ରତି ମନ୍ତବ୍ୟ ରହିଛି। ଅସଲି ଖଡିରତ୍ନ ପଞ୍ଜିକାରେ ମଧ୍ୟ କେନ୍ଦ୍ର ବା ରାଜ୍ୟ ସରକାର ଅପରିବର୍ତ୍ତିତ ରହିବା ସହ ଯୁବ ଓ ନାରୀ ନେତୃତ୍ୱର ସୂଚନା ରହିଛି। ଉଭୟ ପଞ୍ଜିକାରେ ଦେଶରେ ସାମ୍ବିଧାନିକ ସଂକଟ, ଐକ୍ୟ ଓ ସଂହତି ପ୍ରତି ଅସମ୍ମାନ ସତ୍ତ୍ୱେ ଦେଶର ବିବିଧ ସାଫଲ୍ୟର ସୂଚନା ରହିଛି। ଏଥି ସହ ନ୍ୟାୟପାଳିକା ଓ ସଂସଦ ମଧ୍ୟରେ ବିବାଦ, ପ୍ରାକୃତିକ ବିପର୍ଯ୍ୟୟର ସୂଚନା ମଧ୍ୟ ରହିଛି। ଏଠାରେ ପ୍ରକାଶଯୋଗ୍ୟ ଯେ, ଗଣନା ଓ ଶାସ୍ତ୍ର ବିଚାର ଠିକ୍ ରହିଲେ ପଞ୍ଜିକାପ୍ରଦତ୍ତ ସୂଚନା ତ୍ରୁଟିଯୁକ୍ତ ହୋଇ ନ ପାରେ। ତେଣୁ ରାଜ୍ୟର ବିଜ୍ଞ ଗଣକମାନେ ବ୍ୟବସାୟିକ ମନୋବୃତ୍ତି ପରିହାରପୂର୍ବକ ଠିକ୍ ଗଣନାରେ ପରିପୁଷ୍ଟ ପଞ୍ଜିକା ପ୍ରକାଶ କରାଇ ଏହାର ହୃତଗୌରବ ଫେରାଇ ଆଣନ୍ତୁ। ପଞ୍ଜିକା ସର୍ବ ଅନୁକରଣୀୟ ହୋଇ ସମାଜରେ ପୂର୍ବବତ୍ ମାର୍ଗଦର୍ଶିକା ହୋଇପାରିବ ଏଥିରେ ସନ୍ଦେହ ନାହିଁ।

୧୧୩-ଗୁଣ୍ଡିଚାବିହାର, ସର୍ବୋଦୟନଗର,
ପୁରୀ, ମୋ-୭୯୭୮୭୮୫୪୭୮

### ଏଇ ଭାରତରେ

ମାନବିକତା ସବୁ ଧର୍ମ, ସମ୍ପ୍ରଦାୟଠାରୁ ଊର୍ଦ୍ଧ୍ୱରେ। ଏହା ମଣିଷପଣିଆର ଏକ ମହତ୍ତ୍ୱପୂର୍ଣ୍ଣ ପରିପ୍ରକାଶ। ଉତ୍ତରପ୍ରଦେଶର ମାନବୀ ନାମ୍ନୀ ଜଣେ ମହିଳା କନ୍‌ଷ୍ଟେବଲ ସେବା ମାଧ୍ୟମରେ ମାନବିକତାର ଉଦାହରଣ ସୃଷ୍ଟିକରି ଅନ୍ୟମାନଙ୍କ ପାଇଁ ଚର୍ଚ୍ଚାର ବିଷୟ ହୋଇଛନ୍ତି। ସମ୍ପ୍ରତି ମାନବୀ ସନ୍ଥ କବୀରନଗର ଜିଲାର ଧାନଘାଟା ଥାନାରେ କାର୍ଯ୍ୟ କରୁଛନ୍ତି। ସେ ଜଣେ ବେସାହାରା ବୃଦ୍ଧାଙ୍କ ସେବା କରିବା ସହିତ ତାଙ୍କୁ ଘରକୁ ନେଇଆସିଥିଲେ। ଘରେ ଖାଇବା ପିଇବାକୁ ଦେଇ ସୁସ୍ଥ କରାଇଥିଲେ। ପରେ ତାଙ୍କର ପେଟ ପୋଷିବା ଭଳି ଛୋଟମୋଟ କାମ ମଧ୍ୟ ଯୋଗାଇ ଦେଇଥିଲେ। ମାନବୀଙ୍କ ଭଳି ମଣିଷପଣିଆ ପୋଲିସ ବିଭାଗର ସମସ୍ତ କର୍ମଚାରୀଙ୍କ ପାଖରେ ରହିବା ଆବଶ୍ୟକ ବୋଲି ଡିଜିପି ପ୍ରକାଶ କରିଛନ୍ତି। ତାଙ୍କ ପ୍ରଶଂସାରେ ପୋଲିସ ବିଭାଗ ଶତମୁଖ ହୋଇଛି। ଡିଜିପି ଏ.ପି. ସିଂ ମାନବୀଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇବା ସହିତ ତାଙ୍କ ପାଇଁ ପୋଲିସ ବିଭାଗ ଗର୍ବିତ ବୋଲି ଟୁଇଟ୍ କରିଛନ୍ତି।

### ଚିରନ୍ତନୀ

ଜଳିଉଠୁ ଗଗନର ଅଗଣିତ
ଜ୍ୟୋତି ରାଶି ତଳେ
ଅସୀମ ଆଶାର ରୂପେ ଶିଖା ତାର
ଖେଳୁ ଏ ବିଶ୍ୱରେ।

(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୬ ଏପ୍ରିଲ ୧୯୯୪

- ଜର୍ଜିଆ ଏବଂ ଆବଖାଜିଆ ଯୁଦ୍ଧବିରତି ଲାଗୁ ସହିତ ପରସ୍ପର ମଧ୍ୟରେ ବନ୍ଦୀ ଏବଂ ଶରଣାର୍ଥୀ ବିନିମୟ ପାଇଁ ଏକ ଦ୍ୱିପାକ୍ଷିକ ରାଜିନାମା ସ୍ୱାକ୍ଷରିତ।
- ବୋସନିଆ ସର୍ବୀୟ ଓ ମୁସଲିମ ସୈନ୍ୟମାନଙ୍କ ମଧ୍ୟରେ ଗୋରାଜେଠାରେ ଆରମ୍ଭ ହୋଇଥିବା ସଂଘର୍ଷରେ ୪୯ ଜଣ ମୃତ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | | 5 | | | | 6 | | | 4 | | 0 | | | |
| | | 0 | C | | 8 | | | | 9 | | | 7 | 1 | 3 |
| 6 | | | | D | 4 | | | | B | | | | | |
| C | 3 | | | | | | | E | | 7 | | | 4 | |
| | | 4 | | | | | 8 | | | E | | A | | 0 |
| 2 | | 6 | | 7 | | | | D | 0 | | | B | | E |
| D | | | | | | | | B | | 2 | | 6 | 0 | 9 |
| 9 | | E | D | | | 0 | | 8 | | | 6 | | | |
| | | | | 1 | B | C | | | 5 | 4 | | | | 2 |
| | | | 8 | 9 | | | | | | | B | 1 | | |
| 3 | | 9 | | B | | | 2 | 0 | | | 5 | E | | 7 |
| | | | | 8 | 9 | | 6 | | | | | | | |
| | | | 3 | | | | | | 6 | | 7 | 0 | 8 | 1 |
| | | | 4 | | E | | 5 | 1 | | | 2 | | D | B |
| | | | 5 | | | | | 7 | A | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 8 | 3 | C | 5 | B | D | A | 1 | 0 | 6 | 4 | 7 | 2 | E |
| 1 | D | A | 0 | 6 | 9 | B | C | E | 3 | 7 | 2 | 8 | 4 | 5 |
| C | 5 | 6 | 2 | 7 | E | 3 | 8 | 4 | B | A | D | 1 | 9 | 0 |
| 4 | B | 7 | A | 1 | 3 | 9 | 0 | 2 | 5 | 8 | E | D | 6 | C |
| E | 0 | 2 | 8 | D | 4 | 5 | 7 | 6 | C | 1 | 9 | A | 3 | B |
| A | E | B | 5 | 4 | 1 | 7 | 3 | 0 | 9 | 2 | 8 | C | D | 6 |
| 0 | 6 | 9 | D | B | 8 | 1 | 5 | A | E | 3 | C | 2 | 7 | 4 |
| 2 | C | 5 | 7 | E | A | 6 | 4 | 8 | D | B | 1 | 9 | 0 | 3 |
| 7 | 4 | 8 | 3 | 2 | C | E | D | 9 | 6 | 0 | 5 | B | 1 | A |
| 3 | 1 | D | 6 | 9 | 0 | 2 | B | C | A | 4 | 7 | E | 5 | 8 |
| B | 7 | 1 | E | C | 5 | 8 | 6 | D | 4 | 9 | 3 | 0 | A | 2 |
| 8 | 3 | 4 | B | A | 7 | C | 2 | 5 | 1 | D | 0 | 6 | E | 9 |
| D | 9 | 0 | 1 | 8 | 6 | A | E | 3 | 2 | 5 | B | 4 | C | 7 |
| 5 | A | E | 9 | 0 | 2 | 4 | 1 | B | 7 | C | 6 | 3 | 8 | D |
| 6 | 2 | C | 4 | 3 | D | 0 | 9 | 7 | 8 | E | A | 5 | B | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମେଧାବୀଙ୍କ ପରୀକ୍ଷାଖାତା

ମହାଶୟ,

ମାଟ୍ରିକ୍ ଓ +୨ ପରୀକ୍ଷା ଛାତ୍ରୀଛାତ୍ରଙ୍କ କ୍ୟାରିୟର ପାଇଁ ଗୁରୁତ୍ୱପୂର୍ଣ୍ଣ। ପ୍ରଶ୍ନ ବିଭିନ୍ନ ଭାବରେ ଆସେ, କେବଳ ମେଧାବୀ ଛାତ୍ରମାନେ ତାହାର ଠିକ୍ ଉତ୍ତର ଦେଇପାରିଥାନ୍ତି। ଯଦି ବୋର୍ଡ, ଯୁକ୍ତ ଦୁଇ ପରିଷଦ ପ୍ରତିବର୍ଷ ସର୍ବୋଚ୍ଚ ନମ୍ବର ରଖୁଥିବା ପିଲାଙ୍କ ଉତ୍ତରଖାତା ନିଜ ନିଜର ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବେ, ତେବେ ଆଗାମୀ ବର୍ଷରେ ପିଲାମାନଙ୍କୁ ଏହା ବହୁ ସାହାଯ୍ୟ କରିପାରିବ ଏବଂ ସେମାନେ ପରୀକ୍ଷା ଚାପରୁ ମୁକ୍ତି ପାଇବେ। ୨୦୧୯ରେ ବୋର୍ଡ, ପରିଷଦ ଏହି କାର୍ଯ୍ୟ ଆରମ୍ଭ କରନ୍ତୁ।

କେ. ରବି, ଜିଜିପି କଲୋନୀ, ଭୁବନେଶ୍ୱର

### ଆମ ପୂର୍ବପୁରୁଷ

ଆକାର ପଟେଲଙ୍କ(୧୦।୩)ଲେଖା 'ଆମ ପୂର୍ବପୁରୁଷ' ବାସ୍ତବ କଥା। ପ୍ରଭୁ ଶ୍ରୀରାମଚନ୍ଦ୍ର ଆର୍ଯ୍ୟ ଥିଲେ। ହିନ୍ଦୁ, ମୁସଲମାନ, ବୌଦ୍ଧ, ଖ୍ରୀଷ୍ଟିଆନ ସମସ୍ତଙ୍କ ଭିତରେ ଆର୍ଯ୍ୟ ଅଛନ୍ତି। ତେଣୁ ଶ୍ରୀରାମ ସମସ୍ତଙ୍କର। ଆମେ ଜାତି ଲେଖିବା ସମୟରେ ଅନେକେ ଆର୍ଯ୍ୟ ହିନ୍ଦୁ, ଆର୍ଯ୍ୟ ମୁସଲମାନ, ଆର୍ଯ୍ୟ ଖ୍ରୀଷ୍ଟିଆନ ଇତ୍ୟାଦି ଲେଖିଥାଉ। ଯେହେତୁ କାରଣ ଆମକୁ ଜଣାନାହିଁ, ତେଣୁ ସମାଧାନ ହୋଇପାରୁନାହିଁ। ଅର୍ଥାତ୍ ଖାଲି ହିନ୍ଦୁମାନେ କାହିଁକି ରାମମନ୍ଦିର କରିବେ, ସମସ୍ତେ ମିଶିକରି ରାମମନ୍ଦିର କରିବା ଉଚିତ। କାରଣ ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀବୁଦ୍ଧ, ଶ୍ରୀରସୁଲ, ଶ୍ରୀଯୀଶୁ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ ସମସ୍ତେ ଏକ ଈଶ୍ୱରଙ୍କ ଅବତାର ଏବଂ ଏକ ବାର୍ତ୍ତାବାହୀ।


ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ବନ୍ୟଜନ୍ତୁ ସହରମୁହାଁ

ଏହି ସ୍ତମ୍ଭରେ ଡ. ନଟବର ନାୟକଙ୍କ 'ବନ୍ୟଜନ୍ତୁ ସହରମୁହାଁ କାହିଁକି' ଲେଖାଟି ସମୟୋପଯୋଗୀ। ଜଙ୍ଗଲରେ ଖାଲୁଆ ସ୍ଥାନରେ ବର୍ଷାଜଳ ସଂଗ୍ରହ ପାଇଁ ଚୁଆ ଖୋଳିହେବ। ହାତୀ ପାଇଁ ବାଉଁଶଗଛ ଲଗାହୋଇ ପାରିବ। ବନ୍ୟଜନ୍ତୁଙ୍କ ପାଇଁ ଘଞ୍ଚ ବନଭୂମି ସୃଷ୍ଟି କରିବାକୁ ହେବ। ବନ ବିଭାଗର କର୍ମଚାରୀମାନଙ୍କ ଭିତରୁ ଯେଉଁମାନେ ଏଭଳି କାମ କରିବାକୁ ଆଗ୍ରହୀ ସେମାନଙ୍କୁ ପ୍ରୋତ୍ସାହିତ କରାଯାଉ।

ଡ. ବାବାଜୀ ଚରଣ ସେଠୀ, ଭୁବନେଶ୍ୱର-୨

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# 'ସରକାର ଗଢ଼ିବାର ପ୍ରଥମ ଦିନ ମିଳିବ କାଳିଆ ଟଙ୍କା'

**କୋରାପୁଟ/ଜୟପୁର,୫।୪ (ସ୍ୱ.ପ୍ର./ଡି.ଏନ୍.ଏ./ନି.ପ୍ର.)**

ବିଜେଡି ସରକାର ଗଢ଼ିଲେ ପ୍ରଥମ ଦିନରେ ହିତାଧିକାରୀଙ୍କୁ କାଳିଆ ଯୋଜନାର ଅର୍ଥ ପ୍ରଦାନ କରିବ। ବାକି ଥିବା ୨୫ ଲକ୍ଷ ଚାଷୀ କାଳିଆ ଯୋଜନାର ଅର୍ଥ ୨ଟି କିସ୍ତିରେ ପାଇବେ। ଅବିଭକ୍ତ କୋରାପୁଟ ମାଟିରେ ନିର୍ବାଚନୀ ପ୍ରଚାର ବେଳେ ଏଭଳି ପ୍ରତିଶ୍ରୁତି ରଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଶୁକ୍ରବାର ମୁଖ୍ୟମନ୍ତ୍ରୀ କୋରାପୁଟ ଓ ମାଲକାନଗିରି ଜିଲାରେ ମାରାଥନ୍ ପ୍ରଚାର କରିଛନ୍ତି। ଜୟପୁର ମାଟିରୁ ବିଜେଡି ଇସ୍ତାହାରର ସାମାନ୍ୟ ପ୍ରାକ୍ ସୂଚନା ଦେଇ ନବୀନ କହିଛନ୍ତି, ଇସ୍ତାହାରରେ କୃଷକ କଲ୍ୟାଣକୁ ଆମେ ସର୍ବାଗ୍ରେ ରଖିଛୁ। କାଳିଆ ଯୋଜନାରେ ୪୦ ଲକ୍ଷ ଚାଷୀ ଲାଭ ପାଇଲେଣି। ଆଗକୁ ମଧ୍ୟ ବଳକା ଚାଷୀ ଲାଭ ପାଇବେ। କେହି ଜଣେ ମଧ୍ୟ ଏଥିରୁ ବଞ୍ଚିତ ହେବେନାହିଁ ବୋଲି ସେ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଟାର୍ଗେଟ୍ କରିଛନ୍ତି।

ଶୁକ୍ରବାର ପୂର୍ବାହ୍ନରେ ପ୍ରଥମେ ମାଲକାନଗିରି ଜିଲାର କାଳିମେଳା ଓ ମାଥିଲିରେ ନିର୍ବାଚନୀ ସଭା କରିବା ପରେ ମୁଖ୍ୟମନ୍ତ୍ରୀ ଅପରାହ୍ନରେ କୋରାପୁଟ ଜିଲାର ପଟ୍ଟାଙ୍ଗି, ଦଶମନ୍ତପୁର, ଡୁମୁରିପୁଟ ଓ ଜୟପୁରରେ ପ୍ରଚାର ସଭା ଓ ରୋଡ୍ ଶୋ କରିଥିଲେ। ବିଭିନ୍ନ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ନବୀନ ପଟ୍ଟାନାୟକ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଓଡ଼ିଶାରେ ବିଗତ ଦିନରେ ଫାଇଲିନ ଓ ହୁଡ୍‌ହୁଡ୍ ଭଳି ବନ୍ୟା ବାତ୍ୟା ବେଳେ କେନ୍ଦ୍ରର କୌଣସି ନେତା ଏଠାରେ ପହଞ୍ଚି ନଥିବା ବେଳେ ଏବେ ନିର୍ବାଚନ ପାଇଁ କେନ୍ଦ୍ରମନ୍ତ୍ରୀମାନେ ଓଡ଼ିଶା ଲୋକଙ୍କ ପାଖକୁ ଆସୁଛନ୍ତି। ପୋଲାଭରମ ପ୍ରକଳ୍ପ କ୍ଷେତ୍ରରେ ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରିଛନ୍ତି କେନ୍ଦ୍ର ସରକାର। କେବିକେ ଯୋଜନା ଓ ଅନୁସୂଚିତ ଜାତି, ଜନଜାତି ପିଲାଙ୍କ ଛାତ୍ରବୃତ୍ତି ବନ୍ଦ କରି ସ୍ଥାନୀୟ ବିକାଶରେ ବାଧକ ସାଜିଥିବା ଭାଜପାକୁ ଲୋକେ ଗ୍ରହଣ କରିବେ ନାହିଁ। ଜଳସେଚନ ପାଇଁ ଓଡ଼ିଶା ଖର୍ଚ୍ଚ କରିଛି ୨୦ ହଜାର କୋଟି। କେନ୍ଦ୍ର ଦେଇଛି ମାତ୍ର ୨୫୦ କୋଟି। ଏଥିରୁ ଆଦିବାସୀ ଓ ଚାଷୀଙ୍କ ପ୍ରତି କେନ୍ଦ୍ରର ଦରଦ କେତେ, ତାହା ଜଣାପଡୁଛି। ଚଳିତ ନିର୍ବାଚନରେ ଏହାର ଜବାବ ଦେବେ ଓଡ଼ିଶାବାସୀ। ସାଢ଼େ ଚାରିକୋଟି ଓଡ଼ିଶାବାସୀ ମୋର ପରିବାର। ମୁଁ ସବୁବେଳେ ଆପଣଙ୍କ ପାଖରେ ଅଛି। ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ। ଶଙ୍ଖ ଚିହ୍ନରେ ଭୋଟ୍ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଅବିଭକ୍ତ କୋରାପୁଟ ଜିଲାର ଜନତାଙ୍କୁ ନିବେଦନ କରି କହିଛନ୍ତି। ପଟ୍ଟାଙ୍ଗି ବିଧାନସଭା ନିର୍ବାଚନମଣ୍ଡଳୀର ମାଳିଡୋଲିଆମ୍, ଦଶମନ୍ତପୁର ସଦର, କୋରାପୁଟ ବ୍ଲକ ଡୁମୁରିପୁଟ ପଡ଼ିଆ ଓ ଜୟପୁର ଦଶହରା ପଡ଼ିଆରେ ନିର୍ବାଚନୀ ସଭା ଓ ରୋଡ୍ ଶୋ କରି ମୁଖ୍ୟମନ୍ତ୍ରୀ କୋରାପୁଟ ଲୋକ ସଭା, ପଟ୍ଟାଙ୍ଗି, ଲକ୍ଷ୍ମୀପୁର ଓ କୋରାପୁଟ ବିଧାନସଭା କ୍ଷେତ୍ରର ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ନିବେଦନ କରିଛନ୍ତି। ଏ ସମସ୍ତ କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ର ସାରଥି ବେହେରା, ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀ, ଜିଲା କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ବିଧାୟକ ଗୁପ୍ତ ପ୍ରସାଦ ଦାସ, ବିଜେଡିର କୋରାପୁଟ ଲୋକ ସଭା ପ୍ରାର୍ଥୀ କୌଶଲ୍ୟା ହିକ୍‌କା ଓ କୋରାପୁଟ ବିଧାନସଭା ପ୍ରାର୍ଥୀ ରଘୁରାମ ପଡାଲ, ପଟ୍ଟାଙ୍ଗି ପ୍ରାର୍ଥୀ ପ୍ରୀତମ ପାଢ଼ୀ, ଲକ୍ଷ୍ମୀପୁର ପ୍ରାର୍ଥୀ ପ୍ରଭୁ ଜାନି ଉପସ୍ଥିତ ଥିଲେ।


କୋରାପୁଟର ଡୁମୁରୀପୁଟ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍ଥାନୀୟ ନେତାମାନେ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରୁଛନ୍ତି।

**ଅବିଭକ୍ତ କୋରାପୁଟରେ ମୁଖ୍ୟମନ୍ତ୍ରୀଙ୍କ ମାରାଥନ୍ ପ୍ରଚାର**

- ବିଜେଡି ଇସ୍ତାହାରରେ ଚାଷୀଙ୍କୁ ପ୍ରାଥମିକତା
- କେନ୍ଦ୍ର ଉପରେ ବର୍ଷିଲେ ନବୀନ
- କେବିକେ, ଛାତ୍ରବୃତ୍ତି ଯୋଜନା ବନ୍ଦ କରିଛି କେନ୍ଦ୍ର

## ଆଜି ଆସୁଛନ୍ତି ମୋଦି, ଯୋଗୀ ଓ ଶ୍ରୀବାସ୍ତବ

**ଭୁବନେଶ୍ୱର,୫।୪(ବ୍ୟୁରୋ):** ସାଧାରଣ ନିର୍ବାଚନ ପାଇଁ ସବୁଦଳର ପ୍ରସ୍ତୁତି ଜୋର୍‌ଦାର ଭାବେ ଆରମ୍ଭ ହୋଇଯାଇଛି। ଉଭୟ ଭାଜପା ଓ କଂଗ୍ରେସ ନିଜର କେନ୍ଦ୍ରୀୟ ନେତାଙ୍କୁ ଆଣି ଓଡ଼ିଶାରେ ପ୍ରଚାର ଚଳାଇଛନ୍ତି। ଏହି କ୍ରମରେ ଶନିବାର ଓଡ଼ିଶା ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସୁଛନ୍ତି। ପ୍ରଧାନମନ୍ତ୍ରୀ ସୁନ୍ଦରଗଡ ଜିଲା ଓ ସୋନପୁରଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ସେହିପରି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କନ୍ଧମାଳ ଓ ବ୍ରହ୍ମପୁରଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ଅନ୍ୟପଟେ ବଲିଉଡ ହାସ୍ୟ କଳାକାର ରାଜୁ ଶ୍ରୀବାସ୍ତବ ଶନିବାର ନିର୍ବାଚନ ପ୍ରଚାର ପାଇଁ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ରାଜୁ ଦିନ ୧୧ଟାରେ କଳାହାଣ୍ଡି ଜିଲା ଲାଞ୍ଜିଗଡଠାରେ ଏବଂ ଅପରାହ୍ନ ୧ଟାରେ କୋରାପୁଟର ବୈପାରିଗୁଡାଠାରେ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ। ଏନେଇ ରାଜ୍ୟ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି ।

# ୪ ବିଧାନସଭା ଆସନରେ କଂଗ୍ରେସର ପ୍ରାର୍ଥୀ ଘୋଷଣା

**ଭୁବନେଶ୍ୱର,୫।୪(ବ୍ୟୁରୋ)**

କଂଗ୍ରେସ ପକ୍ଷରୁ ଶୁକ୍ରବାର ୪ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏହି ଅବସରରେ ଭଦ୍ରକ ଲୋକ ସଭା ଆସନ ଅନ୍ତର୍ଗତ ତିନି ବିଧାନସଭା କ୍ଷେତ୍ର ଚାନ୍ଦବାଲି, ବଡଶାହି, ସୋର ପାଇଁ କଂଗ୍ରେସ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଚାନ୍ଦବାଲିରେ ଦିଗମ୍ବର ଦାଶ, ସୋରରୁ ସୁରେନ୍ଦ୍ର ପ୍ରସାଦ ପ୍ରମାନିକ ଓ ବଡସାହିରୁ ଦେବ୍ୟାନୀ ବେହେରାଙ୍କୁ ଦଳ ପ୍ରାର୍ଥୀ କରିଛି। ସେହିପରି ବାଲେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସିମୁଳିଆ ଆସନ ପାଇଁ କଂଗ୍ରେସ ଅନନ୍ତ ପ୍ରସାଦ ସେଠୀଙ୍କୁ ପ୍ରାର୍ଥୀ କରିଛି। ଦଳୀୟ ଟିକେଟ ବଣ୍ଟନରେ ଅନିୟମିତତା ହୋଇଥିବା ନେଇ ଏକାଧିକ ନେତା ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ଏଭଳି କ୍ଷେତ୍ରରେ ଟିକେଟ ବଣ୍ଟନ ପରେ ଅସନ୍ତୁଷ୍ଟ ହୋଇ ବହୁ ନେତା ଦଳ ଛାଡିବାକୁ ମଧ୍ୟ ପଛାଉ ନାହାନ୍ତି। ହେଲେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏସବୁକୁ ଭ୍ରୁକ୍ଷେପ ନ କରି ଗୋଟିଏ ଗୋଟିଏ ପରିବାରର ଦୁଇଜଣ ଲେଖାଏ ନେତାଙ୍କୁ ଟିକେଟ ଦେବାରେ ବ୍ୟସ୍ତ ଅଛନ୍ତି। ଦଳର ବହୁ ବରିଷ୍ଠ ନେତାଙ୍କ ନାମ ଏଥିରେ ଯୋଡି ହୋଇସାରିଛି। ଶୁକ୍ରବାର ଅନନ୍ତଙ୍କୁ ଟିକେଟ ମିଳିବାପରେ ପାରିବାରିକ ରାଜନୀତି ଫାଇଦା ଉଠାଉଥିବା ନେତାଙ୍କ କଥା ପୁଣି ଉଠିବା ଆରମ୍ଭ ହୋଇଛି। ଅନନ୍ତଙ୍କ ଝିଅ ମଧୁମିତା ସେଠୀଙ୍କୁ ଦଳ ଭଦ୍ରକ ଲୋକ ସଭା ଆସନରୁ ପ୍ରାର୍ଥୀ କରିଛି। ଏଭଳି ଏକାଧିକ ନେତାଙ୍କ ପରିବାରର ଦୁଇଜଣ ଲେଖାଏ ସଦସ୍ୟଙ୍କୁ ଟିକେଟ ମିଳିବା ପରେ ନିରଞ୍ଜନଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି।

# ମିଳିତ ସର୍ଭେ ଲାଗି ଓଡିଶା, ଆନ୍ଧ୍ରକୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୫।୪**

ବଂଶଧାରା ନଦୀ ଜଳକୁ ନେଇ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ ନେରାଡି ବ୍ୟାରେଜ୍ ସ୍ଥଳରେ ଉଭୟ ମିଳିତ ସର୍ଭେ କରିବା ଲାଗି ବଂଶଧାରା ଜଳବିବାଦ ଟ୍ରିବ୍ୟୁନାଲ୍ (ଭିଡବ୍ଲ୍ୟୁଡିଟି) ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଧ୍ରପ୍ରଦେଶ ସରକାରଙ୍କ ଦ୍ୱାରା ନିର୍ମିତ ଏହି ବ୍ୟାରେଜ କାର୍ଯ୍ୟକ୍ଷମ ହେବା ପରେ ୧୦୬ ଏକର ଜମି ପାଣିରେ ବୁଡି ରହୁଛି। ଏହା ଉପରେ ଅଧ୍ୟକ୍ଷ ଡ. ଏମ.କେ. ଶର୍ମା, ଜଷ୍ଟିସ ବି.ଏନ୍. ଚତୁର୍ବେଦୀ ଏବଂ ଜଷ୍ଟିସ ପ୍ରତିଭା ରାଣୀଙ୍କୁ ନେଇ ଗଠିତ ଟ୍ରିବ୍ୟୁନାଲ୍‌ର ତିନିଜଣିଆ ଖଣ୍ଡପୀଠ ଉଭୟ ରାଜ୍ୟକୁ ଜୁଲାଇ ୮ ସୁଦ୍ଧା ସର୍ଭେ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୮କୁ ଧାର୍ଯ୍ୟ କରାଯାଇଛି। କେନ୍ଦ୍ରୀୟ ଜଳ ଆୟୋଗଙ୍କ ଉପସ୍ଥିତିରେ ଦୁଇ ରାଜ୍ୟର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର କିମ୍ବା ତଦୂର୍ଦ୍ଧ୍ୱ ପାହ୍ୟାର ଅଧିକାରୀଙ୍କ ନେତୃତ୍ୱରେ ବୈଷୟିକ ଟିମ୍ ଏହି ସର୍ଭେ କରିବ ବୋଲି ଓଡ଼ିଶା ପକ୍ଷରୁ ଆଇନଜୀବୀ ରାଧେଶ୍ୟାମ ଜେନା କହିଛନ୍ତି। ସୂଚନାଯୋଗ୍ୟ କ୍ରମାଗତ ତିନିଦିନ ହେଲା ଭିଡବ୍ଲ୍ୟୁଡିଟି ଏହି ମାମଲାର ଶୁଣାଣି କରୁଛି। ଓଡିଶା ଦାଖଲ କରିଥିବା ସ୍ପଷ୍ଟୀକରଣ ଉପରେ ଟ୍ରିବ୍ୟୁନାଲ କେନ୍ଦ୍ର ଓ ଆନ୍ଧ୍ରପ୍ରଦେଶ ସରକାରଙ୍କ ଜବାବ ରେକର୍ଡ କରିଥିଲେ।

**ବଂଶଧାରା ଜଳ ବିବାଦ**





# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଢ଼ିବ ଗୀତା, ଖାଇବ ପିତା**
**ତେବେ ଯାଇ ହେବ ଜଗତ ଜିତା ।**

ଗୀତା ଅତ୍ୟନ୍ତ ପବିତ୍ର ଗ୍ରନ୍ଥ। ଜୀବନର ବହୁ ସାରତତ୍ତ୍ୱ ଗୀତାରେ ଉଲ୍ଲେଖ କରାଯାଇଛି। ଆତ୍ମାର ସଦ୍‌ଗତି ପାଇଁ ଗୀତାପାଠ ଅତ୍ୟନ୍ତ ଆବଶ୍ୟକ। ପିତା ନିୟମିତ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପଥର ଛାତିଆ ଘର କରନ୍ତି**
**ପତର ଛାତିଆ ଉଡ଼ି ଯାଆନ୍ତି ।**

ଜୀବନର ଅନ୍ୟନାମ ସଂଘର୍ଷ। ସଂସାରରେ ଘର କରିଥିଲେ ଅନେକ ଦୁଃଖକଷ୍ଟ ସହିବାକୁ ପଡ଼ିଥାଏ। ଏଥିରେ ଭାଙ୍ଗି ନ ପଡ଼ି ଯିଏ ଧୈର୍ଯ୍ୟ ଧରି ବାଟ ଚାଲେ ସିଏ ହିଁ ସଂସାରରେ ତିଷ୍ଠି ରହେ। ପରନ୍ତୁ ଯିଏ ସାମାନ୍ୟ କଥାରେ ବ୍ୟତିବ୍ୟସ୍ତ ହୋଇପଡ଼େ ବିପଦକୁ ସାମ୍ନା କରିବାକୁ ଭୟପାଏ ତା'ପକ୍ଷେ ସଂସାରରେ ରହି ବାଟଚାଲିବା ଅତ୍ୟନ୍ତ କଷ୍ଟକର ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ବିଜେଡି ସିଇସିଙ୍କ ଦ୍ୱାରସ୍ଥ: ଚାଷୀଙ୍କୁ ମିଳୁ 'କାଳିଆ' ଟଙ୍କା

ଭୁବନେଶ୍ୱର,୫।୪(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଲୋକପ୍ରିୟ 'କାଳିଆ' ଯୋଜନା ବନ୍ଦକୁ ନେଇ ଶେଷରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି)ଙ୍କ ଦ୍ୱାରସ୍ଥ ହୋଇଛି ବିଜୁ ଜନତା ଦଳ (ବିଜେଡି) । ରାଜ୍ୟର ଚାଷୀକୁଳଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ 'କାଳିଆ' ଯୋଜନା ଚାଲୁରଖିବା ସହ ସହାୟତା ଅର୍ଥ ବଣ୍ଟନ ଉପରୁ କଟକଣା ହଟାଇବାକୁ ବିଜେଡି ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କ ହସ୍ତକ୍ଷେପ ଲୋଡ଼ିଛି। ପ୍ରତିନିଧି ଦଳ ସହ ଚାଷୀ ପ୍ରତିନିଧିମାନେ ସାମିଲ ହୋଇ ଶୁକ୍ରବାର ସିଇସି ସୁନୀଲ ଆରୋରାଙ୍କୁ ଭେଟିଛନ୍ତି।

ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଦିଆଯାଇଥିବା ସ୍ମାରକପତ୍ରରେ ବିଜେଡି ଦର୍ଶାଇଛି ଯେ, ଚାଷୀକୁଳର ସର୍ବାଙ୍ଗୀନ ବିକାଶ ପାଇଁ ନିର୍ବାଚନ ତାରିଖ ଘୋଷଣା ହେବାର ଯଥେଷ୍ଟ ପୂର୍ବରୁ ରାଜ୍ୟ ସରକାର କାଳିଆ ଯୋଜନା ଆରମ୍ଭ କରିଥିଲେ। ଦେଶ ବିଦେଶର ବିଶେଷଜ୍ଞମାନେ ଏହି ସୁଦୂରପ୍ରସାରୀ ଯୋଜନାର ଭୂରି ଭୂରି ପ୍ରଶଂସା କରିଛନ୍ତି। ବର୍ତ୍ତମାନ ସୁଦ୍ଧା ୩୭ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଏଥିରୁ ଉପକୃତ ହୋଇସାରିଲେଣି। 'କାଳିଆ' ସହାୟତା ବାବଦ ଦୁଇଟି କିସ୍ତିରେ୧୮୫୦ କୋଟି ଟଙ୍କା ଚାଷୀଙ୍କୁ ଡିବିଟି ଜରିଆରେ ଦିଆଯାଇଛି। ଏହି ସହାୟତା ପାଇବାକୁ ଆଉ ୧୪.୯୩ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୦.୪୧ ଲକ୍ଷ ଭୂମିହୀନ ଚାଷୀ ପରିବାରଙ୍କୁ ତାଲିକାଭୁକ୍ତ କରାଯାଇଛି। ଆଦର୍ଶ ଆଚରଣ ବିଧି ଲାଗୁହେବା ପୂର୍ବରୁ ଗତ ମାର୍ଚ୍ଚ ୧ରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ହିତାଧିକାରୀ ତାଲିକା ପ୍ରକାଶ ପାଇଥିଲା। ମାତ୍ର ଆଚରଣ ବିଧିର ଆଳ ଖୋଜି ଭାଜପା ଏହି ଯୋଜନାକୁ ବନ୍ଦ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ସମର୍ଥ ହୋଇଛି। ବିଜେଡିର ଲୋକପ୍ରିୟତାରେ ଈର୍ଷାନ୍ୱିତ ହୋଇ ଭାଜପା ରାଜନୈତିକ ସ୍ୱାର୍ଥ ହାସଲ ଉଦ୍ଦେଶ୍ୟରେ ଏଭଳି ଚକ୍ରାନ୍ତ କରିଛି। ମିଥ୍ୟା ଅଭିଯୋଗ ଦର୍ଶାଇ 'କାଳିଆ' ଯୋଜନା ବନ୍ଦ କରିବାକୁ ଗତ ମାର୍ଚ୍ଚ ୧୩ ତାରିଖରେ ଭାଜପାର ଏକ ପ୍ରତିନିଧି ଦଳ ସିଇଓଙ୍କଠାରେ ଦାବି କରିଥିଲା । ଇତିମଧ୍ୟରେ ବିଜେଡି ପ୍ରତିନିଧି ଦଳ ସିଇଓଙ୍କୁ ଭେଟି 'କାଳିଆ'ଯୋଜନା ଚାଲୁ ରଖିବାକୁ ବାରମ୍ବାର ଅନୁରୋଧ କଲେଣି। ମାତ୍ର ଭାଜପା ଚାପ ଯୋଗୁଁ ତାହା ବନ୍ଦ ହୋଇ ରହିଛି। 'କାଳିଆ' ଯୋଜନା ବନ୍ଦ ହୋଇଯିବା ଯୋଗୁଁ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ବେସାହାରା ହୋଇଯାଇଛନ୍ତି। ନିର୍ବାଚନ କମିଶନ ଏହାର ବିଚାର କରି ତ୍ୱରିତ୍ ପଦକ୍ଷେପ ନେବାକୁ ବିଜେଡି ପକ୍ଷରୁ ଅନୁରୋଧ କରାଯାଇଛି। ସେହିଭଳି ଚାଷୀ ପ୍ରତିନିଧିଙ୍କ ପକ୍ଷରୁ ମଧ୍ୟ ସିଇସିଙ୍କୁ ପୃଥକ୍ ସ୍ମାରକପତ୍ର ଦିଆଯାଇଛି। ଓଡ଼ିଶାରେ କୃଷିର ବିକାଶ ଓ ଚାଷୀକୂଳଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଉଦ୍ଦିଷ୍ଟ 'କାଳିଆ' ଯୋଜନାରୁ ବହୁତ ସୁବିଧା ମିଳୁଛି। ବର୍ତ୍ତମାନ ସୁଦ୍ଧା ୩୫ ଲକ୍ଷ ଚାଷୀ ଏଥିରୁ ଉପକୃତ ହୋଇଥିବା ବେଳେ ୨୫ ଲକ୍ଷ ଚାଷୀ ସୁବିଧା ପାଇବାକୁ ଅପେକ୍ଷା କରିଛନ୍ତି। ମାତ୍ର ମୁଖ୍ୟ ନିର୍ବାଚନ ଅଧିକାରୀ ଏହାକୁ ବନ୍ଦ କରିଦେବା ଯୋଗୁଁ ଚାଷୀକୂଳ ଉପରେ ଚଡ଼କ ପଡ଼ିଛି। ନିର୍ବାଚନ କମିଶନ ଏହା ଉପରେ ହସ୍ତକ୍ଷେପ କରି ତୁରନ୍ତ କଟକଣା ହଟାଇବାକୁ ସେମାନେ ଦାବି କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଭେଟିଥିବା ବିଜେଡି ପ୍ରତିନିଧି ଦଳରେ ଏମ୍‌ପି ପିନାକୀ ମିଶ୍ର, ମୁଖପାତ୍ର ତଥା ଆଇଟି ସେଲ୍ ଅଧ୍ୟକ୍ଷ ଅମର ପଟ୍ଟନାୟକ, ଡ. ସସ୍ମିତ୍ ପାତ୍ର, ସୁଲୋଚନା ଦାସ, ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ଛାତ୍ର ବିଜେଡି ସଭାପତି ରାଣା ପ୍ରତାପ ପାତ୍ର ସାମିଲ ହୋଇଥିଲେ। ସେହିଭଳି ଚାଷୀପ୍ରତିନିଧି ଦଳରେ କିଶୋର ଚନ୍ଦ୍ର ଦେବତା, ନନ୍ଦଲାଲ ବେହେରା, ପଞ୍ଚାନନ ଦଳପତି, ନାରାୟଣ ସାହୁ ପ୍ରମୁଖ ସାମିଲ ଥିଲେ।

## ଭାଜପା ଚାପରେ ବନ୍ଦ ହୋଇଛି ଯୋଜନା

# ନବୀନ ନିବାସ ସମ୍ମୁଖରେ ସୁର ସମର୍ଥକଙ୍କ ବିକ୍ଷୋଭ

ଭୁବନେଶ୍ୱର,୫।୪(ବ୍ୟୁରୋ)

ପୁରୀ ଜିଲା ଅନ୍ତର୍ଗତ କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ରାଜନୀତି ରୋଚକ ସ୍ଥିତିରେ ପହଞ୍ଚିଛି। କିଏ କେଉଁ ଦଳରୁ ପ୍ରାର୍ଥୀ ହେବେ, ତାହା ଉପରେ ସମସ୍ତଙ୍କ ନଜର ରହିଛି। କାକଟପୁର ନିର୍ବାଚନମଣ୍ଡଳୀ ଲାଗି କିଛିଦିନ ପୂର୍ବେ ବିଧାୟକ ଥିବା ସୁରେନ୍ଦ୍ର ସେଠୀଙ୍କ ନାଁ ଘୋଷଣା କରାଯାଇଥିଲା। ପରବର୍ତ୍ତୀ ସମୟରେ ଘଟଣାକ୍ରମେ ଭାଜପାରୁ ସେହି ଆସନ ପାଇଁ ପ୍ରାର୍ଥୀ ହୋଇଥିବା ତୁଷାରକାନ୍ତି ବେହେରା ବିଜେଡିରେ ସାମିଲ ହୋଇଛନ୍ତି। ତେଣୁ ସୁରଙ୍କ ପ୍ରାର୍ଥିତ୍ୱ ନେଇ ଅନିଶ୍ଚିତତା ଦେଖାଦେଇଛି। ଏମିତି କି କିଛିଦିନ ପୂର୍ବରୁ ସୁର ସେଠୀଙ୍କୁ ପ୍ରଦାନ କରାଯାଇଥିବା ଦଳୀୟ ଟିକେଟ ଫେରାଇ ଅଣାଯାଇଥିବା ସୂତ୍ରରୁ ପ୍ରକାଶ। ସୁରଙ୍କୁ ପ୍ରାର୍ଥୀ କରାଯାଉ ନ ଥିବାରୁ ତାଙ୍କ ସମର୍ଥକମାନେ ଶୁକ୍ରବାର ନବୀନ ନିବାସ ସମ୍ମୁଖରେ ଧାରଣା ଦେଇଥିଲେ। ତେଣୁ ତାଙ୍କ ରାଜନୈତିକ ଭବିଷ୍ୟତ ନେଇ ଅନିଶ୍ଚିତତା ଜାରି ରହିଛି। ଅପରପକ୍ଷରେ ତୁଷାରକାନ୍ତି ପ୍ରାର୍ଥୀ ହେବା ଘଟଣା ଆଲୋଚନା ପରେ ପୁରୁଖା ନେତା ଦଳ ଛାଡ଼ିଛନ୍ତି। ୨୦୦୯ରୁ ୨୦୧୪ ଯାଏ ବିଧାୟକ ଥିବା ରବି ମଲିକ ଶୁକ୍ରବାର ପୂର୍ବାହ୍ନରେ ବିଜେଡିରୁ ଇସ୍ତଫା ଦେଇଛନ୍ତି। ତାଙ୍କୁ ପୂର୍ବରୁ ରାଜ୍ୟ ଯୋଜନା ବୋର୍ଡର ସଭ୍ୟ କରାଯାଇଥିଲା। ଉକ୍ତ ପଦବୀରୁ ମଧ୍ୟ ରବି ଇସ୍ତଫା ଦେଇଛନ୍ତି। ଇସ୍ତଫାର କେଇଘଣ୍ଟା ପରେ ରବି ରାଜଧାନୀ ଭୁବନେଶ୍ୱରସ୍ଥିତ ଭାଜପା କାର୍ଯ୍ୟାଳୟକୁ ଆସି ପଦ୍ମ ଦଳରେ ଯୋଗଦେଇଛନ୍ତି। ତାଙ୍କୁ ଭାଜପା କାକଟପୁର ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିପାରେ ବୋଲି ଆଲୋଚନା ହେଉଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ରବିଙ୍କ ସମେତ ସ୍ଥାନୀୟ ବିଜେଡି ନେତା ଯୋଗେନ୍ଦ୍ର ପାଢ଼ୀ, ଆରତି ପ୍ରହଲ୍ଲାଦ, ପବିତ୍ର ସ୍ୱାଇଁ , ଅଭୟ ରାଉତ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ଭାଜପାରେ ସାମିଲ ହେବା ପରେ ରବି କହିଛନ୍ତି ଯେ, ଦୀର୍ଘ ୩୦ ବର୍ଷ ହେବ ଜନତା ଦଳ ଏବଂ ବିଜେଡି ସହ ଜଡ଼ିତ ଥିଲି। ବିଜୁବାବୁଙ୍କ ସହ ମଧ୍ୟ ଉତ୍ତମ ସମ୍ପର୍କ ଥିଲା। ଧୀରେ ଧୀରେ ଦଳୀୟ କାର୍ଯ୍ୟକ୍ରମରେ ତାଙ୍କୁ ଅଣଦେଖା କରାଗଲା। ସ୍ଥାନୀୟ ଅଞ୍ଚଳରେ କାହାକୁ ପ୍ରାର୍ଥୀ କରାଯିବ, କାହାକୁ ଦଳକୁ ଅଣାଯିବ, ସେନେଇ ତାଙ୍କ ସହ ଆଲୋଚନା କରାଯାଉନାହିଁ। ଏହିସବୁ ଘଟଣା ତାଙ୍କୁ ଦଳ ଛାଡ଼ିବାକୁ ବାଧ କରିଥିବା ରବି କହିଛନ୍ତି।

## କାକଟପୁର ରାଜନୀତି

- ଦଳ ଛାଡ଼ି ରବି ଭାଜପାରେ
- ଅଣଦେଖା ଅଭିଯୋଗ ଆଣିଲେ ରବି


## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



✓ ସୁରେଶ ଚନ୍ଦ୍ର ନାୟକ
ଚାପୁଣ୍ଡିଆ, ଚରମ୍ପା, ଭଦ୍ରକ
ଆବିର୍ଭାବ : ୦୮/୦୪/୧୯୪୪
ତିରୋଧାନ: ୨୮/୦୩/୨୦୧୭
"କେମିତି ଭୁଲିବୁ ଆମେ ତୁମ ସ୍ମୃତି
ବଞ୍ଚିଛୁ ନାଁକୁ ହେଲେ ଫାଟିଯାଏ ଛାତି"
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


## ପ୍ରଥମ ପୃଷ୍ଠାରୁ...

### ଭାରତ ଖସାଇନାହିଁ...

ଅନୁସାରେ ପାକିସ୍ତାନର କୌଣସି ଏଫ୍-୧୬କୁ ଭାରତ ଖସାଇନାହିଁ। ଏଫ୍-୧୬କୁ ଆତଙ୍କବାଦ ନିରୋଧୀ ଅଭିଯାନ ପାଇଁ ଆମେରିକାଠାରୁ ଆଣି ଭାରତୀୟ ସେନାଘାଟିକୁ ଟାର୍ଗେଟ କରିବା ପାଇଁ ପାକିସ୍ତାନ ବ୍ୟବହାର କରିଛି ବୋଲି ନୂଆଦିଲ୍ଲୀ ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିଲା। ଏହାର ପ୍ରମାଣ ସ୍ୱରୂପ ୨୮ ତାରିଖରେ ଏଏମ୍‌ଆର୍‌ଏଏମ୍ କ୍ଷେପଣାସ୍ତ୍ରର ଖଣ୍ଡବିଖଣ୍ଡିତ ଅବଶେଷ ମଧ୍ୟ ଆଇଏଏଫ୍ ଦେଖାଇଥିଲା। ସେତେବେଳ ଭାରତୀୟ ସୀମାରେ ଏଫ୍-୧୬ର ଭଗ୍ନାବଶେଷ ନ ମିଳିବାରୁ ପାକିସ୍ତାନୀ ପାଇଲଟଙ୍କ ଜୀବନ ରହସ୍ୟ ଘେରରେ ରହିଯାଇଥିଲା। ମାତ୍ର ଉକ୍ତ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ସମ୍ପୂର୍ଣ୍ଣ ଘଟଣାକ୍ରମ ସମ୍ପର୍କରେ ଅବଗତ ଆମେରିକାର ଦୁଇଜଣ ବରିଷ୍ଠ ପ୍ରତିରକ୍ଷା ଅଧିକାରୀ ଭାରତର ଦାବିକୁ ଖଣ୍ଡନ କରିଛନ୍ତି। ସେମାନେ ପାକିସ୍ତାନ ଯାଇ ସେଠାରେ ସମସ୍ତ ଏଫ୍-୧୬କୁ ଗଣିବା ପରେ ଜାଣିବାକୁ ପାଇଛନ୍ତି ଯେ ଆମେରିକା ଯେତୋଟି ଯୁଦ୍ଧବିମାନ ଦେଇଥିଲା, ସବୁ ସୁରକ୍ଷିତ ଅଛି। ସେହି ସମୟରେ ବିଶ୍ୱ ସମୁଦାୟକୁ ଭାରତୀୟ କର୍ତ୍ତୃପକ୍ଷ ବିଭ୍ରାନ୍ତ କରିଥିଲେ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଆମେରିକାର ଦୁଇ ଅଧିକାରୀଙ୍କ ମଧ୍ୟରୁ ଜଣେ କହିଛନ୍ତି, ଏଫ୍-୧୬ ଯୁଦ୍ଧବିମାନ ଗଣି ପ୍ରକୃତ କଥା ଜାଣିବା ପାଇଁ ଆମେରିକାକୁ ପାକିସ୍ତାନ ଆମନ୍ତ୍ରଣ କରିଥିଲା। କାରଣ ପାକିସ୍ତାନକୁ ଆମେରିକା ଏଫ୍-୧୬ ଦେବା ପୂର୍ବରୁ ସ୍ୱାକ୍ଷରିତ ଚୁକ୍ତିରେ ଆବଶ୍ୟକ ହେଲେ ୱାଶିଂଟନ ଯୁଦ୍ଧବିମାନ ସଂଖ୍ୟାକୁ ନେଇ ସମୀକ୍ଷା କରିପାରିବ ବୋଲି ସର୍ତ୍ତରେ ଇସ୍‌ଲାମାବାଦ ରାଜି ହୋଇଥିଲା। ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଲାଗିରହିଥିବାରୁ ତତ୍କାଳ ଯୁଦ୍ଧବିମାନ ଗଣିବା ସମ୍ଭବ ହୋଇ ନ ଥିଲା। ଏହାର ଅନେକ ସପ୍ତାହ ପରେ ଆମେରିକାର ଦୁଇ ପ୍ରତିରକ୍ଷା ଅଧିକାରୀ ସେଗୁଡ଼ିକୁ ଗଣିଛନ୍ତି। ଅର୍ଥାତ୍ ଭାରତୀୟ ବାୟୁସୀମାକୁ କୌଣସି ଏଫ୍-୧୬ ଅନୁପ୍ରବେଶ କରି ନ ଥିଲା ବୋଲି ଏଥିରେ ସ୍ପଷ୍ଟ କରାଯାଇଛି। ଆଇଏଏଫ୍ କୌଣସି ଏଫ୍-୧୬କୁ ଖସାଇନାହିଁ ଏବଂ ଓଲଟା ପିଏଏଫ୍ ଭାରତର ଦୁଇଟି ଯୁଦ୍ଧବିମାନ ଖସାଇଛି ବୋଲି ପାକିସ୍ତାନ ଯାହା ଦାବି କରିଆସୁଛି, ଏହି ରିପୋର୍ଟ ତା' ଉପରେ ମୋହର ମାରିଛି।

ରିପୋର୍ଟ ସାମ୍ନାକୁ ଆସିବା ପରେ ଭାରତକୁ ମିଛୁଆ ସାବ୍ୟସ୍ତ କରିବାରେ ଲାଗିପଡ଼ିଛି ପାକିସ୍ତାନ। ଭାରତ ଏବେ ସତ କଥା କହୁ ବୋଲି ପଡ଼ୋଶୀ ଦେଶ ଦାବି କରିଛି। ପାକିସ୍ତାନୀ ସେନା ମୁଖପାତ୍ର ମେଜର ଜେନେରାଲ ଆସିଫ୍ ଗଫୁର କହିଛନ୍ତି, ଭାରତ ନିଜ 'ମିଛ ଦାବି'ରୁ ଓହରି ସତ ସ୍ୱୀକାର କରୁ। ଏହାସହ ପାକିସ୍ତାନ ଆକ୍ରମଣରେ ଧ୍ୱଂସ ହୋଇଥିବା ଆଇଏଏଫ୍‌ର ଅନ୍ୟ ଯୁଦ୍ଧବିମାନ ସମ୍ପର୍କରେ ମଧ୍ୟ ସ୍ପଷ୍ଟ କରୁ ବୋଲି ଗଫୁର ଦାବି କରିଛନ୍ତି।

### ବିନା ମରୁଡ଼ିରେ ବି ...

ବର୍ଷେ ଭିତରେ ପୂରା କରିଦେବେ। ମରୁଡ଼ି ହେଇ ନ ଥିଲେ ବି ମରୁଡ଼ି ଅଞ୍ଚଳ ଘୋଷଣା କରି ଚାଷୀଙ୍କ ଲାଗି ଟଙ୍କା କରାଇ ଦେବେ। ଏ ଅଞ୍ଚଳର ଯୁବକମାନଙ୍କୁ ନବୀନ ନିବାସ ପର୍ଯ୍ୟନ୍ତ ନେବା ଦାୟିତ୍ୱ ମୋର। 'ଏବେ ଆପଣଙ୍କ ଦାୟିତ୍ୱ ମୋତେ ଭୋଟ୍ ଦେବା ଆଉ ମୋର ଦାୟିତ୍ୱ ଆପଣଙ୍କ ସେବା କରିବା' ବୋଲି ନବ ଏହି ସଭାରେ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷେ 'ଆପଣ ନିଷ୍ପତ୍ତି ନିଅନ୍ତୁ। ଅନ୍ୟ ଦଳକୁ ଭୋଟ ଦେଲେ କ'ଣ ପାଇବେ' ବୋଲି ମଧ୍ୟ ସେ ପ୍ରଶ୍ନ କରିଥିଲେ।

ଏହାକୁ ନେଇ ବିରୋଧୀ ମୁହଁ ଖୋଲିଛନ୍ତି । ଅତୀତରେ କ୍ଷମତାର ଅପବ୍ୟବହାର କରି ସରକାରୀ ଅର୍ଥର ଦୁରୁପଯୋଗ କରିଛି ବିଜେଡି । ବର୍ତ୍ତମାନ ନିର୍ବାଚନୀ ସଭାରେ ଏହା ସ୍ପଷ୍ଟ ପ୍ରମାଣିତ ହେଲା। କ୍ଷମତାକୁ ଆସିଲେ ବିଜେଡି କ'ଣ ଯେ ନ କରିବ ଏଥିରେ ଜଣାପଡୁଛି ବୋଲି କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରଭାରୀ ସୁଶୀଲ କୁମାର କର କହିଛନ୍ତି। ହେଲେ ନବଙ୍କୁ ସୁରକ୍ଷା ଦେବାକୁ ଯାଇ ବ୍ଲକ ବିଜେଡି ସଭାପତି ରାଜକୁମାର ଶୁକ୍ଲା କହିଛନ୍ତି, ବିଜେଡିର ନିର୍ବାଚନୀ ଇସ୍ତାହାର ଅନୁସାରେ ନବ ଦାସ ଏ ସବୁ କହିଛନ୍ତ। ଚାଷୀମାନେ ମରୁଡ଼ି ସହାୟତା ରାଶି ପାଇଁ ବାରମ୍ବାର ଦୌଡି ଦୌଡି ହଇରାଣ ହେଉଥିବାରୁ ଏହିଭଳି କୁହାଯାଇଛି ବୋଲି ସେ ସଫେଇ ଦେଇଛନ୍ତି। ଏ ବିଷୟରେ କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାୟକଙ୍କୁ ପଚାରିବାରୁ ସେ ଏ ନେଇ କିଛି ଜାଣିନାହାନ୍ତି କିମ୍ବା ଭିଡିଓ ଦେଖି ନାହାନ୍ତି। ଅଭିଯୋଗ ପାଇଲେ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ସଭାରେ ନବଙ୍କ ସହ ବାମରା ବ୍ଲକ ସଭାପତି ରାଜକୁମାର ଶୁକ୍ଲା, କୁଚିଣ୍ଡା ନିର୍ବାଚନୀ ମଣ୍ଡଳୀର ବିଧାୟକ ପ୍ରାର୍ଥୀ କିଶୋରଚନ୍ଦ୍ର ନାଏକ, କିର୍ମିରା ବ୍ଲକର ଜିଲା ପରିଷଦ ସଭ୍ୟା ସ୍ୱର୍ଣ୍ଣମୟୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷ କରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିବାରୁ ନବ ଭୋଟ ପାଇଁ ପ୍ରତିଶ୍ରୁତି ଦେବାରୁ ସୁଯୋଗକୁ ହାତଛଡା କରିବାକୁ ଚାହିଁ ନ ଥିଲେ।

### ଜୟଦେବ କଂଗ୍ରେସ...

ପ୍ରାର୍ଥିପତ୍ର ଯାଞ୍ଚର ଶୁଣାଣି କରିବେ ବୋଲି ଜଣାପଡ଼ିଛି । ନୀତୀଶ ନିଜ ଓକିଲଙ୍କ ଜରିଆରେ ଏହି ଅଭିଯୋଗ ଆଣିଛନ୍ତି। ନୀତୀଶଙ୍କ ଓକିଲ ଅଭିଯୋଗ କରିଛନ୍ତି ଯେ ନଳିନୀଙ୍କ ପ୍ରାର୍ଥିପତ୍ରରେ ଦୁଇଟି ତ୍ରୁଟି ରହିଛି। ନଳିନୀ ନିର୍ବାଚନ କମିଶନଙ୍କ ନିୟମକୁ ଉଲ୍ଲଂଘନ କରିଛନ୍ତି। ଅଭିଯୋଗ ଅନୁଯାୟୀ ପୂର୍ବତ୍ତ ସଚିବ ପଦବୀରୁ ଅବସର ନେବା ପରେ ନଳିନୀ ଦୁଇଟି ସରକାରୀ ସଂସ୍ଥାର ନିର୍ଦ୍ଦେଶକ ପଦବୀରେ ରହିଛନ୍ତି। ଗୋଟିଏ ହେଲା ଓଡ଼ିଶା କନ୍‌ଷ୍ଟ୍ରକ୍ସନ କର୍ପୋରେଶନ(ଓସିସି) ଏବଂ ଅନ୍ୟଟି ହେଲା ଓଡ଼ିଶା ପୋଲିସ ଗୃହ ନିର୍ମାଣ ନିଗମ । ନିର୍ବାଚନ ଲଢ଼ିବା ପାଇଁ ପ୍ରାର୍ଥିପତ୍ର ଦାଖଲ କରିବା ପରେ ମଧ୍ୟ ନଳିନୀ ଉକ୍ତ ଦୁଇଟି ପଦବୀରୁ ଇସ୍ତଫା ଦେଇନାହାନ୍ତି ବୋଲି ନୀତୀଶ ଅଭିଯୋଗ କରିଛନ୍ତି। ଅନ୍ୟପଟେ ନଳିନୀ ନାମାଙ୍କନପତ୍ରରେ ଅନେକ ସ୍ଥାନ ଖାଲି ଛାଡ଼ିଛନ୍ତି, ଯାହାକି ନିର୍ବାଚନ କମିଶନ ନିୟମ ମୁତାବକ ପୂରଣ କରିବା ବାଧ୍ୟତାମୂଳକ। ଏହି ଆଧାରରେ ତାଙ୍କର ପ୍ରାର୍ଥିପତ୍ର ଖାରଜ ହେବା ଦରକାର ବୋଲି ନୀତୀଶଙ୍କ ଓକିଲ ଯୁକ୍ତି ବାଢ଼ିଛନ୍ତି।

ସେହିପରି ଅନନ୍ତଙ୍କ ବିରୋଧରେ ଭାଜପା ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଅଭିଯୋଗ କରିଛନ୍ତି ଯେ ନାମାଙ୍କନପତ୍ର ଦାଖଲ କରିବା ପରେ ମଧ୍ୟ ଅନନ୍ତ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ଅଧ୍ୟକ୍ଷ ପଦବୀରୁ ଇସ୍ତଫା ଦେଇ ନାହାନ୍ତି। ତାଙ୍କ ପ୍ରାର୍ଥିପତ୍ର ଖାରଜ ହେବା ଆବଶ୍ୟକ। ଏହାର ଜବାବରେ ଅନନ୍ତ କହିଛନ୍ତି, ସେ ଅଧ୍ୟକ୍ଷ ପଦବୀରୁ ଏପ୍ରିଲ ୪ ତାରିଖରୁ ଇସ୍ତଫା ଦେଇସାରିଛନ୍ତି।

### କନିଷ୍କ କାଟାରିଆ ...

ଶୁଭେନ୍ଦୁ ପାତ୍ର, ୪୭୮ ର୍‍ୟାଙ୍କରେ ସୋନାଲିନ୍ ଶୁଭଦର୍ଶିନୀ ରହିଛନ୍ତି।

ସୂଚନାଯୋଗ୍ୟ, ଆଇଏଏସ୍, ଆଇଏଫ୍‌ଏସ୍, ଆଇପିଏସ୍, ସେଣ୍ଟ୍ରାଲ ସର୍ଭିସ୍ ଗ୍ରୁପ୍-ଏ ଓ ଗ୍ରୁପ୍-ବି ପାଇଁ ମୋଟ ୭୫୯ଜଣ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୮୨ଜଣ ମହିଳା ଥିବାବେଳେ ୫୭୭ଜଣ ପୁରୁଷ ଅଛନ୍ତି। ସେହିଭଳି ପ୍ରଥମ ୨୫ଜଣଙ୍କ ମଧ୍ୟରେ ୧୦ଜଣ ମହିଳା ଏବଂ ୧୫ଜଣ ପୁରୁଷ ଅଛନ୍ତି। ଗତବର୍ଷ ଜୁନ୍ ମାସରେ ସିଭିଲ୍ ସର୍ଭିସ୍ ପାଇଁ ପ୍ରିଲିମ୍‌ନାରୀ ପରୀକ୍ଷା ହୋଇଥିଲା। ପ୍ରାୟ ୧୦ଲକ୍ଷ ପରୀକ୍ଷାର୍ଥୀ ଏହି ପରୀକ୍ଷା ପାଇଁ ଆବେଦନ କରିଥିବା ବେଳେ ପାଖାପାଖି ୫ଲକ୍ଷ ପରୀକ୍ଷା ଦେଇଥିଲେ। ଗତବର୍ଷ ସପ୍ଟେମ୍ବରରେ ଅନୁଷ୍ଠିତ ମେନ୍ ପରୀକ୍ଷା ପାଇଁ ୧୦,୪୬୮ଜଣ ମନୋନୀତ ହୋଇଥିଲେ। ସେହିପରି ଗତ ଫେବୃୟାରୀରୁ ମାର୍ଚ୍ଚ ଭିତରେ ହୋଇଥିବା ପର୍ସନାଲ ଟେଷ୍ଟ ପାଇଁ ୧୯୯୪ଜଣ ମନୋନୀତ ହୋଇଥିଲେ।

### ହସ୍ତକ୍ଷେପ କରିବାକୁ ...

ମାମଲାର ଗୁରୁତ୍ୱକୁ ନେଇ କୌଣସି ମନ୍ତବ୍ୟ ଦେଇ ନ ଥିବାବେଳେ ଏହା ଉପରେ ହାଇକୋର୍ଟଙ୍କ ମତାମତ ଜାଣିବାକୁ ଚାହିଁବେ ବୋଲି କହିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଙ୍ଘଭି ଉପସ୍ଥିତ ରହି କୋର୍ଟଙ୍କୁ କହିଥିଲେ, ମାମଲାର ଜାତୀୟ ଗୁରୁତ୍ୱ ରହିଥିବାରୁ ଏହା ଉପରେ ସର୍ବୋଚ୍ଚ ଅଦାଲତ ନିଷ୍ପତ୍ତି ନେବା ଉଚିତ। ତେବେ ଆବେଦନ ପ୍ରତ୍ୟାହାର କରିନେଇ ହାଇକୋର୍ଟ ଯିବା ଲାଗି ଖଣ୍ଡପୀଠ ଆବେଦନକାରୀଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ। ସୂଚନାଯୋଗ୍ୟ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଏବଂ ମୋବାଇଲ ସିମ୍ କାର୍ଡ ପାଇବା ଲାଗି ଆଧାରକୁ ପରିଚୟ ପ୍ରମାଣ ଭାବେ ଜଣେ ନିଜ ଇଚ୍ଛାରେ ବ୍ୟବହାର କରିପାରିବ। କେନ୍ଦ୍ର ସରକାର ଆଣିଥିବା ଉକ୍ତ ଅଧ୍ୟାଦେଶକୁ ମାର୍ଚ୍ଚ ୩ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସ୍ୱୀକୃତି ପ୍ରଦାନ କରିଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

EDUCATION | BUSINESS | FINANCE

**ନାମଲେଖା ବିଜ୍ଞାପନ**
ସରକାରଙ୍କ ଶିକ୍ଷା ଅଧିକାର ଅଧିନିୟମ (RTE) ୨୦୦୯ ଅନୁଯାୟୀ ୨୦୧୯-୨୦ ଶିକ୍ଷା ବର୍ଷ ପାଇଁ ଆମ ଅନୁଷ୍ଠାନରେ ଅରୁଣ (NURSERY) ଶ୍ରେଣୀରେ ୨୫% ସ୍ଥାନ S.C, S.T, APL, CWSN ର ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ମାଗଣା ନାମଲେଖା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଥିନିମନ୍ତେ ଇଚ୍ଛୁକ ଅଭିଭାବକମାନେ ୦୮।୦୪।୨୦୧୯ରିଖ ଠାରୁ ୨୫।୦୪।୨୦୧୯ ପର୍ଯ୍ୟନ୍ତ ବିଦ୍ୟାଳୟରେ ଏଥିନିମନ୍ତେ ଆବେଦନ କରିପାରିବେ।
ସ୍ୱା./- ଶ୍ରୀଯୁକ୍ତ ସ୍ୱାଧୀନ ମହାନ୍ତି
ସମ୍ପାଦକ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପ୍ଲଟ୍-୬୦୩, ବ୍ରହ୍ମେଶ୍ୱର କଲୋନୀ, ରସୁଲଗଡ଼, ଭୁବନେଶ୍ୱର
ମୋ ନଂ: ୮୦୯୩୨୯୯୭୮୮/ ୮୦୯୩୨୯୯୮୧୪

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

**FINANCE**
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

**!!ଋଣ ଋଣ ଋଣ!!**
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
Helpline: 7302958798
A-6, GALI NO.6B, SWATANTRA NAGAR, NARELA, DELHI

**FINANCE**
ଜଗନ୍ନାଥ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No - 428/457, Netaji Road, Bangalore
7609025435

**VINAY FINANCE**
VINAY ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୨% ସୁଧ ୫୦% ଛାଡ। ଘରେ ବସି ପାଆନ୍ତୁ
(ବିଦ୍ୟାର୍ଥୀ / ମହିଳା ମାନଙ୍କ ପାଇଁ ବିଶେଷ ରିହାତି)
ଖର୍ଚ ଲୋନ ପାସ ହେଲା ପରେ
LEWIS ROAD, PATNA, BIHAR
RAJ KUMAR
7577028197

**BADRINNATH FINANCE**
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ASTROLOGY

**ନାମଲେଖା ବିଜ୍ଞାପନ**
ସରକାରଙ୍କ ଶିକ୍ଷା ଅଧିକାର ଅଧିନିୟମ (RTE) ୨୦୦୯ ଅନୁଯାୟୀ ୨୦୧୯-୨୦ ଶିକ୍ଷା ବର୍ଷ ପାଇଁ ଆମ ଅନୁଷ୍ଠାନରେ ପ୍ରଥମ ଶ୍ରେଣୀରେ ୨୫% ସ୍ଥାନ S.C, S.T, APL, CWSN ର ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ମାଗଣା ନାମଲେଖା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଥିନିମନ୍ତେ ଇଚ୍ଛୁକ ଅଭିଭାବକମାନେ ୦୮।୦୪।୨୦୧୯ରିଖ ଠାରୁ ୨୫।୦୪।୨୦୧୯ ପର୍ଯ୍ୟନ୍ତ ବିଦ୍ୟାଳୟରେ ଏଥିନିମନ୍ତେ ଆବେଦନ କରିପାରିବେ।
ସ୍ୱା./- ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ନନ୍ଦ
ପ୍ରଧାନ ଆଚାର୍ଯ୍ୟ
କସ୍ତୁରବା ଶିକ୍ଷାଶ୍ରମ ଶିଶୁ ବିଦ୍ୟା ମନ୍ଦିର, ନୟାପଲ୍ଲୀ, ଭୁବନେଶ୍ୱର

**SMS JOB**
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

**FINANCE**
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ୫ କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
07535093304
09675742689

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

ଧାମରା ବନ୍ଦରରେ ଜାତୀୟ ନୌବାଣିଜ୍ୟ ଦିବସ ପାଳିତ

# ପ୍ରଦର୍ଶିତ ହେଲା ମେରାଇନ ଶୋ



ମେରାଇନ ଶୋ ପ୍ରଦର୍ଶନ କରାଯାଉଛି।

**ଭଦ୍ରକ ଅଫିସ, ୫।୪**

ଭଦ୍ରକ ଜିଲା ଧାମରା ବନ୍ଦରରେ ଶୁକ୍ରବାର ଜାତୀୟ ନୌବାଣିଜ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଧାମରା ବନ୍ଦର ମଧ୍ୟରେ ଏକ ମେରାଇନ ଶୋ ଆୟୋଜନ କରାଯାଇଥିଲା। ଯେଉଁଥିରେ ଟଗ୍ସବୋଟ୍ସ ଏବଂ ଡ୍ରେଜର ଦକ୍ଷତା ପ୍ରଦର୍ଶନ କରାଯାଇଥିଲା। ଏଥିରେ ଅଗ୍ନି ନିବାରଣ, ତୈଳ ନିର୍ଗମନ ପ୍ରତିରୋଧ, ଲୋକଙ୍କୁ ବିପଦରୁ ଉଦ୍ଧାର କରିବା, ଗଭୀର, ଶୀଘ୍ର ଏବଂ ଠିକ୍ ଖନନ ଆଦି ଶକ୍ତି ପ୍ରଦର୍ଶିତ ହୋଇଥିଲା। ଶାନ୍ତି ସାଗର ୧୮, ଡଲଫିନ ୯, ବ୍ରାହ୍ମଣୀ, ବାହୁଡ଼ା, ବୈତରଣୀ ଆଦି ଟଗ୍ ଏହି ନୌବାଣିଜ୍ୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ଆଦାନୀ ପୋର୍ଟ ନୌବାଣିଜ୍ୟଭିତ୍ତିକ ପରିବେଶ, ନୌବାଣିଜ୍ୟ ସୁରକ୍ଷା ଏବଂ ନିରାପତ୍ତାକୁ ବର୍ଷ ବର୍ଷ ଧରି ଗୁରୁତ୍ୱ ଦେଇଆସିଛି। ଶୁକ୍ରବାର ଏପିଏସ୍ଇଜେଡ୍ ଭାରତର ସର୍ବବୃହତ ଘରୋଇ ବହୁମୁଖୀ ପରିଚାଳିତ ବନ୍ଦର ଏବଂ ନିକଟରେ ବାର୍ଷିକ ୨୦୦ ଏମ୍ଏମ୍‌ଟିର କାରବାରରେ ପହଞ୍ଚିପାରିଛି। ପ୍ରତିବର୍ଷ ଏପ୍ରିଲ ୫ ତାରିଖକୁ ଜାତୀୟ ନୌବାଣିଜ୍ୟ ଦିବସ ଭାବେ ପାଳନ କରାଯାଉଛି। ୧୯୬୪ ମସିହାରୁ ଏହି ଦିବସକୁ ଆନୁଷ୍ଠାନିକ ଭାବେ ପାଳନ କରାଯାଉଥିବା ବେଳେ ଚଳିତବର୍ଷ ଏହା ହେଉଛି ୫୬ତମ ଜାତୀୟ ନୌବାଣିଜ୍ୟ ଦିବସ। ସମଗ୍ର ବିଶ୍ୱରେ ସୁରକ୍ଷା ଏବଂ ପରିବେଶଭିତ୍ତିକ ବାଣିଜ୍ୟ ପରିବହନ କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ଦିଗରେ ଏହି ଦିବସ ସୁଯୋଗ ଦେଇଛି।

# ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ୭.୭୬ ଲକ୍ଷ ଟଙ୍କା ଜବତ

**ନୂଆପଡ଼ା ଅଫିସ/ଖଡ଼ିଆଳ, ୫।୪(ଡି.ଏନ.ଏ.)**




- ଡ୍ରାଇଭରଙ୍କ ସମେତ ୫ ଅଟକ
- ଜବତ ଗାଡ଼ିରୁ ମିଳିଲା କଂଗ୍ରେସର ବ୍ୟାନର, ପୋଷ୍ଟର

ନୂଆପଡ଼ା ଜିଲା ଖଡ଼ିଆଳ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କରଙ୍ଗାମାଲ ଗାଁରେ ଫ୍ଲାଇଂ ସ୍କ୍ୱାଡ୍ ଗୋଟିଏ ବୋଲେରୋରୁ ୭ ଲକ୍ଷ ୭୬ ହଜାର ଟଙ୍କା ଜବତ କରିଛି। ଏହି ଘଟଣାରେ ଡ୍ରାଇଭରଙ୍କ ସମେତ ୫ଜଣଙ୍କୁ ପୋଲିସ ଅଟକ ରଖିଛି। ସେହି ଗାଡ଼ିରୁ କଂଗ୍ରେସ ପତାକା ସହ ବ୍ୟାନର, ପୋଷ୍ଟର ଜବତ କରାଯାଇଛି।

ଫ୍ଲାଇଂ ସ୍କ୍ୱାଡ୍ (ନଂ.୨) ବୋଡ଼େନର ଅତିରିକ୍ତ ତହସିଲଦାର ନନ୍ଦକିଶୋର ସାହୁଙ୍କ ନେତୃତ୍ୱରେ ଗୁରୁବାର କରଙ୍ଗାମାଲରେ ବିଭିନ୍ନ ଗାଡ଼ି ଯାଞ୍ଚ କରୁଥିଲେ। ଏହି ସମୟରେ ଏକ ବୋଲେରୋ(ନଂ.ଓଡି ୨୬-୯୫୧୫)କୁ ଯାଞ୍ଚ କରାଯାଉଥିବା ବେଳେ ସେଥିରୁ ବ୍ୟାପକ ପରିମାଣର କଂଗ୍ରେସର ଝଣ୍ଡା, ପୋଷ୍ଟର ସହ ଏକ ବ୍ୟାଗରେ ଥିବା ୭ ଲକ୍ଷ ୭୬ ହଜାର ଟଙ୍କା ଜବତ କରାଯାଇଥିଲା। ଡ୍ରାଇଭର ତରାପୁରର ସରୋଜ ବରାତ (୨୬), ସୁରେନ୍ଦ୍ର ନିଆଲ (୪୨), ଝମ୍ପେଶ୍ୱର ସଲମା (୩୦), ଜନ୍ମେଜୟ ସିଂ ଦେଓ (୪୮), ଆଶିଷ ରଞ୍ଜନ ପଣ୍ଡା (୩୧) ଙ୍କୁ ବୋଡେନ ଥାନା ପୋଲିସରେ ଜିମା ଦିଆଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି । ଏ ନେଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ସରୋଜ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି। ପୋଲିସ ପ୍ରଶାସନ ତରଫରୁ ବିଭିନ୍ନ ରାସ୍ତାକୁ ସିଲ କରି ଯାଞ୍ଚ ଚାଲିଛି। କୌଣସି ବେଆଇନ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦିଆଯିବ ନାହିଁ ବୋଲି ସେ କହିଛନ୍ତି।

# ‘#ମିଟୂ’ କାହାଣୀ ଶେୟାର କଲେ ଅଭିନେତ୍ରୀ ଶ୍ରୁତି ମରାଠେ



**ମୁମ୍ବାଇ:** ‘ଆସା ମି ତାସା ମି ’, ‘ପ୍ରେମସୂତ୍ର’ ଭଳି ମରାଠୀ ଫିଲ୍ମ ପାଇଁ ସୁପରିଚିତ ଅଭିନେତ୍ରୀ ଶ୍ରୁତି ମରାଠେ ଜଣେ ସିନେମା ପ୍ରଯୋଜକଙ୍କର ତାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ବିଷୟରେ ମୁହଁ ଖୋଲିଛନ୍ତି। ଏକ ଫିଲ୍ମରେ ସେ ଅଡିଶନ୍ ଦେବାକୁ ଯାଇଥିବା ବେଳେ ତାଙ୍କ ପ୍ରତି ଏଭଳି ମନ୍ତବ୍ୟ ଦିଆଯାଇଥିବା ସେ କହିଛନ୍ତି। ଫିଲ୍ମ ଇଣ୍ଡଷ୍ଟ୍ରିରେ ହେଉଥିବା କାଷ୍ଟିଂ କାଉଚ୍ ବିଷୟ ସେ ହ୍ୟୁମ୍ୟାନ୍ସ ଅଫ୍ ବମ୍ବେ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ପୋଷ୍ଟ କରିଛନ୍ତି। କାମ ଦେବା ବାହାନାରେ ପ୍ରଯୋଜକ ଡାକିବା ପରେ ସେ ତାଙ୍କୁ ଭେଟିଥିଲେ। ତାଙ୍କୁ ଫିଲ୍ମରେ ପ୍ରମୁଖ ଭୂମିକା ଦିଆଯିବ ବୋଲି କହିବା ପରେ ପ୍ରଯୋଜକ ‘କମ୍ପ୍ରମାଇଜ୍’ ଏବଂ ‘ୱାନ୍ ନାଇଟ୍’ ଭଳି ଶବ୍ଦ ପ୍ରୟୋଗ କରିଥିଲେ। ଏ ବିଷୟରେ ଅନ୍ୟମାନଙ୍କୁ ଜଣାଇବା ପରେ ସେମାନେ ପ୍ରୋଜେକ୍ଟ ଛାଡ଼ି ଚାଲିଯିବାକୁ କହିଥିଲେ।

ଏକ ତାଲିମ ଫିଲ୍ମରେ ସେ ବିକିନି ପରିଧାନ କରିଥିବାର ଦୃଶ୍ୟ କିପରି ସୋସିଆଲ ମିଡିଆରେ ବିବଦମାନ ପରିସ୍ଥିତି ସୃଷ୍ଟି କରିଥିଲା ତାହା ସେ ମନେପକାଇଥିଲେ। ସିନେମାକୁ ପ୍ରଥମ କରି ଆସିଥିବାବେଳେ ଏକ ଦକ୍ଷିଣ ଭାରତୀୟ ଫିଲ୍ମରେ ମୋତେ ବିକିନି ପିନ୍ଧିବାକୁ କୁହାଯାଇଥିଲା। ଦୁଇଥର ଚିନ୍ତା ନ କରି ମୁଁ ରାଜି ହୋଇଯାଇଥିଲି। ଏହାପରେ ଦର୍ଶକଙ୍କ ପକ୍ଷରୁ ପ୍ରଶ୍ନ କରାଯାଇଥିଲା, କିପରି ଶୁଟିଂ ପାଇଁ ରାଜି ହୋଇଗଲେ ? ଏହା କ’ଣ ଆବଶ୍ୟକତା ଥିଲା ? ? ଏହିସବୁ ପ୍ରଶ୍ନକୁ ସାମ୍ନା କରିବା ଅପେକ୍ଷା ସେତେବେଳେ ଫିଲ୍ମରେ ସୁଯୋଗ ପାଇବା ତାଙ୍କ ପାଇଁ ବଡକଥା ଥିଲା।

ଏହାର କିଛିବର୍ଷ ପରେ ମରାଠୀ ଫିଲ୍ମରେ ସେ ଲୋକପ୍ରିୟତା ହାସଲ କରିବା ପରେ ବିକିନି ପିନ୍ଧିବା ଦୃଶ୍ୟ ଦର୍ଶକଙ୍କ ମନରୁ ଦୂରେଇ ଯାଇଥିଲା ବୋଲି ପ୍ରକାଶ କରିଛନ୍ତି। ୨୦୧୮ରେ ଅଭିନେତ୍ରୀ ତନୁଶ୍ରୀ ଦତ୍ତା ନାନା ପାଟେକରଙ୍କ ବିରୋଧରେ ଏକ ପୁରୁଣା ଘଟଣାକୁ ନେଇ ଅଭିଯୋଗ କରିବା ପରେ ଭାରତରେ #ମିଟୂ ଆନ୍ଦୋଳନର ସୂତ୍ରପାତ ହୋଇଥିଲା। ଏହାପରେ ବିଭିନ୍ନ କ୍ଷେତ୍ରରେ ଯୌନ ଉତ୍ପୀଡନର ଶିକାର ହୋଇଥିବା ମହିଳାମାନେ କ୍ରମାଗତ ଭାବେ ମୁହଁ ଖୋଲିଥିଲେ।




# ପିନାକୀଙ୍କ ପ୍ରାର୍ଥୀପତ୍ର ଖାରଜ ଆବେଦନ ଯାଞ୍ଚ ପରେ କାଏମ ରଖିଲେ ଜିଲାପାଳ

**ପୁରୀ ଅଫିସ, ୫।୪**

ପୁରୀ ଲୋକ ସଭା ବିଜେଡି ପ୍ରାର୍ଥୀ ପିନାକୀ ମିଶ୍ରଙ୍କ ପ୍ରାର୍ଥୀପତ୍ର ଖାରଜ ପାଇଁ ଭାଜପା ପ୍ରାର୍ଥୀ ସମ୍ବିତ୍ ପାତ୍ର ରିଟର୍ଣ୍ଣିଂ ଅଫିସର ତଥା ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ନିକଟରେ ଦରଖାସ୍ତ କରିଥିଲେ। ସେ ଦର୍ଶାଇଥିଲେ ଯେ, ପିନାକୀ ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦାଖଲ କରିଥିଛନ୍ତି। ଏଥିସହ କେତେକ ତଥ୍ୟ ମଧ୍ୟ ଲୁଚାଇଥିବା ନେଇ ପାତ୍ର ଅଭିଯୋଗ କରିଥିଲେ। ଶୁକ୍ରବାର ନାମାଙ୍କନପତ୍ର ଯାଞ୍ଚ କରିସାରିବା ପରେ ଜିଲାପାଳ ପିନାକୀଙ୍କ ପ୍ରାର୍ଥୀପତ୍ର କାଏମ୍ ରଖିଛନ୍ତି।

ଏ ସମ୍ପର୍କରେ ଜିଲାପାଳ କହିଥିଲେ, ଭାଜପା ପ୍ରାର୍ଥୀ ପାତ୍ର ବିଜେଡି ପ୍ରାର୍ଥୀ ପିନାକୀ ମିଶ୍ରଙ୍କ ପ୍ରାର୍ଥୀପତ୍ରକୁ ନେଇ ଦରଖାସ୍ତ କରିଥିଲେ। ପିନାକୀଙ୍କ ସତ୍ୟପାଠରେ ତ୍ରୁଟି, ତଥ୍ୟ ଲୁଚାଇବା ଭଳି କେତେକ ଅଭିଯୋଗ ଆଣିଥିଲେ। କିନ୍ତୁ ଯାଞ୍ଚ କରାଯାଇ ପିନାକୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ଅଭିଯୋଗକାରୀ ଚାହିଁଲେ ଉପର କୋର୍ଟର ଆଶ୍ରୟ ନେଇପାରିବେ।





ମନୁଷ୍ୟ ଯେତେବେଳେ ସଦ୍‌ଗୁଣଗୁଡ଼ିକ ହରାଇ ଦେଉଥାଏ, ସେତିକିବେଳେ ତା'ର ଧନ ପ୍ରତି ଲୋଭ ବଢ଼ି ଯାଉଥାଏ।
-ଜନ୍‌ଶନ



## ସଂକ୍ଷେପରେ

### ପ୍ରାକ୍ ନିର୍ବାଚନୀ ହିଂସା, ୫ କୋର୍ଟ ଚାଲାଣ

**କଳିଙ୍ଗନଗର, ୫।୪(ଡି.ଏନ୍.ଏ.):** କଳିଙ୍ଗନଗର ଥାନା ଅର୍ନ୍ତଗତ ଜେମାଦେଇପୁର ଶାସନ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ପ୍ରାକ ନିର୍ବାଚନୀ ହିଂସା ଘଟିଛି। ବାଙ୍ଗରକଟା ଗ୍ରାମର ଦେବବ୍ରତ ରାଉତ(୩୬)ଗୋବର୍ଦ୍ଧନପୁର ଜେମାଦେଇପୁର ଶାସନ ଗ୍ରାମରେ ଘର ଭଡ଼ା ନେଇ ରହି ଠିକାଦାରି କାର୍ଯ୍ୟ କରନ୍ତି। ବୁଧବାର ବିଳମ୍ବିତ ରାତିରେ ଦେବବ୍ରତ ଘରେ ଥିବା ସମୟରେ ଏକ ରାଜନୈତିକ ଦଳର ସମର୍ଥକ ନିର୍ବାଚନ ପାଇଁ ଚାନ୍ଦା ମାଗି ନିରାଶ ହେବାରୁ ତାଙ୍କୁ ମାଡ଼ ମାରିଥିଲେ। ଏଥିସହ ସ୍ତ୍ରୀଙ୍କୁ ଗାଳିଗୁଲଜ କରିବା ସହ ତାଙ୍କର ମାରୁତି ବ୍ରିଜା ଗାଡ଼ିକୁ ଭଙ୍ଗା ରୁଜା କରିଥିବା ସେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୩୨/୧୯) ରୁଜୁ କରି ତଦନ୍ତ ଚଳାଇଥିଲା। ଗୁରୁବାର ଏହି ଘଟଣାରେ ସମ୍ପୃକ୍ତ ପ୍ରସାନ୍ତ ଚାନ୍ଦ(୩୫), ଅଭିରାମ ବେହେରା (୩୧), ପ୍ରଶାନ୍ତ କୁମାର ସାହୁ(୩୮), ଅତୁଲ ସାହୁ(୪୮) , ସନାତନ ସାହୁ(୪୬)ଙ୍କୁ ଗିରଫ କରିଥିଲା। ଶୁକ୍ରବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସମସ୍ତ ଅଭିଯୁକ୍ତ ଗୋବର୍ଦ୍ଧନ ପୁର ପଞ୍ଚାୟତର ବାସିନ୍ଦା ବୋଲି ପୋଲିସ ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ଜଣେ ମୃତ

**ଧର୍ମଶାଳା,୫।୪(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥ ମାଣ୍ଡିଆ ଛକଠାରେ ଗୁରୁବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ମୃତକ କଳା ପ୍ୟାଣ୍ଟ୍ ଓ ନାଲି ଚାଦର ପକାଇଥିଲେ। ଏ ନେଇ ପୋଲିସ ଏକ ମାମଲା (୧୫୪/୧୯) ରୁଜୁ କରିଛି।

### ବିଜେଡିରେ ଭାଜପା, କଂଗ୍ରେସ କର୍ମୀ

**ସୁକିନ୍ଦା,୫।୪(ଡି.ଏନ୍.ଏ.):** ସୁକିନ୍ଦା ବ୍ଲକ ଅନ୍ତର୍ଗତ କୁହିକା ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୀପକ କୁମାର ନାୟକଙ୍କ ଉଦ୍ୟମରେ ବାମ୍ଫିଲୋ ଗ୍ରାମର ସୁଦର୍ଶନ ନାୟକ, ଦଣ୍ଡତ ନାୟକ, ଦୀପକ ନାୟକ, ବାଇଧର ଜେନା, ଟିକା ଜେନାଙ୍କ ସହ ୩୦ରୁ ଊର୍ଦ୍ଧ୍ୱ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିର ବିଧାୟକ ପ୍ରାର୍ଥୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ନେତୃତ୍ୱରେ ଦଳରେ ସାମିଲ ହୋଇଛନ୍ତି। ସୁକିନ୍ଦା ବ୍ଲକ ଆମ୍ପେଳବା ପଞ୍ଚାୟତ ଜାମୁପୋଷି ଗ୍ରାମର ସୋମନାଥ ପୁହାଣଙ୍କ ସହ ବହୁ କର୍ମୀ ବିଜେଡିରେ ମିଶିଛନ୍ତି। ସେହିପରି ବନ୍ଧଙ୍ଗା ପଞ୍ଚାୟତର କେତେଜଣ ଭାଜପା କର୍ମୀ ସୁକିନ୍ଦା ବ୍ଲକ ପୂର୍ବତନ ଉପାଧକ୍ଷ ବିବେକା ନନ୍ଦ ବୋଷଙ୍କ ଉଦ୍ୟମରେ ବିଜେଡିରେ ଯୋଗ ଦେଇଛନ୍ତି। ତୁବୁରିରୁ ୩୦ରୁ ଊର୍ଦ୍ଧ୍ୱ ନୂଆ ଭୋଟର ବିଧାୟକଙ୍କ ଆଦର୍ଶରେ ଦଳରେ ଯୋଗ ଦେଇଥିବା କହିଛନ୍ତି। ପୂର୍ବରୁ ବିଜେଡିରୁ ବିଶ୍ୱଜିତ ରାଜଙ୍କ ସମେତ ସାମାଜିକ କର୍ମୀ ମଞ୍ଜୁର ଅଲ୍ଲି ଭାଜପାରେ ଯୋଗଦେବା ପରେ ଭାଜପା ଶିବିରରେ ଉତ୍ସାହ ଦେଖିବାକୁ ମିଳିଥିଲା। ଦୁଇଦିନ ମଧ୍ୟରେ ବିଜେଡିରେ ବହୁ କର୍ମୀ ଯୋଗଦେବା ନେଇ ରାଜନୀତି ପାଣିପାଗରେ ପରିବର୍ତ୍ତନ ହେବାକୁ ଯାଉଥିବା ପରିଲକ୍ଷିତ ହେଉଛି।

# ବ୍ୟକ୍ତିତ୍ୱ ହୋଇପାରେ ମାପକାଠି

**ଯାଜପୁର ଅଫିସ,୫।୪**

ଯାଜପୁର ଜିଲାର କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ବିଦ୍ରୋହୀ ରହିଛନ୍ତି। ଏଠାରେ ବିକାଶ ନାଁରେ ଦୁର୍ନୀତି ବଢି ଚାଲିଥିବାରୁ ଭାଜପା ଓ କଂଗ୍ରେସ ଏହାକୁ ମୁଖ୍ୟ ପ୍ରସଙ୍ଗ କରିଛନ୍ତି। ତେଣୁ ଏଥର ପ୍ରାର୍ଥୀଙ୍କ ଚରିତ୍ର ଓ ଅତୀତ କାର୍ଯ୍ୟକଳାପ ନିର୍ବାଚନର ମାପକାଠି ହେବ ବୋଲି ଚର୍ଚ୍ଚା ହେଉଛି। ସମ୍ପ୍ରତି ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲରେ ନିଜ ବଳ ପ୍ରଦର୍ଶନ କରୁଛନ୍ତି। ୩ ପ୍ରମୁଖ ଦଳରେ ଟିକେଟ ବଣ୍ଟନକୁ ନେଇ ରହିଥିବା ରାଗରୋଷ କେତେଦୂର ପ୍ରଶମିତ ହୋଇଛି ତାହା ନାମାଙ୍କନ ପତ୍ର ଶୋଭାଯାତ୍ରାରେ ସ୍ପଷ୍ଟ ହୋଇଯାଉଛି। ଏହିକ୍ରମରେ କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପାର ବିଶ୍ୱଜିତ ନାୟକ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ ପାଇଁ ଯାଉଥିବାବେଳେ ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି ଓ ବରିଷ୍ଠ ଭାଜପା ନେତା ଚନ୍ଦ୍ରଶେଖର ସାହୁ ଶୋଭାଯାତ୍ରାରେ ଆଗରେ ବସି ତାଙ୍କୁ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା। ଯାହାକି ଭାଜପାକୁ ଶକ୍ତିଶାଳୀ କରିଛି। କିନ୍ତୁ ବିଜେଡି ପ୍ରାର୍ଥୀ ଅଶୋକ ବଳଙ୍କୁ ବିଧାୟକ ଆକାଶ ଦାସନାୟକ ସମର୍ଥନ କରିବେ କି ନାହିଁ ସେ ନେଇ ଦ୍ୱନ୍ଦ୍ୱ ରହିଥିବାରୁ କୋରେଇ ରାଜନୀତି ଜଟିଳ ହେବାରେ ଲାଗିଛି।

ବିଶ୍ୱଜିତଙ୍କ ଏହା ଦ୍ୱିତୀୟ ବିଧାନସଭା ଲଢେଇ ହୋଇଥିବାବେଳେ ବିଜେଡିର ଅଶୋକ ଓ କଂଗ୍ରେସର ବନ୍ଦିତା ପରିଡା ପ୍ରଥମ କରି ବିଧାନସଭା ନିର୍ବାଚନରେ ପାଦ ଦେଇଛନ୍ତି। ତେଣୁ ରାଜନୀତିରେ ଧୂରୀଣ ବିଶ୍ୱଜିତଙ୍କ ମୁକାବିଲାରେ ଅଶୋକ ଓ ବନ୍ଦିତାଙ୍କ ପ୍ରାର୍ଥୀତ୍ୱ କୋରେଇ ଆସନର ଗୁରୁତ୍ୱ ବଢାଇଛି।

ନିର୍ବାଚନ ପାଇଁ ପ୍ରଚାର ମାହୋଲ ଦିନକୁ ଦିନ ଜମିବାରେ ଲାଗିଛି। ସବୁଠି ଚାଲିଛି କର୍ମୀ ସମ୍ମିଳନୀ, ରୋଡ ଶୋ, ସମାବେଶ ଓ ବାଇକ୍ ରାଲି। ଭୋଟରଙ୍କୁ ହାତେଇବା ପାଇଁ ପ୍ରାର୍ଥୀମାନେ ତତ୍ପର ହୋଇଉଠିଛନ୍ତି। ତେବେ ଜିଲାରେ ଚତୁର୍ଥ ପର୍ଯ୍ୟାୟ ମତଦାନ ଥିବାରୁ ଏ ପର୍ଯ୍ୟନ୍ତ ୩ ପ୍ରମୁଖ ରାଜନୈତିକ ଦଳର ଷ୍ଟାର କ୍ୟାମ୍ପେନର କିମ୍ବା କୌଣସି ହେଭିୱେଟ ନେତାଙ୍କ ପ୍ରଚାର ଦେଖିବାକୁ ମିଳିନାହିଁ। ବିରୋଧି ଦୁର୍ନୀତିକୁ ମୁଖ୍ୟ ପ୍ରସଙ୍ଗ କରିଥିବାବେଳେ ବିଜେଡି ବିକାଶମୂଳକ କାର୍ଯ୍ୟକୁ ପାଥେୟ କରି ଭୋଟରଙ୍କୁ ଆପଣାଇବା ପାଇଁ ଉଦ୍ୟମ କରୁଛି। ତେବେ ଏଥିରୁ କିଏ ଫାଇଦା ଉଠାଉଛି ତାହା ନିର୍ବାଚନ ଫଳାଫଳରୁ ଜଣାପଡିବ। ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେଇ ଦେଶ ଗଠନରେ ଅଂଶୀଦାର ହେବାକୁ ପ୍ରଶାସନିକ ପ୍ରଚାର ଦ୍ୱାରା ଭୋଟରଙ୍କୁ ଅଧିକ ସଚେତନ କରାଯାଇଛି। ତେଣୁ ଯେକୌଣସି ଦଳଠାରୁ ଊର୍ଦ୍ଧ୍ୱରେ ରହି ବ୍ୟକ୍ତିତ୍ୱ ବାଛିବାକୁ ଭୋଟର ଅଧିକ ପସନ୍ଦ କରୁଛନ୍ତି। ବିଜେଡିରୁ ଅଶୋକଙ୍କୁ ଏଥର ଟିକେଟ ମିଳିଛି। ୨୦୦୯ରୁ ଟିକେଟ ପାଇଁ ଲବି କରି ଆସିଥିବା ଅଶୋକ ୧୦ବର୍ଷ ପରେ ୨୦୧୯ରେ ସଫଳ ହୋଇଛନ୍ତି। ଇତିମଧ୍ୟରେ ସେ ଭାଜପାରେ ଯୋଗଦେଇ ବର୍ଷକ ମଧ୍ୟରେ ପୁଣି ବିଜେଡିକୁ ପ୍ରତ୍ୟାବର୍ତ୍ତନ କରି ଏହି ସଫଳତା ପାଇଛନ୍ତି। ତେଣୁ ଟିକେଟ ନ ପାଇ ସବୁବେଳେ ନିରାଶ ହୋଇଥିବା ଅଶୋକ ବିଜେଡିକୁ ନିୟମିତ ଭାବେ ସହଯୋଗ କରି ନାହାନ୍ତି। ତେବେ ଜିଲାର ଜଣେ ପ୍ରଭାବଶାଳୀ ନେତାଙ୍କ ଦୟାରୁ ଚଳିତ ଥର ଟିକେଟ ନେବାରେ ସେ ସମର୍ଥ ହୋଇଥିଲେ ହେଁ ବହୁ ପୁରୁଖା ବିଜେଡି କର୍ମୀ ତାଙ୍କୁ ସହଯୋଗ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇ ସାରିଛନ୍ତି। ଏପରିକି ରାଜ୍ୟ ଯୁବ ବିଜେଡିର ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ସାହୁ(ଲିପା) ସ୍ୱାଧୀନ ଭାବେ ଠିଆ ହେବାକୁ ପ୍ରାର୍ଥୀପତ୍ର କିଣି ସାରିଛନ୍ତି। କର୍ମୀଙ୍କ ସହିତ ଆବଶ୍ୟକ ଆଲୋଚନା କରି ସୋମବାର ପ୍ରାର୍ଥୀପତ୍ର ଦାଖଲ କରିବେ ବୋଲି ସ୍ପଷ୍ଟ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ବିଜେଡି ପ୍ରାର୍ଥୀ ଅଶୋକଙ୍କ ନାମରେ ପୂର୍ବରୁ ବହୁ ଚର୍ଚ୍ଚିତ ଖଣି ଦୁର୍ନୀତି ଓ ବ୍ଲାକରୋଜ ବୁଡି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗ ରହିଛି। ସେହି ସମୟରେ ସେ ଭିଜିଲାନ୍ସ ଜେରାର ସମ୍ମୁଖୀନ ହୋଇଥିଲେ। ନିର୍ମଳ ଭାବମୂର୍ତ୍ତି ସହ ସ୍ୱଚ୍ଛ ଶାସନରେ ବିଶ୍ୱାସ ରଖୁଥିବା ମୁଖ୍ୟମନ୍ତ୍ରୀଙ୍କ ଦଳରେ ଏଭଳି ନେତାଙ୍କୁ ଭୋଟର ଗ୍ରହଣ କରିବେ କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ କୋରେଇ ବିଜେଡି କର୍ମୀଙ୍କ ମହଲରେ ଅସନ୍ତୋଷ ବଢିବାରେ ଲାଗିଛି।

ଗତ ପଞ୍ଚାୟତ ନିର୍ବାଚନରେ ଯେଉଁମାନେ ବିଜେଡି ସମିତି ଗଠନରେ ବାଧକ ସାଜିଥିଲେ ସେମାନେ ଅଶୋକଙ୍କ ସହିତ ରହିଛନ୍ତି। ତେଣୁ ପ୍ରକୃତ ବିଜେଡି ପ୍ରେମୀ ଦଳ ଛାଡି ବିରୋଧି ପ୍ରାର୍ଥୀଙ୍କୁ ଭିତିରିଆ ସମର୍ଥନ କରିବେ ବୋଲି ଶୁଣାଯାଉଛି । ଅନ୍ୟପକ୍ଷେ ଅଧିକାଂଶ ବିଜେଡି କର୍ମୀ ସହଯୋଗ କରୁଛନ୍ତି ବୋଲି ଅଶୋକଙ୍କ ସମର୍ଥକ ଦାବି କରୁଛନ୍ତି। ନବୀନ ବାବୁଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ବିକାଶମୂଳକ କାର୍ଯ୍ୟକୁ ପାଥେୟ କରି ନିର୍ବାଚନ ବୈତରଣୀ ପାର ହେବା ନିଶ୍ଚିତ ବୋଲି ଅଶୋକଙ୍କ ସମର୍ଥକମାନେ ଦୃଢୋକ୍ତି ପ୍ରକାଶ କରୁଛନ୍ତି । ଅନ୍ୟପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାୱାରେ ଭାଜପା ଏଥର ନିଶ୍ଚିତ ବିଜୟୀ ହେବ ବୋଲି ବିଶ୍ୱଜିତ ଆଶା ରଖିଛନ୍ତି। ଦଳର ସମସ୍ତ କର୍ମୀ ଏକଜୁଟ ହୋଇ ଭୋଟରଙ୍କ ପାଖକୁ ଯାଇ କୋରେଇର ସର୍ବାଙ୍ଗୀନ ବିକାଶ ପାଇଁ ଭୋଟ ଭିକ୍ଷା କରିବାକୁ ରଣନୀତି ପ୍ରସ୍ତୁତ କରୁଛନ୍ତି । କଂଗ୍ରେସର ପୂର୍ବ ଗୌରବ ଫେରାଇ ଆଣିବାକୁ ପୂର୍ବତନ ପୌରାଧ୍ୟକ୍ଷା ତଥା କଂଗ୍ରେସ ପ୍ରାର୍ଥୀନୀ ବନ୍ଦିତା ଆପ୍ରାଣ ଚେଷ୍ଟା ଚଳାଇଛନ୍ତି । ସହରର ୯୦ ପ୍ରତିଶତ ଭୋଟ ତାଙ୍କ ସପକ୍ଷରେ ଯିବ ବୋଲି ସେ ଆଶା ବାନ୍ଧିଛନ୍ତି । ତେବେ ଆଗାମୀ ଦିନରେ ସଚେତନ ନିର୍ବାଚନମଣ୍ଡଳୀବାସୀ କାହାକୁ ନିଜର ପ୍ରତିନିଧି ଭାବେ ଚୟନ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

**କୋରେଇ ନିର୍ବାଚନମଣ୍ଡଳୀ**

- ବିକାଶକୁ ଅସ୍ତ୍ର କରୁଛି ବିଜେଡି, ଦୁର୍ନୀତିକୁ ପ୍ରସଙ୍ଗ କରୁଛନ୍ତି ବିରୋଧୀ
- ପ୍ରାର୍ଥୀପତ୍ର ଦାଖଲ ପାଇଁ ପ୍ରସ୍ତୁତ ବିଜେଡି ବିଦ୍ରୋହୀ ପ୍ରାର୍ଥୀ



ପ୍ରୀତିରଞ୍ଜନ ସାହୁ, ଅଶୋକ ବଳ, ବନ୍ଦିତା ପରିଡ଼ା, ବିଶ୍ୱଜିତ୍ ନାୟକ

### ପୋଲିଂ ଅଫିସରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଆଜି

**ଯାଜପୁର ଅଫିସ,୫।୪**

ଶନିବାର ଅପରାହ୍ନ ୧୨ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସୁସ୍ଥ ପୋଲିଂ ଅଫିସରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ପୂର୍ବରୁ ୩୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନେ ଗୁରୁତର ଥିବା ଓ ନିର୍ବାଚନ କାର୍ଯ୍ୟ ପରିଚଳନାରେ ଅକ୍ଷମ ବୋଲି ପ୍ରମାଣପତ୍ର ମିଳିବା ପରେ ସେମାନଙ୍କୁ ନିର୍ବାଚନ କାର୍ଯ୍ୟରୁ ଅବ୍ୟାହତି ଦିଆଯାଇଥିଲା। ତେବେ ଅନ୍ୟ ୮୬ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନେ ନିର୍ବାଚନ କାର୍ଯ୍ୟ କରିପାରିବେ ବୋଲି ମେଡିକାଲ ବୋର୍ଡ ରିପୋର୍ଟ ଦେବାପରେ ସେମାନେ ନିର୍ବାଚନ କାର୍ଯ୍ୟ ପରିଚାଳନା କରିବେ ବୋଲି ସ୍ପଷ୍ଟ ହୋଇସାରିଛି। କିନ୍ତୁ ମିଥ୍ୟା ବା ଜାଲ ସ୍ୱାସ୍ଥ୍ୟ ଖରାପ ପ୍ରମାଣ ପତ୍ର ଦେଇଥିବା ପୁଲିଂ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି । ଅପରପକ୍ଷରେ ପ୍ରିଜାଇଡିଂ ଓ ଫାଷ୍ଟ ପୁଲିଂ ଭିନ୍ନ ଅନ୍ୟ ଯେଉଁ ପୋଲିଂ ଅଫିସରମାନେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ନିର୍ବାଚନ କାର୍ଯ୍ୟରୁ ଅବ୍ୟାହତି ପାଇଁ ଆବେଦନ କରିଥିଲେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ୬ ତାରିଖ ଅନୁଷ୍ଠିତ ହେବ। ମିଥ୍ୟା ପ୍ରମାଣ ପତ୍ର ପ୍ରଦାନ କ୍ଷେତ୍ରରେ ନିର୍ବାଚନ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ସ୍ପଷ୍ଟ କରାଇ ଦେଇଛନ୍ତି ।

## ଭାଜପା ପ୍ରଚାରରେ ଯୁବଛାତ୍ର ସାମିଲ



ଭାଜପା ପ୍ରଚାରରେ ସାମିଲ ହୋଇଥିବା ଯୁବଛାତ୍ର।

**ଯାଜପୁର ଅଫିସ,୫।୪**

ଯାଜପୁର ନିର୍ବାଚନ ମଣ୍ଡଳୀ ଭାଜପା ପ୍ରାର୍ଥୀ ଗୌତମ ରାୟ ଓ ଲୋକସଭା ପ୍ରାର୍ଥୀ ଅମିୟକାନ୍ତ ମଲ୍ଲିକଙ୍କ ପ୍ରଚାରରେ ବହୁ ଯୁବଛାତ୍ର ସାମିଲ ହୋଇଥିବା ଦେଖାଦେଇଛି। ଯାଜପୁର ବ୍ଲକର ଜାଫରପୁର ପଞ୍ଚାୟତରେ ଗୌତମ ଘରକୁ ଘର ବୁଲି ନରେନ୍ଦ୍ର ମୋଦିଙ୍କ ଜନ କଲ୍ୟାଣ ଯୋଜନା ଉପରେ ଆଲୋଚନା କରିବା ସହ ଚଳିତ ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କୁ ଭୋଟ୍ ଦେବାପାଇଁ ଅନୁରୋଧ କରିଥିଲେ। ଏଥିରେ ଭାଜପା ଲୋକସଭା ପ୍ରାର୍ଥୀ ଅମୀୟ ମଲ୍ଲିକଙ୍କ ସମେତ ଅମୁଲ୍ୟ କୁମାର ପଣ୍ଡା, ଅଭିମନ୍ୟୁ ମାଝୀ, ନିଳମଣୀ ତ୍ରିପାଠୀ, ଶରତ ସିଂ, ପ୍ରକାଶ ସିଂ ପ୍ରମୁଖ ଭାଜପା ପ୍ରଚାରରେଯୋଗଦେଇଥିଲେ।ଏହାସହ ଭାଜପା ନେତା ସୁଦିପ୍ତ ପଣ୍ଡା, ମନ୍ମଥ ବରାଳ, ଜିତାମିତ୍ର ଦାସ, ସୁଧାଂଶୁ ବେହେରା, ସନ୍ତୋଷ ନନ୍ଦ, ପ୍ରଶାନ୍ତ ସାହୁ, ସତ୍ୟଜିତ ସ୍ୱାଇଁ , କୌଶଲ୍ୟା ପରିଡ଼ା, ସ୍ୱପ୍ନାରାଣୀ ସାହୁ, ପ୍ରଭାକର ପହି ସମେତ ପ୍ରମୁଖ ଉପସ୍ଥିତ ଥିଲେ।

## ଖବରଦାତାଙ୍କୁ କନିଷ୍ଠ ଯନ୍ତ୍ରୀଙ୍କ ଦୁର୍ବ୍ୟବହାର ଅଭିଯୋଗ

**ତୁବୁରୀ/ସୁକିନ୍ଦା,୫।୪(ଡି.ଏନ୍.ଏ.)**

ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତର ବାଲିଆପାଳ ଅଞ୍ଚଳରେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ନିର୍ମିତ ପ୍ରକଳ୍ପ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଛି। ସମ୍ପୃକ୍ତ ଅଞ୍ଚଳରେ ୩୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବାଲିଆପାଳ ଡ୍ୟାମ, ୨ଶହ ମିଟର କେନାଲ କାର୍ଯ୍ୟ ଓ ୭୨ ଲକ୍ଷ ଟଙ୍କା ବ୍ୟୟରେ ଗତ ବର୍ଷ ନିର୍ମିତ ବୋଇତାଲୁ ଖୋଞ୍ଚ ପ୍ରକଳ୍ପ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ବୁଧବାର ଘଟଣା ସମ୍ପର୍କରେ ଦାୟିତ୍ୱରେ ଥିବା ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ମତାମତ ପାଇଁ ଖବରଦାତା କୃପାସିନ୍ଧୁ କେସରୀ ଯୋଗାଯୋଗ କରିଥିଲେ। ହେଲେ ଉକ୍ତ କନିଷ୍ଠ ଯନ୍ତ୍ରୀ ତାଙ୍କୁ ଦୁର୍ବ୍ୟବହାର କରିଥିବା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ସେ ଅଭିଯୋଗ କରିଥିବା ଜଣାପଡିଛି। କନିଷ୍ଠ ଯନ୍ତ୍ରୀଙ୍କ ଏପରି ବ୍ୟବହାରକୁ ନେଇ ଅଞ୍ଚଳର ବୁଦ୍ଧିଜୀବୀ ଓ ସୁକିନ୍ଦା ପ୍ରେସ୍ କ୍ଲବ ପକ୍ଷରୁ ଘଟଣାକୁ ଦୃଢ ନିନ୍ଦା କରାଯାଇଛି। ଏଥିସହ ଏ ଦିଗରେ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସ୍ୱପ୍ନା ସ୍ୱାଇଁଙ୍କୁ ପଚାରିବାରୁ ସମ୍ପୃକ୍ତ ଖବରଦାତାଙ୍କୁ ଦୁର୍ବ୍ୟବହାର କରି ନ ଥିବା କହିଛନ୍ତି।

- ପୋଲିଂ, ପ୍ରିଜାଇଡିଂ ଅଫିସରଙ୍କୁ ତାଲିମ

## ନିର୍ବାଚନ କାର୍ଯ୍ୟରୁ ଓହରିବା ଆଶାରେ ଦୁର୍ବଳ ପ୍ରଦର୍ଶନ ଚର୍ଚ୍ଚା

**ଯାଜପୁର ଅଫିସ,୫।୪**

ଜାଣିଶୁଣି ଦୁର୍ବଳ ପ୍ରଦର୍ଶନ କରି ନିର୍ବାଚନ କାର୍ଯ୍ୟରୁ ଓହରିଯିବାର ଆଶା ରଖିଛନ୍ତି କେତେଜଣ ଫାଷ୍ଟ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀ। ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲାପାଳ ଚେତାବନୀ ଦେଇଛନ୍ତି। ଏହାସହ ନିର୍ବାଚନ ପରିଚାଳନା ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହୋଇଥିବାରୁ ଯାଜପୁର ଜିଲାରେ ଏହାର ସଫଳ ପରିଚାଳନା କରି ଏକ ଉଦାହରଣ ସୃଷ୍ଟି କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ଆହ୍ୱାନ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଜିଲାର ଗୋଟିଏ ଲୋକସଭା ଓ ୭ ଗୋଟି ବିଧାନ ସଭା ନିର୍ବାଚନ ମଣ୍ଡଳୀ ପାଇଁ ଚଳିତ ମାସ ୨୯ ତାରିଖରେ ମତଦାନ ଅନୁଷ୍ଠିତ ହେବ । ୧୬୧୯ଟି ମତଦାନ କେନ୍ଦ୍ରରେ ମତଦାନ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମତଦାନକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନଙ୍କୁ ବ୍ୟାପକ ପ୍ରଶିକ୍ଷିତ କରାଯାଇଛି। ଚଳିତ ନିର୍ବାଚନରେ ୩ ପର୍ଯ୍ୟାୟ ତାଲିମ ପ୍ରଦାନ କରାଯାଇ ପ୍ରିଜାଇଡିଂ ଓ ଫାଷ୍ଟ ପୋଲିଂ ଅଫିସରଙ୍କ ଦକ୍ଷତା ବୃଦ୍ଧି ସହ ସେମାନେ ଯେପରି ମତଦାନ କେନ୍ଦ୍ରରେ କୌଣସି ସମସ୍ୟାରେ ନ ପଡିବେ ତାହାର ବ୍ୟବସ୍ଥା କରାଯାଇଛି। ସମସ୍ତଙ୍କୁ ପ୍ରିଜାଇଡିଂ ଅଫିସର ହ୍ୟାଣ୍ଡ ବୁକ୍ ଦିଆଯିବା ସହ ଇଭିଏମ୍ ଭିଭିପାଟର ପ୍ରଶିକ୍ଷଣ ବାରମ୍ବାର ପ୍ରଦାନ କରାଯାଇଛି। ଏହାସହ ପ୍ରିଜାଇଡିଂ ଓ ଫାଷ୍ଟ ପୋଲିଂ ଅଫିସରଙ୍କୁ ଯେଉଁ ଥିଓରି ଓ ପ୍ରାକ୍ଟିକାଲର ପ୍ରଶିକ୍ଷଣ ଦିଆଯାଉଛି ତାହାର ପରୀକ୍ଷା କରାଯାଇଛି। ତେବେ କେତେଜଣ ପ୍ରିଜାଇଡିଂ ଓ ଫାଷ୍ଟ ପୋଲିଂ ଅଫିସର ପରୀକ୍ଷାରେ ଦୁର୍ବଳ ପ୍ରଦର୍ଶନ କରିଥିବାରୁ ସେମାନଙ୍କୁ ଆହୁରି ଅଧିକ ତାଲିମ ପ୍ରଦାନ କରାଯାଇଛି । ଗୁରୁବାର ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଏହି ଦୁର୍ବଳ ପ୍ରଦର୍ଶନକାରୀ ପୋଲିଂ ଅଫିସରଙ୍କୁ ପୁନଶ୍ଚ ପ୍ରଶିକ୍ଷିତ କରାଯାଇଥିଲା। କିନ୍ତୁ କେତେଜଣ ପୋଲିଂ ଅଫିସର ନିର୍ବାଚନ କାର୍ଯ୍ୟରେ ଦୁର୍ବଳ ପ୍ରଦର୍ଶନ ଆଧାରରେ କଟିଯିବାର ଆଶା ରଖି ଖରାପ ପ୍ରଦର୍ଶନ କରୁଥିବା ଚର୍ଚ୍ଚା ହେବା ପରେ ଜିଲାପାଳ ସ୍ପଷ୍ଟ କରି ଦେଇଛନ୍ତି ଯେ, ପ୍ରତ୍ୟେକ ପୋଲିଂ ଅଫିସର ନିଶ୍ଚୟ ନିର୍ବାଚନ କାର୍ଯ୍ୟ କରିବେ। ଉଚିତ ଭାବେ ପ୍ରିଜାଇଡିଂ ଅଫିସର ହ୍ୟାଣ୍ଡ ବୁକ ନ ପଢି ବା ଜାଣିଜାଣି ତ୍ରୁଟି କରୁଥିବା ପୋଲିଂ ଅଫିସରଙ୍କୁ ସେମାନଙ୍କ ଠକାମି ମହଙ୍ଗା ପଡିବ ବୋଲି ଜିଲାପାଳ ସତର୍କ କରାଇ ଦେଇଛନ୍ତି । ପ୍ରତ୍ୟେକ ବୁଥ୍‌ରେ ସଠିକ ନିର୍ବାଚନ ପରିଚାଳନା କରିବାରେ ପ୍ରିଜାଇଡିଂ ଓ ଫାଷ୍ଟ ପୁଲିଂ ଅଧିକାରୀଙ୍କ ଦାୟିତ୍ୱ ଅଧିକ। ତେଣୁ ନିଜେ ନିଜକୁ ଠକି ବୁଥ୍‌ରେ ହଇରାଣ ହେବା ଅପେକ୍ଷା ଯଦି ବୁଝିବାରେ ତ୍ରୁଟି ରହିଛି ତେବେ ବାରମ୍ବାର ବୁଝିନେବା ବିଜ୍ଞତା ବୋଲି ଜିଲାପାଳ ପରାମର୍ଶ ଦେଇଛନ୍ତି। ଯେଉଁମାନେ ଅସୁସ୍ଥତାବଶତଃ ନିର୍ବାଚନ କାର୍ଯ୍ୟ କରିପାରିବେ ନାହିଁ ବୋଲି ଆବେଦନ କରିଥିଲେ, ମେଡିକାଲ ବୋର୍ଡ ମାଧ୍ୟମରେ ସେମାନଙ୍କ ପରୀକ୍ଷା ନିରୀକ୍ଷା ପରେ ଅଯୋଗ୍ୟ ଓ ଯୋଗ୍ୟ ତାଲିକା ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଯେଉଁ ଜିଲାରେ ଅତୀତରେ କେବଳ ମହିଳାଙ୍କ ଦ୍ୱାରା ନିର୍ବାଚନ ପରିଚାଳନା କରାଯାଇ ଇତିହାସ ସୃଷ୍ଟି କରାଯାଇଥିଲା ଓ ନିର୍ବାଚନ ଆୟୁକ୍ତ ଜିଲା ପ୍ରଶାସନକୁ ଏଥିପାଇଁ ପ୍ରଶଂସା ମଧ୍ୟ କରିଥିଲେ, ଚଳିତ ନିର୍ବାଚନରେ ମହିଳା ପୁଲିଂ ଅଧିକାରୀମାନେ ନିର୍ବାଚନ କାର୍ଯ୍ୟ ପାଇଁ ମଧ୍ୟ ବେଶ ଉତ୍ସାହିତ ଅଛନ୍ତି। ସେଠାର ପୁରୁଷ ପ୍ରିଜାଇଡିଂ ଓ ପୋଲିଂ ଅଫିସର ନିର୍ବାଚନ କାର୍ଯ୍ୟ ପାଇଁ ପଛଘୁଞ୍ଚା ଦେବା ସ୍ପୃହଣୀୟ ନୁହେଁ। ଯାଜପୁର ଏକ ଶିକ୍ଷିତ ଜିଲା ଓ ସଚେତନତା କ୍ଷେତ୍ରରେ ସମଗ୍ର ରାଜ୍ୟରେ ସୁନାମ ରହିଛି। ତେଣୁ ଶୃଙ୍ଖଳିତ ଓ ସୁନ୍ଦର ଭାବେ ନିର୍ବାଚନ ପରିଚାଳନା କରି ସମଗ୍ର ରାଜ୍ୟ କାହିଁକି ଦେଶ ପାଇଁ ଉଦାହରଣ ସୃଷ୍ଟି କରନ୍ତୁ ବୋଲି ଜିଲାପାଳ ଦାସ ଅନୁରୋଧ କରିଛନ୍ତି ।

## ବିଭିନ୍ନ ଦଳର ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

**ଧର୍ମଶାଳା,୫।୪(ଡି.ଏନ୍.ଏ.)**

ଧର୍ମଶାଳା ବିଧାୟକ ତଥା ବିଜେଡି ପ୍ରାର୍ଥୀ ପ୍ରଣବ ବଳବନ୍ତରାୟ ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏ ନେଇ ସେ ନିଜ ସମର୍ଥକଙ୍କ ସହ ଏକ ବାଇକ୍ ରାଲିରେ ନିର୍ବାଚନମଣ୍ଡଳୀର ପ୍ରବେଶପଥ ସାରୋଇଠାରୁ ଏକ ବିରାଟ ପଟୁଆରରେ ଜାରକା, ବାରବାଟୀ, କୁଆଖିଆ ଆଦି ବଜାର ବୁଲିଥିଲେ। ପରେ ସମର୍ଥକଙ୍କ ଗ୍ରହଣରେ ଚାଲିଚାଲି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହି ଅବସରରେ ଏମ୍‌ପି ରୀତା ତରାଇ, ଏମ୍‌ପି ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀ, ଜିଲା ସଭାପତି ନରେଶ ମହାନ୍ତି, ଜିଲା ବିଜେଡି ସାଧାରଣ ସମ୍ପାଦକ ଡ. ପ୍ରିୟନାଥ ମହାପାତ୍ର, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ କ୍ଷୀତୀଶ୍ ନାୟକ ପ୍ରମୁଖ ରାଲିରେ ଯୋଗଦେଇଥିଲେ।



ପ୍ରଣବ ବଳବନ୍ତରାୟ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।



ବରୀ ନିର୍ବାଚନ ମଣ୍ଡଳୀର ମନୋରଞ୍ଜନ ପତି ସ୍ୱାଧୀନ ଭାବେ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।



କୃପା ପାର୍ଟି ପକ୍ଷରୁ ହରମୋହନ କର ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।



ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ମନୋରଞ୍ଜନ ଦାସ ନାମାଙ୍କନପତ୍ର ଦାଖଲ କରୁଛନ୍ତି।



କୋରେଇ ନିର୍ବାଚନ ମଣ୍ଡଳୀରୁ ଭାଜପା ପକ୍ଷରୁ ବିଶ୍ୱଜିତ ନାୟକ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

## ସଂକ୍ଷେପରେ

### କଂଗ୍ରେସରେ ମିଶିଲେ ଭାଜପା କର୍ମୀ

**ରାଜନଗର, ୫।୪ (ଡିଏନଏ):** ନିର୍ବାଚନ ମାହୋଲ ଜମି ଆସୁଥିବା ବେଳେ ଦଳ ବଦଳ ପ୍ରକ୍ରିୟା ଜାରି ରହିଛି। ରାଜନଗର ଭାଜପାରେ କନ୍ଦଳ ଯୋଗୁ ନେତା ଓ କର୍ମୀ ଦଳ ଛାଡୁଛନ୍ତି । ଗତମାସରେ ଗତ ବିଧାନସଭାରେ ପ୍ରାର୍ଥୀ ହୋଇଥିବା ଜ୍ଞାନଦେବ ବେଉରା ଭାଜପା ଛାଡି କଂଗ୍ରେସରେ ସାମିଲ ହୋଇଥିଲେ। ସେହିଦଳର ଅଜୟ କୁମାର ବେହେରା ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିବାଦ ତୀବ୍ର ହେଉଥିବାରୁ କର୍ମୀମାନେ ଏବେ ଦଳ ଛାଡି ଅନ୍ୟ ଦଳ ମୁହାଁ ହେଉଛନ୍ତି । ଗୁରୁବାର ସନ୍ଧ୍ୟାରେ ରାଜନଗର ବ୍ଲକର ବାଘମାରୀ ପଞ୍ଚାୟତର ଉଦ୍ୟାନ ଗ୍ରାମ ଠାରେ କଂଗ୍ରେସ ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାଘମାରୀ ପଞ୍ଚାୟତର ଭାଜପା ସଭାପତି ଲକ୍ଷ୍ମୀକାନ୍ତ ସେଠୀ ଓ ଆଗଧାଡିର ଭାଜପା କର୍ମୀ ଚନ୍ଦ୍ରମୋହନ ଦାସ, ବାଦଲ ପ୍ରଧାନ, ଅଭିମନ୍ୟୁ ଦାସ, ତପନ ଜେନା, ଜୟଦେବ ରାଉତ, ବାସୁଦେବ ସେଠୀ ପ୍ରମୁଖ ଭାଜପା ଛାଡି କଂଗ୍ରେସରେ ସାମିଲ ହୋଇଛନ୍ତି । କଂଗ୍ରେସର ବିଧାୟକ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଫୁଲତୋଡା ଦେଇ ନୂତନ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ। ଏମାନଙ୍କ ଯୋଗଦାନ ବାଘମାରୀ ପଞ୍ଚାୟତରେ କଂଗ୍ରେସକୁ ସୁଦୃଢ଼ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଅରୁଣ କୁମାର ରାଉତ, ଚୌଧୁରୀ ରବିନ୍ଦ୍ର କୁମାର ରାଉତରାୟ, ୩୨ ନଂ ଜୋନ କଂଗ୍ରେସ ସଭାପତି ମାଧବ ଚନ୍ଦ୍ର ମାନ୍ନା, ୩୨ ନଂ ଜୋନ ଯୁବ କଂଗ୍ରେସ ସଭାପତି ପ୍ରଭାତ କୁମାର ବେହେରା, ବରିଷ୍ଠନେତା ସୁଧୀର ଚନ୍ଦ୍ର ପାଲ, ଯୁବନେତା ରାଖାଲ ଚନ୍ଦ୍ର ପାତ୍ର, ଅରୁଣ ମଣ୍ଡଳ, ବାପି ବାରିକ , ବାବୁଲି ପାତ୍ର, ଶକ୍ତିପଦ କୁଣ୍ଡ, ଏସ. ଦେବନାଥ ପ୍ରମୁଖ ଯୋଗ ଦେଇଥିଲେ।

### ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ମାର୍ଶାଘାଇ,୫।୪(ଡିଏନଏ):** ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୦ ମାଟ୍ରିକ ବ୍ୟାଚ୍ ପୁରାତନ ଛାତ୍ରମାନଙ୍କ ବନ୍ଧୁମିଳନ ଉତ୍ସବ ଇତିମଧ୍ୟରେ ସ୍ଥାନୀୟ ଝୋଟ ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସୁଢଳ କୁମାର ସାହୁ, ଇଂ ଚିତ୍ତରଞ୍ଜନ ରଥ, କୀର୍ତ୍ତନ ବେଉରାଙ୍କ ସଂଯୋଜନାରେ ଦୀର୍ଘ ୩୯ ବର୍ଷ ପରେ ବିଦ୍ୟାଳୟର ଛାତ୍ରମାନେ ଏକାଠି ହୋଇଥିଲେ। ଏହି ଅବସରରେ ଛାତ୍ରମାନେ ପାଠପଢା ବେଳର ସ୍ମୃତିକୁ ମନେ ପକାଇ ଖୁସି ମନାଇଥିଲେ । ବନ୍ଧୁ ମିଳନ ଉତ୍ସବରେ ପୁରାତନ ଛାତ୍ର ଇଂ ଜ୍ଞାନଦେବ ବେଉରା , ସାରଦା ପ୍ରସନ୍ନ ବେଉରା, ଶଶୀଭୂଷଣ ରଥ, ନିଳାଦ୍ରୀ ରାଉତରାୟ, ଭବାନୀ ଶଙ୍କର ନାୟକ,ହୃଷିକେଶ ବେହେରା,ବିଶ୍ୱରଞ୍ଜନ ରଥ,ମହେନ୍ଦ୍ର ସାମଲ,ପ୍ରଦୀପ ରାଉତରାୟ,ନଗେନ୍ଦ୍ର ବେଉରା, ରବିନ୍ଦ୍ର ରାଉତ,ସରୋଜ ବେଉରା,ବାବୁଲି ଯେନା,ନବୀନ ସାହୁ,ଗୋପୀନାଥ ସାହୁ, ଧୀରେନ୍ଦ୍ରନାଥ ପ୍ରଧାନ, ରନେନ୍ଦ୍ର ନାୟକଙ୍କ ସମେତ ୪୦ ଜଣ ପୁରାତନ ଛାତ୍ର ଯୋଗ ଦେଇଥିଲେ ।

# ଅତନୁଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ କିଏ ଏବେ ବି ଅସ୍ପଷ୍ଟ

## ■ କଂଗ୍ରେସରୁ ହୋଇନି ପ୍ରାର୍ଥୀ ଘୋଷଣା

**ମାର୍ଶାଘାଇ,୫।୪(ଡିଏନ୍‌ଏ)**

**ମହାକାଳପଡା ନିର୍ବାଚନମଣ୍ଡଳୀ**

କେନ୍ଦ୍ରାପଡା ଜିଲା ମହାକାଳପଡା ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରାର୍ଥୀ ତଥା ଦୁଇ ଦୁଇ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ଅତନୁ ସବ୍ୟସାଚୀ ନାୟକ ବୁଧବାର ଶତାଧିକ ସମର୍ଥକଙ୍କ ଗହଣରେ ନାମାଙ୍କନ ପତ୍ର ଦାଖଲ କରି ସାରିଛନ୍ତି। ଅପରପକ୍ଷରେ ଏହି ଆସନରେ ଭାଜପା ପକ୍ଷରୁ ବିଜୟ ପ୍ରଧାନଙ୍କ ନାମ ଘୋଷଣା ହୋଇ ସାରିଥିଲେ ବି ସେ ଏପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ସେହିପରି କଂଗ୍ରେସ ମଧ୍ୟ ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନାହିଁ। ୨୦୧୪ ନିର୍ବାଚନରେ ଏହି ଆସନରେ ବିଜେଡି ପ୍ରାର୍ଥୀ ଅତନୁ ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କୁ ପ୍ରାୟ ୨୪ ହଜାର ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ। କଂଗ୍ରେସ ପ୍ରାର୍ଥୀ ବଳରାମ ପରିଡା ପ୍ରାୟ ୨୬ ହଜାର ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ଆସନ୍ତା ୯ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ । କିନ୍ତୁ ବର୍ତ୍ତମାନ ସୁଦ୍ଧା ଅନ୍ୟ କେଉଁ ଦଳର ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ ହୋଇ ନ ଥିବାରୁ ବିଜେଡି ପ୍ରାର୍ଥୀ ଅତନୁଙ୍କ କିଏ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ବୋଲି ଚର୍ଚ୍ଚା ଲାଗି ରହିଛି।

ମହାକାଳପଡାରେ ବିଜୟ ପ୍ରଧାନଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରି ଆଶାୟୀ ପ୍ରାର୍ଥୀ ଥିବା ଭୁବନ ମୋହନ ଜେନା ଏବଂ ବିଜୟ ମହାପାତ୍ରଙ୍କ ଗୋଷ୍ଠୀ ପୃଥକ ପୃଥକ ଭାବେ ପ୍ରତିବାଦ କରି ସାରିଛନ୍ତି। ତେବେ ଘୋଷିତ ପ୍ରାର୍ଥୀ ପ୍ରଧାନ ମହାକାଳପଡା ବ୍ଲକ ଅଞ୍ଚଳର ଲୋକ । ଏହାଛଡା ତାଙ୍କର ନିର୍ବାଚନମଣ୍ଡଳୀର ବଙ୍ଗଳା ଭାଷାଭାଷୀ ଅଞ୍ଚଳରେ କିଛିଟା ପ୍ରଭାବ ରହିଛି । ଏହି କାରଣରୁ ସେ ଅତନୁଙ୍କ ଭୋଟ ବ୍ୟାଙ୍କ କୁହାଯାଉଥିବା ବଙ୍ଗଳାଭାଷୀଙ୍କ ଭୋଟ ଭାଗ କରି ଭାଜପା ସପକ୍ଷରେ ଆଣି ପାରିବେ ବୋଲି ଭାବି ଦଳ ତାଙ୍କୁ ଚୟନ କରିଛି ବୋଲି ଆଲୋଚନା ଜୋର ଧରିଛି। ଚଳିତ ନିର୍ବାଚନରେ କେନ୍ଦ୍ରାପଡା ଲୋକସଭା ଆସନରେ ଭାଜପାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ପୂର୍ବତନ ଏମପି ବୈଜୟନ୍ତ ପଣ୍ଡା ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ତେବେ ବୈଜୟନ୍ତ ଓ ଅତନୁଙ୍କ ସଂପର୍କ ତିକ୍ତ ଥିବା କୁହାଯାଉଥିବା ବେଳେ ଏଥର ନିର୍ବାଚନରେ ମହାକାଳପଡାରେ ଅତନୁଙ୍କ ବିରୋଧରେ ଭାଜପା ସମସ୍ତ ବଳ ଲଗାଇବ ବୋଲି କୁହାଯାଉଛି। ବିଜୟ ମହାପାତ୍ରଙ୍କ ଗୋଷ୍ଠୀର ସଦସ୍ୟମାନଙ୍କୁ ମନେଇ ଏବଂ ମୂଳ ଭାଜପା କର୍ମୀଙ୍କୁ ସାଙ୍ଗରେ ନେଇ ଅସନ୍ତୁଷ୍ଟ ବିଜେଡି ଭୋଟକୁ ହାତେଇ ଅତନୁଙ୍କୁ କଡା ଜବାବ ଦେବେ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ପୋଷଣ କରିଛନ୍ତି । ନାମାଙ୍କନ ପତ୍ର ଦାଖଲ ପାଇଁ ଆଉ ଦିନ କେଇଟା ବାକିଥିବା ବେଳେ କଂଗ୍ରେସ ମହାକାଳପଡ଼ାନିର୍ବାଚନ ମଣ୍ଡଳୀରୁ ଏଯାବତ୍ ପ୍ରାର୍ଥୀ ଘୋଷଣା କରିନାହିଁ। ଏଥର କଂଗ୍ରେସ ଭଲ ପ୍ରାର୍ଥୀ ଦେଇ ଅସନ୍ତୁଷ୍ଟ ବିଜେଡି ଓ କଂଗ୍ରେସରୁ ମୁହଁ ଫେରାଇଥିବା କଂଗ୍ରେସ ଭୋଟକୁ ହାତେଇ ବିଜୟ ଲାଭ କରିବା ପାଇଁ ସମସ୍ତ ଉଦ୍ୟମ ଜାରି ରଖିବ ବୋଲି କଂଗ୍ରେସ ଶିବିରରେ ଆଲୋଚନା ହେଉଛି। ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଯୁବ ସଂଗଠକ ବିଭ୍ରାଂଶୁ ଶେଖର ଲେଙ୍କା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଜଣେ ଦୃଢ଼ ସମର୍ଥକ । ସେ ଟିକେଟ ଦୌଡରେ ଆଗରେ ରହିଛନ୍ତି। ତେବେ ମହାକାଳପଡା ନିର୍ବାଚନମଣ୍ଡଳୀରେ ଦୁଇ ଦୁଇ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ଅତନୁଙ୍କ ବିରୋଧରେ କିଏ ପ୍ରତିଦ୍ୱନ୍ଦ୍ୱୀ ହେବ ତାହା ଏବେ ବି ଅସ୍ପଷ୍ଟ ଅଛି । ଏହି ଆସନରେ ଆସନ୍ତା ୨୯ ତାରିଖରେ ନିର୍ବାଚନ ହେବ।

# ଅଭିରାମପରମହଂସଦେବଙ୍କ ଭକ୍ତ ସମ୍ମିଳନୀ ଉଦ୍‌ଯାପିତ



ସମ୍ମିଳନୀରେ ଯୋଗ ଦେଇଥିବା ଶ୍ରଦ୍ଧାଳୁମାନେ।

**ମାର୍ଶାଘାଇ, ୫।୪(ଡ଼ିଏନ୍‌ଏ)**

ମାର୍ଶାଘାଇ ବଜାର ଦୁର୍ଗାମଣ୍ଡପ ସମ୍ମୁଖ ପଡିଆରେ ଚାଲିଥିବା ଅଭିରାମ ପରମହଂସ ଦେବଙ୍କ ୮ମ ବାର୍ଷିକ ସମ୍ମିଳନୀ ଓ ୨ଦିନିଆ ଭକ୍ତ ମିଳନ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସକାଳୁ ପ୍ରଭାତ କୀର୍ତ୍ତନ,ମଙ୍ଗଳ ଆଳତି, ଷୋଡଶ ଉପଚାର ପୂଜା କରାଯିବା ପରେ ଅଭିରାମ ପରମହଂସ ଦେବଙ୍କ ଭଜନ ପରିବେଷଣ କରାଯାଇଥିଲା। କ୍ଷୀରୋଦ କୁମାର ନାଥଙ୍କ ଦ୍ୱାରା ଅପରାହ୍ନରେ ଭଜନ ପରିବେଷଣ କରାଯାଇ ସନ୍ଧ୍ୟାରେ ବିଧି ଅନୁଯାୟୀ ପୂଜା ଶେଷ ପରେ ସାଧୁମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ହରି କଥାମୃତ ପ୍ରବଚନ ପରେ ରାତିରେ ଓଡିଶୀ ନୃତ୍ୟ ,ଗୋଟିପୁଅ ନୃତ୍ୟ ଏବଂ ପ୍ରାଧ୍ୟାପକ ଉତ୍ତମ ଚରଣ ଦାସଙ୍କ ରଚିତ ଓ ନିର୍ଦ୍ଦେଶିତ ଲୀଳା ନାଟକ ପରିବେଷଣ କରାଯାଇଥିଲା। ବହୁସଂଖ୍ୟକ ମହିଳା ଶ୍ରଦ୍ଧାଳୁ ଯୋଗଦେଇ ଏହାକୁ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମାର୍ଶାଘାଇ ବିନୋରୀ ଭକ୍ତ ଗୋଷ୍ଠୀର ସଦସ୍ୟ ନବୀନ ବେହେରା, ଚିତ୍ତରଞ୍ଜନ ସ୍ୱାଇଁ, ପ୍ରଶାନ୍ତ ନାୟକ,ଭଜନାନନ୍ଦ ରାଉତ,ଗୋଲେଖ ପ୍ରଧାନ, ନୃସିଂହ ସେଠୀ, ରବିନ୍ଦ୍ରନାଥ ଦାସ, ଅଶୋକ ନାୟକ, ଗଗନ ଦାସ, ପ୍ରଫୁଲ୍ଲ ସାହୁ, ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ପରିଚାଳନା କରିଥିେ। ମାର୍ଶାଘାଇ ନିକଟସ୍ଥ ଦୁମୁକା, ତୁଳସୀପୁର,ନାରାୟଣପୁର,କୁସୁନପୁର ପ୍ରଭୃତି ଗ୍ରାମର ଭକ୍ତ ଗୋଷ୍ଠୀ ଏଥିରେ ସହଯୋଗ କରିଥିଲେ।

# ପଟ୍ଟାମୁଣ୍ଡାଇ ବାଇପାସ୍ ଛକଠାରେ ୯ଲକ୍ଷ ଟଙ୍କା ଜବତ

**ପଟ୍ଟାମୁଣ୍ଡାଇ, ୫।୪ (ସ୍ୱ.ପ୍ର)**



ସ୍କ୍ୱାଡ୍ ପକ୍ଷରୁ ଯାଞ୍ଚ ବେଳେ ଜବତ କାର।

ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ବିଭିନ୍ନ ସ୍କ୍ୱାଡ୍ ପକ୍ଷରୁ ପ୍ରତିଦିନ ଯାଞ୍ଚ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୂର୍ବାହ୍ନ ସାଢେ ୧୦ଟାରେ ପଟ୍ଟାମୁଣ୍ଡାଇ ବାଇପାସ୍ ଛକରେ ଏସ୍‌ଏସ୍‌ଟି ସ୍କ୍ୱାଡ୍ ପକ୍ଷରୁ ଗାଡ଼ି ଯାଞ୍ଚ କରାଯାଉଥିଲା। ପ୍ରାୟ ୧୦ଟି ଗାଡ଼ି ଯାଞ୍ଚ କରାଯାଇ ଥିଲେ ମଧ୍ୟ ଟଙ୍କା ଥିବାର କୌଣସି ସୁରାକ୍ ମିଳି ନ ଥିଲା। ତେବେ ଏହାପରେ ଅନ୍ୟ ଏକ ଗାଡି ଯାଞ୍ଚ କରାଯିବା ବେଳେ ଏଥିରେ ୯ଲକ୍ଷ୨୪ହଜାର ଟଙ୍କା ଥିବାର ଜଣା ପଡିଥିଲା। ଏହି ଟଙ୍କା ଆଳି ଅଞ୍ଚଳର ବୈଦ୍ୟନାଥ ଫିଲିଂ ଷ୍ଟେସନ୍‌ର କର୍ମଚାରୀ ବସନ୍ତ ଦାସଙ୍କ ଠାରୁ ଜବତ ହୋଇଥିଲା। ବସନ୍ତ କେନ୍ଦ୍ରାପଡ଼ାରେ ଥିବା ତାଙ୍କ ଘରୁ ଟଙ୍କା ଧରି ନିଜ ମାରୁତି ସୁଜୁକି ବାଲୋନୋ କାର୍ (ନଂ ଓଡ଼ି୦୨ଜେଡ୍‌୭୯୬୬ )ଯୋଗେ ପଟ୍ଟାମୁଣ୍ଡାଇ ଆଇସିଆଇସିଆଇ ବ୍ୟାଙ୍କରେ ଜମା କରିବାକୁ ନେଉଥିବା ବେଳେ ବାଇପାସ୍ ଛକରେ ଏସଏସଟି ସ୍କ୍ୱାଡ୍ ହାତରେ ଧରା ପଡ଼ିଥିଲେ। ପ୍ରାଥମିକ ପଚରାଉଚରା ବେଳେ ବସନ୍ତ ଏହା ପେଟ୍ରୋଲ ପମ୍ପ ଟଙ୍କା ବୋଲି କହିଥିଲେ। ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ପହଞ୍ଚି ଗାଡି ସହ ଟଙ୍କା ଥାନାକୁ ନେଇ ଯାଇଥିଲେ। ଖବର ପାଇ ଆୟକର ବିଭାଗ ଅଧିକାରୀମାନେ ଯାଞ୍ଚ କରିଥିଲେ। ଅପରାହ୍ନରେ ଜବତ ହୋଇଥିବା ଟଙ୍କା କେନ୍ଦ୍ରାପଡା ଜିଲା ରିଟର୍ଣ୍ଣିଂ ଅଫିସର ତଥା ଜିଲାପାଳଙ୍କ ଟ୍ରେଜେରୀକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ପଚରାଉଚୁରା ପରେ ପୋଲିସ ବସନ୍ତଙ୍କୁ ଛାଡି ଦେଇଛି ।

# ଧଳତଙ୍ଗଗଡ଼ରେ କଂଗ୍ରେସ କର୍ମୀ ବୈଠକ, ମିଶ୍ରଣ ପର୍ବ

**ରଘୁନାଥପୁର, ୫।୪ ଡି.ଏନ.ଏ.)**

ରଘୁନାଥପୁର ବ୍ଲକ କଂଗ୍ରେସ ପକ୍ଷରୁ ଜୋନ-୨ର ସଭାପତି ସର୍ବେଶ୍ୱର ପଣ୍ଡାଙ୍କ ପୌରୋହିତ୍ୟରେ ଶୁକ୍ରବାର ବୈଠକ ହୋଇଥିଲା। ଏଥିରେ ରାଢଙ୍ଗ ପଞ୍ଚାୟତର ୨୦ ଜଣ ବିଜେଡି କର୍ମୀ ଦଳ ତ୍ୟାଗ କରି ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗଦାନ କରିଛନ୍ତି। ଧଳତଙ୍ଗଗଡ ଜଙ୍ଗଲରେ ଆୟୋଜିତ ବୈଠକରେ ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ରାଜ କିଶୋର ବେହେରା ଯୋଗଦେଇ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ତଥା ଆଗାମୀ ନିର୍ବାଚନ ସମ୍ପର୍କିତ ତଥ୍ୟ ରଖିଥିଲେ। ତିର୍ତ୍ତୋଲ ବିଧାନସଭା କ୍ଷେତ୍ରରୁ ଦଳ ପ୍ରାର୍ଥୀ କରିଥିବା ବିଭୂ ପ୍ରସାଦ ତରାଇ ଦଳ ପରିତ୍ୟାଗ କରି ଭାଜପାରେ ମିଶିବା ଫଳରେ ଏହାର ସାମାନ୍ୟତମ ପ୍ରଭାବ କଂଗ୍ରେସ କର୍ମୀଙ୍କ ଉପରେ ପଡିବ ନାହିଁ ବୋଲି ବହୁବକ୍ତା ମତ ରଖିଥିଲେ। ତେବେ ପ୍ରଦେଶ କଂଗ୍ରେସ କମିଟି ଏଠାରୁ ଯେକୌଣସି ବ୍ୟକ୍ତିଙ୍କୁ ଟିକେଟ ପ୍ରଦାନ କଲେ ସମସ୍ତ କର୍ମୀମାନେ ତାଙ୍କ ସହ ରହିବେ ବୋଲି ମତପ୍ରକାଶ ପାଇଥିଲା। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ କାର୍ଯ୍ୟଦକ୍ଷତା ତଥା ଯୁବ ନେତୃତ୍ୱକୁ ଭଲ ପାଇ ସ୍ଥାନୀୟ ରାଢଙ୍ଗ ପଞ୍ଚାୟତର ଗୌରାଙ୍ଗ ଚରଣ ଜେନା, ଚର୍ତୁବେଦ ରାଉତ, ନିରଞ୍ଜନ ନାୟକ, ଜଗବନ୍ଧୁ ସେଠୀ, ଧୀରେନ୍ଦ୍ରନାଥ ସ୍ୱାଇଁ, ପଞ୍ଚାନନ ସେଠୀ, ଆଶିଷ ବାରିକ, ଅଲେଖ ଦାସଙ୍କ ସମେତ ବିଜେଡି କର୍ମୀମାନେ କଂଗ୍ରେସରେ ଯୋଗଦାନ କରିଥିଲେ। କେନ୍ଦ୍ର ଓ ରାଜ୍ୟରେ କଂଗ୍ରେସ ହିଁ ସ୍ଥିର ସରକାର ଦେଇପାରିବ ବୋଲି ମିଶିଥିବା ବ୍ୟକ୍ତିମାନେ ନିଜସ୍ୱ ବକ୍ତବ୍ୟରେ କହିଥିଲେ।

## ■ ନବୀନ ନିବାସ ଆଗରେ ଧ୍ରୁବଙ୍କ ବିରୋଧରେ ଧାରଣା

# ମୁଖ୍ୟମନ୍ତ୍ରୀଙ୍କ ସଭାରେ ଯୋଗ ଦେବାକୁ କହି ଡାକି ନିଆଯାଇଥିବା ଅଭିଯୋଗ

**ରାଜନଗର,୫।୪ (ଡିଏନଏ)**

ଗତ ବିଧାନସଭା ନିର୍ବାଚନରେ ବିଜେଡି ଟିକେଟ ପାଇ କମ ଭୋଟରେ ପରାଜୟ ବରଣ କରିଥିବା ରାଜନଗର ନିର୍ବାଚନମଣ୍ଡଳୀର ବିଜେଡି ନେତା ଧ୍ରୁବ ସାହୁଙ୍କୁ ଦଳ ପୁନର୍ବାର ପ୍ରାର୍ଥୀ କରିଛି। ଅପରପକ୍ଷରେ ଚଳିତ ନିର୍ବାଚନରେ ଦଳରୁ ଟିକେଟ ପାଇଁ ଲବିରେ ଥିବା ଆପିକଲ ଅଧ୍ୟକ୍ଷ କୃତ୍ତିବାସ ପାତ୍ର, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗାଶୀଷ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ, ଜଗବନ୍ଧୁ ନାୟକ ପ୍ରମୁଖ ଟିକେଟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଧ୍ରୁବ ଟିକେଟ ପାଇଲା ପରେ ବି ତାଙ୍କ ବିରୋଧୀଙ୍କ ପକ୍ଷରୁ ତାଙ୍କର ଟିକେଟ ପରିବର୍ତ୍ତନ କରିବା ପାଇଁ ଦାବି ହୋଇ ଆସୁଛି। ଶୁକ୍ରବାର ଧ୍ରୁବଙ୍କ ବିରୋଧୀଙ୍କ ପକ୍ଷରୁ ଭୁବନେଶ୍ୱରସ୍ଥ ନବୀନ ନିବାସ ଆଗରେ ମହିଳା, ଯୁବକ, କୃଷକଙ୍କୁ ନେଇ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। କିନ୍ତୁ ବିକ୍ଷୋଭ ପ୍ରଦର୍ଶନ କରି ଭୁବନେଶ୍ୱରରୁ ଫେରିବା ପରେ ରାଜନଗରରୁ ଯାଇଥିବା କେତେକ ମହିଳା ଭିନ୍ନ ମତ ପୋଷଣ କରିବା ବିରୋଧୀଙ୍କ ପାଇଁ ବୁମେରାଂ ସାଜିଛି। ନବୀନ ନିବାସ ସମ୍ମୁଖରେ କୃତ୍ତିବାସ, ନିଶିକାନ୍ତ, ଜଗବନ୍ଧୁଙ୍କ ସମର୍ଥକମାନେ ହୋହାଲ୍ଲା କରିବା ସହ ଧାରଣା ଦେଇ ନିଜ ଦଳର ପ୍ରାର୍ଥୀଙ୍କ ଟିକେଟ ପରିବର୍ତ୍ତନ ପାଇଁ ଦାବି କରିଥିଲେ। ଧାରଣାସ୍ଥଳରେ ମହିଳାମାନେ ଆଗରେ ଥିବା ଦେଖିବାକୁ ମିଳିଥିଲା। ତେବେ ଏହି ଧାରଣାରେ ସାମିଲ ହୋଇଥିବା ରାଜନଗର ଗାଁର କେତେକ ମହିଳା କହିଛନ୍ତି ଯେ, ସେମାନଙ୍କୁ ନବୀନ ପଟ୍ଟନାୟକଙ୍କ ସଭାକୁ ଯିବା ପାଇଁ କହି ଡାକି ନିଆଯାଇଥିଲା । ସେଠାରେ ୨ଶହ ଟଙ୍କା ଲେଖାଏଁ ନଗଦ ଓ ଖାଇବାକୁ ଦିଆଯିବ ବୋଲି କୁହାଯାଇଥିଲା । ଭୁବନେଶ୍ୱରରେ ପହଞ୍ଚିଲା ପରେ ଟିକେଟ ପାଇଥିବା ଧ୍ରୁବଙ୍କ ଫଟୋରେ ନାଲି ଛକି ଟାଣି ଆମକୁ ଧରିବାକୁ ଦିଆଯାଇଥିଲା। ଏପରି କି ତାଙ୍କ ବିରୋଧରେ ନାରାବାଜି କରିବା ସହ ତାଙ୍କ ଟିକେଟ କାଟି ଅନ୍ୟ କାହାକୁ ଟିକେଟ ଦେବା ପାଇଁ କହିବାକୁ କୁହାଯାଇଥିଲା ବୋଲି ଅଭିଯୋଗ କରିଛନ୍ତି ।

# ବନ୍ଧୁକ ଦେଖାଇ ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍


**ବାଲିକୁଦା,୫।୪(ସ୍ୱ.ପ୍ର.)**

ବନ୍ଧୁକ ଦେଖାଇ ଭାରତ ଫାଇନାନ୍ସ କମ୍ପାନୀ କର୍ମଚାରୀଙ୍କଠାରୁ ଶୁକ୍ରବାର ଦୁଇ ଦୁର୍ବୃତ୍ତ ୫୬ ହଜାର ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। କର୍ମଚାରୀ ଜଣକ ବାଲିକୁଦା ଅଞ୍ଚଳର କେଉଟିପାଳ ଓ ବାରବାଟିଆ ଗ୍ରାମର ବିଭିନ୍ନ ସ୍ୱୟଂ ସହାୟିକା ସମିତିଙ୍କଠାରୁ ଋଣ ଟଙ୍କା ଅସୁଲ କରି ଫେରୁଥିବାବେଳେ ବୋରିକିନା ପଞ୍ଚାୟତର ଦରଡା କେନାଲ ବନ୍ଧ ଛକଠାରୁ କିଛି ବାଟରେ ତିତିରା-ବାରବାଟିଆ କେନାଲ ବନ୍ଧରେ ଏହି ଘଟଣା ଘଟିଛି। ସୂଚନା ଅନୁଯାୟୀ କମ୍ପାନୀର କର୍ମଚାରୀ ବିବେକାନନ୍ଦ ମହାପାତ୍ର ଋଣ ବାବଦକୁ ୫୬ ହଜାର ଟଙ୍କା ଆଦାୟ କରି ନିଜ ବାଇକ୍ ଯୋଗେ ଫେରୁଥିବା ସମୟରେ ଦୁଇ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଅଟକାଇଥିଲେ। ସେ ଅଟକିବା କ୍ଷଣି ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ତାଙ୍କ ପାଖକୁ ଯାଇ ମୁଣ୍ଡରେ ଏକ ବନ୍ଧୁକ ଲଗାଇ ଦେଇଥିଲେ। ଅନ୍ୟ ଜଣେ ଏହି ସମୟରେ ମହାପାତ୍ରଙ୍କ ବାଇକ ଚାବି ନେଇ ଡିକିରେ ଥିବା ସମସ୍ତ ଟଙ୍କା କାଢିନେଇ ଥିଲେ। ପରେ ଉଭୟ ଦୁର୍ବୃତ୍ତ ଏରସମା ରାସ୍ତାରେ ଫେରାର ହୋଇଯାଇଥିଲେ। ମହାପାତ୍ର ଏବାବଦରେ ବାଲିକୁଦା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବାଲିକୁଦା ପୋଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିଲେ ମଧ୍ୟ ଲୁଟେରାଙ୍କ ଟେର ପାରଇନାହିଁ। ଏ ନେଇ ନଂ-୫୨/୧୯ରେ ଏକ ମାମଲା ରୁଜୁ ହୋଇଛି।

# ଭାଜପା ନେତା ବିଜୟଙ୍କ ଘର ବାହୁଡାକୁ ବିକାଶ ପରିଷଦ ପକ୍ଷରୁ ସ୍ୱାଗତ

**ପଟ୍ଟାମୁଣ୍ଡାଇ, ୫।୪ (ସ୍ୱ.ପ୍ର)**

ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ରଙ୍କ ଘର ବାହୁଡାକୁ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପକ୍ଷରୁ ଇତିମଧ୍ୟରେ ସ୍ୱାଗତ କରାଯାଇଛି । ଏହି ପରିପ୍ରେକ୍ଷୀରେ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ବିକାଶ ପରିଷଦ ଆବାହକ କ୍ଷୀରୋଦ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ସଭାରେ ବିକାଶ ପରିଷଦ ପ୍ରତିଷ୍ଠାତା ବିଜୟ କେତନ ସ୍ୱାଇଁ ଯୋଗଦେଇ କହିଥିଲେ ଯେ, କେନ୍ଦ୍ରାପଡା ଜିଲା ତଥା ରାଜ୍ୟରେ ଏକ ନୂତନ ରାଜନୈତିକ ସମୀକରଣ ସୃଷ୍ଟି ହେବାର ଆଭାସ ମିଳିଲାଣି। ଏହି ସଭାରେ ପରିଷଦର ପଟ୍ଟାମୁଣ୍ଡାଇ ବ୍ଲକ ସଭାପତି ଦେବବ୍ରତ ସ୍ୱାଇଁ, ରାଜନଗର ବ୍ଲକ ସଭାପତି ରଘୁନାଥ ଦାସ, ଯୁବ ପରିଷଦ ସଭାପତି ଦିଲିପ କୁମାର ସାହୁ, ନଗର ପରିଷଦ ସଭାପତି ଅଶ୍ୱିନୀ କୁମାର ବେହେରା, ଉପସଭାପତି ଅଭୟ କୁମାର ସ୍ୱାଇଁ ଓ ଶିବ କୁମାର ଦାସ, ନଗର ସମ୍ପାଦକ ସୁଶାନ୍ତ କୁମାର ପାତ୍ର, ମହିଳା ପରିଷଦ ବ୍ଲକ ସଭାନେତ୍ରୀ ବିଷ୍ଣୁପ୍ରିୟା ଦାସ, ନଗର ସଭାନେତ୍ରୀ ଅନୁସୟା ସାହୁ, ବିଜୟାନନ୍ଦ ପରିଡା, ସୁନାକର ପ୍ରଧାନ ପ୍ରମୁଖ ଯୋଗ ଦେଇ ବିଜେଡି ଶାସନର ଦୀର୍ଘ ୧୯ ବର୍ଷ ପରେ ବି ପଟ୍ଟାମୁଣ୍ଡାଇ ଅଞ୍ଚଳରେ କୌଣସି ଆଖିଦୃଶିଆ ଅଗ୍ରଗତି ହୋଇ ନ ଥିବା କହିଥିଲେ। ଏପରି କି ପାନୀୟ ଜଳ ସମସ୍ୟା ଲାଗି ରହିଥିବା ବେଳେ ସ୍କୁଲରେ ଶିକ୍ଷକ, ଡାକ୍ତରଖାନାରେ ଡାକ୍ତର ନାହାନ୍ତି । ସେହିପରି ଜଳ ନିଷ୍କାସନ ଓ ଜଳସେଚନ ସମସ୍ୟା ଚାଷୀମାନଙ୍କୁ ଅତିଷ୍ଠ କରଛି । ସେହିପରି ଶିକ୍ଷିତ ବେକାର ଯୁବତୀଯୁବକମାନଙ୍କୁ ନିଯୁକ୍ତି ନ ମିଳିବା ମୁଖ୍ୟ ସମସ୍ୟା ହୋଇଛି । ନିର୍ବାଚନମଣ୍ଡଳୀ ଉଚ୍ଛେଦ ପରେ ପଟ୍ଟାମୁଣ୍ଡାଇ ଠାରେ ରାଜସ୍ୱ ସବ୍‌ଡିଭିଜନ ପ୍ରତିଷ୍ଠା ପାଇଁ ବିକାଶ ପରିଷଦ ଦୀର୍ଘ ୧୦ ବର୍ଷ ହେଲା ଦାବି କରି ଆସୁଥିଲା ବେଳେ ସରକାର ଏଥିପ୍ରତି ଧ୍ୟାନ ନ ଦେବା ଅସନ୍ତୋଷର କାରଣ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ଉପଦେଷ୍ଟା ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଦାଶ, ପ୍ରଫେସର ଦାମୋଦର ରାଉଳ, ପ୍ରମୋଦ କୁମାର ସାହୁ, ବିଦ୍ୟାଧର ସେଠୀ, କାହ୍ନୁଚରଣ ରାଉତରାୟ, ପ୍ରଦୀପ ସାହୁ, ବଳରାମ ରାଉତ ପ୍ରମୁଖ ସଭାରେ ବକ୍ତବ୍ୟ ରଖିଥିଲେ । ଏହି ସଭାରେ ୧ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ କର୍ମୀ ଯୋଗ ଦେଇଥିଲେ । ଶେଷରେ ବରିଷ୍ଠ ନେତା ଗଗନ ବିହାରୀ ମହାଳିକ ଧନ୍ୟବାଦ ଦେଇଥିଲେ ।



# ଏବେ ଯଦି ନୁହେଁ, କେବେ ନୁହେଁ

ଚିଦାନନ୍ଦ ଜେନା
ଭୁବନେଶ୍ୱର,୫।୪

■ ଧମକାଇ ନେଲେ ବିଜେଡି ଟିକେଟ
■ ଚାପରେ ବିଜେଡି ସଭାପତି

ସାଧାରଣ ନିର୍ବାଚନ ଘୋଷଣା ହେବା ଦିନଠାରୁ ରାଜ୍ୟରେ ପ୍ରମୁଖ ଦଳଗୁଡ଼ିକର ପ୍ରାର୍ଥୀ ଚୟନ ଚର୍ଚ୍ଚାର ବିଷୟ ହୋଇଛି। ସମସ୍ତ ଦଳର ପ୍ରାର୍ଥୀ ଚୟନ ଅପେକ୍ଷା କ୍ଷମତାସୀନ ବିଜେଡି ପ୍ରାର୍ଥୀ ଚୟନକୁ ନେଇ ରାଜନୀତି ସରଗରମ ହୋଇଛି। ସେହି ଦଳରେ ଏବେସୁଦ୍ଧା ୨୧ରୁ ୨୧ ଲୋକ ସଭା, ୧୪୭ରୁ ୧୪୫ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇସାରିଲାଣି। ପ୍ରାର୍ଥୀ ଚୟନ ହୋଇ ନ ଥିବା ଆସନଗୁଡ଼ିକ ହେଉଛି– ମୟୂରଭଞ୍ଜର ବାରିପଦା ଏବଂ କେନ୍ଦ୍ରାପଡ଼ା ଜିଲାର କେନ୍ଦ୍ରାପଡ଼ା ସଂରକ୍ଷିତ ଆସନ। ଅନେକ ଆସନରେ ପ୍ରାର୍ଥୀ ଘୋଷଣା ହୋଇସାରିଥିଲେ ବି ଅସନ୍ତୋଷ ଲାଗି ରହିଛି। ଏହିସବୁ ଆସନଗୁଡ଼ିକ ହେଉଛି– ଭଦ୍ରକ, ଜଗତ୍‌ସିଂହପୁର, ପାରାଦୀପ, ଜଳେଶ୍ୱର, ଭୁବନେଶ୍ୱର (ଜୟଦେବ), କାକଟପୁର, ଖଣ୍ଡପଡ଼ା ଏବଂ ନିଆଳି ପ୍ରମୁଖ। କେତେକ ନେତାଙ୍କୁ ଦଳୀୟ ସଭାପତି ନବୀନ ପଟ୍ଟନାୟକଙ୍କ ଇଚ୍ଛା ନ ଥାଇ ବି ଟିକେଟ ପ୍ରଦାନ କରାଯାଇଥିବା ରାଜ୍ୟରେ ଆଲୋଚନା ହେଉଛି। ଏହା ମଧ୍ୟରେ ରହିଛି– ପିପିଲି, ବେଗୁନିଆ, ଚିଲିକା, ରାଜନଗର, ଭୁବନେଶ୍ୱର(ମଧ୍ୟ), ଖଣ୍ଡପଡ଼ା ଓ ଚାନ୍ଦବାଲି। ଏତଦ୍‌ବ୍ୟତୀତ ବର୍ଷକ ମଧ୍ୟରେ ଦଳରେ ସାମିଲ ହୋଇ ରାଜନୈତିକ ପଦପଦବୀ ପାଇଥିବା ବ୍ୟକ୍ତିବିଶେଷ ବିଧାୟକ ଟିକେଟ ହାତେଇଛନ୍ତି। ଦଳୀୟ ଅସନ୍ତୋଷ ଏତେମାତ୍ରାରେ ବୃଦ୍ଧି ପାଇଲା ଯେ, ଦଳର ବହୁତ ନେତା ନିଜ ଆଡୁ ବିଜେଡି ଛାଡିବାକୁ ବାଧ୍ୟ ହେଲେ। ଏମାନଙ୍କ ମଧ୍ୟରେ ଅଛନ୍ତି– ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଏମ୍‌ପି ଅର୍ଜୁନ ଚରଣ ସେଠୀ, ବଳଭଦ୍ର ମାଝି, ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ପୂର୍ବତନ ଏମ୍‌ପି ମୋହନ ଯେନା, ବିଧାୟକ ହୋଇଥିବା ଦେବରାଜ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ନାୟକ, ବାସନ୍ତୀ ମଲ୍ଲିକ ଏବଂ ସୁକାନ୍ତ ନାୟକ ପ୍ରମୁଖ।

ଏସବୁ ଘଟଣାବଳୀକୁ ବାଦ୍ ଦେଇ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ବରିଷ୍ଠ ବିଧାୟକ ଦେବାଶିଷ ନାୟକ, ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କ ଭଳି ନେତାଙ୍କ ଟିକେଟ୍ କଟିବା ମଧ୍ୟ ଭିନ୍ନ ସଙ୍କେତ ଦେଉଛି। ରାଜନୈତିକ ପର୍ଯ୍ୟବେକ୍ଷକମାନଙ୍କ କହିବାନୁଯାୟୀ ବିଜେଡି ସଭାପତି ପୂର୍ବ ନିର୍ବାଚନ ଭଳି ସୁରୁଖୁରୁରେ ଟିକେଟ୍ ବଣ୍ଟନ କରି ପାରିଲେ ନାହିଁ। କାରଣ ୨୦୦୦, ୨୦୦୪, ୨୦୦୯ ନିର୍ବାଚନରେ ଦଳର କିଛି ବରିଷ୍ଠ ନେତା ଏବଂ ଅବସରପ୍ରାପ୍ତ ପ୍ରଶାସକ ପ୍ୟାରୀମୋହନ ମହାପାତ୍ର ଟିକେଟ୍ ବଣ୍ଟନ ବ୍ୟାପାର ସମ୍ଭାଳିଥିଲେ। ୨୦୧୨ରେ ପ୍ୟାରୀମୋହନଙ୍କ ସମ୍ପର୍କ ବିଜେଡି ସହ ଛିନ୍ନ ହେବା ପରେ ୨୦୧୪ ଟିକେଟ ବଣ୍ଟନରେ ତତ୍କାଳୀନ ଧର୍ମଶାଳା ବିଧାୟକ କଳ୍ପତରୁ ଦାସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହିତ ନିର୍ବାଚନ ପୂର୍ବରୁ ଟିକିନିଖି ଭାବେ ସର୍ଭେ କରାଯାଇ ପ୍ରତ୍ୟେକଟି ଆସନ ପାଇଁ ପ୍ରାର୍ଥୀ ଚୟନ କରାଯାଇଥିଲା। ଏହା ପରେ ଦଳର ଦାୟିତ୍ୱ ବୁଝିବା ପାଇଁ ନବୀନଙ୍କ ପରେ କେହି ରାଜନୈତିକ ବ୍ୟକ୍ତିଙ୍କ ଆବିର୍ଭାବ ହୋଇନାହିଁ।

ସେହିପରି ସାମ୍ପ୍ରତିକ ପରିସ୍ଥିତିରେ ରାଜ୍ୟ ରାଜନୀତିକୁ ଅନୁଶୀଳନ କଲେ ଏହା ସ୍ପଷ୍ଟ ଯେ, ଦୀର୍ଘଦିନ ଧରି କ୍ଷମତାରେ ଥିବା ବିଜେଡି ସର୍ବାଧିକ ଶାସନ ବିରୋଧୀ ହାୱାର ସମ୍ମୁଖୀନ ହୋଇଛି। ଏହା ବ୍ୟତୀତ, ସାଧାରଣରେ ବିଶ୍ୱାସ କରାଯାଉଛି ଯେ, ୨୦୧୯ ନିର୍ବାଚନ ଉଭୟ ନବୀନ ପଟ୍ଟନାୟକ ଏବଂ ତାଙ୍କ ଦଳ ପାଇଁ ଶେଷ ଲଢ଼େଇ ହେବ। ସେଥିପାଇଁ 'ଏବେ ଯଦି ନୁହେଁ, କେବେ ନୁହେଁ' ନୀତିରେ ସମସ୍ତେ ମାତିଛନ୍ତି। ପ୍ରତି ଆସନ ପିଛା ବିଜେଡି ଟିକେଟ ଆଶାୟୀଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ରହିଥିଲା। ବିଧାନସଭା ଆସନ ଟିକେଟ ପାଇଁ ଆଶାୟୀ ସବୁକିଛି କରିବାକୁ ପ୍ରସ୍ତୁତ ଥିଲେ। ଅପରପକ୍ଷରେ ଲୋକ ସଭା ଆସନ ପାଇଁ ଆଶାୟୀଙ୍କ ସଂଖ୍ୟା କମ୍ ଥିଲା। ବିଜେଡି ଟିକେଟ ପ୍ରଦାନ ଚାହିଦା ଦେଖି ଏହାର ମୂଲ୍ୟ ଧାର୍ଯ୍ୟ କରିବା ପାଇଁ କେତେକ ନେତା ଆଗେଇ ଆସିଲେ। ଏହି ନିଲାମି ସେମାନଙ୍କ ପାଇଁ ବିପୁଳ ପରିମାଣର ଆର୍ଥିକ ଫାଇଦାର କାରଣ ହୋଇଥିବା ବେଳେ ଆଶାୟୀଙ୍କ ଅସନ୍ତୋଷକୁ ଉଗ୍ର କରିଛି। ସେହିପରି କିଛି ନେତା ମୁଖିଆଙ୍କ ଉପରେ ଚାପ ପକାଇବା ପାଇଁ ଦିନରାତି ନବୀନ ନିବାସ ସାମ୍ନାରେ ଶକ୍ତି ପ୍ରଦର୍ଶନ କଲେ। ଏମିତି କି ବିଜେଡି ଟିକେଟ ନ ମିଳିଲେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଧମକ ଦେଲେ ବୋଲି ଶୁଣିବାକୁ ମିଳିଛି। ଏଭଳି ଗୁଜବ ବିଶ୍ୱାସଯୋଗ୍ୟ ହେବା ପଛରେ ଏକ ମୁଖ୍ୟ କାରଣ ହେଲା, ଟିକେଟ ବଣ୍ଟନ ପଛରେ ବିଳମ୍ବ। ଏହାର ଅନ୍ୟ ଏକ ଉଦାହରଣ ହେଉଛି, ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ଶେଷ ଦିନ ଚମ୍ପୁଆ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା। ବିଜେଡି ନିଜ ଆଡୁ ପ୍ରାର୍ଥୀ ନ ପାଇବା ପରେ ସ୍ଥାନୀୟ ପ୍ରଭାବଶାଳୀ ବିଧାୟକ ସନାତନ ମହାକୁଡ଼ଙ୍କ ସହଯୋଗ ଲୋଡ଼ିଥିଲା। ଏପରିକି ଚମ୍ପୁଆ ସହ କେନ୍ଦୁଝର ଲୋକ ସଭା ଆସନ ପାଇଁ ସନାତନଙ୍କ ସୁପାରିସକୁ କାର୍ଯ୍ୟକାରୀ କରାଯାଇଥିଲା ବୋଲି ନିଜେ ଗଣମାଧ୍ୟମକୁ କହିଛନ୍ତି। ଏହା ପ୍ରାର୍ଥୀ ଚୟନରେ ବିଜେଡିର ଅସହାୟତାକୁ ଦର୍ଶାଉଛି। ଚମ୍ପୁଆରେ ଦଳର ସଙ୍ଗଠନ ଥାଇ ବି ନିଜସ୍ୱ ପ୍ରାର୍ଥୀ ଦେଇ ପାରିଲା ନାହିଁ।

୨୦୧୭ରେ ହୋଇଥିବା ପଞ୍ଚାୟତ ନିର୍ବାଚନ ବିପର୍ଯ୍ୟୟ ପରେ ବିଜେଡିର ଦୁର୍ବଳତା ପଦାକୁ ଆସିଥିଲା। ଏହାପରେ ପରିସ୍ଥିତିକୁ ବଦଳାଇବା ପାଇଁ ବିଭିନ୍ନ ଚେଷ୍ଟା କରାଯାଇଥିଲା। ଝଡ଼ତୋଫାନ ପରି ସରକାରୀ ଯୋଜନା ଘୋଷଣା କରାଗଲା। ଏତେ ସବୁ ପରେ ବି ଟିକେଟ ବଣ୍ଟନ ସମୟରେ ବିଜେଡିକୁ ବହୁତ ହଇରାଣ ହେବାକୁ ପଡ଼ିଛି। ଏଥିରୁ ପ୍ରମାଣିତ ହେଉଛି ଯେ, ସମ୍ଭବତଃ ପ୍ରଥମଥର ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଧମକର ଶିକାର ହୋଇଥିଲେ। କେବଳ ସେତିକି ନୁହେଁ, ସନାତନ ମହାକୁଡ଼ଙ୍କ ଭଳି ଆହୁରି ଅନେକ ବ୍ୟକ୍ତି ନବୀନଙ୍କ ଦୁର୍ବଳତାର ସୁଯୋଗ ନେଲେ। ଏମିତି କି କେତେଜଣ ଏପରି ସୁବିଧା ହାତେଇଛନ୍ତି, ତାହା ବିଜୁ ଜନତା ଦଳର ଭବିଷ୍ୟତକୁ କେଉଁ ଭଳି ପ୍ରଭାବିତ କରିବ, ତାହା ଦେଖିବାକୁ ପର୍ଯ୍ୟବେକ୍ଷକ ଓ ରାଜ୍ୟବାସୀ ଅପେକ୍ଷାରତ।



କେନ୍ଦ୍ରାପଡ଼ା ଜିଲା ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ଧ୍ରୁବଚରଣ ସାହୁଙ୍କୁ ବଦଳାଇବା ଦାବିରେ ଶୁକ୍ରବାର ଭୁବନେଶ୍ୱର ନବୀନ ନିବାସ ଆସିଥିବା ସ୍ଥାନୀୟ ଅଞ୍ଚଳର ଦଳୀୟ କର୍ମୀ ଓ ନେତା।

# ସୁନୀତାଙ୍କୁ ଅଟକାଇଲା ଫ୍ଲାଇଂ ସ୍କ୍ୱାଡ୍

ନୂଆଗାଁ, ୫।୪ (ଡି.ଏନ୍.ଏ.)

ଶୁକ୍ରବାର ସୁନ୍ଦରଗଡ଼ ବିଜେଡି ଲୋକ ସଭା ପ୍ରାର୍ଥୀ ସୁନୀତା ବିଶ୍ୱାଳଙ୍କୁ ଫ୍ଲାଇଂ ସ୍କ୍ୱାଡ୍ ପ୍ରାୟ ୪୫ ମିନିଟ୍ ଅଟକାଇ ରଖିଥିଲା। ରୋଡ ଶୋ, ସଭା ପାଇଁ ସେ ଜିଲା ପ୍ରଶାସନଙ୍କଠାରୁ ଆଣିଥିବା ଅନୁମତିପତ୍ର ଦେଖାଇ ପାରି ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ କିଛି ସମୟ ପାଇଁ ତାଙ୍କ ସମର୍ଥକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଶେଷରେ ଅନୁମତିପତ୍ର ଦେଖାଇବା ପରେ ଫ୍ଲାଇଂ ସ୍କ୍ୱାଡ ତାଙ୍କୁ ଯିବାକୁ ଅନୁମତି ଦେଇଥିଲା।


ଫ୍ଲାଇଂ ସ୍କ୍ୱାଡ୍ ଦାୟିତ୍ୱରେ ଥିବା ଅଧିକାରୀମାନେ ସୁନୀତାଙ୍କୁ ଅଟକାଇ ଅନୁମତିପତ୍ର ମାଗୁଛନ୍ତି।

■ ରୋଡ ଶୋ, ସଭା ପାଇଁ ଅନୁମତି ପତ୍ର ନ ଥିଲା
■ ୪୫ ମିନିଟ ଅଟକ ପରେ ପ୍ରଚାର ପାଇଁ ଗଲେ

ସୁନିତା ସକାଳ ପ୍ରାୟ ସାଢ଼େ ୯ଟାରୁ ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ରୋଡ ଶୋ ଓ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ସେହି ବ୍ଲକର କରଡେଗା ପଞ୍ଚାୟତରୁ ବିଜେଡିର ରୋଡ ଶୋ ଓ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ବିଧାନସଭା ପ୍ରାର୍ଥୀ ମଖଲୁ ଏକ୍କା, ବରିଷ୍ଠ ନାରୀନେତ୍ରୀ ମିନତି ଦେବତା, ବ୍ଲକ ସଭାପତି ଦିଗାମ୍ବର ଦାସ, ପରଭେଜ ଖାନ୍ ପ୍ରମୁଖ ସାମିଲ ହୋଇଥିଲେ। କରଡେଗା ଗାଁରେ ବିଜେଡିର ସଭାକାର୍ଯ୍ୟ ସରିଲା ପରେ ସୁନୀତାଙ୍କ ଗାଡି କୋକେରମା ଓ ହାତୀବାରି ପଞ୍ଚାୟତରେ ପହଞ୍ଚିଥିଲା। ଏହି ସମୟରେ ଫ୍ଲାଇଂ ସ୍କ୍ୱାଡ୍ ସେଠାରେ ପହଞ୍ଚି ସୁନୀତାଙ୍କୁ ରୋଡ ଶୋ ଓ ସଭା ପାଇଁ ଅନୁମତିପତ୍ର ମାଗିଥିଲା। ହେଲେ ସୁନୀତା ଅନୁମତି ଅଛି କହି କିଛି ଦୂର ଚାଲିଯାଇଥିଲେ। ଶେଷରେ ପୁରୁଣାପାଣିଠାରେ ମାଜିଷ୍ଟ୍ରେଟ ସମ୍ବିତ ଦାସଙ୍କ ଉପସ୍ଥିତିରେ ହାତୀବାରି ଥାନା ପୋଲିସ ଓ ଫ୍ଲାଇଂ ସ୍କ୍ୱାଡ୍ ସୁନୀତାଙ୍କ ଗାଡିକୁ ଅଟକାଇ ଅନୁମତିପତ୍ର ମାଗିଥିଲେ। ହେଲେ ସେ ଅନୁମତିପତ୍ର ଦେଖାଇ ପାରି ନ ଥିଲେ। ପ୍ରାୟ ୪୫ ମିନିଟ ପରେ ଅନୁମତିପତ୍ର ତାଙ୍କ ପାଖରେ ପହଞ୍ଚିଲା ପରେ ତାଙ୍କୁ ଛଡ଼ା ଯାଇଥିଲା। ପରେ ସୁନୀତା ନୂଆଗାଁ ବ୍ଲକର ନୂଆଗାଁ, ବଡଯୋଜଦା, ଚିତାପେଡି, ଉର୍ମେଇ, ସୋରଡା, ବାରିଲେପ୍ଟା, ବାଗଡେଗା, ଖୁଣ୍ଟଗାଁ ଓ ତେତେରକେଲା ପଞ୍ଚାୟତଗୁଡ଼ିକୁ ଯାଇ ନିର୍ବାଚନ ପ୍ରଚାର କରିଥିଲେ।

# ମୋଦିଙ୍କ ଫକିରଗିରି ଏକ ନାଟକ: ବାଘେଲ

ନୂଆପଡ଼ା ଅଫିସ/ତରବୋଡ, ୫।୪(ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଜଣେ ଚା ବାଲା କହୁଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ଦେଶର କୌଣସି ଗରିବ, ଦିନମଜୁରିଆଙ୍କୁ କପେ ଚା ଦେଇନାହାନ୍ତି। ସେ ନିଜକୁ ଫକିର ଭାବେ ପରିଚୟ ଦେଉଛନ୍ତି। ହେଲେ ୨ କୋଟି ଟଙ୍କାର ସୁଟ୍ ପିନ୍ଧୁଛନ୍ତି, ହାଇପ୍ରୋଫାଇଲ ବିଦେଶ ଗସ୍ତ କରି ୨ ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ନୀରବ ମୋଦିଙ୍କୁ ୩୦ ହଜାର କୋଟି ଏବଂ ଅମ୍ବାନୀଙ୍କୁ ୨୦ ହଜାର କୋଟି ଟଙ୍କାର ମୁନାଫା ଦେଇଛନ୍ତି। ତାଙ୍କର ଚା ବାଲା ଏବଂ ଫକିରଗିରି ଏକ ନାଟକ ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ କହିଛନ୍ତି।

ଶୁକ୍ରବାର ଦିନ ପ୍ରାୟ ସାଢେ ୧୨ଟାରେ ନୂଆପଡ଼ା ଜିଲା ତରବୋଡ ହାଇସ୍କୁଲ ଖେଳ ପଡ଼ିଆରେ କଂଗ୍ରେସ ପକ୍ଷରୁ ଏକ ନିର୍ବାଚନୀ ସଭାର ଆୟୋଜନ କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ତଥା ନୂଆପଡ଼ା ବିଧାନସଭା ପ୍ରାର୍ଥୀ ଘାସିରାମ ମାଝିଙ୍କ ସଭାପତିତ୍ୱ ଆୟୋଜିତ ଏହି ସଭାରେ ବାଘେଲ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ଛତିଶଗଡ଼ର ବିକାଶ କଥା କହିଥିଲେ। ଏହା ସହିତ ଗତ ନିର୍ବାଚନ ସମୟରେ ରାହୁଲ ଗାନ୍ଧୀଙ୍କ ଏଜେଣ୍ଡାକୁ କିପରି କାର୍ଯ୍ୟକାରୀ କରାଯାଇଥିଲା ତା'ର ବର୍ଣ୍ଣନା କରିଥିଲେ। ଛତିଶଗଡ଼ରୁ ବିକାଶର ଧାରା ଆରମ୍ଭ ହୋଇଛି। ନୂଆପଡାବାସୀ ଦୁଇ ପ୍ରାର୍ଥୀ ଘାସିରାମ ମାଝି ଏବଂ ଭକ୍ତଚରଣ ଦାସଙ୍କୁ ହାତଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ସେ ନିବେଦନ କରିବା ସହ ପରିବର୍ତ୍ତନର ଧାରାକୁ ମଜଭୁତ କରିବାକୁ ଆହ୍ୱାନ କରିଥିଲେ।


ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଉଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଳାହାଣ୍ଡି ଲୋକ ସଭା ପ୍ରାର୍ଥୀ ଭକ୍ତଚରଣ ଦାସ, ରାଷ୍ଟ୍ରୀୟ ସମ୍ପାଦକ ତଥା ରାଜ୍ୟ ପ୍ରଭାରୀ ଅନିଲ ଚୌଧୁରୀ ପ୍ରମୁଖ ଉଦ୍‌ବୋଧନ ଦେଇ ପୂର୍ବରୁ ଜିଲା ପାଇଁ ନିଆଯାଇ ଥିବା ବିଭିନ୍ନ ପଦକ୍ଷେପର ବିବରଣୀ ଉପସ୍ଥାପନ କରିଥିଲେ। ନୂଆପଡାର ବିକାଶ ପାଇଁ କଂଗ୍ରେସ ନୂଆ ସ୍ୱପ୍ନ ଦେଖିଛି। ଏଥିରେ ଜିଲାବାସୀ ସମର୍ଥନ କରି ଭୋଟଦେବାକୁ ଲୋକ ସଭା ପ୍ରାର୍ଥୀ ଦାସ ଆହ୍ୱାନ କରିଥିଲେ। ନୂଆପଡା ଜିଲା ସମସ୍ୟାରେ ଭାସୁଛି। ହେଲେ ବିଜେଡି ଏବଂ ଭାଜପାର ନେତାମାନେ ପଦବୀକୁ ଜାବୁଡ଼ି ଧରି ଦୁର୍ନୀତି କରିଚାଲିଛନ୍ତି। ଥରେ ତାଙ୍କୁ ସୁଯୋଗ ଦେବାକୁ ଘାସିରାମ ମାଝି ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହାଲ୍ଲା ସିଂ, ପ୍ରଦୀପ ସାହୁ, ରବୀନ୍ଦ୍ର ମଙ୍ଗରାଜ, ସୌରଭ ଚନ୍ଦ୍ରକାର, ଜିଲା ଉପସଭାପତି ଅଷାଢୁ ଦୁରିଆ, ମହମ୍ମଦ ଜୁନୈଦ୍, ରାଜେନ୍ଦ୍ର ଜୈନ, ଜିଲା ପରିଷଦ ସଭ୍ୟା ଉଷା ଚନ୍ଦ୍ରକାର, ଜଗଦୀଶ ସାହୁ, ଭକ୍ତଚରଣ ଶବର, ମହମ୍ମଦ ଇଶାକ୍, ବିରନଚି ବାଗ, ହେମ ଦାସ ପ୍ରମୁଖ ଯୋଗଦେଇଥିଲେ।

ମୁଖ୍ୟମନ୍ତ୍ରୀଙ୍କ ମହିଳା ସଶକ୍ତୀକରଣ ପ୍ରସଙ୍ଗ

# 'ଲଙ୍କାରେ ହରିନାମ ଭଳି ଲାଗୁଛି'

ଭୁବନେଶ୍ୱର,୫।୪(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୁହଁରେ ମହିଳା ସଶକ୍ତୀକରଣ କଥା ଶୁଣିଲେ ଲଙ୍କାରେ ହରିନାମ ଭଳି ଲାଗୁଛି। ଓଡ଼ିଶାବାସୀ କୁନ୍ଦୁଲି ଓ ପିପିଲି ପୀଡ଼ିତାଙ୍କ ଦୁଃଖ କାହାଣୀ ଭୁଲିନାହାନ୍ତି। ସେମାନଙ୍କୁ କିଏ ନ୍ୟାୟ ଦେବ। ପିପିଲି ଗଣବଳାତ୍କାର ଓ ହତ୍ୟାକାଣ୍ଡର ଅଭିଯୁକ୍ତମାନଙ୍କ ମୁଖ୍ୟ ପୃଷ୍ଠପୋଷକଙ୍କୁ କାହିଁକି ମୁଖ୍ୟମନ୍ତ୍ରୀ ତିନିମାସ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରିଥିଲେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶ୍ନ କରିଛନ୍ତି। ସାମାଜିକ ଗଣମାଧ୍ୟମ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରି ଧର୍ମେନ୍ଦ୍ର କହିଛନ୍ତି, ଭୁବନେଶ୍ୱରରୁ ଜଣଙ୍କୁ ବିଜେଡି ଟିକେଟ୍ ଦେଇଛି, ଯାହାଙ୍କ କେଲେଙ୍କାରି ଯୋଗୁ ରାଜ୍ୟ ଲଜ୍ଜିତ ହୋଇଥିଲା। ମହିଳାଙ୍କୁ ସଶକ୍ତୀକରଣ କଥା କହୁଥିବା ମୁଖ୍ୟମନ୍ତ୍ରୀ ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲାର ଅଭିଯୁକ୍ତମାନଙ୍କ ପୃଷ୍ଠପୋଷକଙ୍କୁ ଟିକେଟ୍ ଦେଲେ। କୁନ୍ଦୁଲି ପୀଡ଼ିତା ଆତ୍ମହତ୍ୟା କରିବାର ଉତ୍ତର କିଏ ଦେବ ବୋଲି ସେ ପ୍ରଶ୍ନ କରିଛନ୍ତି। ଦୁଇଦିନ ତଳେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ଅସଦାଚାରଣ ବିରୋଧରେ ନବୀନ ନିବାସ ଆଗରେ ଜଣେ ମହିଳା ଆତ୍ମହୁତି ଦେବାକୁ ଉଦ୍ୟମ କରିଥିଲେ। ଗତ ୩ବର୍ଷରେ ସରକାରୀ ଆଦିବାସୀ ଛାତ୍ରୀ ନିବାସରେ ୧୨ଜଣ ନାବାଳିକା ଗର୍ଭବତୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମହିଳା ବିରୋଧୀ ହୋଇଥିବା ବେଳେ ରାଜ୍ୟର ୨୫ ଜିଲାରେ କୁପୋଷଣରେ ଶିଶୁଙ୍କ ଅବସ୍ଥା ଭୟଙ୍କର ହୋଇଛି। ୨୦୩୬ରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ହେବାରେ ୧୦୦ବର୍ଷ ପୂରିବ। ଜନ୍ମ ହେଉଥିବା ପିଲା ସେତେବେଳେ ଯୁବକ ଅବସ୍ଥାରେ ଥିବେ। କିନ୍ତୁ ରାଜ୍ୟ ସରକାର ମହିଳା ଓ ଶିଶୁଙ୍କ ଉପରେ ଯେଉଁ ନୀତି ଆପଣାଉଛନ୍ତି ତାହା ଅତ୍ୟନ୍ତ ଚିନ୍ତାଜନକ ବିଷୟ ହୋଇଛି। ମୁଖ୍ୟମନ୍ତ୍ରୀ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ନିଜ ଡରକୁ ପ୍ରକାଶ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରେସ୍ ବିଜ୍ଞପ୍ତିରେ ମହିଳା ନେତୃତ୍ୱ କଥା ଉଲ୍ଲେଖ କରି ନବୀନବାବୁ ଅନ୍ତଃରାଷ୍ଟ୍ରୀୟସ୍ତରର ନେତ୍ରୀମାନଙ୍କ କଥା ଉଠାଇ ନ୍ୟୁଜିଲାଣ୍ଡ ଓ ଜର୍ମାନୀର ନାଁ ନେଇଛନ୍ତି। ହେଲେ ମୋଦିଙ୍କ କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ମଧ୍ୟରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଓ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ ବିଶ୍ୱରେ ମହିଳା ନେତୃତ୍ୱର ନୂଆ ମାପକାଠି ତିଆରି କରିଛନ୍ତି। ସୀଥାରାମନଙ୍କ ଦାୟିତ୍ୱରେ ସର୍ଜିକାଲ ଷ୍ଟ୍ରାଇକ ଓ ପୁଲୱାମା ଆକ୍ରମଣର ପ୍ରତିଶୋଧ ଭଳି କାର୍ଯ୍ୟ ହୋଇପାରିଛି। ଏ ପ୍ରକାର ସଶକ୍ତ ମହିଳା ନେତୃତ୍ୱ ଅତୀତରେ ଭାରତୀୟ ରାଜନୀତିରେ ଦେଖିବାକୁ ମିଳି ନ ଥିଲା। ନବୀନବାବୁ ଯଦି ଏହି ଦୁଇ ନାରୀ ନେତ୍ରୀଙ୍କ ଉଦାହରଣ ଦେଇଥାନ୍ତେ ତେବେ ଭାରତୀୟ ମହିଳା ବିଶେଷତଃ ଓଡ଼ିଶାର ଭଉଣୀମାନଙ୍କୁ ପ୍ରେରଣା ମିଳିଥାନ୍ତା। ମୋଦିଙ୍କ ଲୋକପ୍ରିୟତା ବଢ଼ିବା ଯୋଗୁ ମୁଖ୍ୟମନ୍ତ୍ରୀ ଏପରି କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମୟ ଶେଷ ହୋଇଆସିଲାଣି। ମୋଦିଙ୍କ ବିରୋଧରେ ଯେତେ ଅପପ୍ରଚାର କଲେ ମଧ୍ୟ ଓଡ଼ିଆ ଲୋକମାନେ ଏଥର ଦିଲ୍ଲୀ ଓ ଭୁବନେଶ୍ୱରରେ ଭାଜପାର ଡବଲ ଇଞ୍ଜିନ ସରକାର କରିବେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ୨ ଆସନରେ ପ୍ରାର୍ଥୀ ବଦଳାଇଲା ଜେଏମ୍‌ଏମ୍

ବାରିପଦା ଅଫିସ,୫।୪

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍‌ଏମ୍) ପକ୍ଷରୁ ଗତ ବୁଧବାର ରାଜ୍ୟର ଗୋଟିଏ ଲୋକ ସଭା ଓ ୫ ବିଧାନସଭା ଆସନରେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା। ପ୍ରାର୍ଥୀ ଚୟନକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ରାଇରଙ୍ଗପୁର ଓ ବାଙ୍ଗିରିପୋଷି ବିଧାନସଭା ଦୁଇ ଆସନରେ ଦଳ ପ୍ରାର୍ଥୀ ପରିବର୍ତ୍ତନ କରିଥିବା ଶୁକ୍ରବାର ଦଳର କେନ୍ଦ୍ରୀୟ ଅଧ୍ୟକ୍ଷ ଶିବୁ ସୋରେନ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ବାଙ୍ଗିରିପୋଷି ଆସନରେ ସୁନ୍ଦର ମୋହନ ସିଂଙ୍କ ସ୍ଥାନରେ ଜିଲା ସଭାପତି ଫାଗୁ ହାଁସଦା ଓ ରାଇରଙ୍ଗପୁର ଆସନରେ ସୁନାରାମ ଟୁଡୁଙ୍କ ବଦଳରେ ରାମଚନ୍ଦ୍ର ମୁର୍ମୁଙ୍କୁ ପ୍ରାର୍ଥୀ କରାଯାଇଛି।


**ରାଇରଙ୍ଗପୁର ଓ ବାଙ୍ଗିରିପୋଷି ବିଧାନସଭା ଆସନ**

ପ୍ରାର୍ଥୀ ପରିବର୍ତ୍ତନ ନେଇ ଦଳରେ ଚାପା ଗୁଞ୍ଜରଣ ପ୍ରକାଶ ପାଇଛି। ଗତ ବୁଧବାର ଦଳ ପକ୍ଷରୁ ମୟୂରଭଞ୍ଜ ଲୋକ ସଭା ଆସନ ଲାଗି ଅଞ୍ଜନି ସୋରେନ ଏବଂ ୨ଟି ଲୋକ ସଭା କ୍ଷେତ୍ର ଅଧୀନ ସାରସକଣା ବିଧାନସଭା ଆସନରେ ମହେଶଚନ୍ଦ୍ର ହେମ୍ବ୍ରମ, ବାଙ୍ଗିରିପୋଷିରେ ସୁନ୍ଦର ମୋହନ, ମୋରଡାରେ କଳିଙ୍ଗ କେଶରୀ ଜେନା ଏବଂ ରାଇରଙ୍ଗପୁର ଆସନ ଲାଗି ସୁନାରାମ ଏବଂ ସୁନ୍ଦରଗଡ ଜିଲା ବୀରମିତ୍ରପୁର ବିଧାନସଭା ଆସନ ଲାଗି ସେବିୟନ ଆଇନ୍ଦଙ୍କୁ ଦଳ ପ୍ରାର୍ଥୀ ଘୋଷଣା କରିଥିଲା। ଏହି ଘୋଷଣା କରିବାର କିଛି ସମୟ ପରେ କେତେକ ନର୍ଦ୍ଦିଷ୍ଟ ଆସନରେ ଉପଯୁକ୍ତ ପ୍ରାର୍ଥୀ ଦିଆଯାଇ ନ ଥିବା ଦଳର ଜିଲା ସଭାପତି ଫାଗୁ ହାଁସଦା ଦର୍ଶାଇ ଅସନ୍ତୋଷ ବ୍ୟକ୍ତ କରି ଏହାର ପୁନର୍ବିଚାର କରାଯାଉ ବୋଲି ଦାବି ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଦଳର ଉଚ୍ଚ କର୍ତ୍ତୃପକ୍ଷ ତାଙ୍କୁ ଆଲୋଚନା ଲାଗି ଡକାଇଥିଲେ। ଏହି ଘଟଣା କ୍ରମରେ ୨ ଆସନର ପ୍ରାର୍ଥୀ ବଦଳିଥିବା ଚର୍ଚ୍ଚା ହେଉଛି। ଉଲ୍ଲେଖନୀୟ ଯେ, ଚଳିତ ନର୍ବାଚନରେ ରାଜ୍ୟରେ କଂଗ୍ରେସ ଓ ଜେଏମ୍‌ଏମ୍ ମିଳିତ ଭାବେ ନିର୍ବାଚନ ଲଢ଼ିବା ସକାଶେ ଆଲୋଚନା ହୋଇଥିଲେ ମଧ୍ୟ ଏ ଯାଏ ଚୂଡାନ୍ତ ବୁଝାମଣା ହୋଇପାରି ନାହିଁ। କଂଗ୍ରେସ ବର୍ତ୍ତମାନ ସୁଦ୍ଧା ମୟୂରଭଞ୍ଜ ଲୋକ ସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା କରି ନ ଥିବା ବେଳେ ଏହି କ୍ଷେତ୍ର ଅଧୀନ କେବଳ ବାରିପଦା, ଯଶିପୁର ଓ ଉଦଳା ବିଧାନସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା କରିଛି। ଅନ୍ୟ ଆସନ ଖାଲି ପଡିଛି। ଭାଜପା ଓ ବିଜେଡି ସବୁ ଆସନରେ ପ୍ରାର୍ଥୀ ଘୋଷଣା କରି ଏବେ ରଣନୀତି ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି।


ଫାଗୁ ହାଁସଦା


ରାମଚନ୍ଦ୍ର ମୁର୍ମୁ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୬ ଏପ୍ରିଲ, ୨୦୧୯



ମଣିଷର ପ୍ରକୃତି ଯାହା ଉପର ଦେଇ ଚଢ଼ିବ ତାକୁ ହିଁ ପ୍ରଥମେ ଭୁଲିଯିବ। ଛାତକୁ ଚଢ଼ି ସାରିଲାପରେ ଶିଡ଼ି କଥା ମନେଥାଏ କି?
- ମାର୍କ ଟ୍ୱାଇନ୍



## ସଂକ୍ଷେପରେ

### ଚୋରା କିରୋସିନ ଜବତ

କୋରେଇ,୫।୪(ସ୍ୱ.ପ୍ର.)- କୋରେଇ ଥାନା ଅନ୍ତର୍ଗତ ରଣପୁର ଛକ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଉକ୍ତ ଗ୍ରାମର ଶଶିକାନ୍ତ ସ୍ୱାଇଁ ଓ ତାଙ୍କ ସାଙ୍ଗମାନେ ଠିଆ ହୋଇଥିବାବେଳେ ସେହି ରାସ୍ତା ଦେଇ ଏକ କିରୋସିନ ଡ୍ରମ ମୋଟରସାଇକେଲ (ଓଡି-୦୪ବି-୭୧୭୫)ରେ ଯାଉଥିଲା। ସେମାନେ ଅଟକାଇବାକୁ ଚେଷ୍ଟା କରିବାରୁ ବ୍ୟବସାୟୀ ଜଣକ ଗାଡି ଓ କିରୋସିନ ଛାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ସେମାନେ କୋରେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ୧୨୦ ଲିଟର କିରୋସିନ ଓ ମୋଟରସାଇକେଲ ଜବତ କରି ଥାନାକୁ ଆଣିଥିଲା। ଏ ନେଇ ଏକ ମାମଲା (ନଂ.୬୫/୧୯) ରୁଜୁ କରି ଫେରାର ବ୍ୟବସାୟୀଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

### ବିଜେଡିର ମିଶ୍ରଣ ପର୍ବ

ବିଞ୍ଝାରପୁର, ୫।୪ (ଡି.ଏନ.ଏ.)- ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ଓ ଚିକଣା ପଞ୍ଚାୟତ ଯୁବ ଭାଜପା ଆଗଧାଡ଼ିର ସଙ୍ଗଠନ ଚୈତନ୍ୟ ଜେନା, ଅମର ମହାଳିକ, ଅମରେଶ ବାରିକ, ଅଜୁ ଜେନା, ଭାନୁ ମଲ୍ଲିକ, ବିଜୟ ସେଠୀ, ବିମଳ ମହାଳିକ, ଚିନ୍ତାମଣି ଯେନା, ସାଗର ଯେନା, ଅଜୟ ଜେନା, ମିଟୁ ଜେନା, ବିଭୁପ୍ରସାଦ ସେଠୀ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ଅରେଇ ସମିତିସଭ୍ୟ ସମୀର କୁମାର ଜେନା, ଅମରେନ୍ଦ୍ର ନାୟକ, ଗୋବିନ୍ଦ ଚନ୍ଦ୍ର ଯେନା, ଜଗନ୍ନାଥ ବରାଳ, ଶାରଦା ପ୍ରସନ୍ନ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ ଦଳରେ ସାମିଲ ହୋଇଥିବା ନବାଗତ କର୍ମୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ସମ୍ମାନ ଜଣାଇ ଦଳ ପାଇଁ କାର୍ଯ୍ୟ କରି ସ୍ଥାନୀୟ ଅଞ୍ଚଳରେ ବିକାଶଧାରାକୁ ତ୍ୱରାନ୍ୱିତ କରିବାକୁ ନବାଗତମାନେ ସଙ୍କଳ୍ପ ନେଇଥିଲେ।

### ବିବେକାନନ୍ଦ ସ୍କୁଲରେ ପ୍ରବେଶ ଉତ୍ସବ

ବିଞ୍ଝାରପୁର,୫।୪(ଡି.ଏନ.ଏ.)- ଛବାଟିସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶୁକ୍ରବାର ପ୍ରଧାନ ଶିକ୍ଷକ ତରୁଣ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଅତିଥିଭାବେ ବିଦ୍ୟାଳୟର ଶିକ୍ଷକ କାଶୀନାଥ ଜେନା, ବାବାଜୀ ପାତ୍ର, ସୁଧାଂଶୁ ପରିଡା, ସ୍ମୃତିରେଖା ସ୍ୱାଇଁ, ସୁସ୍ମିତା ଜେନା ପ୍ରମୁଖ ଯୋଗଦେଇ ବିଦ୍ୟାଳୟରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ଶିଶୁଙ୍କ ସର୍ବାଙ୍ଗୀନ ଉନ୍ନତିରେ ଶିକ୍ଷା ଓ ସ୍ୱାସ୍ଥ୍ୟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ଛାତ୍ରୀଛାତ୍ରଙ୍କୁ ବାଲ୍ୟାବସ୍ଥାରୁ ଉତ୍ତମ ଚରିତ୍ର ଗଠନ ଓ ସମାଜ ମଙ୍ଗଳ ପାଇଁ କାର୍ଯ୍ୟ କରିବାର ପ୍ରେରଣା ଯୋଗାଇ ପାରିଲେ ଆଗାମୀ ଦିନରେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି ପ୍ରଧାନ ଶିକ୍ଷକ ତରୁଣ କୁମାର ନାୟକ ବକ୍ତବ୍ୟରେ ପ୍ରକାଶ କରିଥିଲେ।

### 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ

ବିଞ୍ଝାରପୁର,୫।୪(ଡି.ଏନ.ଏ.)- ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଶାସନ୍ଦ ପଞ୍ଚାୟତରେ ବିଜେଡି ପକ୍ଷରୁ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟା ସ୍ୱର୍ଣ୍ଣଲତା ସାମଲ, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ଅହଲ୍ୟା ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧକ୍ଷା ପ୍ରିୟତମା ବେହୁରିଆ ପ୍ରମୁଖ ଘର ଘର ବୁଲି ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ସହ ଆମ ଚିହ୍ନ ଶଙ୍ଖ ଚିହ୍ନର ପୋଷ୍ଟର ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନିତା ସାହୁ, ବାସନ୍ତୀ ପଣ୍ଡା, ସୁମନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବିଞ୍ଝାରପୁର ପଞ୍ଚାୟତରେ ସରପଞ୍ଚ ଆଶାଲତା ସାହୁଙ୍କ ନେତୃତ୍ୱରେ ଆୟୋଜିତ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇଥିଲେ।

### ପ୍ରାର୍ଥୀଙ୍କ ରୋଡ ଶୋ ଯୋଗୁ ଟ୍ରାଫିକ ଜାମ୍

ଯାଜପୁରରୋଡ,୫।୪(ନି.ପ୍ର.)- ନିର୍ବାଚନୀ ପ୍ରଚାର ପାଇଁ ପ୍ରାର୍ଥୀମାନେ ରୋଡ ଶୋକୁ ମୁଖ୍ୟ ପାଥେୟ କରିଛନ୍ତି। ୩ ଦଳ ପକ୍ଷରୁ ରୋଡ ଶୋ ହେବା ଯୋଗୁ ଯାଜପୁରରୋଡ ସହରରେ ଟ୍ରାଫିକ ଜାମ ହେଉଛି। ଫଳରେ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୁକ୍ରବାର ଭାଜପାର ବିଧାୟକ ପ୍ରାର୍ଥୀ ମା ଶଙ୍ଖଚିଲା ହିଙ୍ଗୁଳାଙ୍କଠାରୁ ପୂଜାର୍ଚ୍ଚନା କରି ରୋଡ ଶୋ ମାଧ୍ୟମରେ ପ୍ରାର୍ଥିପତ୍ର ଦାଖଲ କରିବା ପାଇଁ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯିବା ସମୟରେ ଦଳା ଛକ ନିକଟରେ ୨ ଘଣ୍ଟା ଧରି ଟ୍ରାଫିକ ଜାମ୍ ହୋଇଥିଲା। ଏପରିକି ଆମ୍ବୁଲାନ୍ସ ସେବା ମଧ୍ୟ ବ୍ୟାହତ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ନ ଥିବାରୁ ଟ୍ରାଫିକ ସମସ୍ୟା ଗୁରୁତର ହୋଇଥିଲା।

# ୯ ଦିନ ନ ପୂରୁଣୁ ଦବିଲା ପୋଲ

କୋରେଇ,୫।୪(ସ୍ୱ.ପ୍ର.)



**ଗ୍ରାମ୍ୟ ଉନ୍ନୟନ ବିଭାଗ**
- ପୋଲ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟବରାଦ
- ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ସ୍ଥାନୀୟ ଲୋକେ

କୋରେଇରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଦୁର୍ନୀତି ବୃଦ୍ଧି ପାଇବାରେ ଲାଗିଛି। ପଞ୍ଚାୟତସ୍ତରରେ ଯେଉଁ ରାସ୍ତା କାମ କରିବାକୁ ଅଧିକ ଅର୍ଥ ଆବଶ୍ୟକ ହୁଏ ଉକ୍ତ ରାସ୍ତାଗୁଡିକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଏ। ଗ୍ରାମ୍ୟ ଉନ୍ନୟନ ବିଭାଗ ଉକ୍ତ ରାସ୍ତାଗୁଡିକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ଟେଣ୍ଡର ମାଧ୍ୟମରେ କାର୍ଯ୍ୟ ସମ୍ପୂର୍ଣ୍ଣ କରନ୍ତି। କିନ୍ତୁ କୋରେଇବାସୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆସୁଥିବା ଅନୁଦାନର କୌଣସି ସୁଫଳ ପାଇପାରୁନାହାନ୍ତି। କାରଣ ଗ୍ରାମ୍ୟ ଉନ୍ନୟନ ବିଭାଗରେ ନିର୍ମାଣ ହୋଇଥିବା ପ୍ରାୟ ସବୁ ରାସ୍ତାରେ ଅତି ନିମ୍ନମାନର ସାମଗ୍ରୀ ବ୍ୟବହାର ହେବା ସହ ସିମେଣ୍ଟ ଓ ପିଚୁ ଭାଗ କମ୍ ଦେଇ କାମ କରାଯାଇଥିବା ଜଣାପଡ଼ିଛି। ଫଳରେ ସ୍ଥାନୀୟ ବାସିନ୍ଦା ଅର୍ଥ ହଡ଼ପ ହେଉଥିବା ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଉଚ୍ଚ ପଦାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ତଦନ୍ତ ହେବାର ନଜର ନାହିଁ। ଏ ନେଇ ସାଧାରଣ ଲୋକେ ଯାଜପୁର ଜିଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିବା ପରେ ଏହି ସମସ୍ତ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରାଯିବ ବୋଲି କହିଥିଲେ। କିନ୍ତୁ ୩୦% ପିସି କାରବାରରେ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଅଭିଯୋଗ ହୋଇଥିବା ପ୍ରାୟ ସମସ୍ତ କାର୍ଯ୍ୟର ବିଲ୍ ଠିକାଦାରଙ୍କୁ ପୈଠ କରିଦେଇଥିବା ଶୁଣିବାକୁ ମିଳୁଛି। ଏହାର ଉଦାହରଣ ଦେଖିବାକୁ ମିଳିଛି ତୁଳତି, ଭାୟା ସହଗାଁ କୟାଁ ଛକ ରାସ୍ତାରେ। ବିନା ଫଳକରେ ଏହି ରାସ୍ତାରେ ୬୦ଲକ୍ଷ ଟଙ୍କାର କାର୍ଯ୍ୟ ହୋଇଥିଲେ ମଧ୍ୟ ମାତ୍ର ୧ ମାସ ଭିତରେ ପିଚୁ ଓ କଂକ୍ରିଟ ଉଠିଯାଇଥିବା ଦେଖିବାକୁ ମିଳିଛି। ଏହି ରାସ୍ତାରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ପୋଲ ନିର୍ମାଣ କରାଯାଇଛି, ଯାହା ୯ ଦିନ ନପୂରୁଣୁ ଦବିଯାଇଥିବା ଦେଖିବାକୁ ମିଳିଛି। ଏ ନେଇ ଉଚ୍ଚପଦସ୍ଥ ଅଧିକାରୀ ଓ ଜିଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଠିକାଦାରଙ୍କୁ କଳାତାଲିକାଭୁକ୍ତ କରିବା ସହ ଅସାଧୁ କର୍ମଚାରୀଙ୍କୁ ବହିଷ୍କାର କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସଡିଓ ସରୋଜ କୁମାର ଦ୍ୱିବେଦୀଙ୍କୁ ପଚାରିବାରୁ, ଚିରାଚରିତ ଢଙ୍ଗରେ ଏହାର ତଦନ୍ତ କରାଯିବ ବୋଲି କହିଥିଲେ।

## ଅକ୍ଷୟ ଜେନା ଜିଲା କଂଗ୍ରେସ ସାଧାରଣ ସମ୍ପାଦକ

କୋରେଇ,୫।୪(ସ୍ୱ.ପ୍ର.)

ଯାଜପୁର ଜିଲା କଂଗ୍ରେସର ସାଧାରଣ ସମ୍ପାଦକଭାବେ ଅକ୍ଷୟ କୁମାର ଜେନାଙ୍କୁ ନିଯୁକ୍ତି ମିଳିଛି। ସେ କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତର। ନବନିଯୁକ୍ତ ଅକ୍ଷୟ ଗତ ପଞ୍ଚାୟତ ନିର୍ବାଚନରେ ୩ ନଂ. ଜୋନରୁ ଜିଲା ପରିଷଦ ସଦସ୍ୟ ଭାବେ କଂଗ୍ରେସ ପକ୍ଷରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଅକ୍ଷୟ ଜଣେ ସାମାଜିକ କର୍ମୀ ଓ ମାନବାଧିକାର କର୍ମୀ ଭାବେ ଜିଲା ତଥା ରାଜ୍ୟରେ ବେଶ ପରିଚିତ। ଯାଜପୁର ଏକତା ମଞ୍ଚର ସାଧାରଣ ସମ୍ପାଦକ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ତାଙ୍କୁ ନିଯୁକ୍ତି ମିଳିବା ପରେ କୋରେଇ କଂଗ୍ରେସରେ ଆନନ୍ଦ ଦେଖାଦେଇଛି। ଏ ନେଇ ଅକ୍ଷୟ ରାଷ୍ଟ୍ରୀୟ ସଭାପତି ରାହୁଲ ଗାନ୍ଧୀ, ରାଜ୍ୟ ସଭାପତି ନିରଞ୍ଜନ ପଟ୍ଟନାୟକ, କୋରେଇ କଂଗ୍ରେସ ବିଧାୟକ ପ୍ରାର୍ଥୀ ବନ୍ଦିତା ପରିଡା, ଜିଲା ସଭାପତି ମନୋଜ ରାଉତ, କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତଙ୍କ ସମେତ ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# 'ହକ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ

ଦଶରଥପୁର,୫।୪(ଡି.ଏନ୍.ଏ)

ଦଶରଥପୁର ବ୍ଲକ ମଙ୍ଗଳପୁର ବଜାର ସଂଲଗ୍ନ ଥାଲକୁଡିସ୍ଥିତ ବିଜୁ ଗ୍ରାମୀଣ ବଜାର ପଡ଼ିଆଠାରେ ଗୁରୁବାର ବିଜେଡି ପକ୍ଷରୁ 'ହକ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜୁ ଯୁବ ଜନତାର ଉପସଭାପତି ବିରଜା ମଲ୍ଲିକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ବିଜେଡି ଉପସଭାପତି ପ୍ରଦୀପ ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଦଶରଥପୁର ପଞ୍ଚାୟତ ସମିତି ଉପାଧକ୍ଷ ରଞ୍ଜନ କୁମାର ପୃଷ୍ଟି, ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଥାଲକୁଡ଼ି ସରପଞ୍ଚ ଆନନ୍ଦ ଚନ୍ଦ୍ର ବାରିକ, ବିରିପଟା ସରପଞ୍ଚ ମନୋରଞ୍ଜନ ଦାସ, କୟାଁ ସରପଞ୍ଚ ପ୍ରତିନିଧି ଚୌଭନ ବାରିକ, ନିଜାମପୁର ସରପଞ୍ଚ ପ୍ରତିନିଧି ହିମାଂଶୁ ପରିଡ଼ା, ଦଶରଥପୁର ବ୍ଲକ୍ ବିଜୁ ଯୁବ ସଭାପତି ମନୀଷ ସାହୁ, ଯାଜପୁର ନିର୍ବାଚନମଣ୍ଡଳୀ ଯୁବ ସଭାପତି ପାର୍ଥ ରାୟ ଓ ଦୀପକ ରାୟ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ନ୍ୟାଯ୍ୟ ଦାବି ପୂରଣ କରୁ ନ ଥିବା ସହ ଓଡ଼ିଶାବାସୀଙ୍କୁ ବାରମ୍ବାର ଭୁଆଁ ବୁଲାଉଥିବାରୁ ସାଧାରଣ ନିର୍ବାଚନରେ ରାଜ୍ୟବାସୀ କେନ୍ଦ୍ର ସରକାରଙ୍କୁ ଉଚିତ୍ ଜବାବ ଦେବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ୨ ହଜାରରୁ ଊର୍ଦ୍ଧ୍ୱ ଦଳୀୟ ସମର୍ଥକ ସମାବେଶରେ ଯୋଗଦେଇଥିଲେ। ନିଜାମପୁର ପଞ୍ଚାୟତର ବିଜୁ ଯୁବ ସଭାପତି ବୃନ୍ଦାବନ ଦାସ, ଅଶୋକ କୁମାର ନାୟକ, ଲୋକନାଥ ସାହୁ, ପ୍ରକାଶ ମହାଳିକ, ରାଜେଶ ବିଶ୍ୱାଳ, ପପୁ ବିଶ୍ୱାଳ, ଅଜିତ୍ ଦାସ, ପ୍ରଭାସ ଦାସ ଓ ଥାଲକୁଡ଼ି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଶରତ ଚନ୍ଦ୍ର ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି କର୍ମୀ ।

## ସାମୂହିକ ଆଚାର୍ଯ୍ୟା ଆଚାର୍ଯ୍ୟ ପ୍ରଶିକ୍ଷଣ ଉଦ୍‌ଯାପିତ

ଯାଜପୁରରୋଡ,୫।୪(ନି.ପ୍ର.)

ମଧୁସୂଦନନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁବାର ସଙ୍କୁଳସ୍ତରୀୟ ଆଚାର୍ଯ୍ୟା ଆଚାର୍ଯ୍ୟ ପ୍ରଶିକ୍ଷଣ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ଶତପଥୀଙ୍କ ସଂଯୋଜନାରେ ୩ ଦିନ ବ୍ୟାପୀ ଚାଲିଥିବା କାର୍ଯ୍ୟକ୍ରମରେ ମୋଟ ୨୮୭ ଜଣ ଆଚାର୍ଯ୍ୟା ଆଚାର୍ଯ୍ୟ ଯୋଗ ଦେଇଥିଲେ। ଯାଜପୁର ବିଭାଗ ନିରୀକ୍ଷକ ରାହାସ ବିହାରୀ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦ ଶୈକ୍ଷିକ ଓ ୬ ସାମୂହିକ କାଳାଂଶ ନିଆଯାଇଥିଲା। ବିଭିନ୍ନ ଦିବସରେ ଭିନ୍ନଭିନ୍ନ ବିଷୟରେ ଚକ୍ରଧର ବିଶ୍ୱାଳ, ଅକ୍ଷୟ କୁମାର ଦାସ, ପ୍ରଭାତ ଜେନା, ଯୋଗୀନ୍ଦ୍ର ସାହୁ, ତରୁଲତା ଦେବୀ , ଜଗନ୍ନାଥ ସଂସ୍କୃତି ପ୍ରଚାରକ ପଣ୍ଡିତ ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ ପ୍ରମୁଖ ବିଶେଷଜ୍ଞ ଯୋଗଦେଇଥିଲେ। ପରିଚାଳନା ସମିତି ସଭାପତି ଅକ୍ଷୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଶିକ୍ଷା ବିକାଶ ସମିତି, ଓଡିଶା ସମ୍ପାଦକ ଲକ୍ଷ୍ମୀକାନ୍ତ ମହାରଣା ମୁଖ୍ୟ ଅତିଥିଭାବେ ଯୋଗଦେଇ ଆୟୋଜିତ ଶିବିରର ପ୍ରଶିକ୍ଷାର୍ଥୀଙ୍କୁ ଭୂୟସୀ ପ୍ରଶଂସା କରି ଦେଶ ଗଠନରେ ସମର୍ଥ ସାରଥି ଭାବେ ଅଭିହିତ ହେବାକୁ ଆଶାପୋଷଣ କରିଥିଲେ। ଉତ୍ତର ପୂର୍ବ ସମ୍ଭାଗ ସଭାପତି ପ୍ରଫୁଲ୍ଲ କୁମାର ବୋଇତାଇ, ବିଦ୍ୟାଳୟର ପରିଚାଳନା ସମିତି ସମ୍ପାଦକ ରଶ୍ମିରଞ୍ଜନ ବିଶ୍ୱାଳ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଯାଜପୁର ଜିଲା ପ୍ରଚାରକ ବରୁଣ କୁମାର ବନଛୋର, ସଙ୍କୁଳ ପ୍ରମୁଖ ଓମ୍ ପ୍ରକାଶ ଚଣ୍ଡକ, ଯାଜପୁର ବିଭାଗ ନିରୀକ୍ଷକ ରାହାସ ବିହାରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଟିସ୍କୋ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅଭିରାମ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## କଂଗ୍ରେସର ମିଶ୍ରଣ ପର୍ବ

ଯାଜପୁରରୋଡ,୫।୪(ନି.ପ୍ର.)

କୋରେଇ ନିର୍ବାଚନମଣ୍ଡଳୀରେ କଂଗ୍ରେସର ବିଧାୟକ ପ୍ରାର୍ଥିନୀ ବନ୍ଦିତା ପରିଡ଼ାଙ୍କ ବାସଭବନରେ ଶୁକ୍ରବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବନ୍ଦିତାଙ୍କୁ ସମର୍ଥନ ଜଣାଇ ବହୁ ଭାଜପା କର୍ମୀ କଂଗ୍ରେସରେ ସାମିଲ ହୋଇଛନ୍ତି। ଧନେଶ୍ୱର, ଅନ୍ଧାରୀ, ତଳଗଡ, ରଣପୁର ଆଦି ପଞ୍ଚାୟତରୁ ଶତାଧିକ ଭାଜପା କର୍ମୀ କଂଗ୍ରେସରେ ଯୋଗ ଦେଇଛନ୍ତି।

## ବିଜେଡିର ପ୍ରସ୍ତୁତି ବୈଠକ



ଜାଗୁଳାଇ ପଡିଆରେ ଆୟୋଜିତ ବିଜେଡିର ପ୍ରସ୍ତୁତି ବୈଠକ ।

ବରୀ,୫।୪(ସ୍ୱ.ପ୍ର.)

ବରୀ ବ୍ଲକ ଅଧୀନ ବାଲିଆ ପଞ୍ଚାୟତର ଜାଗୁଳାଇ ପଡ଼ିଆରେ ଶୁକ୍ରବାର ବିଜେଡିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ନିର୍ବାଚନ ପାଇଁ ୮ ତାରିଖରେ ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ବୈଠକରେ ସ୍ଥିର ହୋଇଛି। ବିଜେଡି ସୁନନ୍ଦାଙ୍କୁ ପ୍ରାର୍ଥୀ କରିବା ପରେ ବିଜେଡିରେ ଦେଖାଯାଉଥିବା ଗୁପ୍ତ ବିବାଦ ବୈଠକରେ ଦୂର ହୋଇଛି। ନିର୍ବାଚନ ରଣାଙ୍ଗନରେ ସୁନନ୍ଦାଙ୍କୁ ଉତ୍ତୀର୍ଣ୍ଣ କରାଇବା ପାଇଁ ବରୀ ନିର୍ବାଚନମଣ୍ଡଳୀର ସମସ୍ତ ବିଜେଡି କର୍ମୀ, ନେତା ଏକାଠି ହୋଇ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦିଆଯାଇଛି। ବରୀ ବିଜେଡି ଉପସଭାପତି କେଦାର ସାମଲ ସଭାପତିତ୍ୱ କରିଥିଲେ। ପ୍ରାର୍ଥିନୀ ସୁନନ୍ଦା ଉପସ୍ଥିତ ରହି ନିଜର ରାଜନୈତିକ ଜୀବନୀ ବଖାଣିବା ସହ ବରୀର ବିକାଶ ପାଇଁ ଆପ୍ରାଣ ଉଦ୍ୟମ କରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟ ଅଶୋକ ସାମଲ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଦେବେନ୍ଦ୍ର ଦାସ, ବାଲିଆ ସରପଞ୍ଚ ପ୍ରବୀର ଜେନା, ସମିତି ସଭ୍ୟ ପ୍ରଦୀପ ଘଡେଇ, ବାଲିବିଲି ସରପଞ୍ଚ ସନ୍ତୋଷ ସାମଲ, ଜିଲା ପରିଷଦ ସଦସ୍ୟା ସତ୍ୟଭାମା ପଣ୍ଡା, ଯୁବ ବିଜେଡି ନେତା ରଞ୍ଜନ ପଣ୍ଡା, ବସନ୍ତ ଭୂୟାଁ, ବରିଷ୍ଠ ବିଜେଡି ନେତା ନୀଳମଣି ସାମଲ, ସୁଶାନ୍ତ ବେହେରା, ରସୁଲପୁର ବ୍ଲକର ପ୍ରଫୁଲ୍ଲ ସାହୁ, ବିଜୟ ଜେନା, ପ୍ରଶାନ୍ତ ସାହୁ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ରହି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ସଫଳ କରିବା ପାଇଁ ଏକଜୁଟ ହୋଇ କାମ କରିବାକୁ ଶପଥ ନେଇଥିଲେ। ପ୍ରକାଶ ଯେ, ବରୀରେ ୨୦୦୦ରୁ ୨୦୧୯ ପର୍ଯ୍ୟନ୍ତ ବିଧାୟକ ଦେବାଶିଷ ନାୟକ ବିଜେଡିରୁ ଟିକେଟ ପାଇ ନିର୍ବାଚିତ ହୋଇଆସୁଥିଲେ। ଚଳିତ ନିର୍ବାଚନ ପାଇଁ ବିଜେଡି ଜଣେ ପଛୁଆବର୍ଗ ମହିଳା ଓ ରାଜନୀତିଜ୍ଞଙ୍କୁ ପ୍ରାର୍ଥୀ କରିଥିବାରୁ ବିଜେଡି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ ମାନ ଅଭିମାନ ଭୁଲି ଏକତ୍ରିତ ହୋଇ କାମ କରିବାକୁ ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି।

# ଭେଲଙ୍ଗ ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ନାହାନ୍ତି ନିରୀକ୍ଷକ

ଦଶରଥପୁର,୫।୪(ଡି.ଏନ.ଏ.)

ଦଶରଥପୁର ବ୍ଲକ ଅକରପଡ଼ା ପଞ୍ଚାୟତ ଭେଲଙ୍ଗ ଉଚ୍ଚ ବିଦ୍ୟାଳୟ ନିକଟରେ ଥିବା ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ବର୍ଷେରୁ ଊର୍ଦ୍ଧ୍ୱ ହେବ ପ୍ରାଣୀଧନ ନିରୀକ୍ଷକ ପଦବୀ ଖାଲି ପଡ଼ିଥିବା ଜଣାପଡ଼ିଛି। ଏଠାରେ ଥିବା ପ୍ରାଣୀଧନ ନିରୀକ୍ଷକ ନଟବର ଦାସଙ୍କ ଗତ ୨୦୧୮ ଫେବୃୟାରୀରୁ ଜିଲା ମୁଖ୍ୟ ପଶୁ ଚିକିତ୍ସାକେନ୍ଦ୍ରକୁ ବଦଳି ହେବା ପରେ ତାଙ୍କ ବଦଳରେ କାହାକୁ ନିଯୁକ୍ତି ଦିଆଯାଇନାହିଁ। ଫଳରେ ପଶୁପାଳକ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଲୋକ ଦେଖାଣିଆ ଭାବେ ନିକଟ ଚିତାଳୋ ପ୍ରାଣୀଧନ କେନ୍ଦ୍ରର ନିରୀକ୍ଷକ ଚିତ୍ତରଞ୍ଜନ ନାୟକଙ୍କୁ ଅସ୍ଥାୟୀଭାବେ ଏହି କେନ୍ଦ୍ରର ଦାୟିତ୍ୱ ଦିଆଯାଇଛି। ହେଲେ ୨ ମାସ ହେବ ନୀରିକ୍ଷକ ନାୟକ ଦଶରଥପୁର ବ୍ଲକ ଅହିୟାସ ଅଞ୍ଚଳରେ ପଶୁ ଗଣନା କାର୍ଯ୍ୟରେ ନିୟୋଜିତ ଥିବାରୁ ଏହି ଚିକିତ୍ସାକେନ୍ଦ୍ର ଏକ ପ୍ରକାର ଭୂତ କୋଠି ପାଲଟିଛି। ଏହାର ସୁଯୋଗ ନେଇ କେତେକ ନକଲି ପ୍ରାଣୀ ଚିକିତ୍ସକ ଗାଁ ଗଣ୍ଡାରେ ବୁଲି ପଶୁଙ୍କୁ ଚିକିତ୍ସା କରିବା ଆଳରେ ସେମାନଙ୍କ ଜୀବନ ସହ ଖେଳିବା ସମେତ ପଶୁପାଳକଙ୍କଠାରୁ ପଇସା ନେଇ ଠକୁଥିବା ଶୁଣିବାକୁ ମିଳିଛି। ତୁରନ୍ତ ଏହି ପ୍ରାଣୀ ଚିକିତ୍ସାକେନ୍ଦ୍ରରେ ଜଣେ ଚିକିତ୍ସକଙ୍କୁ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହୋଇଛି।

# ନିର୍ଣ୍ଣାୟକ ଭୂମିକା ନେବେ ୯ ପଞ୍ଚାୟତ ଭୋଟର

ରସୁଲପୁର,୫।୩(ଡିଏନଏ)

**କୋରେଇ ନିର୍ବାଚନ ମଣ୍ଡଳୀ**
- ହେବାକୁ ଯାଉଛି ତ୍ରିମୁଖୀ ଲଢ଼େଇ
- ରସୁଲପୁର ବ୍ଲକର ୯ ପଞ୍ଚାୟତ ଭୋଟର କରିବେ ନେତାଙ୍କ ଭାଗ୍ୟ ନିର୍ଦ୍ଧାରଣ

ଯାଜପୁର ଜିଲା କୋରେଇ ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ଅଶୋକ ବଳଙ୍କ ନାଁ ଘୋଷଣା ହେବା ପରେ ରାଜନୀତି ପାଣିପାଗ ଗୋଳିଆ ହୋଇଛି। ବହୁ ପୂର୍ବରୁ ଦୁଇ ବିରୋଧୀ ଜାତୀୟ ଦଳ କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବିଜେଡି ନୂଆ ମୁହଁକୁ ପ୍ରାର୍ଥୀ କରିଛି। ଏହାପରେ ଏଠାରେ ତ୍ରିମୁଖୀ ଲଢେଇ ହେବା ଏକ ପ୍ରକାର ଥୟ ହୋଇପାରିଛି। ଏହି ଆଧାରରେ ପ୍ରାର୍ଥୀଙ୍କ ଦଳୀୟ ଭୋଟ ସହ ନିଜ ପକେଟ ଭୋଟ ସେମାନଙ୍କୁ ଜିତାଇବାରେ ସହାୟକ ହେବ ବୋଲି କୁହାଯାଉଛି। ଏହି କ୍ରମରେ ରସୁଲପୁର ବ୍ଲକରୁ କୋରେଇ ନିର୍ବାଚନ ମଣ୍ଡଳୀରେ ସାମିଲ ହୋଇଥିବା ୯ପଞ୍ଚାୟତର ଭୋଟରଙ୍କ ଭୂମିକା ନିର୍ଣ୍ଣାୟକ ହେବ ବୋଲି କୁହାଯାଉଛି। ଏହି ଅଞ୍ଚଳର ୪୦ ହଜାରରୁ ଊର୍ଦ୍ଧ୍ୱ ଭୋଟଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଭୋଟ ଯେଉଁ ପ୍ରାର୍ଥୀ ସପକ୍ଷରେ ଯିବ ସେ ବିଧାୟକ ହେବାର ସମ୍ଭାବନା ଅଧିକ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

କୋରେଇ ନିର୍ବାଚନ ମଣ୍ଡଳୀ କୋରେଇ ବ୍ଲକର ୨୮, ରସୁଲପୁର ବ୍ଲକର ୯ ଓ ବ୍ୟାସନଗର ପୌରପରିଷଦର ୨୬ଟି ୱାର୍ଡକୁ ନେଇ ଗଠିତ। ଚଳିତ ନିର୍ବାଚନରେ ସମଗ୍ର ନିର୍ବାଚନ ମଣ୍ଡଳୀରେ ୧ଲକ୍ଷ ୮୦ହଜାରରୁ ଊର୍ଦ୍ଧ୍ୱ ଭୋଟର ସେମାନଙ୍କ ମତଦାନ କରିବାର ସୁଯୋଗ ପାଇବେ। ୨୦୧୪ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରେ ୭୬.୨୮ ଶତକଡା ମତଦାନ ହୋଇଥିଲା। ପ୍ରତ୍ୟେକ ନିର୍ବାଚନରେ ଏଠାରେ ମତଦାନ ହାର ବଢିବଢି ଚାଲିଛି। ସେହି ହାରରେ ମତଦାତା ମତଦାନ କଲେ ପ୍ରାୟତଃ ୧ଲକ୍ଷ ୪୦ହଜାରରୁ ଊର୍ଦ୍ଧ୍ୱ ଭୋଟ ପୋଲିଂ ହେବ ବୋଲି ଆକଳନ କରାଯାଉଛି। ଯେହେତୁ ୩ ଦଳର ପ୍ରାର୍ଥୀଙ୍କ ମଧ୍ୟରେ କଡା ଟକ୍କର ହେଉଛି। ଯେଉଁ ପ୍ରାର୍ଥୀଙ୍କୁ ୫୦ହଜାରରୁ ଊର୍ଦ୍ଧ୍ୱ ଭୋଟ ମିଳିବ ତା ସପକ୍ଷରେ ନିର୍ବାଚନ ଫଳ ଯିବ ବୋଲି ସମୀକ୍ଷକମାନେ ମତପୋଷଣ କରୁଛନ୍ତି। ଏହାକୁ ଦୃଷ୍ଟି ଦେଲେ ରସୁଲପୁର ବ୍ଲକର ୪୦ହଜାର ଭୋଟରଙ୍କ ମତଦାନ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଏହାଛଡ଼ା ୩ ପ୍ରାର୍ଥୀଙ୍କ ପ୍ରଭାବ ୩ ଅଞ୍ଚଳରେ ରହିଛି। କଂଗ୍ରେସ ପ୍ରାର୍ଥିନୀ ବନ୍ଦିତା ପରିଡାଙ୍କ ପ୍ରଭାବ ବ୍ୟାସନଗର ପୌର ପରିଷଦରେ ରହିଥିବାବେଳେ କୋରେଇ ବ୍ଲକ ଭାଜପା ପ୍ରାର୍ଥୀ ବିଶ୍ୱଜିତ ନାୟକଙ୍କ କବ୍‌ଜାରେ ରହିଛି। ରସୁଲପୁର ୯ ପଞ୍ଚାୟତ ମଧ୍ୟରେ ଅଶୋକ ବଳଙ୍କ ଘର ହୋଇଥିବାରୁ ସେ ଏହାକୁ ଭୋଟ ବ୍ୟାଙ୍କ ବୋଲି ଚିନ୍ତା କରୁଛନ୍ତି। ମାତ୍ର ୩ ଦଳରେ ରହିଥିବା ଦଳୀୟ ଅସନ୍ତୋଷ ଭୋଟକୁ ବିଭାଜନ କରିବାର ସମ୍ଭାବନା ଦେଖାଦେଇଛି। ଶେଷ ମୁହୂର୍ତ୍ତରେ ଯେଉଁ ଦଳ ଆଭ୍ୟନ୍ତରୀଣ କନ୍ଦଳକୁ ସମାଧାନ କରିବାରେ ଅଧିକ ସକ୍ଷମ ହେବ, ଫଳାଫଳ ତା ସପକ୍ଷରେ ଯିବ ବୋଲି ଏବେଠୁ ଚର୍ଚ୍ଚା ଆରମ୍ଭ ହେଲାଣି। ତେବେ ୩ ପ୍ରମୁଖ ଦଳରେ ରହିଥିବା ଅନ୍ତର୍କନ୍ଦଳକୁ ଦୃଷ୍ଟି ଦେଲେ ଜଣାଯାଏ ଯେ, କଂଗ୍ରେସ ପ୍ରାର୍ଥୀ ବନ୍ଦିତା ପରିଡ଼ା ଓ ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଖୁଣ୍ଟିଆଙ୍କ ମଧ୍ୟରେ ରହିଆସୁଥିବା ଅନ୍ତର୍ଦ୍ୱନ୍ଦ୍ୱ ଦଳ ପାଇଁ ଘାତକ ହୋଇପାରେ। ତେଣେ ରାମଙ୍କ ଅନୁଗତ ଭାଜପାରୁ ପ୍ରାର୍ଥୀ ହୋଇଥିବାବେଳେ ରାମଙ୍କ ସମର୍ଥକ କାହା ସପକ୍ଷରେ ଭୋଟ ଦେବେ ତାକୁ ନେଇ କଳ୍ପନାଜଳ୍ପନା ଲାଗିରହିଛି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ଭାଜପା ପ୍ରାର୍ଥୀ ବିଶ୍ୱଜିତ୍ ନାୟକଙ୍କ ସ୍ଥିତି ମଧ୍ୟ ଅନୁରୂପ। କୋରେଇର ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି, ଭାଜପା ଯୁବନେତା ଆଲେକଜାଣ୍ଡର ଦାସ ପ୍ରମୁଖ ଦଳର ନିଷ୍ପତ୍ତିକୁ ନେଇ ଖୁସି ନ ଥିବା ଭଳି ମନେହେଉଛି। ଏପରିକି ସଞ୍ଚିତାଙ୍କ ସମର୍ଥକ ବିଶ୍ୱଜିତଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରିଥିଲେ। ତେବେ ଉଭୟ ନେତାଙ୍କ ବିରୋଧ ତାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି କୁହାଯାଉଛି। ଆଉ ଏକ ଦିଗକୁ ଦେଖିଲେ କୋରେଇ ବ୍ଲକ ବିଶ୍ୱଜିତଙ୍କ କବ୍‌ଜାରେ ରହିଛି। ଏହି ସଫଳତା ତାଙ୍କ ନାଁରେ ଯାଇଛି। ହେଲେ ଏହି ସଫଳତାର ପରଦା ପଛରେ ଯାଜପୁର ଜିଲାର ଦୁଇ ବିଜେଡି ଯୁବ ବିଧାୟକଙ୍କ ଭୂମିକା ରହିଛି, ଯାହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ବିଜେଡିର ପ୍ରମୁଖ ୨ ବିରୋଧୀ ଦଳର ସ୍ଥିତି ଏହିପରି ଥିବା ବେଳେ ବିଜେଡି ମଧ୍ୟରେ ଅନେକ ଫାଟ ରହିଛି। ନିର୍ବାଚନ ପୂର୍ବରୁ ଏହାକୁ ନ ସୁଧାରିଲେ ତାହା ଦଳ ପାଇଁ ଘାତକ ସାଜିବ ବୋଲି ଶୁଣାଯାଉଛି। କୋରେଇରେ ବିଜେଡି ସଂଗଠନ ଉପରେ ଜିଲାର ୪ ପ୍ରମୁଖ ବିଧାୟକଙ୍କ ନିୟନ୍ତ୍ରଣ ରହିଛି। ଦଳ ପକ୍ଷରୁ ୪ ବିଧାୟକଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ପାରିଲେ ବିଜେଡି ପ୍ରାର୍ଥୀଙ୍କ ଜିତିବା ସହଜ ହେବାର ସମ୍ଭାବନା ରହିଛି। କୋରେଇରେ ଆକାଶ ଦାଶନାୟକଙ୍କୁ ଟିକେଟ ମିଳିବା ନେଇ ସମର୍ଥକମାନେ ପ୍ରବଳ ହୋହଲ୍ଲା କରୁଥିଲେ। ମାତ୍ର ଟିକେଟ ଘୋଷଣା ହେବା ପରଠାରୁ ସମର୍ଥକଙ୍କ ସ୍ୱର ଧିରେ ଧିରେ କ୍ଷୀଣ ହେବାରେ ଲାଗିଛି। ବୁଧବାର ପାଣିକୋଇଲିରେ ଆକାଶଙ୍କ ସମର୍ଥକଙ୍କୁ ନେଇ ଅନୁଷ୍ଠିତ ବୈଠକରୁ ଏହା ପ୍ରମାଣିତ ହୋଇଛି। ବୈଠକରେ ରସୁଲପୁର ବ୍ଲକ କୋରେଇ ବିଧାୟକ ପ୍ରତିନିଧି ପ୍ରହ୍ଲାଦ ପଣ୍ଡାଙ୍କୁ ଛାଡିଦେଲେ ଆଉ ସେଭଳି ଛାମୁଆ ନେତା ଉପସ୍ଥିତ ନ ଥିବା ଜଣାପଡିଛି। ଏପରିକି ଅସନ୍ତୁଷ୍ଟମାନେ ଅଶୋକଙ୍କୁ ସର୍ତ୍ତମୂଳକ ସମର୍ଥନ ଦେବାରେ ଅସୁବିଧା ନ ଥିବା ଚର୍ଚ୍ଚା ହେଉଛି। ଏ ନେଇ ଅସନ୍ତୁଷ୍ଟଙ୍କୁ ନେଇ ଏକ ରୁଦ୍ଧଦ୍ୱାର ବୈଠକ ହୋଇଥିବା ଜଣାପଡ଼ିଛି। ତେବେ ରସୁଲପୁର ବ୍ଲକ ଶାଖାରେ ବିଜେଡି ଦଳୀୟ କନ୍ଦଳକୁ ଦୂର କରି ସର୍ବାଧିକ ଭୋଟ ହାତେଇବାର ପ୍ରୟାସ ଜାରି ରଖିଛି। ଅନ୍ୟ ଦଳଗୁଡିକ ମଧ୍ୟ ସମପରିମାଣର ଚେଷ୍ଟା ଚଳାଇଛନ୍ତି।

## ସଂକ୍ଷେପରେ

### ବାରଡ଼ିଆରେ ମହିମା ମେଳା



ବିରିଡି,୫।୪(ଡି.ଏନ.ଏ): ବିରିଡି ବ୍ଲକ ଅନ୍ତର୍ଗତ ବାରଡିଆସ୍ଥିତ ପାଲାମଣ୍ଡପ ଛକରେ ଥିବା ମହିମା ଆଶ୍ରମରେ ୧୦ମ ବାର୍ଷିକ ମହିମା ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହିମା ଧର୍ମୀ ମାଗୁଣୀ ବାବାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମେଳାରେ ବାନାମ୍ବର ବାବା, ମୃଷି ବାବା, ରଞ୍ଜନ ବାବା, ସୁବାସ ବାବା ଓ ଗଙ୍ଗାଧର ବାବାଙ୍କ ସମେତ ଅନେକ ମହିମା ଧର୍ମୀ ବାବା ଯୋଗ ଦେଇଥିଲେ। ବ୍ରହ୍ମଧୂନୀ ସ୍ଥାପନ, ଘୃତାହୁତି ପ୍ରଦାନ କରାଯାଇଥିଲା। ମହିମା ଧର୍ମ ବିଶୁଦ୍ଧ, ଅଦ୍ୱୈତ୍ୟ ବ୍ରହ୍ମବାଦ, ଭକ୍ତି ଯୋଗ ସିଦ୍ଧାନ୍ତରେ ଅଧାରିତ। କଳିଯୁଗରେ ଜୀବ ମୁକ୍ତି ହେବାପାଇଁ ମହିମା ଧର୍ମ ଏକାନ୍ତ ଅବଲମ୍ବନ କରିବା ଆବଶ୍ୟକ ବୋଲି ମହିମା ଧର୍ମୀ ସନ୍ନ୍ୟାସୀମାନେ କହିଥିଲେ। ଏହି ମେଳା ବିଶ୍ୱର ମଙ୍ଗଳ ପାଇଁ କରାଯାଉଛି ବୋଲି ଉଦ୍ୟକ୍ତା ମାଗୁଣି ବାବା ପ୍ରକାଶ କରିଥିଲେ। ସନ୍ଧ୍ୟାରେ ଭଜନ ପରିବେଷଣ କରାଯାଇଥିଲା। ସମସ୍ତ ଭକ୍ତ ଯୋଗଦେଇ ମହିମା ସ୍ୱାମୀଙ୍କ ନିକଟରେ ଆଶୀର୍ବାଦ ଭିକ୍ଷା କରିଥିଲେ।

### ୯ରେ ସରିବ ପ୍ରାର୍ଥିପତ୍ର ଦାଖଲ

# କଂଗ୍ରେସର ପ୍ରାର୍ଥୀ ଘୋଷଣା ସରୁନି

**■ଆଶାୟୀଙ୍କ ମଧରେ ବଢ଼ୁଛି କ୍ଷୋଭ**

**■ଜଗ୍‌ତସିଂହପୁର ବିଜେଡି ପ୍ରାର୍ଥୀଙ୍କୁ ବିରୋଧ**

ଜଗତ୍‌ସିଂହପୁର ଅଫିସ, ୫।୪

ଜଗତ୍‌ସିଂହପୁର ଜିଲାରେ ୪ର୍ଥ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୯ରେ ଅନୁଷ୍ଠିତ ହେବ। ଏନେଇ ଗତ ୨ ତାରିଖରୁ ପ୍ରାର୍ଥିପତ୍ର ଦାଖଲ ଚାଲିଛି। ଏହା ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରାର୍ଥିପତ୍ର ଦାଖଲ ଏଥିମଧ୍ୟରେ ୪ ଦିନ ଅତିକ୍ରାନ୍ତ ହୋଇ ଯାଇଥିଲେ ସୁଦ୍ଧା କଂଗ୍ରେସର ପ୍ରାର୍ଥୀ ଚୟନ ପ୍ରକ୍ରିୟା ଶେଷ ହୋଇନାହିଁ। ଏନେଇ ଆଶାୟୀଙ୍କ ମଧ୍ୟରେ କ୍ଷୋଭ ବଢି ଚାଲିଛି। ଅନ୍ୟପଟେ ଦଳୀୟ ଟିକେଟ୍ ପାଇଥିବା କେତେଜଣ ନେତାଙ୍କ ବିରୋଧରେ ଅସନ୍ତୋଷ ବଢି ଚାଲିଛି।

ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ଘୋଷଣା କରୁନାହିଁ। ଏହି ନିର୍ବାଚନମଣ୍ଡଳୀରୁ ୨ ଜଣ ଟିକେଟ୍ ପାଇଁ ଆଶାୟୀ ଅଛନ୍ତି। ସେମାନେ ହେଲେ ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ସାରଦା ଜେନା। ମହାପାତ୍ର ପ୍ରାର୍ଥୀ ହେବା କୁହାଯାଉଛି। ଯେହେତୁ ସେ ଶୁକ୍ରବାର ନାମାଙ୍କନପତ୍ର ଦାଖଲ ପାଇଁ ଫର୍ମ କିଣିଛନ୍ତି, ତେଣୁ ଦଳ ତାଙ୍କୁ ପୂର୍ବାଭାସ ହୋଇଥିବା ଆଲୋଚନା ଚାଲିଛି। ଅନ୍ୟପଟେ ଜେନା ମଧ ଟିକେଟ୍ ପାଇବେ ବୋଲି ଆଶାବାଦୀ ହୋଇ ପ୍ରାର୍ଥିପତ୍ର କିଣିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ଘୋଷଣାରେ ବିଳମ୍ବକୁ ନେଇ ନାନା କଥା ଚର୍ଚ୍ଚା ଚାଲିଛି। କୁହାଯାଉଛି ଯେହେତୁ ଏହି ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଦାମୋଦର ରାଉତଙ୍କ ସହ ଜେନାଙ୍କ ସମ୍ପର୍କ ଭଲ ତେଣୁ ପ୍ରସଙ୍ଗକୁ ଗୁରୁତର ସହ ନିଆଯାଉଛି। ଅନ୍ୟପଟେ ଭାଜପା ଛାଡି ବିଜେଡି ଟିକେଟ୍ ପାଇଥିବା ରଘୁନନ୍ଦନ ଦାସଙ୍କୁ କିଏ ଟକ୍କର ଦେଇପାରିବ ସେ କଥାକୁ ମଧ ବିଚାରକୁ ନିଆଯାଉଛି। ଏସବୁ ଭିତରେ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳଙ୍କ ସହ କେଉଁ ନେତାଙ୍କ ସମ୍ପର୍କ ଅଧିକ ସୁଦୃଢ ସେ କଥା ମଧ ଉଠୁଛି। ହେଲେ ଉଭୟ ମହାପାତ୍ର ଓ ଜେନା ପ୍ରାର୍ଥୀ ଘୋଷଣାରେ ବିଳମ୍ବକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନଙ୍କ ଯୁକ୍ତି ହେଲା ପ୍ରାର୍ଥୀ ଘୋଷଣା କରାଯାଉ ନ ଥିବାରୁ ନିର୍ବାଚନ ମଣ୍ଡଳୀକୁ ଯାଇପାରୁନାହାନ୍ତି। ପ୍ରାର୍ଥୀ ଘୋଷଣା ପରେ ପ୍ରାର୍ଥିପତ୍ର ଦାଖଲ ପାଇଁ ନିର୍ବାଚନମଣ୍ଡଳୀ ନେତା ଓ କର୍ମୀଙ୍କ ସହ ଯୋଗାଯୋଗ କରିବାକୁ ପଡିବ। ଯେହେତୁ ଆଉ ସମୟ ନାହିଁ ସାଙ୍ଗଠନିକ କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ବାଧା ସୃଷ୍ଟି ହେଉଛି। ଏହି ନିର୍ବାଚନମଣ୍ଡଳୀର କେତେଜଣ ନେତା ନାମ ଗୋପନ ରଖି କହିଛନ୍ତି, ଜଗତ୍‌ସିଂହପୁରରୁ ଚିରଞ୍ଜୀବ ବିଶ୍ୱାଳ ପ୍ରାର୍ଥୀ ହେବେ ବୋଲି ବହୁ ଆଗରୁ ଘୋଷଣା ସରିଛି। କିନ୍ତୁ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଘୋଷଣା କରାଯିବାରେ ଏତେ ବିଳମ୍ବ କାହିଁକି କରାଯାଉଛି? ଏହାଦ୍ୱାରା ଦଳ କ୍ଷତିଗ୍ରସ୍ତ ହେଉଥିବା ସେମାନେ ଅଭିଯୋଗରେ କହିଛନ୍ତି। ତିର୍ତ୍ତୋଲ ବିଧାନସଭା ଆଶନରୁ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ ବିଭୂ ପ୍ରସାଦ ତରାଇ। ସେ ଏମ୍‌ପି ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ବିଧାୟକ ପ୍ରାର୍ଥୀ କରାଯିବାରୁ ଦଳ ଛାଡି ଭାଜପାରେ ମିଶିଛନ୍ତି। ତାଙ୍କ ସ୍ଥାନରେ କିଏ ବିଧାୟକ ପ୍ରାର୍ଥୀ ହେବେ ତାକୁ ନେଇ ମଧ କଳ୍ପନାଜଳ୍ପନା ଚାଲିଛି। ପ୍ରାର୍ଥିପତ୍ର ଦାଖଲ ପାଇଁ ସମୟ ଅତିକ୍ରାନ୍ତ ହୋଇଯାଉଥିବାରୁ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ଅସନ୍ତୋଷର କାରଣ ହୋଇଛି।

ଅନ୍ୟପକ୍ଷରେ ଜଗତ୍‌ସିଂହପୁର ବିଧାନସଭାରୁ ବିଜେଡି ପ୍ରାର୍ଥୀ ହୋଇଛନ୍ତି ପ୍ରଶାନ୍ତ ମୁଦୁଲି। ମୁଦୁଲିଙ୍କୁ ନେଇ ଅସନ୍ତୋଷ ଥମୁନି। କାରଣ ମୁଦୁଲି ବାଲିକୁଦା-ଏରସମା ବିଧାୟକ ଥିଲେ। ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ତାଙ୍କର କୌଣସି ସଙ୍ଗଠନ ନାହିଁ। ଏହି ନିର୍ବାଚନମଣ୍ଡଳୀର ସଙ୍ଗଠନ ଦାୟିତ୍ୱ ଦଳ ଜିଲା ସଭାପତି ବିଷ୍ଣୁ ଚରଣ ଦାସଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ। ଯେହେତୁ କିଛି ମାସ ପୂର୍ବରୁ ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅମରେନ୍ଦ୍ର ଦାସଙ୍କୁ ପ୍ରାର୍ଥୀ ହେବା ପାଇଁ ବିଷ୍ଣୁ ସବୁଜ ସଙ୍କେତ ଦେଇଥିଲେ ତେଣୁ ସେ ନିର୍ବାଚନ ମଣ୍ଡଳୀରେ ସଙ୍ଗଠନ ବୃଦ୍ଧି କରିଥିଲେ। ଏବେ ପ୍ରଶାନ୍ତଙ୍କୁ ପ୍ରାର୍ଥୀ କରାଯିବାରୁ ଅମରେନ୍ଦ୍ର ଓ ତାଙ୍କ ସମର୍ଥକ ପ୍ରତିକ୍ରିୟାଶୀଳ ହୋଇ ପଡିଛନ୍ତି। ପ୍ରଥମେ ଜଗତ୍‌ସିଂହପୁର ସହରରେ ପୋଡାଜଳା କରିଥିଲେ। ପରେ ନବୀନ ନିବାସରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ପୁନର୍ବିଚାର ପାଇଁ ୨୪ ଘଣ୍ଟା ସମୟ ନିଆଯାଇଥିଲା। କିନ୍ତୁ ଏଥିମଧ୍ୟରେ ୭୨ ଘଣ୍ଟା ଅତିକ୍ରାନ୍ତ ହୋଇ ଯାଇଥିଲେ ସୁଦ୍ଧା ବିଚାର ଶୁଣାଯାଉନାହିଁ। ବରଂ ସମୟ ଗଡ଼ାଚାଲିଛି। ହେଲେ ଅମରେନ୍ଦ୍ର ଚୁପ ହୋଇ ବସିନାହାନ୍ତି। ପ୍ରତ୍ୟହ ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ଶୋଭାଯାତ୍ରା ସହ ଶକ୍ତି ପ୍ରଦର୍ଶନ କରି ଚାଲିଛନ୍ତି। ଏଭଳି କରାଯିବାର ଉଦ୍ଦେଶ୍ୟ ହେଉଛି ଦଳରେ ଚାପ ସୃଷ୍ଟି କରିବା ଏବଂ ନିର୍ବାଚନ ମଣ୍ଡଳୀରେ ନିଜ ଲୋକଙ୍କୁ ବାନ୍ଧି ରଖିବା। ଅମରେନ୍ଦ୍ର କହିଛନ୍ତି, ବିଜେଡି ପକ୍ଷରୁ ନିଷ୍ପତ୍ତି ଝୁଲାଇ ରଖାଯାଇଛି। ତଥାପି ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବେ। ଦଳୀୟ ଟିକେଟ ପାଇଥିବା ପ୍ରଶାନ୍ତ ଜଗତ୍‌ସିଂହପୁରରେ ସାଙ୍ଗଠନିକ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କରି ପାରୁନାହାନ୍ତି। କାରଣ ଅମରେନ୍ଦ୍ରଙ୍କ ଗୋଷ୍ଠୀ ବିରୋଧ କରିବାର ଭୟ ରହିଛି। ଯେହେତୁ ସେ ଜଣେ ଅଭିଜ୍ଞ ରାଜନେତା ତେଣୁ ବିକଳ୍ପ ଚିନ୍ତାରେ ଥିବା କୁହାଯାଉଛି। ନାମାଙ୍କନପତ୍ର ଦାଖଲ ଦିନ ସେ ମଇଦାନକୁ ଓହ୍ଲାଇବେ। ସେହି ଦିନଠାରୁ ଖୋଲାଖୋଲି କ୍ୟାମ୍ପେନିଂ କରିବେ ବୋଲି ବିଶେଷ ସୂତ୍ରରୁ ଜଣାଯାଇଛି। ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ତା ପୂର୍ବରୁ ସେ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବେ ବୋଲି ପ୍ରଶାନ୍ତଙ୍କ ଜଣେ ନିକଟତମ ଲୋକ ସୂଚନା ଦେଇଛନ୍ତି।

### ଭାଜପାରେ ମିଶିଲେ ବିଜେଡି କର୍ମୀ

ରଘୁନାଥପୁର, ୫।୪ ଡି.ଏନ.ଏ.)

ତିର୍ତ୍ତୋଲ ଭାଜପା ପ୍ରାର୍ଥୀ ପ୍ରଫେସର ରମାକାନ୍ତ ଭୋଇ ଶୁକ୍ରବାର ରଘୁନାଥପୁର ବ୍ଲକ ନାଲିବର ଅଞ୍ଚଳରେ ପ୍ରଚାର କାର୍ଯ୍ୟରେ ନିୟୋଜିତ ଥିଲେ। ତେବେ ଏହି ସମୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଉପରେ ଆସ୍ଥା ପ୍ରକଟ କରି ଛପଡା ଓ ଏରଡଙ୍ଗା ପଞ୍ଚାୟତର ୧୦ ଜଣ ବିଜେଡି କର୍ମୀ ପ୍ରଫେସର ଭୋଇଙ୍କ ଉପସ୍ଥିତିରେ ଭାଜପାରେ ମିଶିଥିଲେ। ବସନ୍ତ କୁମାର ବାରିକ, ପ୍ରମୋଦ ନାୟକଙ୍କ ସମେତ ସମସ୍ତ ଯୋଗଦାନ କରିଥିବା କର୍ମୀଙ୍କୁ ପ୍ରଫେସର ଭୋଇ ଦଳୀୟ ଉତ୍ତରୀୟ ଓ ଟୋପି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସେ ସମସ୍ତ ଶ୍ରେୟ ଦଳର ମୁଖ୍ୟ ତଥା ପ୍ରଧାନମନ୍ତ୍ରୀ ମୋଦିଙ୍କ ଯୋଗୁ ସମ୍ଭବ ହେଉଥିବାର ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ମଣ୍ଡଳର ସମସ୍ତ କାର୍ମକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମର ପ୍ରତିଫଳନ ସ୍ୱରୂପ ପ୍ରାୟ ପ୍ରତ୍ୟେକ ଦିନ ଅଞ୍ଚଳରେ ଭାଜପାର ଶକ୍ତି ବୃଦ୍ଧି ଘଟୁଛି ବୋଲି ଭୋଇ କହିଥିଲେ। ଏହି ମିଶ୍ରଣ ପର୍ବରେ ନିର୍ବାଚନମଣ୍ଡଳୀର ସଂଯୋଜକ ଦିଲୀପ କୁମାର ସ୍ୱାଇଁ, ମଣ୍ଡଳ ସଭାପତି ଆଶୋକ ନାୟକ, ସୋମାଂଶୁ ଜେନା, ସଚ୍ଚିକାନ୍ତ ବାରିକ, ଲୋଭେନ୍ଦ୍ର ମିଶ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପରେ କର୍ମୀମାନେ ଭାଜପା ପ୍ରାର୍ଥୀ ଭୋଇଙ୍କ ଲାଗି ପ୍ରଚାର କରିଥିଲେ।

### ଭାଜପା କର୍ମୀ ବିଜେଡିରେ ସାମିଲ



ବିରିଡି,୫।୪(ଡି.ଏନ.ଏ.): ବିରିଡି ବ୍ଲକ ଅନ୍ତର୍ଗତ ୨୨ ମୌଜା ବାସନ୍ଦରା ପଞ୍ଚାୟତର ବହୁ ଭାଜପା କର୍ମୀ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ତଥା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ବିଷ୍ଣୁ ଦାସଙ୍କ ବାସଭବନରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ବିଷ୍ଣୁ ଦାସଙ୍କ ନେତୃତ୍ୱପ୍ରତି ସେମାନେ ଆସ୍ଥା ପ୍ରକଟ କରି ଦଳରେ ସାମିଲ ହୋଇଥିବା କହିଛନ୍ତି। ଧୀରେନ୍ଦ୍ର ଭୋଇ, ବିକ୍ରମ ଭୋଇ, ମିନତୀ ଭୋଇ, ବିଦ୍ୟୁତ ଭୋଇ, ସୁକାନ୍ତ ଭୋଇ, ଗୋପୀନାଥ ଭୋଇ, ବିପିନି ଭୋଇ, ବିନୟ ଭୋଇ, ଜଗନ ଭୋଇ, କବିତା ଭୋଇ, ବିକାଶ ଭୋଇଙ୍କ ସମେତ ବହୁ କର୍ମୀ ବିଜେଡିରେ ଯୋଗଦେଇ ଥିବା ପ୍ରକାଶ କରିଛନ୍ତି। ଜିଲା ସଭାପତି ଦାସ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧରେ ଜିଲା କାର୍ଯ୍ୟକାରୀ ସଭ୍ୟ ପ୍ରଶାନ୍ତ ଜେନା, ବିଜ୍ଞାନ ଦାସ, ପ୍ରଭାତୀ ଭୋଇ, ଶିବପ୍ରସାଦ ଭୋଇ, ବେଣୁଧର ଭୋଇ ଓ ରଞ୍ଜନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ପାରାଦୀପ କଂଗ୍ରେସରେ ବିଦ୍ରୋହ

# ଦଳ ଛାଡ଼ିଲେ ପ୍ରମୋଦଙ୍କ ସହ ଶତାଧିକ କର୍ମୀ

ପାରାଦୀପ,୫।୪(ସ୍ୱ.ପ୍ର.)



କଂଗ୍ରେସରୁ ଇସ୍ତଫା ଦେଇଥିବା କର୍ମୀ ପ୍ରମୋଦଙ୍କ ସମର୍ଥକ କୁଶପୁତ୍ତଳିକା ଦାହ କରୁଛନ୍ତି।

**ନିରଞ୍ଜନ, ଚିରଞ୍ଜୀବ, ରଞ୍ଜୀବଙ୍କ କୁଶପୁତ୍ତଳିକା ଦାହ**

ପାରାଦୀପ ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ୨ ଦିନ ତଳେ ବିଧାୟକ ପ୍ରାର୍ଥୀଭାବେ ଅରିନ୍ଦମ ସର୍ଖେଲ (ବାପି)ଙ୍କ ନାମ ଘୋଷଣା କରିବାପରେ ଶୁକ୍ରବାର ବିଦ୍ରୋହ ଦେଖାଦେଇଛି। ଦଳର ଅନ୍ୟତମ ଆଶାୟୀ ତଥା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଇଂ.ପ୍ରମୋଦ କିଶୋର ଜେନା ସନ୍ଧ୍ୟାରେ ସମସ୍ତ ପଦପଦବୀରୁ ଇସ୍ତଫା ଦେଇଛନ୍ତି। ଏଥିସହ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜିଲାର ନେତୃତ୍ୱ ନେଉଥିବା ଚିରଞ୍ଜୀବ ବିଶ୍ୱାଳ, ଏମ୍‌ପି ରଞ୍ଜୀବ ବିଶ୍ୱାଳଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଖବରଦାତା ସମ୍ମିଳନୀରେ ସେ ଦର୍ଶାଇଛନ୍ତି, କଂଗ୍ରେସ ଦଳ ଏବେ ନୀତି ଆଦର୍ଶରୁ ବିଚ୍ୟୁତି ହେବାରେ ଲାଗିଛି। ଯେଉଁଥିପାଇଁ ଦଳ କ୍ଷମତାରୁ ଦୂରେଇ ରହିବା ସହ ନିମ୍ନଗାମୀ ହେଉଛି। ପିସିସି ସଭାପତି ପଦ ନିରଞ୍ଜନଙ୍କୁ ମିଳିବା ପରେ ସେ ଦର୍ଶାଇଥିଲେ କୌଣସି ଅଭିଯୁକ୍ତଙ୍କୁ ଦଳ ପ୍ରାର୍ଥୀ କରିବ ନାହିଁ। ପାରାଦୀପ ଭଳି ଖ୍ୟାତିସମ୍ପନ୍ନ ବିଧାନସଭାମଣ୍ଡଳୀ ପାଇଁ ଏବେ ଜଣେ ଅପରାଧ ପ୍ରବଣ ବ୍ୟକ୍ତିଙ୍କୁ ଦଳ ପ୍ରାର୍ଥୀ କରିଛି। ଯେଉଁଥିପାଇଁ ଆମ୍ଭେ ଇସ୍ତଫା ଦେଉଛୁ। ଜଗତ୍‌ସିଂହପୁର ଜିଲାର ନେତୃତ୍ୱ ନେଉଥିବା ଚିରଞ୍ଜୀବ ନିଜର ସ୍ଥିତିକୁ ମଜଭୁତ୍ ରଖିବା ପାଇଁ ଅନ୍ୟ ଦଳ ସହ ଭିତିରି ବୁଝାମଣା କରିଛନ୍ତି ଏବଂ ଅର୍ଥ ଲାଳସାର ବଶବର୍ତ୍ତୀ ହୋଇ ଜିଲାର ଅନ୍ୟ ୩ ଟି ଆସନ ଓ ଲୋକ ସଭା କ୍ଷେତ୍ରକୁ ଜଳାଞ୍ଜଳି ଦେଇଛନ୍ତି। ଇସ୍ତଫା ଦେଇଥିବା ଅନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ କଟକ ଜିଲାର ପର୍ଯ୍ୟବେକ୍ଷକ ରଞ୍ଜନ ଦାସ, ଜିଲା ଉପସଭାପତି ବିଶ୍ୱନାଥ ପାଣି, ନିର୍ବାଚନମଣ୍ଡଳୀ ଯୁବକଂଗ୍ରେସ ସଭାପତି ସନ୍ତୋଷ ବିଶ୍ୱାଳ, କୃଷକ ସେଲ୍ ସମ୍ପାଦକ ନବୀନ କୁମାର ଦାସଙ୍କ ସମେତ ଅନ୍ୟ ୯ ପ୍ରମୁଖ କର୍ମକର୍ତ୍ତା ସାମିଲ ଅଛନ୍ତି। ଅପରାହ୍ନରୁ ନିର୍ବାଚନମଣ୍ଡଳୀର ୩୮ପଞ୍ଚାୟତର ପ୍ରତିନିଧି ଓ ପାରାଦୀପ ପୌର ପରିଷଦ କର୍ମକର୍ତ୍ତା ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ଲୋକେ ବୈଠକ କରିଥିଲେ। ଶେଷରେ ଇସ୍ତଫା ଦେଇଥିଲେ। ନିର୍ବାଚନରେ କ'ଣ ଭୂମିକା ରହିବ ପ୍ରସଙ୍ଗରେ ପ୍ରମୋଦ କହିଥିଲେ, ଆମେ ସ୍ୱାଧୀନ ପ୍ରାର୍ଥୀ ହେବୁନାହିଁ। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ପରବର୍ତ୍ତୀ ବୈଠକ ବସିବ। ପାରାଦୀପ ଓ ଜଗତ୍‌ସିଂହପୁର ଆସନ ପାଇଁ ପ୍ରତିପକ୍ଷ ଦଳ ବିଜେଡି କିମ୍ବା ଭାଜପାର ଅଧିକ ପ୍ରଭାବ ଥିବା ପ୍ରାର୍ଥୀଙ୍କୁ ସାହାଯ୍ୟ କରିବୁ। ଏବେ ମୂଳଲକ୍ଷ୍ୟ ହେଲା କଂଗ୍ରେସ ପ୍ରାର୍ଥୀଙ୍କୁ ପରାଜିତ କରିବୁ। ଏ ପ୍ରସଙ୍ଗରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ହୋଇଥିବା ବାପିଙ୍କୁ ଯୋଗାଯୋଗ କରାଯାଇଥିଲେ ତାଙ୍କ ମତାମତ ମିଳି ପାରିନାହିଁ।

### ଭାଜପା ମଣ୍ଡଳ ଉପସଭାପତିଙ୍କ ଇସ୍ତଫା



ପାରାଦୀପ,୫।୪(ସ୍ୱ.ପ୍ର.)

ପାରାଦୀପ ଭାଜପା ମଣ୍ଡଳ ଉପସଭାପତି ଥିବା ଅୟସକାନ୍ତ ରାୟ ଶୁକ୍ରବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଇସ୍ତଫା ପତ୍ରରେ ସେ ନୀତି ଆଦର୍ଶର କଥା ଦର୍ଶାଇଛନ୍ତି। ଦଳ ଏବେ ଲକ୍ଷ୍ୟଠାରୁ ଦୂରେଇ ଯାଇଥିବାରୁ ସେ ଆଉ ରହିବେ ନାହିଁ ବୋଲି କହିଛନ୍ତି।

### ଆଇଏଏସ୍ ପାଇଲେ ରେଭେନ୍‌ଶାର ପୂର୍ବତନ ଛାତ୍ରୀ

କଟକ ଅଫିସ,୫।୪




ଅନ୍ୟା ଦାସ।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟରୁ ୨୦୧୬ ଶିକ୍ଷାବର୍ଷରେ ଇଂରାଜୀ ପାଠ୍ୟକ୍ରମରେ ସ୍ନାତକ ଡିଗ୍ରୀ ହାସଲ କରିଥିବା ଅନ୍ୟା ଦାସ ଆଇଏଏସ୍ ପାଇଛନ୍ତି। ମେଧାବୀ ଛାତ୍ରୀ ଅନ୍ୟାଙ୍କ ଏହି ସଫଳତା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି। ଅନ୍ୟା ୨୦୧୬ରେ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ପରୀକ୍ଷାରେ ୫୭୯ ର୍‍ୟାଙ୍କ ରଖି ରେଲୱେ ବିଭାଗରେ କାର୍ଯ୍ୟ କରୁଥିଲେ। ଚଳିତଥର ସେ ଶ୍ରେଷ୍ଠ ୧୦୦ତମ ସ୍ଥାନ ମଧ୍ୟରେ ତଥା ୬୦ତମ ସ୍ଥାନରେ ରହିଛନ୍ତି। ପିତା ଇନ୍ଦୁଭୂଷଣ ଭୂୟାଁ ଓ ମାଆ ସୀମା ଦାସଙ୍କ ଝିଅ ଅନ୍ୟାଙ୍କ ଘର ଜଗତ୍‌ସିଂହପୁରର ତୋଟାପଡ଼ା ଅଞ୍ଚଳରେ। ସୋସିଆଲ ମିଡ଼ିଆରେ ସମୟ ନଷ୍ଟ କରିବା ଅପେକ୍ଷା ଯୁବପିଢି ନିଜ କ୍ୟାରିୟର ଗଢ଼ିବା ପାଇଁ ପୁସ୍ତକରେ ଅଧିକ ସମୟ ଦେବା ଆବଶ୍ୟକ ବୋଲି ଅନ୍ୟା କହିଛନ୍ତି। ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସେ କାର୍ଯ୍ୟ କରିବେ ବୋଲି କହିଥିଲେ।

### ଅଫିସର ନୁହେଁ, ସେବକ ହୁଅନ୍ତୁ: ସୋମାଲିନ

କଟକ ଅଫିସ, ୫।୪



ସୋମାଲିନ୍ ଶୁଭଦର୍ଶିନୀ

କଟକର ଅତିରିକ୍ତ ତହସିଲଦାର ସୋମାଲିନ ଶୁଭଦର୍ଶିନୀ ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶୁକ୍ରବାର ପ୍ରକାଶ ପାଇଥିବା ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ଫଳରେ ସୋମାଲିନ ୪୭୮ ର୍‍ୟାଙ୍କ ରଖିଛନ୍ତି। ଫେବୃୟାରୀରୁ ସେ କଟକରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ସୋମାଲିନଙ୍କ ଘର ଜଗତ୍‌ସିଂହପୁର ଜିଲାର ତିର୍ତ୍ତୋଲ ଅଞ୍ଚଳରେ। ବାପା ବିପିନ ବିହାରୀ ବାରିକ ଓ ମାଆ ନଳିନୀ ବାରିକ ଶିକ୍ଷକତା କରନ୍ତି। ତିନି ଭଉଣୀ ମଧ୍ୟରୁ ସୋମାଲିନ ହେଉଛନ୍ତି ମଝିଆ କନ୍ୟା। ଅନୁଗୋଳରେ ସ୍କୁଲ ଶିକ୍ଷା ଶେଷ ପରେ ସାରଙ୍ଗରେ ଇଲେକ୍ଟ୍ରୋନିକ୍ସ ଟେଲି କମ୍ୟୁନିକେସନ ପାଠ୍ୟକ୍ରମରେ ଇଞ୍ଜିନିୟରିଂ ଶେଷ କରିଥିଲେ। ପରେ ଭୁବନେଶ୍ୱରରେ ଥିବା ଟିସିଏସ୍ କମ୍ପାନୀରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ ମଧ ପ୍ରଶାସନିକ ସେବାରେ ଯୋଗ ଦେବାର ଲକ୍ଷ୍ୟ ତାଙ୍କୁ ଶୁଆଇ ଦେଇ ନ ଥିଲା ବୋଲି କହିଛନ୍ତି। ଇଞ୍ଜିନିୟର ହୋଇ ମଧ ସେ ପ୍ରଶାସନିକ ପରୀକ୍ଷା ନିମନ୍ତେ ପ୍ରସ୍ତୁତ କରିଥିଲେ। ଓଡ଼ିଶା ପ୍ରଶାସନିକ ସେବା-୨୦୧୬ରେ ସଫଳପୂର୍ଣ୍ଣ ଭାବେ କୃତକାର୍ଯ୍ୟ ହୋଇଥିଲେ। ପରେ ଭାରତୀୟ ପ୍ରଶାସନିକ ସେବା ନିମନ୍ତେ ଦିନକୁ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲେ। ଆଇଏସ୍ ପାଇଁ ପ୍ରସ୍ତୁତ ହେଉଥିବା ବିଦ୍ୟାର୍ଥୀଙ୍କ ନିମନ୍ତେ କହିଥିଲେ, ପ୍ରଶାସନିକ ସେବାରେ ଯୋଗଦେଲେ ଜଣେ ସେବକ ଭାବେ କାର୍ଯ୍ୟ କରନ୍ତୁ। ନିଜକୁ ଅଫିସର ବୋଲି ଭାବନ୍ତୁ ନାହିଁ। ମୁଁ ସେବକ ଭାବେ ନିଜ କ୍ୟାରିୟର ଉତ୍ସର୍ଗ କରିବି।

### ବିଧାୟକ ପ୍ରାର୍ଥୀ ବିଷ୍ଣୁ ଦାସଙ୍କୁ ସମ୍ବର୍ଦ୍ଧନା

ତିର୍ତ୍ତୋଲ,୫।୪(ଡି.ଏନ.ଏ.): ଜଗତ୍‌ସିଂହପୁର ଜିଲା ବିଜେଡି ସଭାପତି ତଥା ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ବିଷ୍ଣୁଚରଣ ଦାସଙ୍କୁ ତିର୍ତ୍ତୋଲ ଶାରଳାରୋଡସ୍ଥିତ ବ୍ଲକ ବିଜେଡି କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେ ଦଳୀୟ କାର୍ଯ୍ୟରେ ଏଠାରେ ପହଞ୍ଚିବାପରେ ବ୍ଲକ ବିଜେଡି ସଭାପତି ବସନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଦଳୀୟ କର୍ମୀ ତାଙ୍କୁ ପୁଷ୍ପମାଲ୍ୟ ଓ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଦାସ ତାଙ୍କ ବକ୍ତବ୍ୟରେ ଆସନ୍ତା ସାଧାରଣ ନିର୍ବାଚନ ଦଳୀୟ କର୍ମୀ ସେମାନଙ୍କ ମଧ୍ୟରେ ଥିବା ମତଭେଦ ଭୁଲି ସଂଗଠିତ ହୋଇ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୋଜ ମହାନ୍ତି, ରଜତ କୁମାର ପାତ୍ର, ନୃସିଂହ ନାୟକ, ଅଶୋକ ରାଉତ, ଦେବବ୍ରତ ମହାନ୍ତି, ବିମଳ ମହାପାତ୍ର, ପ୍ରଫୁଲ୍ଲ ମହାନ୍ତି, ସାରଦା ପୃଷ୍ଟି, ରଞ୍ଜିତ ମହାନ୍ତି, ଭାସ୍କର ନାୟକ, ଧ୍ରୁବ ଖଟୁଆ, ରବୀନ୍ଦ୍ର ସେଠୀ, ଯଶୋବନ୍ତ ରାଉତ, ଭବେଶ ଚୌଧୁରୀ, ଅରୁଣ ହୋତା, ରମେଶ ରାଉଲ, ଶ୍ରୀନିବାସ ଦାଶ ସମେତ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଦଳିୟ କର୍ମୀ ଉପସ୍ଥିତ ଥିଲେ।

# ଜଗତ୍‌ସିଂହପୁରରେ ଅମରେନ୍ଦ୍ରଙ୍କ ଶକ୍ତି ପ୍ରଦର୍ଶନ

ଜଗତ୍‌ସିଂହପୁର ଅଫିସ, ୫।୪

ଜଗତ୍‌ସିଂହପୁର ବିଧାନସଭା ଆଶନରୁ ବିଜେଡି ଟିକେଟ୍‌ରେ ଲଢ଼ିବା ପାଇଁ ବିଜୁ ଯୁବ ଜନତା ଦଳ ଜିଲା ସଭାପତି ଅମରେନ୍ଦ୍ର ଦାସ ଆଶାୟୀ ଥିଲେ। କିନ୍ତୁ ଏହି ଆଶନରେ ତାଙ୍କ ପରିବର୍ତ୍ତେ ପ୍ରଶାନ୍ତ ମୁଦୁଲିଙ୍କୁ ଦଳୀୟ ଟିକେଟ୍ ମିଳିଛି। ଯେଉଁଥି ପାଇଁ ଅମରେନ୍ଦ୍ରଙ୍କ ଗୋଷ୍ଠୀ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଶୁକ୍ରବାର ଅମରେନ୍ଦ୍ରଙ୍କ ପକ୍ଷରୁ ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳରେ ଏକ ବିରାଟ ବାଇକ୍ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରା ଗାନ୍ଧି ଛକ ନିକଟରୁ ବାହାରି ବଡ଼ବାଗ, କଣ୍ଟାବଲଲଭପୁର, ଗାଲୁପଡ଼ା, ଅତାମଳା, ଦେଭୋଗ, କାଳିଆବରା, ପାଣିସାଳିଆ, ସିପି, ଚାନ୍ଦୁରା ଓ ଦେଉଳିଗ୍ରାମେଶ୍ୱର ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ଅମରେନ୍ଦ୍ରଙ୍କ ସମର୍ଥକମାନେ ପ୍ରଶାନ୍ତ ମୁଦୁଲିଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ।



ଅମରେନ୍ଦ୍ରଙ୍କ ସମର୍ଥକ ଶୋଭାଯାତ୍ରାରେ ଯାଉଛନ୍ତି।

### ୨ ବେଆଇନ କରତ କଳ ଉପରେ ବନ ବିଭାଗର ଚଢ଼ାଉ

# ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ, କାଠ ଜବତ

ବାଲିକୁଦା,୫।୪(ସ୍ୱ.ପ୍ର.)



ବନବିଭାଗ ପକ୍ଷରୁ କରତକଳ ଉପରେ ଚଢ଼ାଉ କରାଯାଉଛି।

**ଏହି ସମିଲ ଦୁଇଟି ବେଧଡ଼କ କାଠ ଚିରୁଥିଲେ**

କୁଜଙ୍ଗ ବନ ବିଭାଗ ପକ୍ଷରୁ ଶୁକ୍ରବାର ଭୋର ସମୟରେ ବାଲିକୁଦା ଅଞ୍ଚଳରେ ବେଆଇନଭାବେ ଚାଲିଥିବା ଦୁଇଟି କରତ କଳ ଉପରେ ଚଢାଉ କରାଯାଇଛି। ଗୋଟିଏ ଇଚ୍ଛାପୁର ଅଞ୍ଚଳର ମାଧୁରି ସମିଲ ହୋଇଥିବା ବେଳେ ଅନ୍ୟଟି ଈଶ୍ୱରପୁରଠାରେ ଥିବା ମନୋରମା ସମିଲ(କରତ କଳ)ରହିଛି। ଚଢ଼ାଉ ସମୟରେ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଓ ମୂଲ୍ୟବାନ କାଠ ଜବତ କରାଯାଇଛି। ଦୀର୍ଘ ବର୍ଷ ଧରି ଏହି ଦୁଇଟି କରତକଳ ବେଆଇନଭାବେ ଚାଲି ଆସୁଥିଲା। ବାଲିକୁଦା ଅଞ୍ଚଳରେ ଥିବା ମୋଟ ୩ କରତ କଳ ମଧ୍ୟରୁ ଗୋଟିଏ କାଠ ଚିରିବା କାମ ବନ୍ଦ କରି ଦେଇଥିବା ବେଳେ ଏହି ସମିଲ ଦୁଇଟି ବେଧଡକ କାଠ ଚିରୁଥିଲେ। ଏମାନଙ୍କ ବିରୋଧରେ ଅତୀତରେ ଦୁଇଟି ଲେଖାଏ ମାମଲା ବନ ବିଭାଗ ପକ୍ଷରୁ ରୁଜୁ କରାଯାଇଥିବା ବେଳେ ଥରେ ଚଢାଉ କରାଯାଇ କାଠ ଚିରଟ ଯନ୍ତ୍ରାଂଶ ଜବତ କରାଯାଇଥିଲା। ପରେ ସେମାନେ ପୁଣି ମିଲ ଚଳାଇ ଆସୁଥିଲେ। ଏ ବାବଦରେ ଅନେକ ଦିନ ତଳୁ ରାଜନଗର ଡିଏଫ୍‌ଓଙ୍କ ନିକଟରେ ଅଭିଯୋଗ ହୋଇ ଆସୁଥିଲା।

ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୁଜଙ୍ଗ ବନଖଣ୍ଡ, ଗହିରମଥା ବନଖଣ୍ଡ ଓ ମହାକାଳପଡା ବନଖଣ୍ଡ କାର୍ଯ୍ୟାଳୟର କର୍ମଚାରୀଙ୍କ ପକ୍ଷରୁ ମିଳିତ ଚଢାଉ କରାଯାଇଥିଲା। ଚଢାଉ ସମୟରେ ବିଭାଗ ଅନେକ କାଠ ଚିରା ଯନ୍ତ୍ରାଂଶ, ଦୁଇଟି ମିଲର ଦୁଇଟି ଜେନେରେଟର ଡାଇନାମୋ, କଟର ମେସିନ, ଦୁଇଟି ଲେଖାଏ ସ'ବେଣ୍ଡ, ଦୁଇଟି ଲେଖାଏ ସ' ଟେବୁଲ୍, ଦୁଇଟି ଲେଖାଏ ଷ୍ଟାଣ୍ଡ, ୧୦ଟି ଲେଖାଏ ଓ ବ୍ଲେଡ୍, ୪ ଟି ଲେଖାଏ ଓ ହୁଇଲ, ୩ ଟି ଲେଖାଏ ମଟର, ୩ଟି ଲେଖାଏ ପୁଲି ସମେତ ଅନେକ ମୂଲ୍ୟବାନ କାଠ ଜବତ କରାଯାଇଥିଲା। ଚଢ଼ାଉ ସମୟରେ ଅତିରିକ୍ତ ବାଲିକୁଦା ତହସିଲଦାର ଦେବୀ ପ୍ରସାଦ ରାଉତ ଉପସ୍ଥିତ ଥିଲେ। ସହକାରୀ ବନ ସଂରକ୍ଷକ ପ୍ରଦୋଶ କୁମାର ପଟ୍ଟନାୟକ, ଭାରପ୍ରାପ୍ତ ସହକାରୀ ବନ ସଂରକ୍ଷକ ବିଜୟ କୁମାର ପରିଡା, ଭାରପ୍ରାପ୍ତ ସହକାରୀ ବନ ସଂରକ୍ଷକ ଶୀରାମପଦ ଅରବିନ୍ଦ ମିଶ୍ର, କୁଜଙ୍ଗ ରେଞ୍ଜର ପ୍ରତାପ ଚନ୍ଦ୍ର ମହାନ୍ତି, ଡେପୁଟି ରେ ଅଫିସର ମାନସ ଦାସ, ହାୱାକାନା ଫରେଷ୍ଟର ମଙ୍ଗଳ ହେମ୍ବ୍ରମ୍, ବରୁଣେଇ ଫରେଷ୍ଟର ମହନ୍ତ ମଲ୍ଲିକ, ବନ୍ଦର ଫରେଷ୍ଟର ପ୍ରିୟବ୍ରତ ଚୌଧୁରୀ, ଜମ୍ବୁ ଫରେଷ୍ଟର ଶିବ ଦାଶ, ନୂଆଗାଁ ଫରେଷ୍ଟର ସନାତନୁ ଦଲାଇ, ହାୱାଖାନା ବନରକ୍ଷୀ ବିଶ୍ୱରଞ୍ଜନ ତରାଇ, କୁଜଙ୍ଗ ଫରେଷ୍ଟର ରଶ୍ମିତା ନାୟକ, ବନରକ୍ଷୀ ଲକ୍ଷ୍ମୀ ଖଟୁଆ, ସଜେନ୍ଦ୍ର ଦାସ, ପ୍ରକାଶ ଚନ୍ଦ୍ର ରାୟ ଓ ଭଗବାନ ମିଶ୍ରଙ୍କ ସମତେ ରାଜନଗର ଡିଭିଜନର ଆଣ୍ଟି ପୋଚିଂ ସ୍କ୍ୱାଡ୍ ଏବଂ ଏପିଆର ଷ୍ଟାଫ୍ ସାମିଲ ଥିଲେ। ଏହି ଦୁଇ ମିଲର ମାଲିକଙ୍କୁ ଗିରଫ କରାଯାଇ ନ ଥିବା ବେଳେ ନଂ-୧/୧୯, ୨/୧୯ରେ ଦୁଇଟି ମାମଲା ରୁଜୁ କରାଯାଇଥିବା କୁଜଙ୍ଗ ରେଞ୍ଜର ମହାନ୍ତି ସୂଚନା ଦେଇଛନ୍ତି।


## ସଂକ୍ଷେପରେ

### ଏସିଡ୍ ପୀଡ଼ିତଙ୍କୁ ସରକାରୀ ସାହାଯ୍ୟ ପାଇଁ ନିବେଦନ



**କେନ୍ଦ୍ରାପଡା ଅଫିସ, ୫।୪:** ମାର୍ଶାଘାଇ ଥାନା ପାଟଲିପଙ୍କ ଗ୍ରାମର ବିନୋଦ କୁମାର ରାଉତଙ୍କୁ କେହି ଦୁର୍ବୃତ୍ତ ୨୦୧୮ ଜୁଲାଇ ମାସରେ ଏସିଡ୍ ମାଡ଼ କରିଥିଲେ। ଫଳରେ ତାଙ୍କର ଆଖି ନଷ୍ଟ ହୋଇଯାଇଥିବା ବେଳେ ସେ ଭଲ ଭାବରେ ଚାଲି ପାରୁନାହାନ୍ତି। ଅଧିକ ଚିକିତ୍ସା ଓ ପରିବାରର ଭରଣପୋଷଣ ପାଇଁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ପରିବାର ସଦସ୍ୟ ଶୁକ୍ରବାର ଜିଲାପାଳଙ୍କ ନିକଟରେ ନିବଦନ ପତ୍ର ପ୍ରଦାନ କରିଛନ୍ତି। ଏ ନେଇ ତୁରନ୍ତ ବ୍ୟବସ୍ଥା ହେବ ବୋଲି ଜିଲାପାଳ ଦାଶରଥି ଶତପଥୀ ସୂଚନା ଦେଇଛନ୍ତି।

### ୧୨ ଲିଟର ମଦ ଜବତ, ୩ ଗିରଫ



**ଆଳି, ୫।୪ (ଡି.ଏନ.ଏ.):** କେନ୍ଦ୍ରାପଡା ଅବକାରୀ ବିଭାଗ ସୁପରିଟେଣ୍ଡଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଆଳିର ବିଭିନ୍ନସ୍ଥାନରେ ଚଢାଉ କରାଯାଇ ୧୨ ଲିଟର ମଦ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ୩ ଜଣ ବ୍ୟବସାୟୀ ହୋଇଛନ୍ତି। ସେମାନେ ହେଲେ ଅରଗଳର ଭାଗବତ ସାହୁ, ରାଜକନିକା ଜୟନଗରର ନାଗାର୍ଜୁନ ବାରିକ ଓ ଗଜରାଜପୁରର ଜଳଧର ମଲିକ। ଅବକାରୀ ବିଭାଗ ଏଏସ୍ଆଇ ବିଷ୍ଣୁଚରଣ ମଲିକଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ଏଏସ୍ଆଇ ରାଜକିଶୋର ଜେନା, ଭାରତୀ ନାୟକ, ଏସ୍ଏନ୍ ରହିମ, ଟୁକୁନା ପ୍ରଧାନ, ଜଗନ୍ନାଥ ଦୋଶ୍ରା, ଦେବକାନ୍ତ ଆଚାର୍ଯ୍ୟ ଓ ସୁନିଲ କୁମାର ମିଶ୍ର ପ୍ରମୁଖ ସାମିଲ ଥିଲେ।

### କଂଗ୍ରେସର ୱାର୍ଡସ୍ତରୀୟ କର୍ମୀ ସମ୍ମିଳନୀ

**କେନ୍ଦ୍ରାପଡା ଅଫିସ, ୫।୪:** ସହରର ବିଲ୍ଡିଂ ସେଣ୍ଟର ପରିସରରେ ୫ ନଂ. ୱାର୍ଡର କଂଗ୍ରେସ କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନଗର କଂଗ୍ରେସ ସଭାପତି ସୌମେନ୍ଦ୍ର ପୃଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଆଗାମୀ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଏଥିରେ ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା ଯୋଗଦେଇ ସଂଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହିତ କଂଗ୍ରେସର ଇସ୍ତାହାର ପତ୍ରରେ ଉଲ୍ଲେଖ ଥିବା ନ୍ୟାୟ, ଗ୍ୟାରେଣ୍ଟି କାର୍ଡ, ଆର୍ଥିକ ଅନଗ୍ରସରଙ୍କୁ ୭୨ ହଜାର ଟଙ୍କା ପ୍ରଦାନ ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ନଗର କଂଗ୍ରେସର ଶତାଧିକ କର୍ମୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ରାଜକନିକା, ୫।୪ (ଡି.ଏନ୍.ଏ.):** ରାଜକନିକା ବ୍ଲକ ଅଧୀନ ମଧୁବିହାରସ୍ଥିତ ବାରାହା ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପରମେଶ୍ୱର ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ପରିସରରେ ପ୍ରାଧାପକ ପ୍ରମୋଦ କୁମାର ନାୟକଙ୍କ ପୌରୋହିତ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପରମେଶ୍ୱର ଦାସଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ପ୍ରାଧାପକ ଡା. ବିଜୟ କୁମାର ନାୟକ, ପ୍ରଧାପିକା କନକଲତା ନାୟକ, ସ୍ମୃତିମଞ୍ଜରୀ ବିଶ୍ୱାଳ, ଅଧାପିକା ଆର୍ଯ୍ୟବାଳା ନାୟକ, ଅଧାପକ ବିରଞ୍ଚି ନାରାୟଣ ସାମଲ, ପ୍ରଶାନ୍ତ କୁମାର ଧଳ, ବିଶ୍ୱନାଥ ନାୟକ, ଡେମୋନଷ୍ଟ୍ରେଟର ସୁରେଶ ଚନ୍ଦ୍ର ବିଶ୍ୱାଳ, ମୁଖ୍ୟଲିପିକା ନିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଥିଲେ।

# ପାଟକୁରା ପାଇଁ ବଢୁଛି ସସ୍ପେନ୍ସ

- ତ୍ରିମୁଖୀ ନୁହେଁ ବହୁମୁଖୀ ଲଢ଼େଇ ହେବା ଆଶଙ୍କା
- ତେଜେଶ୍ୱର, ଅଜୟ ରାଉତଙ୍କ ଉପରେ ନଜର

**କେନ୍ଦ୍ରାପଡ଼ା ଅଫିସ, ୫।୪**

ପାଟକୁରା ବିଧାନସଭା ଆସନକୁ ନେଇ ଏବେ ବି କଳ୍ପନା ଜଳ୍ପନା ଜାରି ରହିଛି। ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିବା ପରେ ଏଠାରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ଚର୍ଚ୍ଚା ହେଉଥିଲା। ମାତ୍ର ଏବେ ଏହା ସସ୍ପେନ୍ସରେ ରହିଛି। ନାମାଙ୍କନ ଫର୍ମ ବିକ୍ରିର ଚତୁର୍ଥ ଦିବସରେ ରାଜ୍ୟ ଖଦୀ ବୋର୍ଡ ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ା ଓ ଅଧାପକ ଅଜୟ କୁମାର ରାଉତ ଶୁକ୍ରବାର ପାଟକୁରା ଅସନରୁ ଲଢ଼ିବା ପାଇଁ ଫର୍ମ କିଣିଛନ୍ତି। ଏହାପରେ ପାଟକୁରା ବିଧାନସଭା ଆସନରେ ବହୁମୁଖୀ ଲଢ଼େଇ ହେବା ନେଇ ରାଜନୈତିକ ସମୀକ୍ଷକ ମାନେ ଆକଳନ କରୁଥିବା ବେଳେ ନାମାଙ୍କନ ପତ୍ର ଦାଖଲ ହେବା ପରେ ହିଁ ଏହା ସ୍ପଷ୍ଟ ହେବ।

ଅପରପକ୍ଷେ ଭାଜପା ଏହି ନିର୍ବାଚନ ମଣ୍ଡଳୀରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ଟିକେଟ ଦେଇଥିବା ବେଳେ ବିଜେଡି ବେଦପ୍ରକାଶ ଅଗ୍ରୱାଲ ଓ କଂଗ୍ରେସ ଜୟନ୍ତ ମହାନ୍ତିଙ୍କୁ ପ୍ରାର୍ଥୀ କରିଛି। ଏହି ୩ ପ୍ରାର୍ଥୀଙ୍କର ସଂଗଠନ ଖୁବ୍ ସୁଦୃଢ଼ ଥିବାରୁ ଟକ୍କର ଜୋରଦାର ହେବ ବୋଲି ଆଶା କରାଯାଉଛି। ୩ ପ୍ରମୁଖ ଦଳର ପ୍ରାର୍ଥୀମାନେ ପ୍ରଚାର ଓ ନିର୍ବାଚନୀ ସଭା କରି ଭୋଟରଙ୍କୁ ହାତେଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ପୂର୍ବାହ୍ନରେ ଭାଜପାର ବିଜୟ ସଙ୍କଳ୍ପ ସମାବେଶ ଛତାଠାରେ ଅନୁଷ୍ଠିତ ହେବ। ଏଥିରେ ଭାଜପା ବିଧାୟକ ପ୍ରାର୍ଥୀ ବିଜୟ ମହାପାତ୍ର, ରାଷ୍ଟ୍ରୀୟ ଉପାଧକ୍ଷ ତଥା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କ ସମେତ ଭାଜପାର ରାଜ୍ୟ ଷ୍ଟାର ପ୍ରଚାରକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିଜୟ ଭାଜପାକୁ ପ୍ରତ୍ୟାବର୍ତ୍ତନ କରିବା ଓ ପାଟକୁରା ବିଧାୟକ ପ୍ରାର୍ଥୀ ହେବା ପରେ ଏହା ହେଉଛି ପ୍ରଥମ ସଭା। ସେ ଏଥିରେ ନିଜର ଶକ୍ତି ପ୍ରଦର୍ଶନ କରିବା ପାଇଁ ସମସ୍ତ ଆୟୋଜନ କରିଛନ୍ତି।

ସେହିପରି ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲ ରାଜ୍ୟ ରାଜନୀତିରେ ପୁରୁଖା ନେତା। ଏକାଧିକ ଥର ବିଧାୟକ ଭାବେ ନିର୍ବାଚିତ ହୋଇ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରୀ ପଦ ପାଇ କାର୍ଯ୍ୟ କରିଛନ୍ତି। ୨୦୧୪ ମସିହା ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱୀ ବିଧାୟକ ପ୍ରାର୍ଥୀଙ୍କଠାରୁ ବେଦପ୍ରକାଶ ପ୍ରାୟ ୪୯ ହଜାର ଭୋଟରେ ଜିତିଥିଲେ। ତାଙ୍କର ମଧ ସଂଗଠନ ଦୃଢ଼ ଥିବା ବେଳେ ସେ ଆଗାମୀ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିସାରିଛନ୍ତି। ସେହିପରି କଂଗ୍ରେସର ପାରମ୍ପରିକ ଭୋଟ ସହିତ ବିଜେଡି ଓ ଭାଜପାର ଅସନ୍ତୁଷ୍ଟ ଭୋଟ କଂଗ୍ରେସ ପ୍ରାର୍ଥୀ ଜୟନ୍ତଙ୍କୁ ନିର୍ବାଚନ ବୈତରଣୀ ପାର କରିବାରେ ସହାୟକ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରିଛନ୍ତି। ବିଶ୍ଳେଷକମାନେ ମତ ଦେଇଛନ୍ତି ଯେ, ମହାକାଳପଡ଼ା, ରାଜନଗର ଓ ଆଳି ବିଧାନସଭା କ୍ଷେତ୍ରରେ ଭାଜପା ପ୍ରାର୍ଥୀଙ୍କୁ ନେଇ ଅନ୍ତଃକନ୍ଦଳ ବଢ଼ିଚାଲିଛି। ଦଳବଦଳକାରୀଙ୍କୁ ପ୍ରାର୍ଥୀ କରଯିବା ଯୋଗୁ ଜିଲାରେ ବିଦ୍ରୋହ ବଢ଼ିଚାଲିଛି। ଶନିବାର ଛତା ସମାବେଶରେ ବିଜୟ ଓ ବୈଜୟନ୍ତ ଏନେଇ ନିଶ୍ଚିତ ଭାବେ ସ୍ପଷ୍ଟୀକରଣ ଦେଇ ନିର୍ବାଚନ ରଣାଙ୍ଗନଙ୍କୁ ଓହ୍ଲାଇବେ। ଅପରପକ୍ଷରେ ବିଜେଡି ପ୍ରାର୍ଥୀ ବେଦପ୍ରକାଶଙ୍କୁ ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁଙ୍କ ନେତୃତ୍ୱରେ ବିରୋଧ କରାଯାଉଛି। ଏହି ନିର୍ବାଚନରେ ସରୋଜକାନ୍ତଙ୍କ ସମର୍ଥକମାନେ ବେଦପ୍ରକାଶଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ନିକଟକୁ ଯିବା ସମ୍ଭାବନା ଅଧିକ। ଏହାଫଳରେ ଏଠାରେ ବିଜେଡିର ବଡ଼ ଧରଣର କ୍ଷତି ହେବ ବୋଲି କୁହାଯାଉଛି। ଅନ୍ୟପଟେ ଟିକେଟ ପାଇଥିଲେ ମଧ ଅସୁସ୍ଥତା କାରଣରୁ ବେଦପ୍ରକାଶ ନିର୍ବାଚନ ମଣ୍ଡଳୀକୁ ଅଦ୍ୟାବଧି ଗସ୍ତ କରିପାରିନାହାନ୍ତି। ଏ ସମ୍ପର୍କରେ ବେଦପ୍ରକାଶ କହିଛନ୍ତି, ମୁଁ ଆସନ୍ତା ୮ତାରିଖରେ ସମର୍ଥକଙ୍କ ସହ ନାମାଙ୍କନ ଦାଖଲ କରିବି। ଏ ଦୃଷ୍ଟିରୁ ଆଶାୟୀ ପ୍ରାର୍ଥୀ ଖଦିବୋର୍ଡ ଅଧ୍ୟକ୍ଷ ପରିଡ଼ା ଓ ଅଧାପକ ରାଉତ ପ୍ରାର୍ଥୀପତ୍ର କିଣିଥିବା ସେମାନେ ମତ ଦେଇଛନ୍ତି। ଫର୍ମ କିଣା ସମ୍ପର୍କରେ ଖଦୀବୋର୍ଡ ଅଧ୍ୟକ୍ଷ ପରିଡା କୁହନ୍ତି, ପ୍ରତି ନିର୍ବାଚନ ସମୟରେ ସମର୍ଥକମାନେ ଫର୍ମ କିଣିଥାନ୍ତି। ତେବେ ସ୍ୱାଧୀନ ପ୍ରାର୍ଥୀ ହେବା ନିଷ୍ପତ୍ତି ନେଇନାହିଁ। ସେହିପରି ଅଧାପକ ରାଉତ ଗତ ୫ ବର୍ଷ ଧରି ନିର୍ବାଚନ ମଣ୍ଡଳୀରେ ନିଜର ସାମାଜିକ କାର୍ଯ୍ୟ ଜାରି ରଖିଥିଲେ। ଏ ନେଇ ସେ କୁହନ୍ତି ଯେ, ଲୋକଙ୍କ ଅସୁବିଧା ବେଳେ ମୁଁ ସେମାନଙ୍କ ପାଖରେ ସବୁବେଳେ ଠିଆ ହୋଇଛି। ସ୍ଥାନୀୟ ଅଞ୍ଚଳର ଲୋକ ମତ ମୋ ସପକ୍ଷରେ ରହିଥିବାରୁ ସ୍ୱାଧୀନ ପ୍ରାର୍ଥୀ ହେବା ପାଇଁ ଆଶା ରଖିଛି ବୋଲି ଅଜୟ କହିଛନ୍ତି।

## ଚତୁର୍ଥ ଦିବସରେ ୧୧ ନାମାଙ୍କନ ଫର୍ମ ବିକ୍ରି

**କେନ୍ଦ୍ରାପଡା ଅଫିସ, ୫।୪**

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଗତ ୨ ତାରିଖଠାରୁ ନାମାଙ୍କନ ପତ୍ର ଫର୍ମ ବିକ୍ରି ଆରମ୍ଭ ହୋଇଛି। ଗତ ତିନି ଦିନରେ ୩୧ଟି ଫର୍ମ ବିକ୍ରି ହୋଇଥିବା ବେଳେ ଶୁକ୍ରବାର ୧୧ ଫର୍ମ ବିକ୍ରି ହୋଇଛି। କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀ ପାଇଁ ଭୁବନେଶ୍ୱର ୟୁନିଟ ୬ ର ରବୀନ୍ଦ୍ର କୁମାର ବେହେରା ଫର୍ମ ନେଇଛନ୍ତି। ଆଳି ବିଧାନସଭା କ୍ଷେତ୍ର ବିଧାୟକ ପ୍ରାର୍ଥୀ ପାଇଁ କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର ଶର୍ମା, ରାଜନଗର ବିଧାନସଭା କ୍ଷେତ୍ର ପାଇଁ ସୁନାମୁହିଁର ସୁଦର୍ଶନ ପ୍ରଧାନ, କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ର ପାଇଁ ଜଗତସିଂହପୁର ଜିଲା ମଧୁବନର ନାରାୟଣ ଚନ୍ଦ୍ର ଦାସ, ଇନ୍ଦୁପୁରର ପଦ୍ମଲୋଚନ ମଲ୍ଲିକ ଫର୍ମ କିଣିଛନ୍ତି। ମହାକାଳପଡ଼ା ବିଧାନସଭା ପାଇଁ ବାମ୍ପିସାହିର ରଞ୍ଜିତା କାନୁନ୍‌ଗୋ, କୁରୁଡୁଙ୍ଗାର ବିଭ୍ରାଂଶୁ ଶେଖର ଲେଙ୍କା ଫର୍ମ ନେଇଛନ୍ତି। ପାଟକୁରା ବିଧାନସଭା ପାଇଁ ସାନବେତରାର ଅଜୟ କୁମାର ରାଉତ, ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ର, ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲ, ବେତାରୀର ପ୍ରଦୀପ କୁମାର ମିଶ୍ର ଓ ବାହାକଣ୍ଡିଆର ତେଜେଶ୍ୱର ପରିଡା ଫର୍ମ ନେଇଛନ୍ତି।

# ଆଳିରେ ବିଜେଡିର ରୋଡ୍ ଶୋ’

## ଶକ୍ତି ପ୍ରଦର୍ଶନ କଲେ ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ ଓ ଏମ୍ପି ପ୍ରାର୍ଥୀ ଅନୁଭବ ମହାନ୍ତି

**ଆଳି, ୫।୪ (ଡି.ଏନ୍.ଏ.)**



ଖୋଲା ଜିପ୍‌ରେ ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ ଓ ଏମ୍ପି ପ୍ରାର୍ଥୀ ଅନୁଭବ ମହାନ୍ତି ପ୍ରଚାର କରୁଛନ୍ତି।

କେନ୍ଦ୍ରାପଡ଼ା ଲୋକ ସଭା ଆସନ ଓ ଏହା ଅଧୀନ ୭ ବିଧାନସଭା ଆସନରେ ଏପ୍ରିଲ ୨୯ ତାରିଖରେ ନିର୍ବାଚନ ହେବ। ଏହା ଅଧୀନ ଆଳି ନିର୍ବାଚନ ମଣ୍ଡଳୀରେ ୩ ପ୍ରମୁଖ ଦଳ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ସମସ୍ତ ପ୍ରାର୍ଥୀ ନିର୍ବାଚନୀ ସଭା କରି ନିଜ ନିଜର ଶକ୍ତି ପ୍ରଦର୍ଶନ କରୁଛନ୍ତି। ଏ ପର୍ଯ୍ୟନ୍ତ କଂଗ୍ରେସ ଓ ଭାଜପା ପକ୍ଷରୁ ଏହି ନିର୍ବାଚନ ମଣ୍ଡଳୀରେ ରୋଡ ଶୋ’ର କରାଯାଇ ନ ଥିବା ବେଳେ ଶୁକ୍ରବାର ବିଜେଡି ପକ୍ଷରୁ ଏକ ବିରାଟ ରୋଡ ଶୋ’ର ଆୟୋଜନ କରାଯାଇଥିଲା। ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ ଓ କେନ୍ଦ୍ରାପଡ଼ା ଏମ୍ପି ପ୍ରାର୍ଥୀ ଅନୁଭବ ମହାନ୍ତି ରୋଡ ଶୋ’ରେ ସାମିଲ ହୋଇଥିଲେ। ପୂର୍ବାହ୍ନରେ କଟକ-ଚାନ୍ଦବାଲି ରାସ୍ତାର ସିନେମାହଲ ନିକଟରୁ ଏହି ରୋଡ୍ ଶୋ’ ବାହାରି ବ୍ଲକର ଟୁଙ୍ଗା, ଦେମାଳ, ନିଆଳ ଓ ମେଣ୍ଢପୁର ପଞ୍ଚାୟତର ପରିକ୍ରମା କରିଥିଲା। ପ୍ରତାପ ଦେବ ଓ ଅନୁଭବ ଏକ ଖୋଲା ଜିପ୍‌ରେ ବୁଲି ବିଜେଡିକୁ ଭୋଟ ଦେବାକୁ ନିବେଦନ କରିଥିଲେ। ବିଭିନ୍ନ ସ୍ଥାନରେ ସେମାନଙ୍କୁ ସ୍ୱାଗତ କରିବା ସକାଶେ ଦଳୀୟ କର୍ମୀ ଶଙ୍ଖ ବଜାଇବା ସହ ଓ ହୁଳୁହୁଳି ପକାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ଭୀଷ୍ମ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ଦାଶ, ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ, ବ୍ଲକ ବିଜେଡି ସଭାପତି ଜଗତାନନ୍ଦ ବଳ, ରମେଶ ପଣ୍ଡା, ଦୁର୍ଯ୍ୟୋଧନ ମଲିକ, ଯୁବନେତା ସୁବ୍ରତ ଦାଶ, ନିରଞ୍ଜନ ସେନାପତି, ନିର୍ମଳ ବେହେରା, ଟୁଙ୍ଗା ସରପଞ୍ଚ ସନ୍ଧ୍ୟାରାଣୀ ବେହେରା, ସମିତିସଭ୍ୟ ନଟବର ମଲିକ ରୋଡ ଶୋ’ରେ ସାମିଲ ହୋଇଥିଲେ। ପ୍ରତିରଞ୍ଜନ ପୁହାଣ, ହିମାଂଶୁ ବାରିକ, ଶେଖର ଚନ୍ଦ୍ର ବାରିକ, ଦେମାଳ ସରପଞ୍ଚ ମନୋରଞ୍ଜନ ସାମଲ, ସମିତିସଭ୍ୟ ସନ୍ତୋଷ ସାମଲ, ମେଣ୍ଢପୁର ସରପଞ୍ଚ ପ୍ରତାପ ସାହୁ, ସମିତିସଭ୍ୟ ଆୟୁବ ଖାଁ, ନିଆଳ ସରପଞ୍ଚ ପ୍ରତିନିଧି ଅଶୋକ ମଲିକ, ମନୋଜ ଦାସ, ଅଶ୍ୱିନୀ ସାହୁ, ରଶ୍ମିରଞ୍ଜନ ଦାସ, ମାଖନ ବାରିକ, ବାପିନା ପାତ୍ରଙ୍କ ସମେତ ପ୍ରାୟ ୧୦ହଜାର କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ବିଜେଡି କର୍ମୀଙ୍କ ଘର ବାହୁଡ଼ା

**ଡେରାବିଶ, ୫।୪ (ଡି.ଏନ୍.ଏ.)**

ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ବସୁପୁର ପଞ୍ଚାୟତରେ ଶୁକ୍ରବାର କେତେଜଣ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ସେମାନେ ପୂର୍ବରୁ ବିଜେଡିରେ ଥିବା ବେଳେ କିଛିବର୍ଷ ପୁର୍ବେ କଂଗ୍ରେସରେ ଯୋଗଦେଇଥିଲେ। ପ୍ରିତିରାଣୀ ଦାସଙ୍କ ନେତୃତ୍ୱରେ ଅମୀୟ ଦାସ, ରଜନୀକାନ୍ତ ଦାସ ପ୍ରମୁଖ ବିଜେଡିରେ ଯୋଗଦେଇଛନ୍ତି। ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ଗୋଲଖ ଚନ୍ଦ୍ର ସାହୁ, ଗଣେଶ୍ୱର ବେହେରା ନୂତନ କର୍ମୀଙ୍କୁ ସ୍ୱାଗତ କରିଥିଲେ।

## ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ରାଜକନିକା, ୫।୪ (ଡି.ଏନ୍.ଏ)**

ରାଜକନିକା ବ୍ଲକ ଅଧୀନ ଜାଗୁଲାଇପଡା ପଞ୍ଚାୟତରେ ଶୁକ୍ରବାର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ସଭ୍ୟା କଳ୍ପନା ମହାପାତ୍ର, ନାରୀନେତ୍ରୀ ପ୍ରମିଳା ସାମଲ, ୱାର୍ଡସଭ୍ୟ ବାସନ୍ତିଲତା ବେହେରା, ମିଶନଶକ୍ତି ସଦସ୍ୟା କୁଞ୍ଜଲତା ଦାସଙ୍କ ସମେତ ଶତାଧିକ ମହିଳା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମହିଳାମାନେ ପଞ୍ଚାୟାତ ଅଧୀନ ପ୍ରତ୍ୟେକ ଘରକୁ ଘର ବୁଲି ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା କହିଥିଲେ। ସେହିପରି ସିକୋ ପଞ୍ଚାୟତରେ ଅନୁଷ୍ଠିତ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ସରପଞ୍ଚ ଗାୟତ୍ରୀ ଜେନାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳାଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ସିକୋ, ଡାଳିକାଏନ୍ଦା, ଗୋବାଙ୍ଗ ଗ୍ରାମ ପରିକ୍ରମା କରିଥିଲେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ବୁଝାଇବା ସହ ଆଗାମୀ ସାଧାରଣ ନିର୍ବାଚନରେ ବିଜେଡିକୁ ଭୋଟ ଦେବାକୁ ନିବେଦନ କରିଥିଲେ।

# ଚତୁର୍ଥ ଦିନରେ ୩ ପ୍ରାର୍ଥିପତ୍ର ଦାଖଲ



ଶ୍ରୀକାନ୍ତ ସାମଲ ଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।





ଭୀମସେନ ସେଠୀ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

**କେନ୍ଦ୍ରାପଡା ଅଫିସ, ୫।୪**

କେନ୍ଦ୍ରାପଡା ଜିଲାରେ ଆସନ୍ତା ୨୯ରେ ସାଧାରଣ ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବ। ଏହି ପରିପ୍ରେକ୍ଷୀରେ କୃପା ପାର୍ଟିର ରାଜ୍ୟ ସଭାପତି ଶ୍ରୀକାନ୍ତ ସାମଲ କେନ୍ଦ୍ରାପଡ଼ା ଲୋକ ସଭା ଓ ପାଟକୁରା ବିଧାନସଭା କ୍ଷେତ୍ର ପାଇଁ ଦୁଇଟି ପ୍ରାର୍ଥିପତ୍ର ଶୁକ୍ରବାର ଦାଖଲ କରିଛନ୍ତି। ରିଟର୍ନିଂ ଅଫିସର ତଥା ଜିଲାପାଳ ଦାଶରଥି ଶତପଥୀ ଲୋକ ସଭା ପ୍ରାର୍ଥିପତ୍ର ଗ୍ରହଣ କରିଥିବା ବେଳେ ପାଟକୁରା ବିଧାନସଭା ପାଇଁ ରିଟର୍ନିଂ ଅଫିସର ତଥା ଉପଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ ହୋଇଛି। ଏହି ଅବସରରେ ପ୍ରାର୍ଥୀ ସାମଲ କହିଛନ୍ତି, ରାଜନୀତି କୁଳୁଷିତ ହୋଇଯାଇଛି। ଦେଶରେ ଦୁର୍ନୀତି ବଢ଼ିଛି। ନିଯୁକ୍ତି କମିଛି। ତେବେ କୌଣସି ଯୁବଶକ୍ତି ରାଜନୀତିରେ ରହି ଏହାକୁ ସୁଧାରିବାକୁ ଚେଷ୍ଟା କରିନାହାନ୍ତି। ଠାକୁର କେଶବ ଚନ୍ଦ୍ରଙ୍କ ନିର୍ଦ୍ଦେଶରେ ଭାରତୀୟ ସଂସ୍କୃତିକୁ ରକ୍ଷା କରିବା ସହ ସମାଜକୁ ସୁଧାରିବା ଲକ୍ଷ୍ୟ ରଖି କୃପା ପାର୍ଟି ଗଠନ କରାଯାଇଛି। ଏହି ଆଦର୍ଶକୁ ଯୁବଶକ୍ତି ଗ୍ରହଣ କରି ଏକ ସୁସ୍ଥ ସବଳ ରାଷ୍ଟ୍ର ନିର୍ମାଣ ପାଇଁ ଆଗେଇ ଆସିବେ ବୋଲି ଶ୍ରୀକାନ୍ତ ମତ ଦେଇଛନ୍ତି।

ସେହିପରି ଜନଶକ୍ତି ପାର୍ଟି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଭୀମସେନ ସେଠୀ ମହାକାଳପଡ଼ା ବିଧାୟକ ପ୍ରାର୍ଥୀ ଭାବେ ରିଟର୍ନିଂ ଅଫିସର ତଥା ସହକାରୀ ଉପଜିଲାପାଳ ପ୍ରଣୟ କୁମାର ଜେନାଙ୍କୁ ପ୍ରାର୍ଥିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ପ୍ରଦୀପ କୁମାର ଦାସ କୁହନ୍ତି, କେନ୍ଦ୍ରାପଡ଼ା ଜିଲାରେ ମୌଳିକ ସୁବିଧା ସାଧାରଣରେ ଉପଲବ୍ଧ ନୁହେଁ। ଏଠାରେ ପୂର୍ବ ନିର୍ବାଚିତ ରାଜନେତା ଉନ୍ନୟନ କାର୍ଯ୍ୟକୁ ଅଣଦେଖା କରିଛନ୍ତି। ଜିଲାର ଉପାନ୍ତ ନିର୍ବାଚନ କ୍ଷେତ୍ର ମହାକାଳପଡାରେ ସର୍ବନିମ୍ନ ମୌଳିକ ସୁବିଧା ମିଳୁନି ବୋଲି ପ୍ରଦୀପ କହିଛନ୍ତି।

# ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ରାଜକନିକା, ୫।୪ (ଡି.ଏନ୍.ଏ)**

ରାଜକନିକା ଛାତ୍ର ଓ ଯୁବ ବିଜେଡି ପକ୍ଷରୁ କନିକାର ମେଲଣପଡିଆଠାରେ ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଯୁବନେତା ବିକାଶ ମଲିକଙ୍କ ସଭାପତିତ୍ୱରେରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜକନିକା ବ୍ଲକ ବିଜୁ ଛାତ୍ର ଜନତା ଦଳ ସଭାପତି ଅୟସକାନ୍ତ ସାମଲ, ମାନସ ବିଶ୍ୱାଳ, ପ୍ରଭାସ ସେନାପତି, ସୁରେଶ ବରଜ, ରଞ୍ଜନ ନାୟକ, ତାପସ ପରିଡା, ଚିରଞ୍ଜିବି ଦାସ, ସରପଞ୍ଚ ପବିତ୍ର ରାଉତ, ଦେବବ୍ରତ ଦାସ, ବ୍ଲକ ଉପାଧକ୍ଷ ବିଶ୍ୱନାଥ ନାୟକ, ସାରଙ୍ଗଧର ସାହୁ, ମାନସ ବେହୁରା, ପ୍ରକାଶ ବାରିକ, ପ୍ରଦ୍ୟୁମ୍ନ ରାଉତ, ପ୍ରକାଶ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶା ପ୍ରତି କେନ୍ଦ୍ରର ଅବହେଳାକୁ କଡା ସମାଲୋଚନା କରାଯାଇଥିଲା।

## ନବଜାତକ ମୃତଦେହ ଉଦ୍ଧାର

**କେନ୍ଦ୍ରାପଡା ଅଫିସ, ୫।୪**

ସହର ନିକଟ ଗୁଲନଗର ପଞ୍ଚାୟତ ଉଦୟନଗରସ୍ଥିତ ଗୋବରୀ ନଦୀପଠାରୁ ଏକ ନବଜାତକର ମୃତଦେହ ଶୁକ୍ରବାର ଉଦ୍ଧାର ହୋଇଛି। ଜିଲା ଶିଶୁ ବିକାଶ କମିଟି ଓ ଟାଉନ ଥାନା ପୋଲିସ ପକ୍ଷରୁ ଉକ୍ତ ମୃତଦେହ ଉଦ୍ଧାର କରାଯାଇ ସତ୍କାର କରାଯାଇଛି। ଉଦ୍ଧାର ସମୟରେ ନବଜାତକଙ୍କର କେତେକ ସ୍ଥାନ ଖଣ୍ଡିଆ ହୋଇଥିବା ଦେଖାଯାଇଥିଲା। ମୃତ ଶିଶୁକୁ କିଏ ଏଠାରେ ପକାଇ ଥିଲା ସେ ନେଇ ଆଲୋଚନା ଜୋର ଧରିଛି।

- ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

# ଯୌତୁକଜନିତ ହତ୍ୟା ଅଭିଯୋଗ

**ଡେରାବିଶ, ୫।୪ (ସ୍ୱ.ପ୍ର.)**

ଡେରାବିଶ ଥାନା ଅଧୀନ ପଲେଇ ପଞ୍ଚାୟତ ପଲେଇ (ଜାମୁଦଣ୍ଡା) ଗ୍ରାମର ପ୍ରକାଶ ଯେନାଙ୍କ ସ୍ତ୍ରୀ ଦମୟନ୍ତୀ (୨୬)ଙ୍କ ଶୁକ୍ରବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ଯୌତୁକ ଯୋଗୁ ଶାଶୁ ଘର ଲୋକେ ଦମୟନ୍ତୀଙ୍କୁ ମାରିଦେଇଥିବା ତାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ୪୪/୧୯ନଂ.ରେ ଏକ ମାମଲା ରୁଜୁକରିବା ସହ ଦମୟନ୍ତୀଙ୍କ ଦେଢ଼ଶୁର ସୁଶାନ୍ତଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ଅଭିଯୋଗ ମୁତାବକ, ମହାଙ୍ଗା ଥାନା ଅଧୀନ ଗୋବିନ୍ଦପୁର ଗ୍ରାମର ରାମଚନ୍ଦ୍ର ମଲ୍ଲିକଙ୍କ ଝିଅ ଦମୟନ୍ତୀ ପଲେଇ ଗ୍ରାମର ଶଙ୍କର୍ଷଣ ଯେନାଙ୍କ ପୁଅ ପ୍ରକାଶଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଶାଶୁଘର ଲୋକଙ୍କ ଦାବି ମୁତାବକ ବାହାଘର ବେଳେ ନଗଦ ୩୦ହଜାର ଟଙ୍କା ସହ ସମସ୍ତ ଆସବାବପତ୍ର ପ୍ରଦାନ କରାଯାଇଥିଲା। ପ୍ରକାଶ ଚେନ୍ନାଇର ଏକ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ଦମୟନ୍ତୀ ଶାଶୁଘରେ ରହୁଥିଲେ। ବାହାଘର ପରଠାରୁ ଅଧିକ ଯୌତୁକ ଦାବିକରି ଶ୍ୱଶୁର ଶଙ୍କର୍ଷଣ, ଶାଶୁ ଗେହ୍ଲେଇ, ଦେଢ଼ଶୁର ସୁଶାନ୍ତ ଓ ତାଙ୍କ ସ୍ତ୍ରୀ ଦମୟନ୍ତୀଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିଲେ। ବୁଧବାର ଦମୟନ୍ତୀ ତାଙ୍କ ବାପା ରାମଚନ୍ଦ୍ରଙ୍କୁ ଗତ ଗୁରୁବାର ଫୋନ୍ କରି ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଘରକୁ ଯିବେ ବୋଲି କହିଥିଲେ। ମାତ୍ର ଶୁକ୍ରବାର ସକାଳେ ତାଙ୍କ ଶ୍ୱଶୁର ଫୋନ କରି ଦମୟନ୍ତୀ ଆତ୍ମହତ୍ୟା କରିଥିବା କହିଥିଲେ ବୋଲି ରାମଚନ୍ଦ୍ର କହିଛନ୍ତି। ତେବେ ଦମୟନ୍ତି ଆତ୍ମହତ୍ୟା କରି ନ ଥିବା ବେଳେ ଶାଶୁଘର ଲୋକେ ତାଙ୍କୁ ଯୌତୁକ ପାଇଁ ହତ୍ୟା କରିଥିବା ରାମଚନ୍ଦ୍ର ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପାଇଁ ଥାନା ଅଧିକାରୀ ଉମାକାନ୍ତ ନାୟକ ଘଟଣାସ୍ଥଳକୁ ଯାଇ ଦମୟନ୍ତୀଙ୍କ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

- ଇନ୍ଦୁପୁର ବାରୁଣୀ ଯାତ୍ରାରେ ସହସ୍ରାଧିକ ଲୋକଙ୍କ ସମାଗମ

# ଲଳିତଗିରି ପଥର ତିଆରି ସାମଗ୍ରୀର ଚାହିଦା ବେଶି

**ଡେରାବିଶ, ୫।୪(ସ୍ୱ.ପ୍ର.)**



ଶିଳ, ଚକି ଦୋକାନରେ ମହିଳାଙ୍କ ଭିଡ଼।

କେନ୍ଦ୍ରାପଡା ଜିଲା ଇନ୍ଦୁପୁରଠାରେ ୭ଦିନ ଧରି ହେବାକୁ ଥିବା ବାରୁଣୀ ଯାତ୍ରାର ଶୁକ୍ରବାର ଥିବା ଚତୁର୍ଥ ଦିବସ। ପ୍ରଥମ ଓ ଦ୍ୱିତୀୟ ଦିନରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିବା ବେଳେ ଚତୁର୍ଥ ଦିନରେ ମଧ ପ୍ରାୟ ୨୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ସହସ୍ରାଧିକ ଜନ ସମାଗମକୁ ଦୃଷ୍ଟିରେ ରଖି ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ କୁମାର ଦେ ଓ ନିକିରାଇ ଥାନା ଅଧିକାରୀ କାବୁଲି ବାରିକଙ୍କ ନେତୃତ୍ୱରେ ଯାତ୍ରାପଡ଼ିଆରେ ୧୦ ଜଣ ପୋଲିସ ଅଧିକାରୀ ଓ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସେହିପରି ଇନ୍ଦୁପୁର ହାଇସ୍କୁଲ ସ୍କାଉଟ ଗାଇଡସ୍‌ର ଛାତ୍ରୀଛାତ୍ରମାନେ ଏକ ଅସ୍ଥାୟୀ ଶିବିରରେ ଲୋକମାନଙ୍କୁ ଜଳଛତ୍ର ପ୍ରଦାନ କରିବା ସହ ଆପତ୍‌କାଳୀନ ସେବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏଥିସହିତ ଇନ୍ଦୁପୁର ସରପଞ୍ଚ ରୀନା ମଲ୍ଲିକଙ୍କ ନେତୃତ୍ୱରେ ପଞ୍ଚାୟତ ପକ୍ଷରୁ ସୂଚନା କେନ୍ଦ୍ର ଖୋଲାଯାଇଛି। ଘରକରଣା ସାମଗ୍ରୀ ସାଙ୍ଗକୁ ବାଉଁଶ ତିଆରି ବିଭିନ୍ନ ଘର ସଜା ଜିନିଷ ମଧ ବହୁଳ ଭାବେ ବିକ୍ରି ହେଉଛି। ତା’ ସହିତ ବିଶେଷ କରି ଲଳିତଗିରିର ପଥରର ଶିଳ, ଚକି, ଚନ୍ଦନ ପେଡି ସହ ଅନ୍ୟାନ୍ୟ ସାମଗ୍ରୀ ବହୁଳ ଭାବରେ ବିକ୍ରି ହେଉଛି। ପଥର ତିଆରି ସାମଗ୍ରୀ ସାଙ୍ଗକୁ ଚାନ୍ଦୋଳ ଅଞ୍ଚଳର ଲୁହା ଲକଡି ସାମଗ୍ରୀ ଦୋକାନରେ ଲୋକଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଛି। ପାଗ ଅନୁକୂଳ ଥିବାରୁ ଚଳିତ ବର୍ଷ ବ୍ୟବସାୟ ଭଲ ହେଉଥିବା ଲଳିତଗିରି ପଥର ବ୍ୟବସାୟୀ ରମାକାନ୍ତ ସାମଲ କହିଛନ୍ତି। ବାରୁଣୀ ଯାତ୍ରାରୁ କ’ଣ ସବୁ ଘର କରଣା ସାମ୍ରଗୀ କିଣା ହେବ ସେ ନେଇ ବର୍ଷସାରା ଚିଠା ପ୍ରସ୍ତୁତ କରି ରଖୁ। ଆଗରୁ ବାରୁଣୀ ଯାତ୍ରା ବୁଲିବାକୁ ଯେଭଳି ଆଗ୍ରହ ଥିଲା ଏବେ ମଧ ସେହି ଆଗ୍ରହ ରହିଛି ବୋଲି ନିକିରାଇ ଗ୍ରାମର ଗୃହିଣୀ ଉଷାରାଣୀ ସାହୁ କହିଛନ୍ତି। ସବୁବର୍ଷ ବାରୁଣୀ ଯାତ୍ରାରୁ ବୁଲି ଆସିବା ଓ ଘର କରଣା ସାମଗ୍ରୀ କିଣିବାକୁ ଖୁବ୍ ଭଲଲାଗେ। ପ୍ରତିବର୍ଷ ଭଳି ଏବର୍ଷ ବି ବହୁ ଘରକରଣା ସାମଗ୍ରୀ ଦୋକାନ ପଡ଼ିଥିବାରୁ ଯାତ୍ରା ବୁଲିବା ଓ ଜିନିଷ କିଣିବାକୁ ବହୁତ ଭଲ ଲାଗୁଛି ବୋଲି ନିକିରେଇର ବନ୍ଦନା ପଣ୍ଡା କହିଛନ୍ତି। ଏଥର ଯାତ୍ରାରୁ ଶିଳ, ଚକି କିଣିବା ପାଇଁ ଆସିଥିଲି। ଭଲ ଜିନିଷ ମିଳିବାରୁ ଖୁସି ଲାଗୁଛି ବୋଲି ପାଇକରାପୁର ଗ୍ରାମର ଜ୍ୟୋତିର୍ମୟୀ ସାମଲ କହିଛନ୍ତି।

## ସଂକ୍ଷେପରେ

### ଭାଜପାରେ ବିଜେଡିର ବହିଷ୍କୃତ ନେତା



**ବ୍ରହ୍ମଗିରି, ୫।୪(ଡି.ଏନ୍.ଏ.):** ନିର୍ବାଚନ ପୂର୍ବରୁ ଦଳବଦଳ ପ୍ରକ୍ରିୟା ଖୁବ୍ ଜୋରରେ ଚାଲିଥିବାବେଳେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଏଥିରୁ ବାଦ୍ ପଡ଼ିନି। ବିଜୁ ଜନତା ଦଳରୁ ବହିଷ୍କୃତ ହୋଇଥିବା ବ୍ରହ୍ମଗିରି ବ୍ଲକର ଦୁଇ ନେତା ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରସନ୍ନ ବରାଳ ଓ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ରାୟ୍ ଶୁକ୍ରବାର ଭାଜପାରେ ସାମିଲ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘଦିନରୁ ସ୍ଥାନୀୟ ବିଧାୟକଙ୍କ ଉପରେ ଅସନ୍ତୁଷ୍ଟ ଥିବା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର କେତେଜଣ କର୍ମୀ, ପ୍ରସନ୍ନ ଏବଂ କୃଷ୍ଣଚନ୍ଦ୍ର ବିଧାୟକଙ୍କୁ ବିରୋଧକରିବା ପରେ ସେମାନଙ୍କୁ ଦଳବିରୋଧୀ କାର୍ଯ୍ୟକଳାପ ପାଇଁ ଗତ ମାସ ୧୯ ତାରିଖରେ ବିଜେଡିରୁ ବହିଷ୍କୃତ କରାଯାଇଥିଲା। ଏ ନେଇ ଏହି ଦୁଇ ନେତାଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଶୁକ୍ରବାର ଭାଜପାର ବିଧାୟକ ପ୍ରାର୍ଥୀ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଉପସ୍ଥିତରେ ବ୍ରହ୍ମଗିରି ମେଳଣପଡ଼ିଆରେ ଆୟୋଜିତ ଏକ କର୍ମୀ ସମ୍ମିଳନୀରେ ଏହି ଦୁଇଜଣଙ୍କ ସହ ସସ୍ମିତା ସାହୁ, ବ୍ରାହ୍ମଣିଆ ଗ୍ରାମପଞ୍ଚାୟତର ସମିତି ସଭ୍ୟା ନିରୁପମା ଦାସ ଓ ସେମାନଙ୍କ ୫ଶହ ସମର୍ଥକ ଯୋଗଦେଇଥିଲେ। ଆସନ୍ତା ୮ ତାରିଖରେ ଏମାନେ ଆନୁଷ୍ଠାନିକ ଭାବେ ପଦ୍ମ ଧରିବେ ବୋଲି ସୂଚନା ଦେଇଛନ୍ତି।



କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିରୁ ଟିକେଟ ପାଇଥିବା ସୁରେନ୍ଦ୍ର ସେଠୀଙ୍କୁ ପ୍ରାର୍ଥୀତ୍ୱରୁ ବଞ୍ଚିତ ନ କରିବା ଦାବିରେ ସ୍ଥାନୀୟ ଅଞ୍ଚଳର ନେତା ଓ କର୍ମୀମାନେ ଭୁବନେଶ୍ୱର ନବୀନ ନିବାସ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ କରୁଛନ୍ତି।



ବିଡିଏ ଅଧକ୍ଷ ପଦବୀରୁ ଇସ୍ତଫା ନ ଦେଇ ଭୁବନେଶ୍ୱର-ମଧ୍ୟ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ଅନନ୍ତ ନାରାୟଣ ଜେନାଙ୍କ ପ୍ରାର୍ଥୀତ୍ୱକୁ ନାକଚ କରିବା ଦାବିରେ ଭାଜପା ପକ୍ଷରୁ ଏଡିଏମ୍ ଅଫିସ ସମ୍ମୁଖରେ ବିକ୍ଷୋଭ।

■ ଟ୍ରକ୍-କାର ମୁହାଁମୁହିଁ ଧକ୍କା

# ଭାଜପା ନେତା ରାଷ୍ଟ୍ରପତିଙ୍କ ସମେତ ୨ମୃତ

**ସୋନପୁର,୫।୪(ନି.ପ୍ର.)**

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ସୋନପୁର ଥାନା ଅନ୍ତର୍ଗତ ସିଆଳଜୁରି ଢାବା ସମ୍ମୁଖରେ ଏକ ହାଇୱା ଟ୍ରକ୍ ଓ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଗୁରୁବାର ରାତି ପ୍ରାୟ ୧୨ଟା ସମୟରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ଭାଜପା ନେତା ରାଷ୍ଟ୍ରପତି ବେହେରା(୪୩)ଙ୍କ ସହିତ ତାଙ୍କ ସହଯୋଗୀ ଧର୍ମରାଜ ଯାଦବ(୪୦)ଙ୍କ ମୃତ୍ୟୁ ଘଟିଛି। ସୁବର୍ଣ୍ଣପୁର ଜିଲା ମୁଖ୍ୟ ଡାକ୍ତରଖାନାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ରାଷ୍ଟ୍ରପତିଙ୍କ ସହିତ ଭୁବନେଶ୍ୱର ଯାଉଥିବା ବଙ୍ଗୋମୁଣ୍ଡା ବ୍ଲକ ବିରିପାଲି ଗ୍ରାମର ହେମନ୍ତ ସାଗର ଓ ଅନ୍ତର୍ଯ୍ୟାମୀ ମହାକୁଡ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି



ରାଷ୍ଟ୍ରପତି ବେହେରା।

ଦ୍ରୁତଗତିରେ ବଲାଙ୍ଗୀର ଅଭିମୁଖେ ଯାଉଥିବା ହାଇୱା ଟ୍ରକ୍ (ନଂ ଓଡି୩୧ସି-୪୨୨୧) ରାଷ୍ଟ୍ରପତି ଓ ତାଙ୍କ ସମର୍ଥକମାନେ ବସିଥିବା ରିନଲ୍ଟ ଡଷ୍ଟର କାର (ନଂ. ଓଡି୦୩ଏଲ-୪୩୩୪)କୁ ସାମ୍ନା ପଟୁ ଧକ୍କା ହୋଇଥିଲା। ଗୁରୁତର ଆହତଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୋନପୁର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ପୋଲିସ ଜବତ କରିଛି। ମୃତ ଧର୍ମରାଜଙ୍କ ଭାଇ ଦେବରାଜଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରିଛି।

ରାଷ୍ଟ୍ରପତି ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତିରେ ୨ଥର ଉପାଧ୍ୟକ୍ଷ ଥିଲେ। ପୂର୍ବରୁ ସେ ବିଜେଡିରେ ଥିଲେ। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ପାଇଁ ଦଳୀୟ ଟିକେଟ ଆଶାୟୀ ଥିଲେ। ୨୦୧୪ରେ ବିଜେଡି ଟିକେଟ୍ ନ ମିଳିବାରୁ ସେ ଭାଜପାରେ ଯୋଗ ଦେଇଥିଲେ। ଭାଜପାର ସେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଥିଲେ। କିନ୍ତୁ ଚଳିତ ନିର୍ବାଚନରେ ଭାଜପାରୁ ବିଧାୟକ ଟିକେଟ୍ ନ ମିଳିବାରୁ ସେ ଅସନ୍ତୁଷ୍ଟ ଥିଲେ। ପୁଣି ବିଜେଡିକୁ ଫେରିବା ପାଇଁ ରାଷ୍ଟ୍ରପତି ନିଜ ସମର୍ଥକଙ୍କୁ ୩ଟି ବସ୍‌ରେ ଧରି ଗୁରୁବାର ରାତିରେ କଣ୍ଟାବାଞ୍ଜିରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଶୁକ୍ରବାର ସେ ନବୀନ ନିବାସରେ ବିଜେଡିରେ ସାମିଲ ହେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ତାଙ୍କ ଇଚ୍ଛା ଅଧୁରା ରହିଗଲା ବୋଲି ସମର୍ଥକମାନେ କହିଛନ୍ତି। ଦୁର୍ଘଟଣା ପରେ ସମର୍ଥକମାନେ ପୁଣି କଣ୍ଟାବାଞ୍ଜି ଫେରି ଯାଇଛନ୍ତି। ବଙ୍ଗୋମୁଣ୍ଡାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅପରାହ୍ନରେ ରାଷ୍ଟ୍ରପତିଙ୍କ ମରଶରୀର ପହଞ୍ଚିବା ପରେ ଆମ୍ବେଡକର ଛକରେ ଅଞ୍ଚଳବାସୀ ଓ ସମର୍ଥକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

■ ଡିସିପିଙ୍କୁ ଅଭିଯୋଗ ଜଣାଇଲା ଭାଜପା ଟିମ୍

# 'ଭାଜପା ପୋଷ୍ଟରକୁ ଶାସକ ଦଳ ବିକୃତ କରୁଛି'



ଭାଜପା ପକ୍ଷରୁ ଭୁବନେଶ୍ୱର ଡିସିପିଙ୍କ ନିକଟରେ ଅଭିଯୋଗ କରାଯାଉଛି।

**ଭୁବନେଶ୍ୱର, ୫।୪(ବ୍ୟୁରୋ):** ଶାସକ ବିଜେଡିକୁ ନିର୍ବାଚନ ହାରିବା ଭୟ ଘାରିଲାଣି। ତେଣୁ ବିଭିନ୍ନ ଉପାୟରେ ଭାଜପାକୁ ବଦନାମ ପାଇଁ ଉଦ୍ୟମ କରାଯାଉଛି। ଏପରି କି ଭାଜପା ପୋଷ୍ଟରକୁ ଶାସକ ଦଳ ବିକୃତ କରୁଛି ବୋଲି ଗୁରୁତର ଅଭିଯୋଗ ଆଣିଛନ୍ତି ଭାଜପା ଆଇନ ପ୍ରକୋଷ୍ଠର ଆବାହକ ରବି ଶଙ୍କର ପଟ୍ଟନାୟକ। ସେ କହିଛନ୍ତି ଯେ, ରାଜଧାନୀର ବିଭିନ୍ନ ସ୍ଥାନରେ ଲାଗିଥିବା ଭାଜପା ପୋଷ୍ଟରକୁ ଶାସକ ଦଳର ବ୍ୟକ୍ତିମାନେ ବିକୃତ କରୁଛନ୍ତି। ଏପରିକି ଭାଜପାର ଦଳୀୟ ଚିହ୍ନ ଉପରେ ନୀରବ ମୋଦି, ବିଜୟ ମାଲ୍ୟାଙ୍କ ସହ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କ ଫଟୋ ଲଗାଉଛନ୍ତି। ଏଭଳି ପୋଷ୍ଟର ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ଏ ନେଇ ଭାଜପାର ଏକ ଟିମ୍ ଶୁକ୍ରବାର ଅପରାହ୍ନରେ ଡିସିପିଙ୍କୁ ଭେଟି ଏକ ଅଭିଯୋଗପତ୍ର ଦେଇଛନ୍ତି। ସେଥିରେ ଉଲ୍ଲେଖ ହୋଇଛି ଯେ, ନନ୍ଦନକାନନ ରାସ୍ତାରେ ଲାଗିଥିବା ହୋର୍ଡିଂରେ ଏଭଳି ବିକୃତ ଫଟୋ ଲଗାଇ ଦଳ ଓ ପ୍ରାର୍ଥୀଙ୍କୁ ବଦନାମ କରାଯିବାକୁ ଚେଷ୍ଟା ଚାଲିଛି। ଭାରତୀୟ ଦଣ୍ଡ ବିଧାନ ଆଇନର ଧାରା ୪୨୫, ୪୮୯, ୪୯୯, ୫୦୪, ୫୦୬ ଓ ୩୪ ଅନୁଯାୟୀ ଏହା ଦଣ୍ଡନୀୟ ଅପରାଧ। ତେଣୁ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ କରିବା ପାଇଁ ଭାଜପା ପ୍ରତିନିଧି ଦଳ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ଆଇନ ଏବଂ ଅଭିଯୋଗ ପ୍ରକୋଷ୍ଠର ଆବାହକ ସୂର୍ଯ୍ୟ ଦାସ ଓ ନିର୍ବାଚନ ପ୍ରକୋଷ୍ଠର ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ସାମିଲ ଥିଲେ। ଅଭିଯୋଗ ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଡିସିପି ଅନୁପ କୁମାର ସାହୁ ପ୍ରତିଶ୍ରୁତି ଦେଇଥିବା ପ୍ରତିନିଧି ଦଳ କହିଛନ୍ତି। ଏ ନେଇ ଦୁଇଦିନ ତଳେ ଭାଜପା ପକ୍ଷରୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଯାଇ ଥିଲା। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଶାସକ ଦଳର ବ୍ୟକ୍ତିମାନେ ଏଭଳି କାମ କରିବା ପାଇଁ ସାହସ ଜୁଟାଉଥିବା ପ୍ରତିନିଧି ଦଳ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଭାଜପାର ଏଭଳି ଅଭିଯୋଗକୁ ବିଜେଡି ପକ୍ଷରୁ ଖଣ୍ଡନ କରାଯାଇଛି। ଏହା ଆମ ଦଳୀୟ କର୍ମୀଙ୍କ କାର୍ଯ୍ୟଧାରା ନୁହେଁ ବୋଲି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି।

# ଆମିଷ ଖାଉଛନ୍ତି ୯୭% ଓଡ଼ିଆ

**ଭୁବନେଶ୍ୱର,୫।୪(ବ୍ୟୁରୋ):** ଆମିଷ ଖାଉଛନ୍ତି ଓଡ଼ିଶାର ୯୭ ପ୍ରତିଶତରୁ ଅଧିକ ଲୋକ। ଦେଶର ଏକ ପ୍ରମୁଖ ଆମିଷପ୍ରିୟ ବା ନନ୍-ଭେଜିଟେରିଆନ୍ ପପୁଲେଶନ ରାଜ୍ୟ ଭାବେ ଓଡ଼ିଶାର ନାମ ବହୁ ଆଗରେ ରହିଛି। ରାଜ୍ୟର ପ୍ରାୟ ୯୭.୩୫ ପ୍ରତିଶତ ଲୋକ ଆମିଷ ଖାଉଥିବା ବେଳେ ମାତ୍ର ୨.୬୫ ପ୍ରତିଶତ ଲୋକ ନିରାମିଷ ଖାଦ୍ୟ ଖାଇଥାଆନ୍ତି। ରେଜିଷ୍ଟ୍ରାର୍ ଜେନେରାଲ ଅଫ୍ ଇଣ୍ଡିଆ ଦ୍ୱାରା କରାଯାଇଥିବା ଏକ ସର୍ଭେରୁ ଏହା ଜଣାପଡ଼ିଛି। ସେହିଭଳି ଭାରତରେ ୭୧ ପ୍ରତିଶତ ଲୋକ ଆମିଷ ଖାଉଥିବା ବେଳେ ମାତ୍ର ୨୯ ପ୍ରତିଶତ ନିରାମିଷ ଖାଇଥାଆନ୍ତି। ତେଲେଙ୍ଗାନାରେ ସର୍ବାଧିକ ୯୮.୮ ପ୍ରତିଶତ ଲୋକ ମାଂସ ଖାଇଥାଆନ୍ତି। ଏହା ତଳକୁ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଓଡ଼ିଶା ଏବଂ କେରଳ କ୍ରମାନ୍ୱୟରେ ରହିଛନ୍ତି। ନିର୍ବାଚନ ପୂର୍ବରୁ ଏ ସମ୍ପର୍କିତ ରିପୋର୍ଟ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରାଯାଇଛି। ପୂର୍ବରୁ ୨୦୧୪ରେ ରେଜିଷ୍ଟ୍ରାର୍ ଜେନେରାଲ ଅଫ୍ ଇଣ୍ଡିଆ ଏବଂ ୨୦୧୭ରେ ନ୍ୟାଶନାଲ ଏକାଡେମୀ ଅଫ୍ ଏଗ୍ରିକଲ୍‌ଚରାଲ ରିସର୍ଚ୍ଚ ମ୍ୟାନେଜମେଣ୍ଟ ପକ୍ଷରୁ କରାଯାଇଥିବା ସର୍ଭେ ରିପୋର୍ଟରୁ ମଧ୍ୟ ସମାନ ତଥ୍ୟ ପଦାକୁ ଆସିଥିଲା।

ରେଜିଷ୍ଟ୍ରାର୍ ଜେନେରାଲ ଆଣ୍ଡ୍ ଦି ସେନ୍‌ସସ୍ କମିଶନରଙ୍କ ତଥ୍ୟ ଅନୁଯାୟୀ, ଓଡ଼ିଶା ଦେଶର 'ହାଇ ନନ୍-ଭେଜିଟେରିଆନ୍' କାଟାଗୋରୀ ତାଲିକାରେ ରହିଛି। ଜାତୀୟସ୍ତରରେ କରାଯାଇଥିବା ଏହି ସର୍ଭେ ଅନୁଯାୟୀ ତାଲିକାର ୪ର୍ଥ ସ୍ଥାନରେ ଓଡ଼ିଶା ରହିଥିବା ବେଳେ ରାଜ୍ୟର ୩ ପ୍ରତିଶତରୁ ବି କମ୍ ଲୋକ ଶାକାହାରୀ। ଉଭୟ ସହର ଏବଂ ଗ୍ରାମାଞ୍ଚଳର ଅଧିକାଂଶ ଯୁବପିଢ଼ି ଆମିଷରେ ମଟନ୍, ଚିକେନ୍ ଓ ମାଛ ଖାଇବାକୁ ପସନ୍ଦ କରିଥାଆନ୍ତି। ଅନ୍ୟପକ୍ଷରେ ଭାରତର ଚିତ୍ର ଦେଖିଲେ ଜଣାପଡ଼େ, ୧୫ବର୍ଷରୁ ଅଧିକ ୭୧ ପ୍ରତିଶତ ଭାରତୀୟ ଆମିଷ ଖାଦ୍ୟ ଖାଇଥାଆନ୍ତି। ଦେଶର ୭୦ ପ୍ରତିଶତ ମହିଳା ହେଉଛନ୍ତି ଆମିଷାଷି। ତେଲେଙ୍ଗାନାରେ ସର୍ବାଧିକ ୯୮.୬ ପ୍ରତିଶତ ମହିଳା ଏବଂ ୯୮.୮ ପ୍ରତିଶତ ପୁରୁଷ ଆମିଷ ସେବନ କରିଥାଆନ୍ତି। ଏହା ତଳକୁ ପଶ୍ଚିମବଙ୍ଗର ୯୮.୫୫ ପ୍ରତିଶତ, ଆନ୍ଧ୍ରପ୍ରଦେଶର ୯୮.୨୫ ପ୍ରତିଶତ, ଓଡ଼ିଶା ୯୭.୩୫ ପ୍ରତିଶତ ଏବଂ କେରଳର ୯୭ ପ୍ରତିଶତ ଲୋକ ଆମିଷାଶୀ। ରାଜସ୍ଥାନର ୭୦ ପ୍ରତିଶତ ଲୋକ ନିରାମିଷାଶୀ ହୋଇଥିବା ବେଳେ ହରିୟାଣା ଓ ପଞ୍ଜାବରେ ୬୫ରୁ ୭୦ ପ୍ରତିଶତ ଲୋକ ନିରାମିଷ ଖାଦ୍ୟ ଉପରେ ନିର୍ଭର କରିଥାଆନ୍ତି। ତେବେ ଗୁଜରାଟର ସର୍ବାଧିକ ଲୋକ ନିରାମିଷ ଖାଇଥାଆନ୍ତି ବୋଲି ଯେଉଁ ଧାରଣା ରହିଥିଲା, ତାହାକୁ ଏହି ରିପୋର୍ଟ ଭୁଲ୍ ପ୍ରମାଣିତ କରିଛି। ଏଠାରେ ପ୍ରତି ୫ ଜଣରେ ୨ଜଣ ଲୋକ ଆମିଷ ଖାଉଥିବା ବେଳେ ପ୍ରାୟ ୪୦ ପ୍ରତିଶତ ଲୋକ ଏଠାରେ ଆମିଷ ସେବନ କରିଥାଆନ୍ତି, ଯାହାକି ପଞ୍ଜାବ, ହରିୟାଣା ଓ ରାଜସ୍ଥାନଠାରୁ ଅଧିକ।

# ବଙ୍ଗୀୟ ଭୋଟରଙ୍କୁ ପ୍ରତିଶ୍ରୁତି ଦେଇ ଭୋଟ ମାଗିଲେ ମୁଖ୍ୟମନ୍ତ୍ରୀ

**କାଲିମେଳା/ମାଲକାନଗିରି, ୫।୪(ଡି.ଏନ୍.ଏ.)**

ମାଲକାନଗିରି ଜିଲାର ଲାଲ ଗଡ଼ଭାବେ ପରିଚିତ କାଲିମେଳା ଓ ମାଥିଲିରେ ଶୁକ୍ରବାର ନିର୍ବାଚନୀ ପ୍ରଚାର କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଜିଲାର ମୋଟ ଭୋଟରଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ରହିଛନ୍ତି ବଙ୍ଗୀୟ ଶରଣାର୍ଥୀ। ତାଙ୍କ ଭୋଟ ନିର୍ବାଚନୀ ଫଳାଫଳକୁ ପ୍ରଭାବିତ କରିବ। ସେଥିପାଇଁ ସେମାନଙ୍କ ଭୋଟ ଉପରେ ସବୁ ଦଳର ନଜର। ବଙ୍ଗୀୟ ଭୋଟ ବ୍ୟାଙ୍କ ହାତେଇବାକୁ ସେମାନଙ୍କର ଥିବା ସମସ୍ତ ସମସ୍ୟାର ନିଜେ ସମାଧାନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଶୁକ୍ରବାର କାଲିମେଳା ନିର୍ବାଚନୀ ସଭାରେ ଯୋଗଦେଇ ପ୍ରତିଶ୍ରୁତି ଦେଇଛନ୍ତି।

ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ କାଲିମେଳାରେ ପହଞ୍ଚି ଥିଲେ ମୁଖ୍ୟମନ୍ତ୍ରୀ। ସେଠାରେ ଜିଲା ବିଜେଡି ସଭାପତି ମାନସ ମାଡକାମି, ନବରଙ୍ଗପୁର ଲୋକ ସଭା ପ୍ରାର୍ଥୀ ରମେଶ ମାଝି, ମାଲକାନଗିରି ବିଧାୟକ ପ୍ରାର୍ଥୀ ମୁକୁନ୍ଦ ସୋଡି ମୁଖ୍ୟମନ୍ତ୍ରୀଙ୍କୁ ସଭା ମଞ୍ଚକୁ ପାଛୋଟି ନେଇଥିଲେ। ୧୫ ମିନିଟ ଅଭିଭାଷଣରେ କେନ୍ଦ୍ର ସରକାର ଓ ବିରୋଧୀଙ୍କୁ ଟାର୍ଗେଟ କରିଥିଲେ ମୁଖ୍ୟମନ୍ତ୍ରୀ। କେନ୍ଦ୍ର ଅବହେଳା କଥା ଉଠାଇ ସେ ପୋଲାଭରମ ପ୍ରକଳ୍ପ କାହା ସ୍ୱାର୍ଥରେ ଚାଲୁଛି



କାଲିମେଳାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

ବୋଲି ପ୍ରଶ୍ନ କରିଥିଲେ। କେନ୍ଦ୍ର ସରକାର କେବିକେ ଯୋଜନା ସହ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ପିଲାଙ୍କ ଛାତ୍ର ବୃତ୍ତି ବନ୍ଦ କଲେ। ଓଡିଶାରେ ବଡ ବଡ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କେହି ଆସିଲେ ନାହିଁ। ଏବେ କେନ୍ଦ୍ର କୁମ୍ଭୀର କାନ୍ଦଣା କାନ୍ଦୁଛି। ଓଡିଶାବାସୀ ଏହାର ଉଚିତ ଜବାବ ଦେବେ। ସାଢେ ୪ କୋଟି ଓଡିଶାବାସୀ ମୋ ପରିବାର। ବିଜେଡି ପରିବାର ଆପଣଙ୍କ ସହ ସବୁବେଳେ ଅଛି। ଆଗ ଅପେକ୍ଷା ଜିଲାରେ ବହୁ ବିକାଶ ହୋଇଛି। ଗୁରୁପ୍ରିୟା ସେତୁଠାରୁ ଆରମ୍ଭ କରି ରାସ୍ତାଘାଟ, ବଡ ମେଡିକାଲ ଏଭଳି ବହୁ ଯୋଜନା କାର୍ଯ୍ୟକାରୀ ହୋଇଛି। ଯାହା ବାକି ରହିଛି ତାହା ଆଗାମୀ ଦିନରେ ପୂରଣ ହେବ ବୋଲି ମଞ୍ଚାସୀନ ଅନ୍ୟ ନେତାମାନେ କହିଥିଲେ। ମାନସ ମାଡକାମିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ମୁଖ୍ୟମନ୍ତ୍ରୀ ୧୨.୩୦ରେ କାଲିମେଳାରୁ ମାଥିଲି ବ୍ଲକ ଅଭିମୁଖେ ଯାଇଥିଲେ। ସେଠାରେ ଏକ ନିର୍ବାଚନୀ ସଭାରେ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀର ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ସ୍ଥାନୀୟ ଲୋକଙ୍କୁ ନିବେଦନ କରିଥିଲେ।

# ଓମ୍‌ପ୍ରକାଶଙ୍କୁ ନୂଆ ଦାୟିତ୍ୱ ଦେଲା ଭାଜପା

**ଭୁବନେଶ୍ୱର,୫।୪(ବ୍ୟୁରୋ):** ଜଗତ୍‌ସିଂହପୁର ଜିଲାର ପୂର୍ବତନ ସଭାପତି ତଥା ରାଜ୍ୟ ହାଉସିଂ କର୍ପୋରେଶନର ପୂର୍ବତନ ଅଧକ୍ଷ ଓମ୍‌ପ୍ରକାଶ ରାୟଙ୍କୁ ଭାଜପା ଅବିଭକ୍ତ କଟକ ଜିଲା ପୁରାତନ କାର୍ଯ୍ୟକର୍ତ୍ତା ସଂଯୋଜକ ଦାୟିତ୍ୱ ଦେଇଛି। ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡା ତାଙ୍କୁ ଏହି ଦାୟିତ୍ୱ ଦେଇଥିବା ରାଜ୍ୟ ଉପସଭାପତି ସମୀର ମହାନ୍ତି ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ଭାଜପା ପ୍ରତିଷ୍ଠା ଦିବସରେ ଅବିଭକ୍ତ କଟକ ଜିଲାର ସମସ୍ତ ପୁରାତନ କାର୍ଯ୍ୟକର୍ତ୍ତାଙ୍କୁ ସଙ୍ଗଠିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଆଗାମୀ ସାଧାରଣ ନିର୍ବାଚନରେ ଦଳକୁ ପୁନଃ କ୍ଷମତାସୀନ କରିବା ପାଇଁ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଏକାଠି କରିବା ପାଇଁ ଓମ୍‌ପ୍ରକାଶଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ସମୀର କହିଛନ୍ତି।

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

REQUIRED URGENTLY
M/S. West Coast Diesels LLP, Rajkot, Gujarat manufacturer of "ALFA" make diesel engines, generators, alternator etc., requires Sale Officer & Diesel Engine Mechanic for Odisha branch office. Interested candidates having good knowledge and willing to work may send their complete bio-data by E-Mail within 15 days from publication of this advertisement to : The General Manager (East Zone), M/S. West Coast Diesels LLP, HIG-II/34, BDA Housing Colony, Kapila Prasad, Bhubaneswar-751002.
E-mail: odisha@wcdllp.com, Mob.: 9337003316, 0674-2590511

କାର୍ ଡ୍ରାଇଭର ଆବଶ୍ୟକ
ଜଗତପୁର ଅଫିସ୍ ପାଇଁ।
ଯୋଗାଯୋଗ ପାଇଁ
Mob No:
7381075901
9437496020

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs. ମାସିକ ଦରମା upto Rs.25000/-.
Contact Immediately
Mob: 8763257042

ଲଣ୍ଡ୍ରି କମ୍ପାନୀରେ କାମ କରିବା ପାଇଁ
ଆବଶ୍ୟକ
୧.ଡ୍ରାଇଭର (ମ୍ୟାଜିକ୍ ଏବଂ ଅଟୋ)
୨. ଆଇରନ କାରିଗର
୩. ମହିଳା / ପୁରୁଷ
Contact - 8018172594
9078000108

Urgently Required
Bhubaneswar based Timber Company required 2 Nos. Managers having Graduate or +2 Qualification, Helper- 2 Nos.
Please Contact: Hota Associates, VSS Nagar, Bhubaneswar.
Ph: 7978802641

WANTED
Receptionist/ Manager, Office Assistant, Peon, Flex Operator for a leading Flex unit at Bhubaneswar.
Contact
8093789452, 7873161992

ଆବଶ୍ୟକ
ଓଁ ସାଇ ଆୟୁର୍ବେଦିକ କ୍ଲିନିକରେ କାମ କରିବା ପାଇଁ ପୁଅ ଓ ଝିଅ ଆବଶ୍ୟକ। ରହିବା ଓ ଖାଇବାର ସୁବିଧା ଅଛି। ଦରମା Rs.6,000/-
ଯୋଗାଯୋଗ:-9556896471
9583125591

URGENT REQUIRED
Bhubaneswar Airport ରେ ୨୪୦ ପଦବୀ ପାଇଁ ପୁଅ / ଝିଅ ଆବଶ୍ୟକ
Qualification : +2/Graduation
Salary : Rs.14500 - Rs.25000)
Mob : 9090391585, 9090732106

SRI SAI WORLD SCHOOL
(CBSE) NURSERY TO V
Mugakani, Rajnagar, Kendrapara.
for Principal, Nursery Teacher, PRT, CLERK, PEON,
SEND C.V Within 7 days.
srisaiworldschool@gmail.com
Mob - 7008127035, 7978725083
Scrutinised candidates will be called for Interview.

Urgently Required for
OFFICIAL / HOTEL JOBS
Salary : 8,000/- to 25,000/-
Qualification : 9th, 10th, +2, +3, ITI, Diploma.
Age : 18-35 years
9668051710

REQUIREMENT
1. Civil Engineer for ongoing work of building at Berhampur University. Candidate must have sufficient knowledge regarding building construction & preparation of Bill.
2. Computer Operator for office having sufficient knowledge of Typing & official works.
Both Salary Negotiable.
Contact Bhubaneswar:
8249407572, 8249414800

ଆବଶ୍ୟକ
ଭୁବନେଶ୍ୱରରେ ଏକ ଆୟୁର୍ବେଦିକ କ୍ଲିନିକ୍‌ରେ କାମ କରିବା ପାଇଁ ଝିଅପିଲା ଆବଶ୍ୟକ। ରହିବା ଖାଇବା ବ୍ୟବସ୍ଥା ଅଛି।
Samantarapur, Bhubaneswar
7749975576

WANTED
BOSCH Kitchen Appliances Require A Sales In Charge For All Odisha With Full Experience In This Trade. He Will Be In Company Payroll.
Candidates Send CV
E-Mail:- rajmohanrohit@Gmail.Com
Contact Mob- 8249250386(11AM TO 2PM)

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

ଆବଶ୍ୟକ
ଅଭିଜ୍ଞ ସିକ୍ୟୁରିଟି ଗାର୍ଡ ଆବଶ୍ୟକ ଭୁବନେଶ୍ୱର ପାଇଁ। ଆକର୍ଷଣୀୟ ବେତନ ସହିତ ଅନ୍ୟାନ୍ୟ ସରକାରୀ ସୁବିଧା ଅଛି।
ଯୋଗାଯୋଗ:-
7978600321, 8249702080
0674-2384705

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

REQUIREMENT
INDIAN, CHINESE COOK- 12,000/ PM, ASSISTANT-8,000/ PM, WAITER- 6,500 / PM FOR AC RESTAURANT IN BHUBANESWAR
CONTACT:- 6370061224
8908107191

Contact: 9938414918
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 27,000/, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

Urgently Required
ଭୁବନେଶ୍ୱରରେ ସ୍କୁଲ ଭ୍ୟାନ୍ ପାଇଁ 3 Drivers & Spoken English Teacher ଆବଶ୍ୟକ ଅଛି। Family ରହିବା ସହିତ ୧୦,୦୦୦ରୁ ଉର୍ଦ୍ଧ୍ୱ ଦରମା।
9437072450

WANTED
Security Guard Housekeeping & Technical candidates.
Contact:
7504108134
9861275253

ME SUPER 30
Requires for our Coaching Center. From all over Odisha (Part/Full Time)
1.Educational Business Developer
2.Consultant & Receptionist
Plot No.165, District Centre, Chandrasekharpur, Bhubaneswar
Mob : 9777776141

## ସଂକ୍ଷେପରେ



“ବାଣିଜ୍ୟ କ୍ଷେତ୍ରରେ ଆସୁଥିବା ଚ୍ୟାଲେଞ୍ଜକୁ ଧ୍ୟାନରେ ରଖି ବିଶ୍ୱ ବାଣିଜ୍ୟ ସଙ୍ଗଠନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜନ କରାଯାଉଛି।

—ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



“ଶିକ୍ଷା ଏବଂ ଦକ୍ଷତା ବିକାଶ ସହ ଶ୍ରମ ସଂସ୍କାରକୁ ସରକାର ପ୍ରାଥମିକତା ଭିତ୍ତିରେ ଗ୍ରହଣ କରିବାର ଆବଶ୍ୟକତା ରହିଛି।

—ଆନନ୍ଦ ଶର୍ମା, କଂଗ୍ରେସ ନେତା

### ବକେୟା ପାଇବା ପରେ ଜେଟ୍‌କୁ ତେଲ ଦେଲା ଆଇଓସିଏଲ୍

ନୂଆଦିଲ୍ଲୀ,୫-୪: ବକେୟା ମିଳିବାକୁ ନେଇ ଅସନ୍ତୁଷ୍ଟ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ(ଆଇଓସିଏଲ୍) ଶୁକ୍ରବାର କିଛି ଘଣ୍ଟା ପାଇଁ ଜେଟ୍ ଏୟାରୱେଜକୁ ତେଲ ଦେବା ବନ୍ଦ କରିଦେଇଥିଲା। ତେବେ କମ୍ପାନୀଠାରୁ ପ୍ରତିଶ୍ରୁତି ମିଳିବା ପରେ ଏହା ପୁନର୍ବାର ତେଲ ଦେବା ଆରମ୍ଭ କରିଛି। ଆଇଓସିଏଲ୍ ପକ୍ଷରୁ ଟୁଇଟ୍ କରି ଏ ସମ୍ପର୍କରେ ସୂଚନା ଦେଇ କୁହାଯାଇଛି ଯେ, ଜେଟ୍ ପକ୍ଷରୁ ତେଲ ବାବଦରେ ବକେୟା ପ୍ରଦାନ କରାଯାଇ ନ ଥିଲା। ଫଳରେ ଶୁକ୍ରବାର ମଧ୍ୟାହ୍ନ ୧୨ଟାରୁ ବିମାନ କମ୍ପାନୀକୁ ତେଲ ଦେବା ବନ୍ଦ କରାଯାଇଥିଲା। ସୂଚନାଥାଉ କି, ପ୍ରାୟ ୮ ହଜାର କୋଟି ଟଙ୍କା ଋଣ କରିଥିବା ଜେଟ୍ ଏୟାରୱେଜ ଏବେ ଗଭୀର ଆର୍ଥିକ ସଙ୍କଟ ଦେଇ ଗତିକରୁଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ନେତୃତ୍ୱରେ ବ୍ୟାଙ୍କ ସମୂହ ଏହାର ପରିଚାଳନା ଭାର ହାତକୁ ନେଇଛନ୍ତି। ଋଣ ପୁନର୍ଗଠନ ଯୋଜନା କାର୍ଯ୍ୟକାରୀ କରିବାରେ ବିଳମ୍ବ ହେଉଥିବା କାରଣରୁ ଜେଟ୍‌ର ବକେୟା ପୈଠ କରିବାରେ ବିଳମ୍ବ ହେଉଛି। ଏବେ ଜେଟ୍‌ର ମାତ୍ର ୨୬ ବିମାନ ଉଡୁଥିବା ବେଳେ ଏହାକୁ ତୁରନ୍ତ ୧୫୦୦ କୋଟି ଟଙ୍କାର ଆବଶ୍ୟକତା ରହିଛି। ଅଦ୍ୟାବଧି କମ୍ପାନୀକୁ ଏହି ଟଙ୍କା ମିଳିନି।

### ସୁଧହାର ହ୍ରାସ ଚାହିଦା ବୃଦ୍ଧି କରିବ: ଆଲ୍ଲାହାବାଦ ବ୍ୟାଙ୍କ ଏମ୍‌ଡି

ନୂଆଦିଲ୍ଲୀ,୫-୪

ଆର୍‌ବିଆଇ ପକ୍ଷରୁ ହୋଇଥିବା ସୁଧହାର ହ୍ରାସ ଘରୋଇ ବଜାର ଉପରେ ଭଲ ପ୍ରଭାବ ପକାଇବ। ଏହା ବଜାରରେ ଚାହିଦା ବୃଦ୍ଧି କରିବ ବୋଲି ଆଲ୍ଲାହାବାଦ ବ୍ୟାଙ୍କ ଏମ୍‌ଡି ତଥା ସିଇଓ ଏସ୍.ଏସ୍. ମଲ୍ଲିକାର୍ଜୁନ ରାଓ ଗୁରୁବାର ସୂଚନା ଦେଇଛନ୍ତି। ସୁଧହାର ହ୍ରାସ ହେବା ନେଇ ପୂର୍ବରୁ ଆଶା କରାଯାଉ ଥିଲା ବୋଲି ରାଓ କହିଛନ୍ତି। ଘରୋଇ ବଜାରରେ ଅଭିବୃଦ୍ଧି ହ୍ରାସ ଆଶଙ୍କା, ଚାହିଦାରେ ହ୍ରାସ, ଶିଳ୍ପ କାର୍ଯ୍ୟ କଳାପରେ ଧିମାବସ୍ଥା, ଋଣ ଅଭିବୃଦ୍ଧି ଉପରେ ପ୍ରଭାବ ଏବଂ ଏସିଆର ଅନ୍ୟ ଦେଶଗୁଡ଼ିକ ତୁଳନାରେ ଭାରତରେ ଅଧିକ ସୁଧହାର ରହିଥିବା ଘଟଣାକୁ ରିଜର୍ଭ ବ୍ୟାଙ୍କ ବିଚାର କରି ଏଭଳି ପଦକ୍ଷେପ ଗ୍ରହଣ କରିଛି ବୋଲି ରାଓ ମତ ରଖିଛନ୍ତି।

### ଡିଏନ୍ ରେଗାଲିଆରେ ବିଶ୍ୱ ଅଟିଜମ ସଚେତନତା

ଭୁବନେଶ୍ୱର,୫-୪

ବିଶ୍ୱ ଅଟିଜମ ସଚେତନତା ଦିବସ ୨୦୧୯ ଅବସରରେ ସ୍ଥାନୀୟ ପାତ୍ରପଡାସ୍ଥିତ ଡିଏନ୍ ରେଗାଲିଆ ମଲ୍‌ଠାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଟିଜମ୍ ଯୋଗୁ ଉପୁଜୁଥିବା ବିଭିନ୍ନ ସମସ୍ୟା ଏବଂ ଶିଶୁଙ୍କ ମଧ୍ୟରେ ମନୋରଞ୍ଜନର ଆବଶ୍ୟକତା ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଥିଲା। ଭୁବନେଶ୍ୱରର ଉଡ୍ ଆପଲ ସ୍କୁଲର ମିଳିତ ସହଯୋଗରେ ଏଭଳି ଏକ କାର୍ଯ୍ୟକ୍ରମ ମଲ୍ ପକ୍ଷରୁ ଗ୍ରହଣ କରାଯାଇଛି। ଏହି ଅବସରରେ ଏକ ୩ଡି ହିନ୍ଦୀ ସିନେମା ‘ଦମ୍ବୋ’ ପ୍ରଦର୍ଶନ କରାଯାଇଥିଲା। ଏଭଳି ଏକ ପଦକ୍ଷେପ ଗ୍ରହଣ କରି ଅତ୍ୟନ୍ତ ଖୁସି ବୋଲି ଡିଏନ୍ ରେଗାଲିଆ ପକ୍ଷରୁ ମିନତି ନାୟକ ସୂଚନା ଦେଇଛନ୍ତି।

■ବେଜୋସ୍‌ଙ୍କ ସହ ଛାଡ଼ପତ୍ର ପ୍ରକ୍ରିୟା ଶେଷ

# ମ୍ୟାକେଞ୍ଜୀ ହେଲେ ବିଶ୍ୱର ୪ର୍ଥ ଧନୀ ମହିଳା

ୱାଶିଂଟନ,୫-୪



ମ୍ୟାକେଞ୍ଜୀ ଓ ଜେଫ୍ ବେଜୋସ୍।

ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍‌ଙ୍କ ସ୍ତ୍ରୀ ମ୍ୟାକେଞ୍ଜୀ ବିଶ୍ୱର ୪ର୍ଥ ସବୁଠାରୁ ଧନୀ ମହିଳା ହୋଇଛନ୍ତି। ବେଜୋସଙ୍କ ସହ ତାଙ୍କର ଡିଭୋର୍ସ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ମ୍ୟାକେଞ୍ଜୀଙ୍କୁ ଆମାଜନର ୪% ଶେୟାର ମିଳିଛି। ଏବେ ଏହାର ମୂଲ୍ୟ ୩୬.୫ ବିଲିୟନ ଡଲାର( ପ୍ରାୟ ୨.୫୨ ଲକ୍ଷ କୋଟି ଟଙ୍କା) ବୋଲି ଆକଳନ କରାଯାଇଛି। ମ୍ୟାକେଞ୍ଜୀଙ୍କ ଆଗରେ ରହିଛନ୍ତି ବିଶ୍ୱର ସବୁଠାରୁ ୩ ଧନୀ ମହିଳା। ଲୋରିୟର ଗ୍ରୁପ୍‌ର ଫ୍ରାଙ୍କୋଇସ ମୀୟର୍ସ ୫୩.୭ ବିଲିୟନ ଡଲାର ସହ ଶୀର୍ଷରେ ରହିଥିବା ବେଳେ ୱାଲମାର୍ଟର ଏଲଇସ ୱାଲ୍ଟନ ୪୪.୨ ବିଲିୟନ ଡଲାର ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତୃତୀୟ ସ୍ଥାନରେ ଥିବା ଜ୍ୟାକଲିନ ମାର୍ସ(ମାର୍ସ, ୟୁଏସ୍)ଙ୍କ ସମ୍ପତ୍ତି ମୂଲ୍ୟ ୩୭.୧ ବିଲିୟନ ଡଲାର ବୋଲି ଜଣାପଡିଛି।ତେବେ ମ୍ୟାକେଞ୍ଜୀଙ୍କ ନିକଟରେ ୪% ଶେୟାର ରହିବା ସତ୍ତ୍ୱେ ବେଜୋସ ୧୨% ଶେୟାର ସହ ବିଶ୍ୱର ସବୁଠାରୁ ଧନୀ ସ୍ଥାନ ଦଖଲରେ ରଖିଛନ୍ତି। ତାଙ୍କ ନିକଟରେ ୧୧୪ ବିଲିୟନ ଡଲାର ପ୍ରାୟ ୭.୮୭ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ରହିଛି। ଡିଭୋର୍ସ ପରେ ବେଜୋସ୍‌ଙ୍କୁ ତାଙ୍କର ପୂର୍ବତନ ସ୍ତ୍ରୀଙ୍କ ଭୋଟିଂ ଅଧିକାର ମିଳିଯାଇଛି। ଏହାର ଅର୍ଥ କମ୍ପାନୀର କୌଣସି ନିଷ୍ପତ୍ତିରେ ଏଣିକି ମ୍ୟାକେଞ୍ଜୀ ନିଜର ଅଧିକାର ସାବ୍ୟସ୍ତ କରିପାରିବେ ନାହିଁ। ଏହାବ୍ୟତୀତ ବେଜୋସ୍‌ଙ୍କ ଖବରକାଗଜ ୱାଶିଂଟନ ପୋଷ୍ଟ ଓ ମହାକାଶ କମ୍ପାନୀ ବ୍ଲୁ ଅରିଜିନରେ ମଧ୍ୟ ମ୍ୟାକେଞ୍ଜୀଙ୍କ କୌଣସି ଅଂଶଧନ ରହିବ ନାହିଁ। ଉଲ୍ଲେଖଥାଉ କି, ବେଜୋସ ଓ ମ୍ୟାକେଞ୍ଜୀଙ୍କ ଆମାଜନରେ ଯୁଗ୍ମ ରୂପରେ ୧୬% ଅଂଶଧନ ରହିଛି। ଏହାବ୍ୟତୀତ ଜେଫଙ୍କ ଅନ୍ୟ ସ୍ଥାନରେ ବ୍ୟକ୍ତିଗତ ନିବେଶ ରହିଛି। ତେବେ ମ୍ୟାକେଞ୍ଜୀଙ୍କ ନିକଟରେ ଡିଭୋର୍ସ ପରେ ବିଶ୍ୱର ସର୍ବବୃହତ ଧନୀ ହେବାର ସୁଯୋଗ ଥିଲା। ୱାଶିଂଟନର ଆଇନ ଅନୁଯାୟୀ ବିବାହ ପରେ ଅର୍ଜିତ ସମ୍ପତ୍ତି ଡିଭୋର୍ସ ବେଳେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟାଯାଇଥାଏ। ଏହା ହୋଇଥିଲେ ମ୍ୟାକେଞ୍ଜୀ ଉକ୍ତ ଗୌରବ ହାସଲ କରିପାରିଥାନ୍ତେ। ତେବେ ସେ ଏହା ଚାହିଁ ନ ଥିଲେ। ମ୍ୟାକେଞ୍ଜୀ ଚାହିଁଥିଲେ ବିଶ୍ୱର ଶୀର୍ଷ ଧନୀ ଥିବା ଜେଫ ବେଜୋସ ଚତୁର୍ଥ ସ୍ଥାନକୁ ଖସି ଯାଇଥାନ୍ତେ।

## ଟାଟାର ଇଞ୍ଜିନ ହେଲ୍‌ଥ ଚେକ୍‌ଅପ୍ ସର୍ଭିସ

ଭୁବନେଶ୍ୱର,୫-୪

ପ୍ରମୁଖ ଯାନ ନିର୍ମାତା ଟାଟା ମୋଟର୍ସ ପକ୍ଷରୁ ବାଣିଜ୍ୟିକ ଯାନଗୁଡିକ ଲାଗି ଇଞ୍ଜିନ ହେଲ୍‌ଥ ଚେକ୍‌ଅପ୍ ସର୍ଭିସ କ୍ୟାମ୍ପ ସାରା ଦେଶରେ ଆରମ୍ଭ ହୋଇଛି। ଏହା ଏପ୍ରିଲ ପହିଲାଠାରୁ ଆରମ୍ଭ ହୋଇଥିବା ବେଳେ ଜୁନ ୩୦ ଯାଏ ଚାଲିବ। ସାରା ଦେଶରେ ଥିବା ଟାଟା ମୋଟର୍ସର ୧୫୦୦ରୁ ଅଧିକ ଡିଲରଶିପ ଏବଂ ଅଧିକୃତ ସର୍ଭିସ ଷ୍ଟେଶନଗୁଡିକରେ ଏହି ସେବା ଗ୍ରାହକ ଲାଭ କରିବାକୁ ସକ୍ଷମ ହେବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। କୋଲାଣ୍ଟ ଏବଂ ସ୍ପେୟାର ପାର୍ଟସ କ୍ଷେତ୍ରରେ ଏହି ସମୟରେ ରିହାତି ଦିଆଯିବ। ବିକ୍ରି ପରବର୍ତ୍ତୀ ସେବାକୁ ଆହୁରି ଉନ୍ନତ କରିବା ଦିଗରେ କମ୍ପାନୀ ସମ୍ପୂର୍ଣ୍ଣ ସେବା ଯୋଜନା ଗ୍ରହଣ କରିଛି। ଏଥିରେ ୨୬ରୁ ଊର୍ଦ୍ଧ୍ୱ ପଦକ୍ଷେପ ରହିଛି। ନିରନ୍ତର ଗୁଣବତ୍ତା ବିଶିଷ୍ଟ ସେବା ଯୋଗାଣ ସହ ଗ୍ରାହକଙ୍କୁ ନୂଆ ଟେକ୍ନୋଲୋଜି ଦ୍ୱାରା ଉନ୍ନତ କ୍ରୟ ଅଭିଜ୍ଞତା ଦିଗରେ ପଦକ୍ଷେପ ଜାରି ରହିଥିବା କମ୍ପାନୀର ଗ୍ରାହକ ସେବା ଗ୍ଲୋବାଲ ମୁଖ୍ୟ ଆର୍.ରାମକ୍ରିଷ୍ଣନ ସୂଚନା ଦେଇଛନ୍ତି।

## ହ୍ୟୁଣ୍ଡାଇର ଘରୋଇ ବଜାର ବିକ୍ରିରେ ଉନ୍ନତି

ଭୁବନେଶ୍ୱର,୫-୪

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ (ଏଚ୍‌ଏମ୍‌ଆଇଏଲ୍) ୨୦୧୮-୧୯ ଆର୍ଥିକ ବର୍ଷରେ ଘରୋଇ ବଜାର ବିକ୍ରିରେ ଉନ୍ନତି ହାସଲ କରିଛି। ଏହି ସମୟରେ କମ୍ପାନୀର ବିକ୍ରି ଅଭିବୃଦ୍ଧି ୧.୭% ରହିଛି। ୨୦୧୭-୧୮ରେ କମ୍ପାନୀ ୫.୩୮ ଲକ୍ଷ ୟୁନିଟ ଯାନ ଦେଶ ମଧ୍ୟରେ ବିକ୍ରି କରିଥିଲା। ଏହା ୨୦୧୮-୧୯ରେ ୫.୪୫ ଲକ୍ଷ ୟୁନିଟକୁ ବୃଦ୍ଧି ଘଟିଥିବା ଏହା ସୂଚନା ଦେଇଛି। ନୂତନ ଉଦ୍ଭାବନ, ବେଷ୍ଟ ଇନ୍ ସେଗମେଣ୍ଟ ପ୍ରଡକ୍ଟ, ସର୍ବୋତ୍ତମ ସେବା ଅଭିଜ୍ଞତା ପ୍ରଦାନ ଦିଗରେ ଗ୍ରାହକଙ୍କ ପ୍ରତି ରହିଥିବା ପ୍ରତିଶ୍ରୁତି ପାଳନ ଦିଗରେ ପ୍ରଚେଷ୍ଟା ଜାରି ରହିଥିବା କମ୍ପାନୀର ଜାତୀୟ ବିକ୍ରି ମୁଖ୍ୟ ବିକାଶ ଜୈନ ସୂଚନା ଦେଇଛନ୍ତି। ଏହା ୨୦୧୮-୧୯ରେ ବିଦେଶକୁ ୧.୫୩ ୟୁନିଟ ଯାନ ରପ୍ତାନି କରିଛି। ୨୦୧୮-୧୯ରେ ଏଥିରେ ବୃଦ୍ଧି ଘଟି ୧.୬୩ ଲକ୍ଷ ୟୁନିଟ ରହିଥିବା ହ୍ୟୁଣ୍ଡାଇ ପକ୍ଷରୁ ସୂଚନା ରହିଛି।

■ଷ୍ଟାଟିଷ୍ଟିକାଲ ଡାଟା ବିବାଦ

## ବିଶ୍ୱାସଯୋଗ୍ୟତା ସନ୍ଦେହ ଦୂର କଲେ ପାନାଗାରିଆ

ନୂଆଦିଲ୍ଲୀ,୫-୪



ଅରବିନ୍ଦ ପାନାଗାରିଆ।

କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଷ୍ଟାଟିଷ୍ଟିକାଲ ଡାଟାକୁ ନେଇ ଉପୁଜିଥିବା ସନ୍ଦେହକୁ ଦୂର କରିଛନ୍ତି ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନାଗାରିଆ। ସେ କହିଛନ୍ତି ଯେ, କିଛି କୁଟିଳ ପ୍ରକୃତିର ଅର୍ଥନୀତିଜ୍ଞ ସରକାରୀ ଡାଟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସରକାରରେ ସେ ତିନି ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଛନ୍ତି। ଏହାକୁ ନେଇ କୌଣସି ବିବାଦ ନ ଥିଲା ବୋଲି କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି(ସିଆଇଆଇ) ବୈଠକରେ ଯୋଗଦେବା ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ସେ କହିଛନ୍ତି। ଉଲ୍ଲେଖଥାଉ କି, ଦେଶବିଦେଶର ପ୍ରାୟ ୧୦୮ ଅର୍ଥନୀତିଜ୍ଞ ତଥା ସମାଜବିଜ୍ଞାନୀ ଷ୍ଟାଟିଷ୍ଟିକାଲ ଡାଟା ପ୍ରକାଶରେ ରାଜନୈତିକ ହସ୍ତକ୍ଷେପ ନେଇ ଚିନ୍ତାବ୍ୟକ୍ତ କରିଥିଲେ ଏବଂ ଏହାକୁ ନେଇ ସନ୍ଦେହ ବ୍ୟକ୍ତ କରିଥିଲେ। ସେମାନେ ମୂଳ ବର୍ଷ ତଥା ଜିଡିପି ଅଭିବୃଦ୍ଧି ତଥ୍ୟରେ ସଂଶୋଧନ ନେଇ ପ୍ରଶ୍ନ ଉଠାଇଛନ୍ତି। ପାନାଗାରିଆ କହିଛନ୍ତି ଯେ, ଡାଟା ପ୍ରସ୍ତୁତିରେ ଭାରତ ସରକାର ଆଇଏମ୍‌ଏଫ୍, ବିଶ୍ୱ ବ୍ୟାଙ୍କ ଏବଂ ଜାତିସଂଘର ଆର୍ଥିକ ପ୍ରତିଷ୍ଠାନର ମାନଦଣ୍ଡକୁ ପାଳନ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ କେହି ହେଲେ ଏନେଇ ପ୍ରଶ୍ନ ଉଠାଇନାହାନ୍ତି। ସେ କହିଛନ୍ତି ଯେ, ଡାଟାକୁ ନେଇ ପ୍ରଶ୍ନ କରୁଥିବା ଅର୍ଥନୀତିଜ୍ଞମାନେ କେଉଁଠାରେ ତ୍ରୁଟି ରହିଛି ତାହା ସ୍ପଷ୍ଟ ଭାବେ ଉଲ୍ଲେଖ କରିବା ଉଚିତ।

## ସିଂହଭ୍ରାତାଙ୍କୁ ଜେଲ ପଠାଇବା ଲାଗି ସୁପ୍ରିମକୋର୍ଟଙ୍କ ଚେତାବନୀ

ନୂଆଦିଲ୍ଲୀ,୫-୪



ଶିବିନ୍ଦର ଏବଂ ମାଲବିନ୍ଦର ସିଂହ।

ଡାଇଚି ସାଙ୍କ୍ୟୋ ମାମଲାରେ ରାନବାକ୍ସିର ପୂର୍ବତନ ପ୍ରମୋଟର ସିଂହ ଭ୍ରାତା ମାଲବିନ୍ଦର ଏବଂ ଶିବିନ୍ଦର ସିଂହଙ୍କ ଜବାବରେ ସୁପ୍ରିମକୋର୍ଟ ଶୁକ୍ରବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଡାଇଚିକୁ ୪ ହଜାର କୋଟି ଟଙ୍କା ଦେବା ଲାଗି ଦିଆଯାଇଥିବା ନିର୍ଦ୍ଦେଶ ପାଳନରେ ଅବହେଳା କରାଯାଇଥିବାର ପ୍ରମାଣ ମିଳିଲେ ସିଂହ ଭ୍ରାତାଙ୍କୁ ଜେଲ୍ ପଠାଇ ଦିଆଯିବ ବୋଲି ସର୍ବୋଚ୍ଚ ଅଦାଲତ ଚେତାବନୀ ଶୁଣାଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୧ରେ ହେବ ବୋଲି ଅଦାଲତ କହିଛନ୍ତି। ଉଲ୍ଲେଖଥାଉ କି, ରାନବାକ୍ସି ସହ ଜାପାନୀ ଫାର୍ମା କମ୍ପାନୀ ଡାଇଚି ସାଙ୍କ୍ୟୋର ଦୀର୍ଘଦିନ ହେଲା ବିବାଦ ଚାଲିଛି। ଉଭୟ କମ୍ପାନୀ ମଧ୍ୟରେ ଚାଲିଥିବା ବିବାଦର ସମାଧାନ କରିବାକୁଯାଇ ସିଙ୍ଗାପୁରସ୍ଥିତ ମଧ୍ୟସ୍ଥତା ଅଦାଲତ ରାନବାକ୍ସିକୁ ୩୫୦୦ କୋଟି ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଭାରତୀୟ କମ୍ପାନୀ ଏହା ପ୍ରଦାନ କରି ନ ଥିଲା। ଏହାପରେ ଡାଇଚି ପକ୍ଷରୁ ସୁପ୍ରିମକୋର୍ଟରେ ଏକ ମାମଲା ଦାଏର କରାଯାଇଥିଲା। ସିଙ୍ଗାପୁର ଅଦାଲତଙ୍କ ନିର୍ଦ୍ଦେଶକୁ ରାନବାକ୍ସି ପାଳନ କରୁ ବୋଲି ଡାଇଚି ପକ୍ଷରୁ ନିବେଦନ କରାଯାଇଥିଲା। ସୁପ୍ରିମକୋର୍ଟ ଏହାର ଶୁଣାଣି କରି ସିଂହ ଭ୍ରାତାଙ୍କୁ ୪ ହଜାର କୋଟି ଟଙ୍କା ପରିଶୋଧ ଯୋଜନା ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସିଂହଭ୍ରାତା ଏହା ଦେଇ ନ ଥିବାରୁ ସେମାନଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଆରମ୍ଭ ହୋଇଛି।

## ଶହୀଦଙ୍କ ପରିବାରକୁ କାନାରା ବ୍ୟାଙ୍କର ସହାୟତା

ଭୁବନେଶ୍ୱର,୫-୪

କାନାରା ବ୍ୟାଙ୍କ ଅଫିସର୍ସ ଆସୋସିଏଶନ (ସିବିଓଏ) ପକ୍ଷରୁ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ପ୍ରସନ୍ନ କୁମାର ସାହୁଙ୍କ ପରିବାର ବର୍ଗଙ୍କୁ ସହାୟତା ପ୍ରଦାନ କରାଯାଇଛି। ସିବିଓଏ ୫୦,୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରିଥିବା ସୂଚନା ରହିଛି। ଏହାର ଉପସଭାପତି ପି.କେ. ମହାନ୍ତି, ସହାୟକ ସାଧାରଣ ସମ୍ପାଦକ ଏସ୍.ଏନ୍.ତ୍ରିପାଠୀ ଏବଂ କ୍ଷେତ୍ରୀୟ ସମ୍ପାଦକ ଏଚ୍.କେ. ପଣ୍ଡା ପ୍ରମୁଖ ଜଗତସିଂହପୁର ଜିଲାର ଶିଖର ଗ୍ରାମରେ ଶହୀଦ ସାହୁଙ୍କ ପରିବାରକୁ ସାକ୍ଷାତ କରିବା ସହ ଅର୍ଥରାଶିର ଚେକ୍‌ପ୍ରଦାନ କରିଛନ୍ତି।

## କାମ ଆୟୁର୍ବେଦର ନୂଆ ଷ୍ଟୋର

ଭୁବନେଶ୍ୱର,୫-୪

କାମ ଆୟୁର୍ବେଦ ପକ୍ଷରୁ ଏହାର ନୂଆ ଷ୍ଟୋର ସ୍ଥାନୀୟ ଏସ୍‌ପ୍ଲାନେଡ ୱାନ ମଲ୍‌ଠାରେ ଶୁଭାରମ୍ଭ ହୋଇଛି। ନୂଆ ଷ୍ଟୋରକୁ କମ୍ପାନୀର ଟେକ୍‌ସ କେୟାର ବିଜନେସ ରିପ୍ରେଜେଣ୍ଟେଟିଭ ମିତାଲି ଉନ୍ମୋଚନ କରିଥିଲେ। ଓଡିଶା ବଜାରରେ ଏହା କାମ ଆୟୁର୍ବେଦର ପ୍ରଥମ ଷ୍ଟୋର। ନୂଆ ଷ୍ଟୋର ଦ୍ୱାରା ଗ୍ରାହକଙ୍କୁ ଆକର୍ଷଣୀୟ ତଥା ଗୁଣବତ୍ତା ସେବା ଯୋଗାଣ ନେଇ କମ୍ପାନୀ ଯୋଜନା ରଖିଛି। ଏଠାରେ ଗ୍ରାହକ କାମ କୁମଦ ମିରାକ୍ୟୁଲସ ଫ୍ଲୁଇଡ, ବ୍ରିଙ୍ଗଦି ଇଣ୍ଟେନସିଭ୍ ହେୟାର ଟ୍ରିଟମେଣ୍ଟ, ଶୁଦ୍ଧ ଗୋଲାପ ଜଳ ଏବଂ ଆୟୁର୍ବେଦିକ ନାଇଟ କ୍ରିମ ଭଳି ବିଭିନ୍ନ ପ୍ରଡକ୍ଟ ଲାଭ କରି ପାରିବେ। ଶିକ୍ଷା ତଥା ଆଇଟି କ୍ଷେତ୍ରରେ ଓଡ଼ିଶା ଏକ ପ୍ରମୁଖ ଅଭିବୃଦ୍ଧିଶୀଳ ରାଜ୍ୟ ହୋଇଥିବା ବେଳେ ଯୁବବର୍ଗଙ୍କୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରିଛୁ ବୋଲି କାମ ଆୟୁର୍ବେଦର ପ୍ରତିଷ୍ଠାତା ତଥା ସିଇଓ ବିବେକ ସାହାନୀ ଏହି ଅବସରରେ ସୂଚନା ଦେଇଛନ୍ତି।

## କାଇଜାଲା ଆପ୍ ସହ ଯୋଡ଼ି ହେବେ ରେଲୱେ କର୍ମଚାରୀ

ଭୁବନେଶ୍ୱର,୫-୪



ଭାରତୀୟ ରେଲବାଇର ୩ ନିୟୁତ କର୍ମଚାରୀ କାଇଜାଲା ମୋବାଇଲ ଆପ୍ ସହ ଯୋଡି ହେବେ। ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ରେଳକର୍ମଚାରୀମାନେ ମାଇକ୍ରୋସଫ୍ଟର ଏହି ମୋବାଇଲ ଆପ୍ ସହ ଯୋଡି ହେବେ ବୋଲି ରେଲୱେ ପକ୍ଷରୁ ସୂଚନା ରହିଛି। ରେଲୱେ ବୋର୍ଡର ଅଧ୍ୟକ୍ଷ ବିନୋଦ କୁମାର ଯାଦବ ଏହି ଆପ୍ଲିକେଶନକୁ ନିକଟରେ ଉଦ୍‌ଘାଟନ କରିଛନ୍ତି। ରେଲୱେ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୧୩୩ଟି ଏବଂ ୧୨୫ଟି ବେସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ଦିଗରେ ଏହି ଆପ୍ ସହାୟତା କରିବ। ଏହି ଆପ୍ ଗ୍ରୁପ କେତେକ ଡାକ୍ତର ମଣ୍ଡଳୀ, ପାରାମେଡିକାଲ ଷ୍ଟାଫ୍ ଓ ନର୍ସମାନଙ୍କ ଦ୍ୱାରା ପରିଚାଳିତ ହେବ। ଭିଡ଼ିଓ କନ୍‌ଫରେନ୍ସ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶଶୋଭା ବିଲ୍‌ଡିଂ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା 9693 /ଭୁ.ଉ.କ., ଭୁବନେଶ୍ୱର ତା30.03.19 ରିଖ

CPM-I-348/91

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର, ଆପାର୍ଟମେଣ୍ଟ ହାଉସିଂ ପ୍ରକଳ୍ପ ଅନ୍ତର୍ଗତ ଫେଜ୍-୧ ଗୃହ ନଂ. ଏମ୍.ଆଇ.ଜି-I-S-14/21 କୁ ଶ୍ରୀ ଶରତ କୁମାର ସେଠୀ, ପିତା- ଜୟକୃଷ୍ଣ ସେଠୀ, ଗ୍ରାମ- କପୁରୀସିଂହ, ପୋଅ-ଓରଣ୍ଡା, ଥାନା-ଗୁରୁଡିଝାଟିଆ, ଜିଲ୍ଲା-କଟକଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ ଶରତ କୁମାର ସେଠୀ ଉକ୍ତ ଗୃହକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଭରତ କୁମାର ସାହୁ, ପିତା- କାଶୀନାଥ ସାହୁ, ଗ୍ରାମ/ପୋଅ- ଜଗନ୍ନାଥପ୍ରସାଦ, ଥାନା-ଗଣିଆ, ଜିଲ୍ଲା-ନୟାଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।


ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ ଆପତ୍ତି ଥାଏ ତାହାହେଲେ ଏହି ନୋଟିସ୍ ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୧


■ଜାରି ହେଲା ନୂଆ ଆଇଟିଆର୍ ଫର୍ମ

# ଜଣାଇବାକୁ ହେବ ଅଧିକ ତଥ୍ୟ

ନୂଆଦିଲ୍ଲୀ,୫-୪




ଆୟକର ବିଭାଗ ଆର୍ଥିକ ବର୍ଷ ୨୦୧୯-୨୦ ଲାଗି ବ୍ୟକ୍ତିଗତ ତଥା କମ୍ପାନୀଙ୍କ ପାଇଁ ନୂଆ ଆୟକର ରିଟର୍ନ (ଆଇଟିଆର) ଫର୍ମ ଜାରି କରିଛି। ଆୟକର ରିଟର୍ନ-୧ ଅର୍ଥାତ୍ ‘ସହଜ’କୁ ଅପରିବର୍ତ୍ତିତ ରଖାଯାଇଛି। ଏହି ଫର୍ମ ଜରିଆରେ ଚାକିରିଆ ନିଜର ରିଟର୍ନ ଦାଖଲ କରିଥାନ୍ତି। ସେହିପରି ଆଇଟିଆର୍ ୨,୩,୪,୫,୬ ଏବଂ ୭ର କିଛି ଅଂଶକୁ ତର୍କସଙ୍ଗତ କରାଯାଇଛି। ବ୍ୟକ୍ତିଗତ ତଥା କମ୍ପାନୀଙ୍କୁ ୨୦୧୮-୧୯ରେ ହୋଇଥିବା ଆୟର ସୂଚନା ଦେଇ ଚଳିତ ଆର୍ଥିକ ବର୍ଷରେ ରିଟର୍ନ ଦାଖଲ କରିବାକୁ ହେବ। ଯେଉଁମାନଙ୍କର ଦରମା, ଗୋଟିଏ ଘର ଓ ସୁଧରୁ ମିଳୁଥିବା ଆୟକୁ ମିଶାଇ ବାର୍ଷିକ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହେବ ସେମାନେ ଆଇଟିଆର୍-୧ ଫର୍ମ ପୂରଣ କରି ଦାଖଲ କରିବେ। କୌଣସି କମ୍ପାନୀର ଡାଇରେକ୍ଟର ଅଥବା ଅଣତାଲିକାଭୁକ୍ତ ଇକ୍ୟୁଟି ଶେୟାରରେ ନିବେଶ କରିଥିବା ବ୍ୟକ୍ତି ଏହି ଆଇଟିଆର୍ ଫର୍ମ ଦାଖଲ କରିପାରିବେ ନାହିଁ। ଷ୍ଟାଣ୍ଡାର୍ଡ ଡିଡକ୍ସନ ବିକଳ୍ପ ସହିତ ଆଇଟିଆର୍-୧ଫର୍ମ ଆସିବ। ଆଇଟିଆର୍ ଦାଖଲ କଲା ବେଳେ ୨୦୧୮-୧୯ ବର୍ଷ ଲାଗି ଷ୍ଟାଣ୍ଡାର୍ଡ ଡିଡକ୍ସନ ବାବଦରେ ସର୍ବାଧିକ ୪୦ ହଜାର ଟଙ୍କା ଦାବି କରାଯାଇପାରିବ। ଯଦି ଟିକସଦାତାଙ୍କର ନିକଟରେ ଗୋଟିଏ ଘର ରହିଛି, ତେବେ ଆଇଟିଆର୍-୧ ଫର୍ମରେ ସେହି ଘରର ମାଲିକ ସେ ଅଛନ୍ତି ଅଥବା ଏହାକୁ ବିକି ଦେଇଛନ୍ତି ତାହା ଜଣାଇବାକୁ ହେବ। ଏହାଛଡ଼ା ଅନ୍ୟ ସୂତ୍ରରୁ ହେଉଥିବା ଆୟ ସମ୍ପର୍କରେ ମଧ୍ୟ ଉକ୍ତ ଫର୍ମରେ ସମ୍ପୂର୍ଣ୍ଣ ସୂଚନା ଦେବାକୁ ହେବ। ପୂର୍ବରୁ କେବଳ ଅନ୍ୟ ସ୍ରୋତ ସମ୍ପର୍କରେ ଜଣାଇବାକୁ ପଡୁଥିଲା। ସାଧାରଣତଃ ବ୍ୟାଙ୍କ ଆକାଉଣ୍ଟ ଓ ଫିକ୍ସ ଡିପୋଜିଟରୁ ମିଳୁଥିବା ସୁଧ ଆଦି ଅନ୍ୟ ସ୍ରୋତ ଆୟ ଭାବେ ଦର୍ଶାଯାଇଥାଏ। ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦରମାରେ ମିଳୁଥିବା ଭତ୍ତା, ଅତିରିକ୍ତ ସୁବିଧା ଓ ଲାଭ ସମ୍ପର୍କରେ ଜଣାଇବାକୁ ହେବ। ନିଜ କମ୍ପାନୀରୁ ମିଳୁଥିବା ଅତିରିକ୍ତ ସୁବିଧା ସମ୍ପର୍କରେ ସୂଚନା ଦେବାକୁ ହେବ। ଏହାଛଡ଼ା ଘର ଭଡା ବାବଦରେ ଭଡା ମିଳୁଥିଲେ(ଟିକସରେ ଆଂଶିକ ଅଥବା ପୂର୍ଣ୍ଣ ଛାଡ଼ ମିଳେ), ତାହାର ମଧ୍ୟ ତଥ୍ୟ ଆଇଟିଆର୍-୧ରେ ଉଲ୍ଲେଖ କରିବାକୁ ହେବ। ଅଡିଟ ହେବାକୁ ନ ଥିବା ଆକାଉଣ୍ଟ ପାଇଁ ଆୟକର ରିଟର୍ନ ଦାଖଲର ଅନ୍ତିମ ସମୟସୀମା ଜୁଲାଇ ୩୧ ଧାର୍ଯ୍ୟ ହୋଇଛି।


नालको NALCO
National Aluminium Company Limited
(A Government of India Enterprise)

Captive Power Plant,
Angul - 759 145, Odisha
CIN : L27203OR1981GOI000920
A NAVRATNA COMPANY

**NOTICE INVITING TENDERS**

Digitally signed online tenders are being invited from experienced bidders on OPEN / Two-part (E-tender) mode through Central Public Procurement Portal for the following jobs at NALCO,CPP Plant at Angul, Odisha :

**1. NIT No. MC-4741, Name of the work : Replacement of damaged Tarfelt with APP membrane over TG building of unit # 7 to # 8, ESPs of unit # 1 to # 4 and CWPH.**

**2. NIT No. MC-4742, Name of the work : Transportation of Coal by Road from MCL, Talcher Coalfield to CPP, NALCO, Angul including Handling of Coal & other related Services.**

**3. NIT No. MC-4745, Name of the work : Minor Overhauling of Turbine with other General Work.**

For details of NITs like contract period, EMD, Date and time of E-submission, Part-I Bid Opening, Modification/Amendments (if any) please log in to **www.nalcoindia.com** & **http://eprocure.gov.in**



अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019

F.No. J-11027(025)/2018-19/S&P Date: 05-04-2019

**E-TENDER CALL NOTICE**

Director, All India Institute of Medical Sciences (AIIMS) Bhubaneswar Odisha, GOI, invites e-tender for **"(1) Nano Volume Spectrophotometer, (2) Spectrophotometer, (3) NB-UVB (Hand & Foot Machine), (4) Bubble CPAP at AIIMS, Bhubaneswar"** in Two Bid System". The e-tender document along with last date of submission of the tender can be viewed and downloaded from the official website i.e. **www.aiimsbhubaneswar.nic.in / www.tenderwizard.com** and **CPP Portal www.eprocure.gov.in.** The sealed e-Tender will be received through Speed post/Reg. post/Courier/by hand only on or before due date & time by office of **Sr. Procurement-Cum Store Officer, AIIMS, Bhubaneswar** and the said e-tender will be opened on due date & time mentioned in the tender document in presence of bidders or their authorised representatives in the office chamber of undersigned. Incomplete tender document/ tender received after scheduled date & time shall be rejected. Director, AIIMS, Bhubaneswar reserves the right to reject any or all the e-tenders without assigning any reason thereof.

Sd/-
Sr. Procurement-Cum Store Officer
AIIMS, Bhubaneswar

“ ଅନ୍ୟ ରାଜ୍ୟ ଆସୋସିଏଶନଗୁଡ଼ିକରୁ ଅଫର ଆସୁଥିବାରୁ ମୁଁ ବିଦର୍ଭ ରଣଜୀ ଦଳର କୋଚ୍ ରହିବା ନେଇ ପୁନର୍ବିଚାର କରିପାରେ ।
– ଚନ୍ଦ୍ରକାନ୍ତ ପଣ୍ଡିତ, ପୂର୍ବତନ ଭାରତୀୟ ଉଇକେଟକିପର



“ ବିଭିନ୍ନ କଣ୍ଡିଶନ ସହିତ ଖାପ ଖୁଆଇ ବୋଲିଂ କରୁଥିବାରୁ ଜଣେ ନିର୍ଭରଯୋଗ୍ୟ ଫିଙ୍ଗର ସ୍ପିନର ଭାବେ ମୁଁ ତିଷ୍ଠି ରହିଛି ।
– ମହମ୍ମଦ ନବୀ, ଆଫଗାନିସ୍ତାନ କ୍ରିକେଟର



## ଆଜିର ମ୍ୟାଚ

ଚେନ୍ନାଇ ସୁପର କିଙ୍ଗ୍ସ
ବନାମ
କିଙ୍ଗ୍ସ ଇଲେଭେନ ପଞ୍ଜାବ



ପ୍ରସାରଣ
ସ୍ଥାନ : ଚେନ୍ନାଇ
ସମୟ : ଅପରାହ୍ନ ୪ଟା

ସନରାଇଜର୍ସ ହାଇଦ୍ରାବାଦ
ବନାମ ମୁମ୍ବାଇ ଇଣ୍ଡିଆନ୍ସ

ପ୍ରସାରଣ
ସ୍ଥାନ : ହାଇଦ୍ରାବାଦ
ସମୟ : ରାତି ୮ଟା

ଷ୍ଟାର ସ୍ପୋର୍ଟ୍ସ

## ସଂକ୍ଷେପରେ

### କାଠଯୋଡ଼ି-ସାର୍ତ୍ତୋଳ ଫାଇନାଲ

କଟକ ଅଫିସ,୫।୪-ଫୁଟ୍‌ବଲ କ୍ଲବ ଗ୍ୟାଲେକ୍ସି ପକ୍ଷରୁ ପ୍ୟାରିମୋହନ ସ୍କୁଲ ଗ୍ରାଉଣ୍ଡରେ ଅଲଓଡ଼ିଶା ସେଭେନ୍-ଏ ସାଇଡ୍ ଫୁଟବଲ ଟୁର୍ନାମେଣ୍ଟର ୧୬ବର୍ଷରୁ କମ୍ ବିଭାଗରେ କାଠଯୋଡ଼ି କ୍ଲବ ଓ ସାର୍ତ୍ତୋଳ କ୍ଲବ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ସେମି ମୁକାବିଲାରେ କାଠଯୋଡ଼ି ୨-୦ ଗୋଲରେ ରାଇଜିଂ ଷ୍ଟାର କ୍ଲବକୁ ଓ ସାର୍ତ୍ତୋଳ ୪-୩ ଗୋଲରେ ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଭେଟେରାନ ଓ ସିନିୟର ବିଭାଗର ସେମିଫାଇନାଲ ମ୍ୟାଚ ଖେଳାଯିବ ।

### ବେଙ୍ଗଲଠାରୁ ହାରିଲା ଓଡ଼ିଶା

କଟକ ଅଫିସ,୫।୪- ସୁରଟର ଲାଲଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ୨୩ବର୍ଷରୁ କମ୍ ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଓଡ଼ିଶା ୮୦ରନରେ ବେଙ୍ଗଲଠାରୁ ପରାସ୍ତ ହୋଇଛି। ୮ଟି ମ୍ୟାଚ୍ ଖେଳିସାରିଥିବା ଓଡ଼ିଶାର ଏହା ୫ମ ପରାଜୟ। ୨ଟି ବିଜୟ ଓ ଗୋଟିଏ ଅମୀମାଂସିତ ଫଳାଫଳ ବଳରେ ଓଡ଼ିଶା ଏଲିଟ୍ ଗ୍ରୁପ-ଏ ଆଣ୍ଡ ବି ପଏଣ୍ଟ ଟେବୁଲର ୧୩ତମ ସ୍ଥାନରେ ରହିଛି। ଶୁକ୍ରବାର ମ୍ୟାଚ୍‌ରେ ବେଙ୍ଗଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଓପନର ଦୀପ୍ତିଙ୍କ ୧୦୪ରନର ଇନିଂସ ବଳରେ ଦଳ ୭ ଉଇକେଟ ହରାଇ ୨୩୪ରନ କରିଥିଲା। ଓଡ଼ିଶା ପକ୍ଷରୁ ଲୁଇସା ଦାସ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଓଡ଼ିଶା ୯ଉଇକେଟ ବିନିମୟରେ ୧୫୪ରନ କରିଥିଲା। ଅଞ୍ଜଳି ସିଂ ସର୍ବାଧିକ ୩୭ ରନ କରିଥିବା ବେଳେ ଅନ୍ୟ କେହି ବ୍ୟାଟ୍ସଓମ୍ୟାନ ଆଖି ଦୃଶିଆ ପ୍ରଦର୍ଶନ କରି ପାରି ନ ଥିଲେ। ବେଙ୍ଗଲ ଅଧିନାୟିକା ତନୁଶ୍ରୀ ସରକାର, ଦୀପ୍ତି ଓ ଏସ୍.ପି ଆଇଚଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା ।

### ଦ୍ୱନ୍ଦ୍ୱରେ ସିଏସ୍‌କେ

ଚେନ୍ନାଇ,୫।୪- ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଦଳ ଏବେ ଦ୍ୱନ୍ଦ୍ୱରେ ପଡ଼ିଛି। ଦଳର ଷ୍ଟାର ଅଲରାଉଣ୍ଡ ଡ୍ୱେନ ବ୍ରାଭୋ ଶନିବାର ଚେପକଠାରେ କିଙ୍ଗ୍ସ ଏକାଦଶ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ଖେଳିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ସିଏସ୍‌କେ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ସ୍ପଷ୍ଟ କରିଛନ୍ତି ଯେ, ବ୍ରାଭୋଙ୍କ ମାଂସପେଶୀ ଟାଣି ହୋଇଯାଇଛି। ସ୍କାନ କରାଯିବା ପରେ ବ୍ରାଭୋଙ୍କ ସମ୍ପର୍କରେ କିଛି କୁହାଯାଇ ପାରିବ। ସେ ଗତ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ଆହତ ହୋଇଥିଲେ। ତାଙ୍କ ଅନୁପସ୍ଥିତିରେ ଆଗାମୀ ମ୍ୟାଚ୍‌ରେ ସିଏସ୍‌କେ ଦଳ ସ୍କଟ କୁଗେଲେଜିନଙ୍କୁ ଆଇପିଏଲ ପଦାର୍ପଣ କରିବାକୁ ସୁଯୋଗ ଦିଆଯାଇପାରେ। ପୂର୍ବରୁ ଡେଭିଡ ୱିଲି ବ୍ୟକ୍ତିଗତ କାରଣ ଯୋଗୁ ଚଳିତ ଆଇପିଏଲରୁ ଓହରି ଯାଇଛନ୍ତି। ଏଥିଯୋଗୁ ନ୍ୟୁଜିଲାଣ୍ଡ ଅଲରାଉଣ୍ଡର କୁଗେଲେଜିନଙ୍କୁ ସୁଯୋଗ ମିଳିବାର ବିଶେଷ ସମ୍ଭାବନା ରହିଛି।

### ଅନିଶ୍ଚିତତାରେ ଅଣ୍ଡରଟେକରଙ୍କ ରେସଲମାନିଆ

ନ୍ୟୁ ଜର୍ସି(ୟୁଏସ୍), ୫।୪- ଜଣାଶୁଣା ପେସାଦର ଡବ୍ଲ୍ୟୁଡବ୍ଲ୍ୟୁଇ ଷ୍ଟାର ‘ଦ ଅଣ୍ଡରଟେକର’ ଆଗାମୀ ରେସଲମାନିଆରେ ଅଂଶଗ୍ରହଣ କରିବା ନେଇ ଅନିଶ୍ଚିତତା ଲାଗି ରହିଛି। ଆଗାମୀ ରବିବାର ଅନୁଷ୍ଠିତ ହେବାକୁ ଥିବା ଇଭେଣ୍ଟର ପ୍ରତ୍ୟେକ ମ୍ୟାଚ୍ ଲାଗି କାର୍ଯ୍ୟସୂଚୀ ଘୋଷଣା ହୋଇସାରିଛି। ହେଲେ ଏଥିରେ ଅଣ୍ଡରଟେକରଙ୍କ ନାମ ସ୍ଥାନ ପାଇନାହିଁ। ଫଳରେ ଦୀର୍ଘ ୧୯ ବର୍ଷ ଧରି ତାଙ୍କର କ୍ରମାଗତ ରେସଲମାନିଆ ଖେଳିବା ଧାରା ଭଙ୍ଗ ହେବାର ସମ୍ଭାବନା ସୃଷ୍ଟି ହୋଇଛି।





ସାକ୍ରାମେଣ୍ଟୋ(କାଲିଫ୍): ଏନବିଏ ବାସ୍କେଟବଲ୍ ଟୁର୍ନାମେଣ୍ଟରେ କ୍ଲେଭେଲାଣ୍ଡ କାଭାଲିଅର୍ସ ବିପକ୍ଷ ପ୍ରଥମ କ୍ୱାର୍ଟରଫାଇନାଲ ମ୍ୟାଚରେ ସାକ୍ରାମେଣ୍ଟୋ କିଙ୍ଗ୍ସ ଦଳର କୋରେ ବ୍ରିଓ୍ୱେର।

# ହାଇଦ୍ରାବାଦର ହ୍ୟାଟ୍ରିକ ବିଜୟ

ନୂଆଦିଲ୍ଲୀ, ୫।୪ (ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୬ତମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ୯ଟି ବ ଲ ବାକିଥାଇ ୫ ଉଇକେଟରେ ପରାସ୍ତ କରି ସନରାଇଜର୍ସ ହାଇଦ୍ରାବାଦ ହ୍ୟାଟ୍ରିକ ବିଜୟ ହାସଲ କରିଛି। ସ୍ଥାନୀୟ ଫିରୋଜ ଶାହା କୋଟଲା ଗ୍ରାଉଣ୍ଡରେ ଗୁରୁବାର ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୮ ଉଇକେଟରେ ୧୨୯ ରନ କରିଥିଲା। ଜବାବରେ ହାଇଦ୍ରାବାଦ ୧୮.୩ ଓଭରରେ ୫ ଉଇକେଟ ବିନିମୟରେ ୧୩୧ ରନ କରି ବିଜୟୀ ହୋଇଥିଲା। ଏଥିସହିତ ହାଇଦ୍ରାବାଦ ତା’ର ତୃତୀୟ ବିଜୟ ହାସଲ କରିଥିବା ବେଳେ ଦିଲ୍ଲୀ ତୃତୀୟ ପରାଜୟ ବରଣ କରିଛି। ୪୮ରନର ଉପଯୋଗୀ ଇନିଂସ ଖେଳିଥିବା ହାଇଦ୍ରାବାଦ ଓପନର ଜନି ବେୟାରଷ୍ଟୋ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୧୩୦ ରନର ସହଜ ବିଜୟ ଲକ୍ଷ୍ୟର ପିଛା କରି ହାଇଦ୍ରାବାଦ ଆରମ୍ଭରୁ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲା। ଡେଭିଡ ୱାର୍ନର ଓ ଜନି ବେୟାରଷ୍ଟୋ ଓପନିଂ ଯୋଡ଼ିରେ ୪୧ ବଲରୁ ୬୪ ରନ ଯୋଗ କରିଥିଲେ। ୱାର୍ନର ୧୦ ରନ କରି କାଗିସୋ ରାବାଡ଼ାଙ୍କ ଦ୍ୱାରା ଆଉଟ ହୋଇଥିଲେ। ତେବେ ଏହାପୂର୍ବରୁ ପ୍ରଥମେ ବେୟାରଷ୍ଟୋ ୪୮ (୨୮ ବଲ, ୯ ଚୌକା, ୧ଛକା)ରନ କରି ରାହୁଲ ଟେଓ୍ୱାଟିଆଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ମନୀଷ ପାଣ୍ଡେ ୧୦ ରନ କରି ଇଶାନ୍ତ ଶର୍ମାଙ୍କ ବଲ୍‌ରେ ପୃଥ୍ୱୀ ଶ’ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଅଲରାଉଣ୍ଡର ବିଜୟ ଶଙ୍କର ଅକ୍ଷର ପଟେଲଙ୍କ ବଲରେ ଶ୍ରେୟାସ ଆୟରଙ୍କୁ କ୍ୟାଚ୍ ଦେଇ ଆଉଟ ହେବା ପୂର୍ବରୁ ୧୬ ରନ କରିଥିଲେ। ଦୀପକ ହୁଡା ୧୦ ରନ କରିଥିବା ବେଳେ ସନ୍ଦୀପ ଲାମିଚେନଙ୍କ ବଲ୍‌ରେ ରାବାଡ଼ାଙ୍କୁ କ୍ୟାଚ୍ ଦେଇଥିଲେ। ୟୁସୁଫ୍ ପଠାନ ୯ ରନ ଓ ମହମ୍ମଦ ନବୀ ୯ଟି ବଲ୍ ଖେଳି ୨ ଚୌକା ଓ ୧ ଛକା ସହ ୧୭ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଦିଲ୍ଲୀ ତରଫରୁ ଲାମିଚେନ, ଅକ୍ଷର, ରାବାଡ଼ା, ଟେଓ୍ୱାଟିଆ ଓ ଇଶାନ୍ତ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ପକ୍ଷରୁ କେବଳ ଅଧିନାୟକ ଶ୍ରେୟାସ ଆୟରଙ୍କୁ ବାଦ୍ ଦେଲେ ବାକି ସବୁ ବ୍ୟାଟ୍ସମ୍ୟାନ ଫେଲ ମାରିଥିଲେ। ଆୟର ୪୧ଟି ବଲର ସମ୍ମୁଖୀନ ହୋଇ ୩ ଚୌକା ଓ ୧ ଛକା ସହ ୪୩ ରନ କରି ସ୍ପିନର ରସିଦ ଖାଁଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଯୁବ ଓପନର ପୃଥ୍ୱୀ ଶ ୧୧, ଶିଖର ଧାୱନ ୧୨, କ୍ରିସ୍ ମୋରିସ ୧୭ ରନ କରି ଆଉଟ ହୋଇଥିଲେ। ତେବେ ଅକ୍ଷର ପଟେଲ ଦ୍ରୁତ ୨୩ ରନ (୧୩ ବଲ, ୧ ଚୌକା, ୨ ଛକା) କରି ଅପରାଜିତ ରହିଥିଲେ। ବୋଲିଂରେ ହାଇଦ୍ରାବାଦ ତରଫରୁ ଭୁବନେଶ୍ୱର କୁମାର, ମହମ୍ମଦ ନବୀ ଓ ସିଦ୍ଧାର୍ଥ କାଉଲ ଦୁଇଟି ଲେଖାଏ, ରସିଦ, ସନ୍ଦୀପ ଶର୍ମା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ଆକର୍ଷଣୀୟ ଶଟ୍ ଖେଳିବା ଅବସରରେ ଜନି ବେୟାରଷ୍ଟୋ।

### ସଂକ୍ଷିପ୍ତ ସ୍କୋର

- ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୨୯/୮ (ଆୟର- ୪୩, ଅକ୍ଷର- ୨୩*, ମୋରିସ- ୧୭, ଧାୱନ- ୧୨, ପୃଥ୍ୱୀ- ୧୧, ଭୁବନେଶ୍ୱର- ୨/୨୭, ନବୀ- ୨/୨୧, କାଉଲ- ୨/୩୫, ରସିଦ- ୧/୧୮, ସନ୍ଦୀପ- ୧/୨୫) ।
- ସନରାଇଜର୍ସ ହାଇଦ୍ରାବାଦ ୧୮.୩ ଓଭରରେ ୧୩୧/୫ (ବେୟାରଷ୍ଟୋ- ୪୮, ନବୀ- ୧୭*, ଶଙ୍କର- ୧୬, ଲାମିଚେନ- ୧/୩୨, ଅକ୍ଷର-୧/୧୮, ରାବାଡ଼ା- ୧/୩୨, ଟେଓ୍ୱାଟିଆ- ୧/୧୦, ଇଶାନ୍ତ- ୧/୫)

# ଧୋନୀ– ଅଶ୍ୱିନ ଲଢେଇ ଆଜି

ଚେନ୍ନାଇ,୫।୪(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଶନିବାର ଖେଳାଯିବାକୁ ଥିବା ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ ଓ କିଙ୍ଗ୍ସ ଇଲେଭେନ ପଞ୍ଜାବ ପରସ୍ପରକୁ ଭେଟିବେ। ସ୍ଥାନୀୟ ଏମ୍. ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଲିଗ୍‌ର ଏହି ୧୮ତମ ମ୍ୟାଚ୍‌ରେ ମହେନ୍ଦ୍ର ସିଂ ଧୋନୀ ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ମଧ୍ୟରେ ନେତୃତ୍ୱର ଲଢେଇ ହେବ। କଠିନ ତଥା ପ୍ରତିକୂଳ ପରିସ୍ଥିତିରେ ଧୋନୀଙ୍କ ଶାନ୍ତ ଓ ଧୀର ଏବଂ ଅଶ୍ୱିନଙ୍କ ଆକ୍ରମଣାତ୍ମକ ସ୍ୱଭାବ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ଉଭୟ ଦଳ ୪ଟି ଲେଖାଏ ମ୍ୟାଚ୍ ଖେଳି ୩ଟି ବିଜୟ ଓ ଗୋଟିଏ ପରାଜୟବରଣ କରିଛନ୍ତି। ସମାନ ୬ ଲେଖାଏ ପଏଣ୍ଟ ପାଇଥିଲେ ମଧ୍ୟ ନେଟ ରନ ରେଟ୍ ଦୃଷ୍ଟିରୁ ପଞ୍ଜାବ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଚେନ୍ନାଇ ତୃତୀୟ ସ୍ଥାନରେ ରହିଛି। ତେଣୁ ଏହି ମ୍ୟାଚ୍ ଜିତି ଉଭୟ ଦଳ ଅନ୍ୟକୁ ପଛରେ ପକାଇ ଉପରକୁ ଉଠିବାକୁ ଚେଷ୍ଟା କରିବ। କ୍ରମାଗତ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ଗତଥରର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ମୁମ୍ବାଇ ଇଣ୍ଡିଆନ୍ସଠାରୁ ପରାସ୍ତ ହୋଇଥିଲା। ତେଣୁ ଚେନ୍ନାଇ ପୁଣିଥରେ ବିଜୟଧାରାକୁ ଫେରିବା ଲକ୍ଷ୍ୟରେ ରହିଛି। ଏମ୍. ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯାଇଥିବା ଗତ ଦୁଇଟି ମ୍ୟାଚ୍‌ରେ ବିଷମ ପରିସ୍ଥିତି ସୃଷ୍ଟି ହୋଇଥିଲା ଓ ମ୍ୟାଚ୍‌ଗୁଡିକ ଲୋ–ସ୍କୋରିଂ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମାତ୍ର ୭୦ ରନରେ ଅଲଆଉଟ ହୋଇଥିଲା। ଚେନ୍ନାଇକୁ ଏହି ମ୍ୟାଚ୍ ଜିତିବା ପାଇଁ ସାମାନ୍ୟ ସଂଘର୍ଷ କରିବାକୁ ପଡିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସକୁ ହରାଇବା ପାଇଁ ଚେନ୍ନାଇକୁ ଝାଳ ବୁହାଇବାକୁ ପଡିଥିଲା। ଚେନ୍ନାଇର ସ୍ପିନ୍ ବିଭାଗ ବେଶ୍ ଦୃଢ। ସେହିପରି ଅଧିନାୟକ ଅଶ୍ୱିନଙ୍କ ସମେତ ପଞ୍ଜାବ ଦଳରେ ମୁଜିବ ଉର ରହମାନ, ଏମ୍. ଅଶ୍ୱିନ୍, ବିସ୍ମୟ ବୋଲର ସି.ଭି. ବରୁଣଙ୍କ ଭଳି କ୍ୱାଲିଟି ସ୍ପିନର ରହିଛନ୍ତି। ପଞ୍ଜାବର ବିସ୍ଫୋରକ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲଙ୍କୁ ଘରୋଇ ବୋଲର ବେଶ୍ ସତର୍କତାର ସହ ବୋଲିଂ କରିବେ। ଗତ ୧ତାରିଖରେ ଖେଳାଯାଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଗେଲ ଖେଳି ନ ଥିଲେ। ଗେଲ୍‌ଙ୍କ ବିନା ଅନ୍ୟ ଖେଳାଳିଙ୍କ ପ୍ରଦର୍ଶନକୁ ପାଥେୟ କରି ବିଜୟୀ ହୋଇପାରିବ ବୋଲି ପଞ୍ଜାବ ସନ୍ଦେଶ ଦେବାକୁ ଚାହୁଁଥିଲା। ଅନ୍ୟପଟେ ଦଳଗତ ପ୍ରଦର୍ଶନକୁ ପାଥେୟ କରି ଚେନ୍ନାଇ ବିଜୟୀ ହୋଇଛି ଓ ଏହି ଲକ୍ଷ୍ୟରେ ମଧ୍ୟ ରହିଛି। ତେବେ ଓପନର ଅମ୍ବାତି ରାୟୁଡୁଙ୍କ ଫର୍ମକୁ ନେଇ ଚେନ୍ନାଇ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ଅଛି। ରାୟୁଡୁଙ୍କ ବଦଳରେ ମୁରଲୀ ବିଜୟଙ୍କୁ ସୁଯୋଗ ଦିଆଯାଇ ପାରେ। ମୁମ୍ବାଇ ବିପକ୍ଷ ମ୍ୟାଚ୍‌ରେ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରିର ଶିକାର ହୋଇଥିବା ଅଲରାଉଣ୍ଡର ଡ୍ୱେନ ବ୍ରାଭୋ ଏହି ମ୍ୟାଚ୍ ଖେଳିବା ନେଇ ଆଶଙ୍କା ଦେଖାଦେଇଛି। ବ୍ରାଭୋ ଅନୁପସ୍ଥିତ ରହିଲେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ସ୍କଟ କୁଗେଲେଜିନ ଖେଳି ପାରନ୍ତି। ମୋହିତ ଶର୍ମା କିମ୍ବା ଶାର୍ଦ୍ଦୁଳ ଠାକୁରଙ୍କ ବଦଳରେ ଚେନ୍ନାଇ ଜଣେ ଅତିରିକ୍ତ ସ୍ପିନରଙ୍କୁ ଖେଳାଇପାରେ। ପୂର୍ବରୁ ଚେନ୍ନାଇର ସଦସ୍ୟ ଥିବା ଅଶ୍ୱିନ ତାଙ୍କ ନେତୃତ୍ୱରେ ଚେନ୍ନାଇକୁ ହରାଇବା ପାଇଁ ସବୁମତେ ଚେଷ୍ଟା କରିବେ ବୋଲି ଆଶା କରାଯାଉଛି।





ରବିଚନ୍ଦ୍ରନ ଅଶ୍ୱିନ, ମହେନ୍ଦ୍ର ସିଂ ଧୋନୀ।

# ହାଇଦ୍ରାବାଦକୁ ଭେଟିବ ମୁମ୍ବାଇ

ହାଇଦ୍ରାବାଦ,୫।୪(ପି.ଟି.)

ଚଳିତ ଆଇପିଏଲ୍‌ରେ ଶନିବାର ଦ୍ୱିତୀୟ ମ୍ୟାଚ୍‌ରେ କେନ ୱିଲିୟମସନଙ୍କ ନେତୃତ୍ୱାଧୀନ ସନରାଇଜର୍ସ ହାଇଦ୍ରାବାଦ ଓ ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ପରସ୍ପରକୁ ଭେଟିବେ। ଲିଗ୍‌ର ଏହି ୧୯ତମ ମ୍ୟାଚ୍‌ରେ ଦୁଇ ହାଇଦ୍ରାବାଦ ଓପନର ଜନି ବେୟାରଷ୍ଟୋ ଓ ଡେଭିଡ ୱାର୍ନରଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ହାଇଦ୍ରାବାଦ ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ୩ଟି ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି। ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ହାଇଦ୍ରାବାଦ ଦୃଢ ପ୍ରତ୍ୟାବର୍ତ୍ତନ କରି କ୍ରମାଗତ ୩ଟି ବିଜୟ ହାସଲ କରିଥିଲା। ହାଇଦ୍ରାବାଦ ପଥମେ କୋଲକାତା ନାଇଟ୍ ରାଇଡର୍ସଠାରୁ ହାରିଥିଲା। ତେବେ ପରେ ରାଜସ୍ଥାନ, ବାଙ୍ଗାଲୋର ଓ ଦିଲ୍ଲୀକୁ ହରାଇ ହ୍ୟାଟ୍ରିକ ବିଜୟ ହାସଲ କରିଥିଲା। ଅନ୍ୟପଟେ ୪ଟି ମ୍ୟାଚ୍ ଖେଳି ୨ଟି ଲେଖାଏ ବିଜୟ ଓ ପରାଜୟ ବରଣ କରି ୪ ପଏଣ୍ଟ ପାଇ ତାଲିକାର ଷଷ୍ଠ ସ୍ଥାନରେ ରହିଛି। ହ୍ୟାଟ୍ରିକ ବିଜୟ ହାସଲ କରିଥିବା ହାଇଦ୍ରାବାଦର ଆତ୍ମବିଶ୍ୱାସ ବେଶ୍ ଉଚ୍ଚରେ ରହିଛି ମୁମ୍ବାଇ। କ୍ରମାଗତ ୩ଟି ବିଜୟ ହାସଲ କରିଥିବା ଚେନ୍ନାଇକୁ ଗତ ମ୍ୟାଚ୍‌ରେ ହରାଇ ମୁମ୍ବାଇ ମଧ୍ୟ ଆତ୍ମବିଶ୍ୱାସ ହାସଲ କରିବା ସହ ଲୟକୁ ଫେରିଛି। ଦିଲ୍ଲୀ ବିପକ୍ଷ ମ୍ୟାଚ୍‌ରେ ଇଞ୍ଜୁରି କାରଣରୁ ଅଧିନାୟକ କେନ୍ ୱିଲିୟମସନଙ୍କ ବିନା ହାଇଦ୍ରାବାଦ ପଡିଆକୁ ଓହ୍ଲାଇଥିଲା। ଭୁବନେଶ୍ୱର କୁମାରଙ୍କ ନେତୃତ୍ୱରେ ମହମ୍ମଦ ନବୀ, ରସିଦ ଖାଁ, ସିଦ୍ଧାର୍ଥ କାଉଲଙ୍କୁ ନେଇ ହାଇଦ୍ରାବାଦ ବୋଲିଂ ବେଶ୍ ଦୃଢ ମନେହେଉଛି। ହାଇଦ୍ରାବାଦର ଦୁଇ ଓପନିଂ ଯୋଡି ୱାର୍ନର ଓ ବେୟାରଷ୍ଟୋ ପୁଣି କମାଲ କରିବେ ବୋଲି ଆଶା କରାଯାଉଛି। ଏହି ଯୋଡି କ୍ରମାଗତ ତୃତୀୟଥର ପାଇଁ ପ୍ରଥମ ଉଇକେଟ ଯୋଡିରେ ୧୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି।

ଅପରପକ୍ଷରେ ଅଧିନାୟକ ରୋହିତ ଶର୍ମା, ଯୁବରାଜ ସିଂ, ସୂର୍ଯ୍ୟକୁମାର ଯାଦବ, କ୍ୱିଣ୍ଟନ ଡିକକ୍, କିରନ ପୋଲାର୍ଡ ଓ ପାଣ୍ଡ୍ୟା ବ୍ରଦର୍ସଙ୍କୁ ନେଇ ମୁମ୍ବାଇ ବ୍ୟାଟିଂ ଲାଇନ୍ ବେଶ୍ ଦୃଢ ମନେହେଉଛି। ତେବେ ଦକ୍ଷତା ଅନୁଯାୟୀ ମୁମ୍ବାଇର ବ୍ୟାଟିଂ ପ୍ରଦର୍ଶନ ଉଚ୍ଚକୋଟୀର ହୋଇପାରି ନାହିଁ। ତେବେ ଚେନ୍ନାଇକୁ ହରାଇବା ପରେ ମୁମ୍ବାଇ ବ୍ୟାଟିଂ ଲୟକୁ ଫେରିବା ପରି ମନେହେଉଛି। ଚେନ୍ନାଇ ବିପକ୍ଷରେ ମୁମ୍ବାଇ ଏକଦା ୮ ଉଇକେଟ ହରାଇ ୧୩୩ ରନ ସଂଗ୍ରହ କରିଥିଲା। ତେବେ ସୂର୍ଯ୍ୟକୁମାର ଯାଦବ ୫୯ ଓ କ୍ରୁନାଲ ପାଣ୍ଡ୍ୟା ୪୨ ରନ କରି ମୁମ୍ବାଇକୁ ସମ୍ମାନଜନକ ୧୭୦ ରନ ସ୍କୋର ପ୍ରଦାନ କରିଥିଲେ। ଲସିଥ ମାଲିଙ୍ଗା, ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ ବୁମରା, ମୟଙ୍କ ମାର୍କଣ୍ଡେଙ୍କୁ ନେଇ ମୁମ୍ବାଇ ବୋଲିଂ ମଧ୍ୟ ବେଶ୍ ଶକ୍ତିଶାଳୀ ମନେହେଉଛି।

# ଶ୍ରୀସନ୍ଥଙ୍କ ଦଣ୍ଡାଦେଶର ପୁନଃ ବିଚାର କରିବେ ବିସିସିଆଇ ଅମ୍ବୁଡ୍‌ସମ୍ୟାନ

ନୂଆଦିଲ୍ଲୀ,୫।୪(ପିଟି)

ସୁପ୍ରିମକୋର୍ଟ ଶୁକ୍ରବାର ବିସିସିଆଇର ଅମ୍ବୁଡ୍‌ସମ୍ୟାନ ଜଷ୍ଟିସ ଡି. କେ. ଜୈନଙ୍କୁ ୩ ମାସ ମଧ୍ୟରେ ପୂର୍ବତନ ଭାରତୀୟ ପେସର ଏସ୍. ଶ୍ରୀସନ୍ଥଙ୍କ ଦଣ୍ଡାଦେଶକୁ ପୁନଃ ବିଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଅଶୋକ ଭୂଷଣ ଓ କେ. ଏମ୍. ଜୋଶେଫଙ୍କୁ ନେଇ ଗଠିତ ଖଣ୍ଡପୀଠ ବିସିସିଆଇ ପକ୍ଷରୁ କରାଯାଇଥିବା ଏକ ଆବେଦନର ଶୁଣାଣି କରି ଏହା କହିଛନ୍ତି। ୨୦୧୩ ଆଇପିଏଲ ସ୍ପଟ୍ ଫିକ୍ସିଂକୁ ନେଇ ଶ୍ରୀସନ୍ଥଙ୍କୁ ଦଣ୍ଡ ବିଧାନ କରିଥିବା ଡିସିପ୍ଲିନାରୀ କମିଟି ଏବେ କାର୍ଯ୍ୟକ୍ଷମ ନୁହେଁ। ଏଣୁ ଏହି ମାମଲାର ପୁନଃ ବିଚାର ଦାୟିତ୍ୱ ଅମ୍ବୁଡ୍‌ସମ୍ୟାନଙ୍କୁ ଦିଆଯାଇଛି। ଗତ ମାସ ୧୫ ତାରିଖରେ ଦେଶର ସର୍ବୋଚ୍ଚ କୋର୍ଟ ବିସିସିଆଇର ଡିସିପ୍ଲିନାରୀ କମିଟିକୁ ଶ୍ରୀସନ୍ଥଙ୍କ ଆଜୀବନ ବାସନ୍ଦାଦେଶ ଉପରେ ପୁନଃ ବିଚାର କରିବାକୁ କହିଥିଲା। କୋର୍ଟ ଆହୁରି କହିଛନ୍ତି ତାଙ୍କର ଏହି ରାୟ ଦିଲ୍ଲୀ ହାଇକୋର୍ଟରେ ଶ୍ରୀସନ୍ଥଙ୍କ ବିରୋଧରେ ଚାଲିଥିବା ଆପରାଧିକ ମାମଲା ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ୨୦୧୩ ମେ’ରେ ଆଇପିଏଲ ସ୍ପଟ୍ ଫିକ୍ସିଂରେ ଜଡ଼ିତଥିବା ଅଭିଯୋଗରେ ରାଜସ୍ଥାନ ରୟାଲ୍ସ ଦଳର ସଦସ୍ୟ ଶ୍ରୀସନ୍ଥ, ଅଙ୍କିତ ଚୌହ୍ୱାନ ଓ ଅଜିତ ଚାଣ୍ଡେଲା ଗିରଫ ହୋଇଥିଲେ। ୩ ଜଣ ଖେଳାଳିଙ୍କୁ ପରବର୍ତ୍ତୀ ସମୟରେ ବିସିସିଆଇ ପକ୍ଷରୁ ଆଜୀବନ ବାସନ୍ଦ କରାଯାଇଥିଲା। କୌଣସି ପ୍ରମାଣ ନ ମିଳିବାରୁ ୨୦୧୫ରେ ଦିଲ୍ଲୀ ହାଇକୋର୍ଟ ଶ୍ରୀସନ୍ଥ, ଚାଣ୍ଡେଲା ଓ ଅଙ୍କିତଙ୍କୁ ସ୍ପଟ୍ ଫିକ୍ସିଂ ମାମଲାରୁ ଦୋଷ ମୁକ୍ତ କରିଥିଲେ। ହେଲେ ଦିଲ୍ଲୀ ପୋଲିସ ଏହି ନିଷ୍ପତ୍ତିକୁ ବିରୋଧ କରି ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।





ହଂକଂ: ବିଶ୍ୱ ରଗ୍‌ବୀ ମହିଳା ସେଭେନ୍ସ ସିରିଜ କ୍ୱାଲିଫାୟର ୨୦୧୯ ଟୁର୍ନାମେଣ୍ଟରେ ଶୁକ୍ରବାର ଖେଳାଯାଇଥିବା ଏକ ମ୍ୟାଚରେ ଜାପାନର ମାତେତୋଗା ବୋଗିଦ୍ରମେନାଦେଭ (ଡାହାଣ)ଙ୍କୁ ରୋକିବାକୁ ଚେଷ୍ଟାକରୁଛନ୍ତି ସ୍କଟଲାଣ୍ଡର ଲିସା ଥମସନ।



“ଯେତେବେଳେ ଏକ ଦଳ କ୍ରମାଗତ ଭଲ ପ୍ରଦର୍ଶନ କରିଚାଲେ ଅଧିନାୟକଙ୍କୁ ଦାୟିତ୍ୱ ତୁଲାଇବା ସହଜ ହୋଇଯାଇଥାଏ ।
– ଭୁବନେଶ୍ୱର କୁମାର, ସନରାଇଜର୍ସ ହାଇଦ୍ରାବାଦ ଅଧିନାୟକ



“କ୍ରିକେଟର କେ.ଏଲ. ରାହୁଲ ମହିଳାମାନଙ୍କୁ ଖୁବ୍ ସମ୍ମାନ ଦେଇଥାନ୍ତି, ସେ ‘କଫି ୱିଥ୍ କରନ’ ବିବାଦରେ ଫସିଯିବା ଦୁଃଖର ବିଷୟ ।
– ପ୍ରୀତି ଜିଣ୍ଟା, ଅଭିନେତ୍ରୀ ତଥା କିଙ୍ଗ୍ସ ଇଲେଭେନ ପଞ୍ଜାବ ସହମାଲିକାଣୀ

## ସଂକ୍ଷେପରେ

### ନୀରଜ, ସିନ୍ଧୁଙ୍କୁ ପୁରସ୍କାର

କୁଆଲାଲମ୍ପୁର,୫।୪(ପିଟି)- ଅଲିମ୍ପିକ୍ ରୌପ୍ୟ ପଦକଧାରୀ ପି.ଭି.ସିନ୍ଧୁ ଓ ଷ୍ଟାର ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରାଙ୍କୁ ଶୁକ୍ରବାର ଚଳିତ ବର୍ଷର ଶ୍ରେଷ୍ଠ ମହିଳା ଓ ପୁରୁଷ କ୍ରୀଡ଼ାବିତ ଭାବେ ଇଏସ୍‌ପିଏନ୍ ମଲ୍ଟି ସ୍ପୋର୍ଟ୍ସ ପୁରସ୍କାର ମିଳିଛି। ବିଡବ୍ଲୁଏଫ୍ ୱାର୍ଲ୍ଡ ଟୁର ଫାଇନାଲ୍ସ ଟାଇଟଲ ହାତେଇବା ସହ ୨୦୧୮ ସିଜନରେ ଭଲ ପ୍ରଦର୍ଶନ ପାଇଁ ଚଳିତ ବର୍ଷର ଶ୍ରେଷ୍ଠ ମହିଳା ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ନୀରଜଙ୍କୁ ଶ୍ରେଷ୍ଠ ପୁରୁଷ କ୍ରୀଡ଼ାବିତ ଭାବେ ଚୟନ କରାଯାଇଛି। ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ଧାରୀ ସାଇନାଙ୍କୁ କମ୍‌ବ୍ୟାକ ଅଫ୍ ଦ ଇୟର ପୁରସ୍କାର ଏବଂ ଭାରତୀୟ ଶୁଟିଂ ଦଳର କୋଚ୍ ଜୟପାଲ ରାଣାଙ୍କୁ କୋଚ୍ ଅଫ୍ ଦ ଇୟର ପୁରସ୍କାର ମିଳିଛି। ରାଣାଙ୍କ ନେତୃତ୍ୱରେ ଭାରତୀୟ ଶୁଟିଂ ଦଳ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୧୬ ପଦକ ଜିତିଥିଲା। ପ୍ରଥମ ଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବା ମହିଳା ଟେବୁଲ ଟେନିସ ଦଳକୁ ଟିମ୍ ଅଫ୍ ଦ ଇୟର ପୁରସ୍କାର ଦିଆଯାଇଛି।

### ମାଙ୍କଡିଙ୍ଗ୍ ନେଇ ମୁହଁ ଖୋଲିଲେ ଅଶ୍ୱିନ

ନୂଆଦିଲ୍ଲୀ,୫।୪(ପିଟି)-ଭାରତୀୟ ଷ୍ଟାର ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଜୋସ୍ ବଟଲରଙ୍କୁ ମାଙ୍କଡିଙ୍ଗ୍ ଆଉଟ୍ କରିବା ପରେ ସମଗ୍ର ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏ ସମ୍ପର୍କରେ ସେ ଶୁକ୍ରବାର ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି। ଲୋକେ କ’ଣ ଅନୁଭବ କରୁଛନ୍ତି, ତାହା ସେମାନେ କହିପାରିବେ। ମାତ୍ର ମୋତେ ଭଲେନ୍ କହିପାରିବ ନାହିଁ। ନିଜକୁ ବଞ୍ଚାଇବା ଲାଗି ମୋର କିଛି କହିବାର ନାହିଁ। ବଟଲରଙ୍କୁ ମାଙ୍କଡିଙ୍ଗ ଆଉଟ୍ କରିବା ଯୋଜନାବଦ୍ଧ ନ ଥିଲା। ସେ ୪ରୁ ୫ ଥର ବଲ ପଡ଼ିବା ପୂର୍ବରୁ କ୍ରିଜ୍ ଛାଡ଼ି ଆଗକୁ ବଢ଼ିଥିଲେ। ବ୍ୟାଟ୍ସମ୍ୟାନ କ୍ରିଜ୍‌ରୁ ବାହାରକୁ ଗଲେ ଉଇକେଟରୁ ବଲ ସହ ବେଲ ଉଡାଇବା ନିୟମ ରହିଛି। ଏଥିରେ ମୁଁ କିଛି ଭୁଲ କରିଥିବା ଅନୁଭବ କରୁନାହିଁ। ଏଣୁ ପଶ୍ଚାତାପ କରିବାର ପ୍ରଶ୍ନ ଉଠୁନାହିଁ। କେହି ବ୍ୟାଟ୍ସମ୍ୟାନଙ୍କୁ କ୍ରିଜ୍‌ରେ ରହିବାକୁ କହି ନ ଥିଲେ। କିନ୍ତୁ କ୍ରିଜ୍ ମଧ୍ୟରେ ରହିବା ବଟଲରଙ୍କ ଦାୟିତ୍ୱ ଥିଲା ବୋଲି ଅଶ୍ୱିନ ଏକ ସାକ୍ଷାତକାରରେ କହିଛନ୍ତି। ଏଥିସହିତ ସେ ଆହୁରି କହିଛନ୍ତି, ମୋର ଯେଉଁମାନେ ନିକଟତର ସେମାନେ ଜାଣନ୍ତି ମୁଁ କଦାପି କିଛି ଭୁଲ କରିବି ନାହିଁ।

### ମାଲେସିଆ ଓପନରେ ହାରିଲେ ଶ୍ରୀକାନ୍ତ

କୁଆଲାଲମ୍ପୁର,୫।୪(ପିଟି)- ଭାରତୀୟ ପୁରୁଷ ଶଟଲର କିଦାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ମାଲେସିଆ ଓପନ କ୍ୱାର୍ଟର ଫାଇନାଲରେ ଅଲିମ୍ପିକ୍ ଚାମ୍ପିୟନ ଚେନ୍ ଲଙ୍ଗ୍‌ଙ୍କଠାରୁ ହାରିଯାଇଛନ୍ତି। ଏଥିସହ ଟୁର୍ନାମେଣ୍ଟରେ ଭାରତର ଅଭିଯାନ ଶେଷ ହୋଇଛି। ଇଣ୍ଡିଆ ଓପନ ଫାଇନାଲିଷ୍ଟ ୮ମ ସିଡ୍ ଭାରତୀୟ ଖେଳାଳି ୧୮-୨୧, ୧୯-୨୧ ଗେମ୍‌ରେ ହାରି ଯାଇଛନ୍ତି। ଚଳିତ ସିଜନରେ ଏହା ଥିଲା ଶ୍ରୀକାନ୍ତଙ୍କ ୪ର୍ଥ କ୍ୱାର୍ଟର ଫାଇନାଲ। ମ୍ୟାଚ୍‌ର ପ୍ରଥମ ଗେମ୍‌ରେ ଏକଦା ଶ୍ରୀକାନ୍ତ ୧୬-୧୧ ପଏଣ୍ଟରେ ଆଗୁଆ ଥିଲେ। ହେଲେ ସେ ଅଗ୍ରଣୀ ବ୍ୟବଧାନକୁ ବଜାୟ ନ ରଖିପାରି ଗେମ୍ ହାତଛଡ଼ା କରିଥିଲେ। ଦ୍ୱିତୀୟ ଗେମ୍‌ରେ ଉଭୟ ଖେଳାଳିଙ୍କ ମଧ୍ୟରେ ଆହୁରି କଡ଼ା ସଂଘର୍ଷ ହୋଇଥିଲା। ଦୁଇ ଖେଳାଳି ୧୮-୧୮ ଓ ୧୯-୧୯ ଭଳି ବରାବର ସ୍ଥିତିରେ ଥିଲେ। କିନ୍ତୁ ଶେଷରେ ଚାଇନିଜ ଖେଳାଳି ବାଜି ମାରି ନେଇଥିଲେ। ୨୬ବର୍ଷୀୟ ଖେଳାଳିଙ୍କ ଚାଇନିଜ ଖେଳାଳି ଚେନ୍‌ଙ୍କ ବିପକ୍ଷରେ ଏହା ୫ମ ପରାଜୟ।

### ବୟୋଜ୍ୟେଷ୍ଠ ପ୍ରଶଂସକଙ୍କୁ ଭେଟିଲେ ଧୋନୀ

ମୁମ୍ବାଇ,୫।୪- ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ବୟୋଜ୍ୟେଷ୍ଠ ପ୍ରଶଂସକଙ୍କୁ ଭେଟି ବିଭିନ୍ନ ବୟସ ବର୍ଗର ପ୍ରଶଂସକଙ୍କ ମନ ଜିତିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍ ପରେ ଜଣେ ବୃଦ୍ଧା ମହିଳାଙ୍କ ସମେତ ଦୁଇ ଜଣ ପ୍ରଶଂସକ ଧୋନୀଙ୍କୁ ଝଲକ ପାଇବା ପାଇଁ ଡ୍ରେସିଂ ରୁମ ବାହାରେ ଅପେକ୍ଷା କରିଥିଲେ। ଧୋନୀ ସେମାନଙ୍କୁ ନିରାଶ କରି ନ ଥିଲେ। ଡ୍ରେସିଂ ରୁମ୍‌ରୁ ଆସି ଧୋନୀ ସେମାନଙ୍କ ୫ ସହ ମିନିଟ୍ କଥା ହୋଇଥିଲେ। ଏହପରେ ଧୋନୀ ସେଲ୍ଫି ନେବା ସହ ଦୁଇ ପ୍ରଶଂସକଙ୍କୁ ଅଟୋଗ୍ରାଫ ଦେଇଥିଲେ। ବୃଦ୍ଧାଙ୍କ ସହ ଥିବା ଯୁବତି ଧୋନୀଙ୍କୁ ନମସ୍କାର କରିଥିଲେ। ଉକ୍ତ ବୃଦ୍ଧା ମହିଳାଙ୍କ ହାତରେ ଏକ ପ୍ଲାକାର୍ଡ ଥିଲା, ଯେଉଁଥିରେ ମୁଁ କେବଳ ଧୋନୀଙ୍କ ପାଇଁ ଏଠାରେ ବୋଲି ଲେଖା ଥିଲା।

# ଗୋଆ ବନାମ ଜାମସେଦପୁର




ଭୁବନେଶ୍ୱର, ୫।୪(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଶନିବାର ହେବାକୁଥିବା ତୃତୀୟ କ୍ୱାର୍ଟର ଫାଇନାଲରେ ଏଫ୍‌ସି ଗୋଆ ଓ ଜାମସେଦପୁର ଏଫସି ମଧ୍ୟରେ ମୁକାବିଲା ହେବ। ଏହାର ବିଜେତା ୯ ତାରିଖରେ ସେମିଫାଇନାଲରେ ଚେନ୍ନାଇ ସିଟି ଏଫସିକୁ ଭେଟିବ। ଉଭୟ ଗୋଆ ଓ ଜାମସେଦପୁର ଏଫସି ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ) ଖେଳି ଏଠାକୁ ଆସିଛନ୍ତି। ପ୍ରି-କ୍ୱାର୍ଟର ଫାଇନାଲରେ ଏଫସି ଗୋଆ ୩-୦ ଗୋଲରେ ଇଣ୍ଡିଆନ ଆରୋଜକୁ ହରାଇଥିବାବେଳେ ଆଇ-ଲିଗ୍ କ୍ଲବ ଚର୍ଚ୍ଚିଲ ବ୍ରଦର୍ସ ଓହରିଯିବାରୁ ଜାମସେଦପୁର ଏଫସି ୱାକଓଭର ପାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଭାରତୀୟ ଫୁଟବଲରେ ଏଫ୍‌ସି ଗୋଆ ଓ ଜାମସେଦପୁର ଏଫ୍‌ସି ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ବେଶ୍ ଜଣାଶୁଣା। ଗତ ୨ ସିଜନ ଧରି ଏହି ଦୁଇ ଦଳର ମ୍ୟାଚ ବେଶ୍ ଉତ୍ତେଜନାପୂର୍ଣ୍ଣ ରହି ଆସିଛି। ସୁପର କପ୍ ଫୁଟବଲର ପ୍ରଥମ ସଂସ୍କରଣରେ ମଧ୍ୟ ଉଭୟ ଦଳ କ୍ୱାର୍ଟର ଫାଇନାଲରେ ପରସ୍ପରକୁ ଭେଟିଥିଲେ। ମ୍ୟାଚରେ ୬ ଜଣ ଖେଳାଳିଙ୍କୁ ରେଡ୍‌କାର୍ଡ ମିଳିଥିଲା। ଶେଷରେ ଏଫସି ଗୋଆ ୫-୧ ଗୋଲରେ ବିଜୟୀ ହୋଇଥିଲା।

ଚଳିତ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଅନ୍ୟତମ ଫେଭରାଇଟ ଦଳଭାବେ ଉଭା ହୋଇଛି ଏଫସି ଗୋଆ। ଗତ ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ) ସିଜନରେ ଦଳ ଚମତ୍କାର ପ୍ରଦର୍ଶନ କରି ରନର୍ସଅପ୍ ହୋଇଛି। ତେଣୁ ପୂର୍ଣ୍ଣ ଆତ୍ମବିଶ୍ୱାସର ସହ ଗୋଆ ସୁପରକପ୍‌ରେ ଅବତୀର୍ଣ୍ଣ ହୋଇଛି। ଇଣ୍ଡିଆନ ଆରୋଜ ବିପକ୍ଷ ପ୍ରି-କ୍ୱାର୍ଟର ଫାଇନାଲରେ ଦଳ ଏହାର ଏକ ନମୁନା ପ୍ରଦର୍ଶନ କରିସାରିଛି। ଆରୋଜ ବିପକ୍ଷରେ ଫେରାନ କୋରୋମିନାସ, ଇଡୁ ବେଡିଆ ଓ ହ୍ୟୁଗୋ ବୌମସ ଚମତ୍କାର ଟଚ୍‌ରେ ରହିଥିବା ପରିଲକ୍ଷିତ ହୋଇଥିଲା। ତେଣୁ ଜାମସେଦପୁର ବିପକ୍ଷରେ ଦଳର ପଲା ଭାରି ରହିବା ଆଶା କରାଯାଉଛି। ପ୍ରତିଯୋଗିତାର ଗତ ସଂସ୍କରଣରେ ସର୍ଗିଓ ଲୋବେରାଙ୍କ ଏଫସି ଗୋଆ ସେମିଫାଇନାଲରେ ପ୍ରବେଶ କରିଥିଲା। ସେଠାରେ ଇଷ୍ଟବେଙ୍ଗଲଠାରୁ ହାରି ବିଦାୟ ନେଇଥିଲା। ମାତ୍ର ଏଥର ଦଳ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହେବା ନେଇ ବେଶ୍ ଆଶାୟୀ।

ଜାମସେଦପୁର ଏଫସି ଗତ ଆଇଏସଏଲ ସିଜନ ଚମତ୍କାର ଭାବେ ଆରମ୍ଭ କରିଥିଲା। ମାତ୍ର ସିଜନ ଶେଷ ବେଳକୁ ଦଳର ପ୍ରଦର୍ଶନ ଦିଗହରା ହୋଇଥିଲା। ଫଳରେ ଦଳ ଶ୍ରେଷ୍ଠ ୪ ଦଳ ମଧ୍ୟରେ ରହିବାରେ ସକ୍ଷମ ହୋଇ ନ ଥିଲା। ଏବେ ପୁଣି ସତେଜ ମନରେ ସେସାର ଫର୍ନାଣ୍ଡୋଙ୍କ ଦଳ ସୁପର କପ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପ୍ରସ୍ତୁତ। ଚଳିତ ସୁପର କପ୍‌ରେ ଗୋଆ ଗୋଟିଏ ମ୍ୟାଚ ଖେଳି ସାରିଥିବାବେଳେ ଜାମସେଦପୁର ଦଳ ପ୍ରଥମଥର ପାଇଁ ପଡ଼ିଆକୁ ଓହ୍ଲାଇବାକୁ ଯାଉଛି। ଚର୍ଚ୍ଚିଲ ବ୍ରଦର୍ସ ବିପକ୍ଷ ମ୍ୟାଚର ୱାକଓଭର ଯୋଗୁ ଦଳ ନିଜର ଶକ୍ତି ପରୀକ୍ଷା କରି ପାରିନାହିଁ। ଏହା ବ୍ୟତୀତ ପ୍ଲେଇଂ କଣ୍ଡିଶନ ସହିତ ମଧ୍ୟ ଦଳ ପରିଚିତ ହୋଇ ପାରିନାହିଁ। ଚଳିତ ସିଜନରେ କିନ୍ତୁ ଗୋଆ ବିପକ୍ଷରେ ଜାମସେଦପୁରର ରେକର୍ଡ ଭଲ ରହିଛି। ୨୦୧୮ ନଭେମ୍ବରରେ ଜେଆରଡି ଟାଟା କମ୍ପ୍ଲେକ୍ସରେ ଏହି ଦଳ ଗୋଆକୁ ୪-୧ ଗୋଲରେ ହରାଇଥିବାବେଳେ ଚଳିତ ବର୍ଷ ପ୍ରାରମ୍ଭରେ ଗୋଟିଏ ପଏଣ୍ଟ ନେବାରେ ସକ୍ଷମ ହୋଇଥିଲା। ଗୋଆ ବିପକ୍ଷ ୪-୨ ବିଜୟରେ ଜାମସେଦପୁରର ମାଇକେଲ ସୋସାଇରାଜ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଆଗାମୀ ମ୍ୟାଚରେ ମଧ୍ୟ ସେ ଗୋଆ ଡିଫେନ୍ସକୁ ଭେଦ କରିବା ଲକ୍ଷ୍ୟରେ ରହିଛନ୍ତି।

## ବଲୱନ୍ତଙ୍କ ହ୍ୟାଟ୍ରିକ: ଏଟିକେ ସେମିଫାଇନାଲରେ

ଭୁବନେଶ୍ୱର, ୫।୪(କ୍ରୀଡ଼ା ପ୍ରତିନିଧି)

ବଲୱନ୍ତ ସିଂଙ୍କ ହ୍ୟାଟ୍ରିକ ବଳରେ ଆଟଲେଟିକୋ ଡି କୋଲକାତା (ଏଟିକେ) ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଏଟିକେ ୪-୩ ଗୋଲରେ ଦିଲ୍ଲୀ ଡାଇନାମସକୁ ପରାସ୍ତ କରିଛି। ଚେନ୍ନାଇନ୍ ଏଫସି ଓ ନର୍ଥଇଷ୍ଟ ୟୁନାଇଟେଡ ମଧ୍ୟରେ ହେବାକୁଥିବା ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚର ବିଜେତାକୁ ଏଟିକେ ଆସନ୍ତା ୧୦ ତାରିଖରେ ସେମିଫାଇନାଲରେ ଭେଟିବ।

ଦୁଇ ସମକକ୍ଷ ଦଳ ମଧ୍ୟରେ ମ୍ୟାଚଟି ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ୧୫ତମ ମିନିଟରେ ମହମ୍ମଦ ସାଜିଦ ଧୋତ୍ ହେଡ୍ ଜରିଆରେ ପ୍ରଥମ ଗୋଲଟି ସ୍କୋର କରି ଦିଲ୍ଲୀକୁ ଅଗ୍ରଣୀ କରାଇଥିଲେ। ଏହାର ୮ ମିନିଟ ପରେ ଅର୍ଥାତ୍ ୨୩ତମ ମିନିଟରେ ଏଟିକେର ବଲ୍‌ୱନ୍ତ ସିଂ ଗୋଲଟି ପରିଶୋଧ କରି ଦେବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ୨୭ତମ ମିନିଟରେ ଅଧିନାୟକ ମାନୁଏଲ ଲାଞ୍ଜାରୋଟେଙ୍କ ଗୋଲ ବଳରେ ଏଟିକେ ଅଗ୍ରଣୀ ହାସଲ କରିଥିଲା। ୩୩ତମ ମିନିଟରେ ବଲ୍‌ୱନ୍ତ ବ୍ୟକ୍ତିଗତ ଏବଂ ଦଳ ପକ୍ଷରୁ ୩ୟ ଗୋଲ ଦେବାରୁ ଏଟିକେ ଅଗ୍ରଣୀ ବ୍ୟବଧାନ ୩-୧ରେ ପହଞ୍ଚି ଯାଇଥିଲା। ତେବେ ଏହାର ୨ ମିନିଟ ପରେ ଅର୍ଥାତ୍ ୩୫ତମ ମିନିଟରେ ଲାଲିଆଞ୍ଜୁଆଲା ଚାଙ୍ଗଟେଙ୍କ କ୍ରସ୍‌ପାସ୍‌କୁ ଗୋଲରେ ପରିଣତ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ ଦିଲ୍ଲୀର ଡାନିଏଲ ଲାଲହିମପୁଇଆ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଏଟିକେ ୩-୨ ଗୋଲରେ ଅଗ୍ରଣୀ ରହିଥିଲା। ସ୍ୱାଭାବିକଭାବେ ଦ୍ୱିତୀୟାର୍ଦ୍ଧ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ୫୧ତମ ମିନିଟରେ ବଲ୍‌ୱନ୍ତ ବ୍ୟକ୍ତିଗତ ତୃତୀୟ ଗୋଲ ସ୍କୋର କରି ହ୍ୟାଟ୍ରିକ ଅର୍ଜନ କରିଥିଲେ। ଫଳରେ ଏଟିକେର ଅଗ୍ରଣୀ ବ୍ୟବଧାନ ୪-୨ରେ ପହଞ୍ଚି ଯାଇଥିଲା। ମାତ୍ର ୭୨ତମ ମିନିଟରେ ଦିଲ୍ଲୀର ନନ୍ଦକୁମାର ସେକର ଗୋଟିଏ ଗୋଲ ପରିଶୋଧ କରିବାରୁ ମ୍ୟାଚ ଓପନ ହୋଇ ଯାଇଥିଲା। ମାତ୍ର ଅବଶିଷ୍ଟ ସମୟକୁ ବେଶ୍ ସତର୍କତାର ସହିତ ଖେଳି ସଫଳ ହୋଇଥିଲା ଏଟିକେ। ଶତଚେଷ୍ଟା ସତ୍ତ୍ୱେ ଡାଇନାମସ ଆଉ ଗୋଟିଏ ଗୋଲ ପରିଶୋଧ କରି ନ ପାରିବାରୁ ଏଟିକେ ୪-୩ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଓଡ଼ିଆ ଖେଳାଳି ଶୁଭମ୍ ଷଡ଼ଙ୍ଗୀ ଦିଲ୍ଲୀ ପକ୍ଷରୁ ବଦଳ ଖେଳାଳିଭାବେ ଖେଳିଥିଲେ।

## ନେପାଳକୁ ଭେଟିବ ଭାରତ

ମାଣ୍ଡାଲେ (ମ୍ୟାନ୍‌ମାର), ୫।୪

ଅଲିମ୍ପିକ କ୍ୱାଲିଫାୟର୍ସ ରାଉଣ୍ଡ-୨ରେ ଭାରତୀୟ ମହିଳା ଫୁଟ୍‌ବଲ ଦଳ ଏଠାରେ ଶନିବାର କୌଶଳୀ ନେପାଳକୁ ଭେଟିବ। ଫେବୃୟାରୀ ପରେ ଦୁଇ ଦଳ ତୃତୀୟ ଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଭୁବନେଶ୍ୱରରେ ଅନୁଷ୍ଠିତ ହିରୋ ଗୋଲ୍ଡ କପ୍‌ରେ ନେପାଳ ୨-୧ଗୋଲରେ ଭାରତକୁ ହରାଇ ଦେଇଥିଲା। ପରେ ସାଫ୍ ଚାମ୍ପିୟନଶିପ୍ ଫାଇନାଲରେ ଭାରତ ୩-୧ଗୋଲରେ ବିଜୟ ସହ ପୂର୍ବ ପରାଜୟର ପ୍ରତିଶୋଧ ନେଇଥିଲା। ଭାରତୀୟ ମହିଳା ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ମେମୋଲ ରକି କହିଛନ୍ତି ତାଙ୍କ ଦଳ ପ୍ରଥମେ ଗୋଲ ସ୍କୋର କରି ବିପକ୍ଷ ଦଳକୁ ଚାପରେ ରଖିବା ଲକ୍ଷ୍ୟରେ ରହିଛି।

## ବିଶ୍ୱକପ୍ ପୂର୍ବରୁ ଆଫଗାନିସ୍ତାନ ଅଧିନାୟକ ବହିଷ୍କୃତ

କାବୁଲ,୫।୪(ପି.ଟି.)



ଗୁଲବଦୀନ ନାଇବ

ଇଂଲଣ୍ଡରେ ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ଦୁଇମାସରୁ କମ୍ ସମୟ ଥିବା ବେଳେ ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି) ଅଧିନାୟକ ଅସଘର ଆଫଗାନଙ୍କୁ ପଦରୁ ବହିଷ୍କାର କରାଯାଇଛି। ବଦଳରେ ୩ଜଣଙ୍କୁ ଭିନ୍ନ ଭିନ୍ନ ଫର୍ମାଟର ନେତୃତ୍ୱ ପ୍ରଦାନ କରାଯାଇଛି। ତେବେ ଏସିବି’ର ଏହି ନିଷ୍ପତ୍ତିକୁ ନେଇ ସିନିୟର ଖେଳାଳି ରସିଦ ଖାଁ ଓ ମହମ୍ମଦ ନବୀ ଅସନ୍ତୋଷ ଜାହିର କରିଛନ୍ତି। ୩ଟି ଫର୍ମାଟରୁ ଅସଘରଙ୍କୁ ନେତୃତ୍ୱରୁ ହଟାଯାଇଛି ବୋଲି ଏସିବି ସ୍ପଷ୍ଟ କରିଛି। ବଦଳରେ ଟେଷ୍ଟରେ ରମମତ ଶାହ, ଦିନିକିଆରେ ଗୁଲବଦୀନ ନାଇବ ଓ ଟି୨୦ ରସିଦ୍ ଖାଁଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ୨୦୧୫ରେ ନାଇବଙ୍କ ବଦଳରେ ୩୧ ବର୍ଷୀୟ ଅସଘରଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଥିଲା। ତାଙ୍କ ନେତୃତ୍ୱରେ ଆଫଗାନିସ୍ତାନ ଆନ୍ତର୍ଜାତିକ କ୍ରିକେଟ କାଉନସିଲ୍ (ଆଇସିସି)ର ପୂର୍ଣ୍ଣ ସଦସ୍ୟତା ହାସଲ କରିଥିଲା ଓ ଗତମାସ ଡେରାଡୁନରେ ଆଫଗାନିସ୍ତାନ ଆୟର୍ଲାଣ୍ଡ ବିପକ୍ଷରେ ତା’ର ପ୍ରଥମ ଟେଷ୍ଟ ବିଜୟ ହାସଲ କରିଥିଲା। ୨୦୧୮ ଆଇସିସି ବିଶ୍ୱକପ୍ କ୍ୱାଲିଫାୟରରେ ମଧ୍ୟ ଆଫଗାନିସ୍ତାନକୁ ଅସଘର ବିଜେତା କରାଇଥିଲେ। ସେତେବେଳେ ଆଫଗାନିସ୍ତାନ ଫାଇନାଲରେ ୱେଷ୍ଟଇଣ୍ଡିଜକୁ ହରାଇଥିଲା। ଅସଘରଙ୍କ ନେତୃତ୍ୱରେ ଆଫଗାନିସ୍ତାନ ସବୁ ଫର୍ମାଟରେ ୫୯ଟି ମ୍ୟାଚ୍‌ରୁ ୩୭ଟିରେ ବିଜୟ ହାସଲ କରିଥିଲା। ରସିଦ ଓ ନବୀ ଆଇପିଏଲ ଖେଳିଛନ୍ତି। ତେବେ ବୋର୍ଡର ଏହି ନିଷ୍ପତ୍ତିକୁ ଏହି ଦୁଇ କ୍ରିକେଟର ନାପସନ୍ଦ କରିଛନ୍ତି। ଆଉ କିଛିଦିନ ପରେ ବିଶ୍ୱକପ୍ ଆରମ୍ଭ ହେବାକୁ ଯାଉଥିବା ବେଳେ ଚୟନକମିଟିର ଏହି ନିଷ୍ପତ୍ତି ଅନିଶ୍ଚିତତା ସୃଷ୍ଟି କରିଛି ବୋଲି ରସିଦ ଟୁଇଟ୍ କରିଛନ୍ତି। ଏହା ଦଳ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ ବୋଲି ନବୀ କହିଛନ୍ତି। ଦଳରେ ନେତୃତ୍ୱ ନେବା ପାଇଁ ଅସଘର ହିଁ ଯୋଗ୍ୟ ଖେଳାଳି ବୋଲି ନବୀ କହିଛନ୍ତି।

## ପ୍ରଥମ ଦିବସରେ ଓଡ଼ିଶାକୁ ୨ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ୍

**ଜାତୀୟ ଜୁ ଜୁଟ୍‌ସୁ ପ୍ରତିଯୋଗିତା**

ଭୁବନେଶ୍ୱର, ୫।୪ (ସ୍ପୋର୍ଟ ବ୍ୟୁରୋ)

ଚେନ୍ନାଇଠାରେ ଚାଲିଥିବା ଜାତୀୟ ଜୁ ଜୁଟ୍‌ସୁ ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶା ୨ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ହାସଲ କରିଛି। ଅନୁପମା ସ୍ୱାଇଁ ୫୨ କେଜି ଶ୍ରେଣୀ ଫାଇଟିଂ ସିଷ୍ଟମରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ପ୍ରିୟଦର୍ଶିନୀ ଘଟୁଆରୀ ୬୨ କେଜିରୁ କମ୍ ଫାଇଟିଂ ସିଷ୍ଟମ ଶ୍ରେଣୀରେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ୪୪ କେଜିରୁ କମ୍ ଶ୍ରେଣୀରେ ମଧୁପ୍ରିୟା ବ୍ରୋଞ୍ଜ ପଦକ ପାଇଛନ୍ତି। ପ୍ରତିଯୋଗୀଙ୍କ ଏହି ସଫଳତା ପାଇଁ ରାଜ୍ୟ ଜୁ ଜୁଟ୍‌ସୁ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



ପଦକ ବିଜୟୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

# ନୋବେଲ ଲରେଟ ଅଲିମ୍ପିଆନ ନୋଏଲ ବେକର

**ଅନ୍ତର୍ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ**



ଏପ୍ରିଲ ୬ରେ ସାରା ବିଶ୍ୱରେ ଶାନ୍ତି ଓ ବିକାଶ ପାଇଁ ଅନ୍ତର୍ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଉଛି। ମିଳିତ ଜାତିସଂଘର ସାଧାରଣ ସଭାରେ ୨୦୧୩ ଅଗଷ୍ଟ ୨୩ରେ ପାରିତ ହୋଇଥିବା ନିଷ୍ପତ୍ତି ଅନୁସାରେ ୨୦୧୪ରୁ ପ୍ରତ୍ୟେକ ବର୍ଷ ଏପ୍ରିଲ ୬ରେ ଏହି ଦିବସ ପାଳନ ହେଉଛି। ଆଧୁନିକ ଅଲିମ୍ପିକ୍ କ୍ରୀଡ଼ା ୧୮୯୬ ଏପ୍ରିଲ ୬ରେ ଗ୍ରୀସ୍ ରାଜଧାନୀ ଏଥେନ୍ସ ସହରରେ ଶୁଭାରମ୍ଭ ହୋଇଥିଲା। ଅଲିମ୍ପିକ୍ କ୍ରୀଡାର ଜନକ ବାରନ୍ ପେରିଡି କୁବାରଟିନ୍ ବିଶ୍ୱର ଏହି ସର୍ବବୃହତ୍ କ୍ରୀଡ଼ା ସମାରୋହକୁ ବିଶ୍ୱ ଭ୍ରାତୃତ୍ୱ ଓ ଶାନ୍ତି ପ୍ରତିଷ୍ଠାର ଏକ ଶ୍ରେଷ୍ଠ ମାଧ୍ୟମ ଭାବେ ଅବିହିତ କରିଥିଲେ। ଏହି ଐତିହାସିକ ଦିବସର ସ୍ମରଣରେ ଏହାର ସ୍ମୃତି ଉଜ୍ଜୀବିତ ରଖିବା ପାଇଁ ମିଳିତ ଜାତିସଂଘ ଏପ୍ରିଲ ୬କୁ ଅନ୍ତର୍ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ।

ଅଲିମ୍ପିକ୍ କ୍ରୀଡାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଉପରେ ମନ୍ତବ୍ୟ ଦେଇ କୁବାରଟିନ୍ କହିଥିଲେ ‘କେବଳ ବିଜୟ ଲାଭ କରିବା ନୁହେଁ, ଅଂଶଗ୍ରହଣ କରିବା ହେଉଛି ଅଲିମ୍ପିକ୍ କ୍ରୀଡ଼ାର ମୁଖ୍ୟ ଉଦ୍ଦେଶ୍ୟ, ଯେପରି ବିଜୟ ଅପେକ୍ଷା ସଂଘର୍ଷ ହେଉଛି ଜୀବନର ପ୍ରକୃତ ମୂଲ୍ୟବୋଧ’। ଭ୍ରାତୃତ୍ୱ ଭାବ, ଶୃଙ୍ଖଳା, ବିଶ୍ୱଶାନ୍ତି ଏବଂ ଦେଶ ଦେଶ ମଧ୍ୟରେ ସଦ୍‌ଭାବନା ସ୍ଥାପନା କରିବା ପାଇଁ ଅଲିମ୍ପିକ୍ କ୍ରୀଡ଼ା ସର୍ବୋତ୍କୃଷ୍ଟ ମାଧ୍ୟମ।

ଏପରି ଏକ ସକାରାତ୍ମକ ଚିନ୍ତାଧାରା ଏବଂ ଦର୍ଶନର ଅନ୍ୟତମ କର୍ଣ୍ଣଧାର ଭାବେ ଉଭା ହୋଇଥିଲେ ଇଂରାଜୀ ବିଦ୍ୱାନ ଏବଂ ବିଶିଷ୍ଟ କ୍ରୀଡାବିତ୍ ଲର୍ଡ ଫିଲିପ୍ ନୋଏଲ ବେକର। ଅନ୍ତର୍ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଏପରି ଜଣେ ଅନନ୍ୟ ପ୍ରତିଭାଧାରୀ ବ୍ୟକ୍ତିତ୍ୱଙ୍କୁ ମନେ ପକାଇବାର ଯଥାର୍ଥତା ରହିଛି।

ବିଶ୍ୱକ୍ରୀଡା ଏବଂ ଅଲିମ୍ପିକ୍ କ୍ରୀଡା ଇତିହାସରେ ନୋଏଲ ବେକର ହେଉଛନ୍ତି ଏକମାତ୍ର ବ୍ୟକ୍ତି ଯିଏକି ଅଲିମ୍ପିକ୍ ପଦକ ଜିତିବା ସହିତ (୧୯୨୦-ଆଣ୍ଟୱେର୍ପ ଅଲିମ୍ପିକ୍ ୧୫୦୦ ମି ଦୌଡ- ରୌପ୍ୟପଦକ) ନୋବେଲ ପୁରସ୍କାର ବିଜେତା (୧୯୫୯-ନୋବେଲ ପୁରସ୍କାର- ଶାନ୍ତି ଓ ନିରସ୍ତ୍ରୀକରଣ)। ଯଦିଓ ଆଉ ଦୁଇଜଣ ବିଖ୍ୟାତ ନୋବେଲ ବିଜେତା ନିଲସ ବୋର (ଡାନିସ୍ ପଦାର୍ଥବିତ୍- ନୋବେଲ ପୁରସ୍କାର- ପଦାର୍ଥ ବିଜ୍ଞାନ-୧୯୨୨) ଏବଂ ଆଲବର୍ଟ କାମୁ (ଫରାସି ଲେଖକ ଓ ଦାର୍ଶନିକ- ନୋବେଲ ପୁରସ୍କାର-ସାହିତ୍ୟ-୧୯୫୭) ଯଥାକ୍ରମେ ତାଙ୍କର କ୍ଲବ (ଡେନମାର୍କ ଏକାଡେମିକ କ୍ଲବ) ଏବଂ ବିଶ୍ୱବିଦ୍ୟାଳୟ (ରେସିଙ୍ଗ ୟୁନିଭରସିଟି ଡି’ ଆଲଜର) ପକ୍ଷରୁ ଫୁଟବଲ ଗୋଲକିପର ଭାବେ ଖେଳି ପ୍ରସିଦ୍ଧି ଲାଭ କରିଥିଲେ।

ନୋଏଲ ବେକର ଏକାଧାରରେ ଥିଲେ ପ୍ରବୀଣ ବ୍ରିଟିଶ ରାଜନୀତିଜ୍ଞ, ପ୍ରତିଷ୍ଠିତ ଶିକ୍ଷାବିତ୍, ପ୍ରଖ୍ୟାତ୍ କ୍ରୀଡାବିତ୍ ଏବଂ ଶାନ୍ତି ଓ ନିରସ୍ତ୍ରୀକରଣ ଅଭିଯାନର ଖ୍ୟାତିସମ୍ପନ୍ନ ପ୍ରଚାରକ। ବିଶ୍ୱପ୍ରସିଦ୍ଧ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ କିଙ୍ଗ୍ସ କଲେଜରେ ଅଧ୍ୟୟନ ସମୟରେ କଲେଜ ୟୁନିୟନର ସଭାପତି ନିର୍ବାଚିତ (୧୯୧୨) ହୋଇ ଭବିଷ୍ୟତ ରାଜନୈତିକ ଜୀବନର ସୂଚନା ଦେଇଥିଲେ। ସେଇବର୍ଷ ବ୍ରିଟିଶ ଅଲିମ୍ପିକ୍ ଟ୍ରାକ୍ ଟିମ୍‌ର ସଦସ୍ୟ ଭାବେ ଷ୍ଟକ୍‌ହୋମ ଅଲିମ୍ପିକ୍ କ୍ରୀଡ଼ାରେ ୮୦୦ମି ଓ ୧୫୦୦ମି ଦୌଡରେ ଭାଗ ନେଇଥିଲେ। ତାଙ୍କର ସମାଜସେବା ମନୋବୃତ୍ତିର ପ୍ରଥମ ପରିଚୟ ମିଳିଥିଲା ପ୍ରଥମ ବିଶ୍ୱଯୁଦ୍ଧ ସମୟରେ, ଯେତେବେଳେ ସେ ଫ୍ରେଣ୍ଡ୍‌ସ ଆମ୍ବୁଲାନ୍ସ ୟୁନିଟ୍‌ର ନେତୃତ୍ୱ ନେଇ ଫ୍ରାନ୍ସ ଯୁଦ୍ଧ କ୍ଷେତ୍ରରେ ସେବା ପ୍ରଦାନରେ ନିୟୋଜିତ ହୋଇଥିଲେ। ୧୯୨୦ରେ ବେଲଜିୟମର ଆଣ୍ଟୱେର୍ପ ସହରରେ ଅନୁଷ୍ଠିତ ୭ଷ୍ଠ ଅଲିମ୍ପିକ କ୍ରୀଡାରେ ବ୍ରିଟିଶ ଅଲିମ୍ପିକ ଟିମ୍‌ର ଅଧିନାୟକତ୍ୱ କରି ୧୫୦୦ ମିଟର ଦୌଡରେ ରୌପ୍ୟ ପଦକ ଜିତି କ୍ରୀଡ଼ା କ୍ଷେତ୍ରରେ ସର୍ବୋଚ୍ଚ ସଫଳତା ହାସଲ କରିଥିଲେ।

International Day of Sport for Development and Peace

ପରବର୍ତ୍ତୀ ସମୟରେ ଶିକ୍ଷା କ୍ଷେତ୍ରରେ ମଧ୍ୟ ଅନୁରୂପ ପରାକାଷ୍ଠା ପ୍ରଦର୍ଶନ କରିଥିଲେ ଏବଂ ପ୍ରଥମେ ପ୍ରସିଦ୍ଧ ଲଣ୍ଡନ ବିଶ୍ୱବିଦ୍ୟାଳୟରେ ୧୯୨୪ରୁ ୧୯୨୯ ପର୍ଯ୍ୟନ୍ତ ଅନ୍ତରାଷ୍ଟ୍ରୀୟ ସମ୍ପର୍କ ବିଭାଗର ପ୍ରଫେସର ଭାବେ ଏବଂ ପରେ ୟେଲ୍ ବିଶ୍ୱବିଦ୍ୟାଳୟ (୧୯୩୩-୩୪)ରେ ଅଧ୍ୟାପକ ଭାବେ ଶିକ୍ଷାଦାନ କରିଥିଲେ। ରାଜନୀତିରେ ମଧ୍ୟ ନୋଏଲ ବେ କର ଜଣେ ଉଚ୍ଚକୋଟୀର ରାଜନୀତିଜ୍ଞ ଭାବେ ପ୍ରତିଷ୍ଠା ଲାଭ କରିଥିଲେ। ୧୯୫୦-୫୧ରେ ବ୍ରିଟିଶ ସରକାରଙ୍କ ଶ୍ରମ ମନ୍ତ୍ରୀ ହେବା ସହିତ ୧୯୪୭ରୁ ୧୯୫୦ ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସେକ୍ରେଟାରୀ ଅଫ୍ ଷ୍ଟେଟ ଫର କମନୱେଲ୍‌ଥ ଷ୍ଟେଟ୍‌ସ ପଦବୀ ମଣ୍ଡନ କରିଥିଲେ ଏବଂ ୧୯୪୮ରେ ଲଣ୍ଡନ ଅଲିମ୍ପିକ୍ କ୍ରୀଡା ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ସାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଅଭିଯାନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ୧୯୭୯ ମସିହାରେ ଫେରମର ବ୍ରକ୍‌ୱେଙ୍କ ସହିତ ମିଶି ବିଶ୍ୱ ନିରସ୍ତ୍ରୀକରଣ ଅଭିଯାନ ଆରମ୍ଭ କରିଥିଲେ। ୧୯୬୦ରୁ ୧୯୭୬ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରୀଡା ବିଜ୍ଞାନ ଏବଂ ଶାରୀରିକ ଶିକ୍ଷା ପରିଷଦର ସଭାପତି ଭାବେ କାର୍ଯ୍ୟ କରି ଏକାଧିକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଥିଲେ। ତାଙ୍କ ଭାଷାରେ “ମୁଁ ଯେତେ ଅନ୍ତର୍ଜାତୀୟ ଅନୁଷ୍ଠାନରେ କାର୍ଯ୍ୟ କରିଛି ତନ୍ମଧ୍ୟରୁ କ୍ରୀଡା ହେଉଛି ସର୍ବୋତ୍ତମ। ଆଣବିକ ଯୁଗରେ ବିଶ୍ୱଶାନ୍ତି ବଜାୟ ରଖିବାରେ କ୍ରୀଡା ମାନବଜାତି ପାଇଁ ଏକ ଉତ୍ତମ ମାଧ୍ୟମ ଏବଂ ଆଶା।” ଆଜିର ଦିନରେ ଏହି ଉକ୍ତି ଅତ୍ୟନ୍ତ ପ୍ରାସଙ୍ଗିକ ମନେହୁଏ।

-ଅଶୋକ ମହାନ୍ତି
ପୂର୍ବତନ କ୍ରୀଡ଼ା ପ୍ରଶାସକ

# ଋଣଭାର ସହି ନ ପାରି ଦିନ ମଜୁରିଆଙ୍କ ଆତ୍ମହତ୍ୟା

**ରସୁଲପୁର,୫।୪(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଅର୍ଥଗାଁ ପଞ୍ଚାୟତ ଚଅପୋଇ ଗ୍ରାମର ଗୋଖା ଦଳେଇଙ୍କ ପୁଅ ଗୁଣ୍ଡୁଚି (୩୫) ଶୁକ୍ରବାର ଭୋର ସମୟରୁ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ପରିବାରର ଅଭାବ ଅନଟନକୁ ଦୂର କରିବା ପାଇଁ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ଋଣ କରି ସୁଝି ପାରି ନ ଥିଲେ। ଫଳରେ ଋଣ ଭାର ସହି ନ ପାରି ସେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଜଣେ ଯୁବକଙ୍କ ମୃତଦେହ ଗାଁ ମୁଣ୍ଡରେ ଥିବା ଗ୍ରାମବଦେବତୀ ନିକଟସ୍ଥ ଏକ ସାହାଡା ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଝୁଲନ୍ତା ମୃତଦେହକୁ ତଳକୁ ଆଣିଥିଲେ। ଏ ସମ୍ପର୍କରେ ପରିବାର ପକ୍ଷରୁ ଯାଜପୁର ସଦର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଦେଇଛି। ମାତ୍ର ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ, ଗୁଣ୍ଡୁଚି ୪ଟି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ ଆଣିଥିଲେ। ଯେପରିକି, ଅର୍ଥ ଲଗାଣକାରୀ ସଂସ୍ଥା ଏସକେଏସ, ଆର-ୱାନ, ହସ୍ତେଲ ଓ ସ୍ୱୟଂସହାୟିକା ଗୋଷ୍ଠୀ ଭଳି ୪ଟି ଅର୍ଥ ଲଗାଣକାରୀ ସଂସ୍ଥାରୁ ଲକ୍ଷାଧିକ ଟଙ୍କା ଋଣ ଆଣିଥିଲେ। ଏଥି ସକାଶେ ସେ ମାସିକ ହାରାହାରି ୪ହଜାର ଟଙ୍କା କିସ୍ତି ବାବଦକୁ ପ୍ରଦାନ କରୁଥିଲେ। ଗତ କିଛିଦିନ ହେବ ଅସୁସ୍ଥତା କାରଣରୁ ସେ କାମଧନ୍ଦାକୁ ଯାଇପାରି ନ ଥିଲେ। ଫଳରେ ଋଣ ବାବଦ କିସ୍ତି ପ୍ରଦାନ କରିବାରେ ବିଫଳ ହୋଇଥିଲେ। କିସ୍ତି ପ୍ରଦାନରେ ଖିଲାପ ହେବାରୁ ଋଣ ପ୍ରଦାନକାରୀ ସଂସ୍ଥା ବାରମ୍ବାର ତାଗିଦ କରୁଥିଲେ। ଏହାକୁ ନେଇ ଗୁଣ୍ଡୁଚି ଚାପରେ ରହୁଥିଲେ। ମାନସିକ ଭାରସାମ୍ୟ ହରାଇ ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ- ୪/୧୯) ରୁଜୁ କରିଛି। ଏସ୍‌ଆଇ ସୁରେନ୍ଦ୍ର କୁମାର ଜେନା ମାମଲାର ତଦନ୍ତ କରୁଛନ୍ତି।

# ବାଇକ୍ ଡିକିରୁ ୨ ଲକ୍ଷ ଚୋରି

**ପାରାଦୀପ,୫।୪(ଡି.ଏନ୍.ଏ.):** ପାରାଦୀପ ମଡେଲ ଥାନା ଅନ୍ତର୍ଗତ ଅଠରବାଙ୍କୀ ବାଲିପ୍ଲଟରୁ ଶୁକ୍ରବାର ଏକ ବାଇକ ଡିକିରୁ ୨ ଲକ୍ଷ ଟଙ୍କା ଚୋରି ହୋଇଛି। ମାଛଧରା ଟ୍ରଲର ମାଲିକ ସନାତନ ପାତ୍ର ମଧ୍ୟାହ୍ନରେ ବଡ଼ପଡ଼ିଆ ୟୁକୋ ବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ଉଠାଇ ବାଇକ ଡିକିରେ ରଖିଥିଲେ। ବ୍ୟାଙ୍କରୁ ଯିବାପରେ ବଡ଼ପଡ଼ିଆ ବଜାରରେ ଜଣେ ବେପାରୀଙ୍କୁ ୧ ଲକ୍ଷ ଟଙ୍କା ଦେଇଥିଲେ। ଅବଶିଷ୍ଟ ଟଙ୍କା ଡିକିରେ ରଖି ବାଲିପ୍ଲଟ ମାଛ ବଜାରକୁ ଯାଇଥିଲେ। ସେଠାରେ ଜଣଙ୍କ ସହ କଥାହୋଇ ସାରି ଆସି ଦେଖିବା ବେଳକୁ ଡିକି ଭଙ୍ଗାଯାଇ ଟଙ୍କା ଚୋରି ହୋଇଥିଲା। ଏନେଇ ସେ ଥାନାକୁ ଜଣାଇବା ପରେ ପୋଲିସ ଖୋଳତାଡ ଆରମ୍ଭ କରିଛି। ୟୁକୋ ବ୍ୟାଙ୍କ ସିସିଟିଭି ଅଚଳ ରହିଛି। ସହରରେ ଥିବା ଅନ୍ୟ ସିସିଟିଭିରୁ ଜଣାଯାଇଛି ଯେ, ସନାତନଙ୍କୁ ୨ଜଣ ପ୍ରତି ଛକରେ ପିଛା କରିଛନ୍ତି। ସେହି ୨ ଜଣଙ୍କ ବ୍ୟବହାର ଏରାଗୁଲା ଲୁଟେରାଙ୍କ ଭଳି ବୋଲି ଥାନା ଅଧିକାରୀ ରଜନୀକାନ୍ତ ସାମଲ କହିଛନ୍ତି।

# ୯ରେ ଆସୁଛନ୍ତି ରାହୁଲ

**ଭୁବନେଶ୍ୱର,୫।୪(ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ୪ ଥର ଓଡିଶା ଆସି ସାରିଲେଣି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଧ୍ୟ ଓଡିଶାର ବିଭିନ୍ନ ପ୍ରାନ୍ତକୁ ଆସି ନିର୍ବାଚନୀ ସଭାରେ ଯୋଗ ଦେଉଛନ୍ତି। ଏହି କ୍ରମରେ ଆସନ୍ତା ୯ରେ ରାହୁଲ ପୁନର୍ବାର ଓଡିଶା ଗସ୍ତରେ ଆସୁଛନ୍ତି। ସେ ଫୁଲବାଣୀ ଆସି ସାଧାରଣ ସଭାରେ ଯୋଗଦେବେ। ସେଦିନ ୧ମ ପର୍ଯ୍ୟାୟ ନିର୍ବାଚନ ପ୍ରଚାରର ଶେଷଦିନ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଫୁଲବାଣୀରେ ଭୋଟ୍ ହେବ। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀଙ୍କ ନେତୃତ୍ୱରେ ଏକ ଟିମ୍ ଫୁଲବାଣୀ ଯାଇ ପଡିଆ ପରିଦର୍ଶନ କରିଥିବା ଜଣାପଡିଛି।


NECC NATIONAL EGG CO-ORDINATION COMMITTEE 05.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 89 | 144 | 154 |
| DKL | 89 | 144 | 154 |
| BDK | 90 | 145 | 155 |
| BLS | 92 | 148 | 158 |
| ANG | 88 | 142 | 152 |

*Conditions Apply

**Eggs Retail Price- 40/-Dozen**
Issued in the Interest of Consumers


# ରାଜନୈତିକ ହତ୍ୟାକାଣ୍ଡ ଅଭିଯୋଗ

**ବଲାଙ୍ଗୀର ଅଫିସ, ୫।୪:** ବଲାଙ୍ଗୀର ଜିଲ୍ଲାର ଭାଜପା ନେତା ତଥା ବଙ୍ଗୋମୁଣ୍ଡା ବ୍ଲକ୍‌ର ପୂର୍ବତନ ଉପାଧ୍ୟକ୍ଷ ରାଷ୍ଟ୍ରପତି ବେହେରା ଓ ଅନ୍ୟଜଣେ ସହଯୋଗୀଙ୍କ ମୃତ୍ୟୁ ଘଟିଛି । ପ୍ରଥମରୁ ଏହାକୁ ଦୁର୍ଘଟଣାଜନିତ ମୃତ୍ୟୁ କୁହାଯାଉଥିଲେ ମଧ୍ୟ ବେହେରାଙ୍କ ପୁତୁରା ସୁରେଶ ବେହେରା ଏହାକୁ ଯୋଜନାବଦ୍ଧ ଷଡଯନ୍ତ୍ର ଓ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ସୁରେଶ କହିଛନ୍ତି, ରାଷ୍ଟ୍ରପତି ତାଙ୍କ ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ଯୋଗଦାନ କରିବା ପାଇଁ ଗୁରୁବାର ଭୁବନେଶ୍ୱର ନବୀନ ନିବାସ ଅଭିମୁଖେ ଯାଉଥିଲେ । ସୁବର୍ଣ୍ଣପୁର ଜିଲ୍ଲା ସିଆଳଜୁରି ନିକଟ ଏକ ଢ଼ାବାରେ ଖାଇ ସାରିବା ପରେ ତାଙ୍କ କାର ୫୭ ନମ୍ବର ଜାତୀୟ ରାଜପଥକୁ ଉଠିବା ପରେ ସାମ୍ନାପଟରୁ ଦ୍ରୁତଗତିରେ ଆସୁଥିବା ଏକ ଟ୍ରିପର ଉକ୍ତ କାରକୁ ଧକ୍କା ଦେଇଥିଲା । ଯେଉଁଭଳି ଭାବେ ଦୁର୍ଘଟଣା ଘଟିଲା ସେଥିରୁ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସୁରେଶ ଅଭିଯୋଗ କରିଛନ୍ତି। ଚଳିତ ନିର୍ବାଚନରେ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଭାଜପାର ବିଧାୟକ ଆଶାୟୀ ପ୍ରାର୍ଥୀ ଭାବେ ରାଷ୍ଟ୍ରପତି ଥିଲେ । ଦଳୀୟ ଟିକେଟରୁ ବଞ୍ଚିତ ହେବା ପରେ ଗୁରୁବାର ରାତିରେ ସେ ସମର୍ଥକଙ୍କ ସହ ବିଜେଡିରେ ଯୋଗଦାନ କରିବାକୁ ଭୁବନେଶ୍ୱର ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିବାରୁ ଏହା ରାଜନୈତିକ ହତ୍ୟାକାଣ୍ଡ ବୋଲି ସନ୍ଦେହ ହେଉଥିବା ସେ କହିଛନ୍ତି ।


## ନିର୍ମାଣ ଲେବର କଣ୍ଟ୍ରାକ୍ଟର ଆବଶ୍ୟକ


ଶିଳ୍ପୋଦ୍ୟୋଗ ଓ ଉଚ୍ଚ ସ୍ତରୀୟ ଅଟ୍ଟାଳିକା ନିର୍ମାଣ କ୍ଷେତ୍ରରେ ବିଶେଷ ଅଭିଜ୍ଞତା ସଂପନ୍ନ ଏକ ନିର୍ମାଣ କମ୍ପାନି ଏହାର ହାଇଦ୍ରାବାଦ, ଆନ୍ଧ୍ରପ୍ରଦେଶରେ ଆଗାମୀ ପ୍ରକଳ୍ପ ଲାଗି ଲେବର କଣ୍ଟ୍ରାକ୍ଟର ଆବଶ୍ୟକ କରୁଛି । ଏହି ଲେବର କଣ୍ଟ୍ରାକ୍ଟରଙ୍କ ପ୍ରାୟ ୧୦୦ରୁ ୧୫୦ ସଂଖ୍ୟକ କୁଶଳୀ କର୍ମୀ ଯୋଗାଣ କରିପାରୁଥିବାର କ୍ଷମତା ରହିଥିବ ଯାହା ମଧ୍ୟରେ ସଟରିଂ କାମ ସହ ପ୍ଲାଏ ଉଡ୍ / ଆଲୁମିନିୟମ ଫର୍ମ କାମ, ଏମଏସ ପ୍ଲେଟ ପାଇଁ କାର୍ପେଣ୍ଟର ସହ ଷ୍ଟିଲ ରିଇନଫୋର୍ସମେଣ୍ଟ କାମ ପାଇଁ ଫିଟର (ବାର ବେଣ୍ଡର) ରହିଥିବେ । ଉପରୋକ୍ତ ସବୁ କର୍ମଚାରୀ ୨୪ ଘଣ୍ଟା ପାଇଁ ସିଫ୍ଟ ଭିତ୍ତିରେ କାର୍ଯ୍ୟ କରିବାକୁ ସକ୍ଷମ ଥିବେ ।

ଲେବର କଣ୍ଟ୍ରାକ୍ଟର ଯେଉଁମାନେ ଏନଏମଆର/ ବର୍ଗ ମିଟର ଭିତ୍ତିରେ କାର୍ଯ୍ୟ କରବାକୁ ଆଗ୍ରହୀ ଥିବେ ସେମାନଙ୍କୁ ବିଭିନ୍ନ କାର୍ଯ୍ୟ ପାଇଁ ଦରକାର ରହିଛି । ଯଥା ଶୀଘ୍ର ପ୍ରକଳ୍ପ ସମାପ୍ତି ଉପରେ ପ୍ରୋତ୍ସାହନ ଦିଆଯିବ ।

ଇଚ୍ଛୁକ କଣ୍ଟ୍ରାକ୍ଟର ମାନେ ଦୟାକରି ନିଜର ପ୍ରୋଫାଇଲକୁ ଏହି ଠିକଣାରେ ପଠାଇବା ଆବଶ୍ୟକ ।

dgmcivil@priyacement.com | Call:7680888547 / 7680091039




PATANJALI®
Prakriti ka Aashirwad

ଭାରତୀୟ ନବବର୍ଷରେ ଆପଣଙ୍କ ଜୀବନରେ ହର୍ଷ ଏବଂ ଉତ୍କର୍ଷର ଶୁଭକାମନା ।

ନବବର୍ଷ ସଂକଳ୍ପ
**ଦେଶ ପାଇଁ ସେହି ସରକାର ବାଛନ୍ତୁ, ଯାହାଙ୍କ ହାତରେ ଦେଶ ସୁରକ୍ଷିତ ରହିବ ତଥା ନିଜ ପାଇଁ ସେହି ଉତ୍ପାଦ ବାଛନ୍ତୁ, ଯାହାଦ୍ୱାରା ଆପଣ ଓ ଆପଣଙ୍କ ପରିବାର ସୁରକ୍ଷିତ ରହିବ।**

ନିଜର ୧,୯୬,୦୮,୫୩,୧୨୦ ବର୍ଷ ପୁରୁଣା ସଂସ୍କୃତି ଉପରେ ଗର୍ବ କରନ୍ତୁ। ନିଜର ସନାତନ ବୈଦିକ ସଂସ୍କୃତି, ଭାଷା, ଶିକ୍ଷା, ଚିକିତ୍ସା ଏବଂ ନିଜ ଜୀବନ ପଦ୍ଧତିକୁ ଆଚରଣକୁ ଆଣନ୍ତୁ।




**ଦନ୍ତ କାନ୍ତି**
ଅକରକରା, ତୁମରୁ, ଲବଙ୍ଗ, ବଜ୍ରଦନ୍ତୀ, ନିମ୍ବ, ବବୁଲ ଆଦି ଜଡ଼ିବୁଟିରେ ନିର୍ମିତ ଦାନ୍ତ ଓ ମାଢ଼ିର ସମ୍ପୂର୍ଣ୍ଣ ସୁରକ୍ଷା ପାଇଁ ସର୍ବଶ୍ରେଷ୍ଠ ଟୁଥ୍ ପେଷ୍ଟର ପୂର୍ଣ୍ଣ ରେଞ୍ଜ।




**କେଶ କାନ୍ତି (ଶାମ୍ପୁ ଓ ତେଲ)**
ନାଚୁରାଲ ହେୟାର ଅଏଲ୍ ଓ ଶାମ୍ପୁର ରେଞ୍ଜ ଯାହା କେଶକୁ ଦିଏ ପ୍ରାକୃତିକ ସୁରକ୍ଷା ଏବଂ କେଶ ଝଡ଼ିବା ଓ ଅସମୟରେ ପାଚିବା ଆଦି ସମସ୍ୟାର ସାଇଣ୍ଟିଫିକ୍ ନାଚୁରାଲ ସଲ୍ୟୁଶନ ଅଟେ।




**ସୋରିଷ ତେଲ ଓ ଅନ୍ୟ ଫିଜିକାଲି ରିଫାଇନ୍‌ଡ ଓ ନାଚୁରାଲ ଅଏଲ୍ସ**
ଫିଜିକାଲି ରିଫାଇନଡ୍ ଅଏଲରେ ନାଚୁରାଲ ତତ୍ତ୍ୱ ଯେପରି ଅରିଜିନାଲ ଓ ଅନ୍ୟ ନାଚୁରାଲ ମିନେରାଲ୍ସ ଏବଂ ଭିଟାମିନ୍ସ ସୁରକ୍ଷିତ ରହିଥାଏ ଯେବେକି କେମିକାଲ ରିଫାଇନ୍ କରିବା ଦ୍ୱାରା ନଷ୍ଟ ହୋଇଯାଏ।




**ଗାଈ ଘିଅ, ଅଟା, ବିସ୍କୁଟ, ବେଭରେଜ୍ ଓ ମସଲା ଇତ୍ୟାଦି**
ଆପଣଙ୍କ ରୋଷେଇ ଓ ଦୈନନ୍ଦିନ ଜୀବନରେ ଆବଶ୍ୟକ ସବୁ ଉତ୍ପାଦ ପତଞ୍ଜଳୀ ୧୦୦% ଶୁଦ୍ଧତା ସହିତ ପ୍ରସ୍ତୁତ କରିଥାଏ।




**ବାଥ୍ ସୋପ**
ହଳଦୀ, ଚନ୍ଦନ, ଏଲୋଭେରା, ନିମ୍ବ, ମୁଲତାନୀ ମାଟି ଆଦି ପ୍ରାକୃତିକ ତତ୍ତ୍ୱରେ ନିର୍ମିତ ନାଚୁରାଲ ଓ ସୁରକ୍ଷିତ ଆଣ୍ଟି ବ୍ୟାକ୍ଟେରିଆଲ୍ ସାବୁନ।






Powered by Volkswagen Financial Services
Exchange through Das WeltAuto. Pre-owned cars you can trust. Guaranteed.

24x7 Roadside Assistance** | Service once a year/15,000 Kilometres | Safer cars for India

Terms and conditions apply. Available in Polo Highline Plus, Ameo Highline Plus and Vento Highline variants. Features and accessories shown may not be part of standard equipment and are subject to change without prior notice. **Roadside Assistance only within covered limits. Volkswagen has the right to modify/withdraw the offer at its sole discretion. Finance at sole discretion of Financer. For further details, please visit our authorised dealership. Email us at corporatesales@volkswagen.co.in

**Authorised Dealers: Volkswagen Bhubaneswar:** Bharat Motors Ltd., N.H-5, Pahal, Bhubaneswar-752101 ● Mobile: 8599011626 / 8599011591.




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ମନୁଷ୍ୟ ଯେତେବେଳେ ସଦ୍‌ଗୁଣଗୁଡ଼ିକ ହରାଇ ଦେଉଥାଏ,
ସେତିକିବେଳେ ତା'ର ଧନ ପ୍ରତି ଲୋଭ ବଢ଼ି ଯାଉଥାଏ।
-ଜନ୍‌ଶନ



## ସଂକ୍ଷେପରେ

### ରଣପୁର ଏନ୍‌ଏସି: ୬ଦିନ ହେଲା ରାସ୍ତାରେ ଅଳିଆ ଗଦା



**ରଣପୁର,୫।୪(ସ୍ୱ.ପ୍ର.):** ଅଳିଆ ଆବର୍ଜନାରେ ଏବେ ପରିପୂର୍ଣ୍ଣ ହୋଇଛି ରଣପୁର ସହର । ରଣପୁର ଏନ୍‌ଏସି ତରଫରୁ ସଫେଇ ପାଇଁ ଟେଣ୍ଡର ନେଇଥିବା ଠିକାଦାରଙ୍କୁ ତାଙ୍କର ବକେୟା ପ୍ରାପ୍ୟ ମିଳି ନ ଥିବାରୁ ଏପରି ଅବ୍ୟବସ୍ଥା ଦେଖାଦେଇଛି। ମାର୍ଚ୍ଚ ୩୧ତାରିଖରୁ ରଣପୁର ସହର ଓ ୱାର୍ଡଗୁଡ଼ିକରେ ସଫେଇ କାର୍ଯ୍ୟ ନ ହେବାରୁ ଗଦା ଗଦା ହୋଇ ମୁଖ୍ୟ ରାସ୍ତା ସହିତ ଗଳିକନ୍ଦିରେ ଅଳିଆ ଅବର୍ଜନା ପଡ଼ି ରହିବା ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଏନେଇ ସହରବାସୀ ଏନ୍‌ଏସି କାର୍ଯ୍ୟାଳୟରେ ଅଭିଯୋଗକଲେ ମଧ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। କେତେଜଣ ଅସାଧୁ କର୍ମଚାରୀଙ୍କ ଯୋଗୁ ୬ଦିନ ହେବ ରଣପୁର ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇଛି। ଏନ୍‌ଏସି ତରଫରୁ ଟେଣ୍ଡର ମଧମରେ ଜଣେ ଠିକାଦାରଙ୍କୁ ସଫେଇ କାର୍ଯ୍ୟ ପାଇଁ ଦାୟିତ୍ୱ ଦିଆଯାଇଛି। ଠିକାଦାର ନେଇଥିବା ଟେଣ୍ଡର ଚଳିତ ବର୍ଷ ଜାନୁୟାରୀରେ ଶେଷ ହୋଇଥିଲା ବେଳେ ସେ ପୁଣି ୨ମାସ ଟେଣ୍ଡର ନ ପାଇ କାର୍ଯ୍ୟ କରିଥିଲେ। ମାର୍ଚ୍ଚ ୧ତାରିଖରେ ପୁଣି ଟେଣ୍ଡର ପାଇ କାର୍ଯ୍ୟ କରିଥିଲେ। ହେଲେ ୨ମାସର ସଫେଇ କାର୍ଯ୍ୟ ବିନା ଟେଣ୍ଡରରେ କରିଥିବାରୁ ସେହି ଟଙ୍କାକୁ ଠିକାଦାରଙ୍କୁ ପ୍ରଦାନ କରିବାକୁ ବିଭାଗ ମନା କରିଦେଇଛି। ଫଳରେ ୬ଦିନ ହେବ ସଫେଇ କାର୍ଯ୍ୟ କରା ନ ଯିବାରୁ ମୁଖ୍ୟ ରାସ୍ତା ଓ ବିଭିନ୍ନ ୱାର୍ଡରେ ସଫେଇ କାର୍ଯ୍ୟ ନ ହୋଇ ଅଳିଆ ଆବର୍ଜନା ରାସ୍ତା ଉପରେ ପଡ଼ି ରହିଛି।

### ଭାଜପାର ପଥପ୍ରାନ୍ତ ସଭା



**ନୂଆଗାଁ,୫।୪(ଡି.ଏନ.ଏ.):** ଦଶପଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୂଆଗାଁ ପିତାବଳୀ ମାର୍କେଟ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଭାଜପାର ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର କନ୍ଧମାଳ ଏମପି ପ୍ରାର୍ଥୀ ଐରଖାରବେଳ ସ୍ୱାଇଁ,ଦଶପଲା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ତଥା ଦଶପଲା ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ,ଦଶପଲା ପୂର୍ବତନ ବିଧାୟକ କାଶୀନାଥ ମଲିକ , ନୂଆଗାଁ ବ୍ଲକ ଭାଜପା ସଭାପତି ଦିନବନ୍ଧୁ ସାହୁ , ସଂଗଠକ ରାଘବ ମଲିକ, ନୟାଗଡ ଜିଲା ଭାଜପା ସଭାପତି ସନ୍ୟାସୀ ନାୟକ, ପ୍ରସନ୍ନ ଦାଶ ପ୍ରମୁଖ ଯୋଗଦେଇ ଥିଲେ। ବିଜେଡି ବିରୋଧରେ ସେମାନେ ଭାଷଣ ଦେଇଥିଲେ । ବିଜେଡି ଶାସନ କାଳରେ ଓଡିଶାର ବିକାଶ ହେବା ବଦଳରେ ଦାରିଦ୍ର୍ୟ ଆଡକୁ ଗତି କରୁଥିବା କହିଥିଲେ ଏମପି ପ୍ରାର୍ଥୀ ସ୍ୱାଇଁ । ତେଣୁ ଓଡିଶାର ବିକାଶ ପାଇଁ ଭାଜପାକୁ ଶାସନକୁ ଆଣିବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ ।

---

■ ସ୍ୱୟଂଶାସିତ ମହାବିଦ୍ୟାଳୟ ହୋଇଛି ଅସ୍ଥାୟୀ ଷ୍ଟ୍ରଙ୍ଗ୍‌ରୁମ୍

# ଯୁକ୍ତ ୨ ଖାତାଦେଖା ବ୍ୟାଘାତ ଆଶଙ୍କା

**ନୟାଗଡ଼ ଅଫିସ,୫।୪**



ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ।

■୮ ତାରିଖରୁ ମୂଲ୍ୟାୟନ ଆରମ୍ଭ
■ଖାତାଦେଖା ସ୍ଥାନକୁ ନେଇ ଦ୍ୱନ୍ଦ୍ୱ

ସାରା ଦେଶରେ ବର୍ତ୍ତମାନ ନିର୍ବାଚନୀ ମାହୋଲ। ଏପରି ସମୟରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍ କରାଯାଇଥିବାରୁ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ଖାତାଦେଖା ସ୍ଥାନକୁ ନେଇ ଉଠିଛି ଦ୍ୱନ୍ଦ୍ୱ। ଗୋଟିଏ କ୍ୟାମ୍ପସରେ ଦୁଇଟି କାର୍ଯ୍ୟକ୍ରମ ହେଉଥିବାରୁ ଖାତା ଦେଖାରେ ବ୍ୟାଘାତ ସୃଷ୍ଟି ହେବା ସମ୍ଭାବନା ଦେଖାଦେଇଛି।

ଜିଲାରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ହେବ। ଏପ୍ରିଲ୍ ୧୮ରେ ରାଜ୍ୟରେ ଦ୍ୱିତୀୟ ତଥା ଜିଲାରେ ପ୍ରଥମ ପର୍ଯ୍ୟାୟରେ କନ୍ଧମାଳ ଲୋକ ସଭା ଅନ୍ତର୍ଗତ ଦଶପଲ୍ଲା ନିର୍ବାଚନମଣ୍ଡଳୀ ପାଇଁ ମତଦାନ ହେବ। ଏହା ପରେ ୨୩ରେ ରାଜ୍ୟରେ ତୃତୀୟ ତଥା ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ପୁରୀ ଲୋକ ସଭା ଅନ୍ତର୍ଗତ ରଣପୁର, ନୟାଗଡ଼ ଓ କଟକ ଲୋକ ସଭା ଅଧୀନ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ପାଇଁ ମତଦାନ ଅନୁଷ୍ଠିତ ହେବ। ଏଥିପାଇଁ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଅସ୍ଥାୟୀ ଷ୍ଟ୍ରଙ୍ଗ୍ ରୁମ୍ କରାଯାଇଛି। ଏଠାରୁ ନିର୍ବାଚନ ସମୟରେ ଜିଲାର ବିଭିନ୍ନ ବୁଥ୍‌କୁ ଇଭିଏମ୍, ଭିଭିପିଏଟି ମେଶିନ୍ ପଠାଯିବ। ମତଦାନ ପରେ ଏଗୁଡ଼ିକ ଆସି ପୁନର୍ବାର ଏଠାରେ ରହିବ। ଜିଲାର ୪ ନିର୍ବାଚନମଣ୍ଡଳୀ ପାଇଁ ମହାବିଦ୍ୟାଳୟରେ ୮ଟି ଷ୍ଟ୍ରଙ୍ଗରୁମ୍ କରାଯାଇଛି। ସେହିଭଳି ମହାବିଦ୍ୟାଳୟରେ ମେ ୨୩ରେ ଭୋଟ ଗଣତି ମଧ କରାଯିବ। ଅନ୍ୟପଟେ ଏପ୍ରିଲ ୮ରୁ ଜିଲାରେ ଯୁକ୍ତ ୨ ଖାତାଦେଖା ପାଇଁ ୨ଟି ମୂଲ୍ୟାୟନ କେନ୍ଦ୍ର ହୋଇଛି। ଗୋଟିଏ ଖଣ୍ଡପଡ଼ାସ୍ଥିତ ପଠାଣିସାମନ୍ତ କଲେଜ ଓ ଅନ୍ୟଟି ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ। ପ୍ରତିବର୍ଷ ଯୁକ୍ତ ୨ ବିଜ୍ଞାନ, କଳା, ବାଣିଜ୍ୟ ଖାତା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦେଖାଯାଏ। ହେଲେ ଚଳିତବର୍ଷ ଏଠାରେ କେବଳ କଳା ବିଭାଗର ଛାତ୍ରୀଛାତ୍ରଙ୍କ ଖାତା ଦେଖା ହେବ। ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଇ ଭାଲ୍ୟୁଏଶନ୍ ହେଉଥିବାବେଳେ ମହାବିଦ୍ୟାଳୟର କମ୍ପ୍ୟୁଟର ଥିବା ରୁମ୍‌ରେ ମୂଲ୍ୟାୟନ ହୋଇପାରିବ ନାହିଁ। ତେଣୁ ଚଳିତଥର ଏହି ଇ ଭାଲ୍ୟୁଏଶନ ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ହେବ। ମିଳିଥିବା ଖବର ଅନୁସାରେ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟରେ ଏତେ ସଂଖ୍ୟକ କମ୍ପ୍ୟୁଟର ମଧ ନାହିଁ। ତେଣୁ ଖାତା ଦେଖାରେ ବ୍ୟାଘାତ ସୃଷ୍ଟି ହୋଇପାରେ। ସ୍ୱୟଂଶାସିତ ମହାବିଦ୍ୟାଳୟରେ କଳା ବିଭାଗର ଛାତ୍ରୀଛାତ୍ରଙ୍କ ପାଇଁ ପାଖାପାଖି ୧୨୦ ଅଧ୍ୟାପିକା, ଅଧ୍ୟାପକ କେଉଁଠି ଖାତା ଦେଖିବେ ତାହାକୁ ନେଇ ଦେଖାଦେଇଛି ଦ୍ୱନ୍ଦ୍ୱ। କଲେଜକୁ ଷ୍ଟ୍ରଙ୍ଗରୁମ୍ କରାଯାଇଥିବାରୁ କଲେଜ କ୍ୟାମ୍ପସ ଭିତରକୁ କାହାକୁ ଛଡାଯିବ ନାହିଁ। ଅନ୍ୟପଟେ ଲାଇବ୍ରେରି ଓ ଜୁବୁଲି ସମ୍ମିଳନୀ କକ୍ଷରେ ଖାତା ଦେଖା ହେବା ପାଇଁ ପ୍ରସ୍ତୁତି ଚାଲିଛି। ଏତେ ସଂଖ୍ୟକ ଅଧ୍ୟାପିକା ଅଧ୍ୟାପକ ଖାତା ଦେଖିବା ଭଳି ସ୍ଥାନ ସେଠାରେ ନାହିଁ। ଲାଇବ୍ରେରି ରୁମ୍‌ରୁ ଏସି ଖରାପ ହୋଇଯାଇଥିବାରୁ ଖରାଦିନେ କିପରି ଅଧ୍ୟାପିକା ଅଧ୍ୟାପକ ଖାତା ଦେଖିବେ ତାହା ଏବେ ପ୍ରଶ୍ନବାଚୀ। ୩ବର୍ଷ ତଳେ ଏସି ଖରାପ ହୋଇଯିବା ଓ ଗରମ ଲାଗିବାରୁ ଅଧ୍ୟାପକମାନେ ଖାତାଦେଖା ବର୍ଜନ କରିଥିଲେ। ଏହାକୁ ନେଇ ତୁମ୍ବିତୋଫାନ ହୋଇଥିଲା। ସେହିଭଳି ନିର୍ବାଚନ ସମୟରେ ଖାତା ଷ୍ଟ୍ରଙ୍ଗରୁମ୍‌ରୁ ଆସିବା ଓ ପୁନର୍ବାର ସେଠାକୁ ଗଲାବେଳକୁ କୌଣସି ଅଘଟଣକୁ ମଧ ଏଡାଇ ଦିଆଯାଇ ନ ପାରେ। ପାଖାପାଖି ୩୦ ହଜାର ଛାତ୍ରୀଛାତ୍ରଙ୍କ ଖାତା କେଉଁଠାରେ ମୂଲ୍ୟାୟନ ଓ କୋଡ଼ିଂ କରାଯିବ ତାହା ଏବେ ମହାବିଦ୍ୟାଳୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇଛି। ମୂଲ୍ୟାୟନ ଦାୟିତ୍ୱରେ ଥିବା ଅଧ୍ୟାପିକା, ଅଧ୍ୟାପକ ଓ ଜୋନ୍ ସୁପରଭାଇଜରଙ୍କ ନିର୍ବାଚନ ଡ୍ୟୁଟି ପଡ଼ିଥିବାରୁ କେଉଁଟା କରିବେ ତାହାକୁ ନେଇ ମଧ ସେମାନେ ଚିନ୍ତିତ। ଅନ୍ୟପକ୍ଷରେ ନିର୍ବାଚନ ପାଇଁ ମହାବିଦ୍ୟାଳୟ ଉପର ମହଲାକୁ ଷ୍ଟ୍ରଙ୍ଗରୁମ୍ କରାଯାଇଥିବାବେଳେ ତଳ ରୁମ୍ ଖାଲିପଡ଼ିଛି। ସେଠାରେ ଖାତା ଦେଖା ହୋଇପାରନ୍ତା, ହେଲେ ଏହି ସ୍ଥାନକୁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ ମହାବିଦ୍ୟାଳୟ ଅଧକ୍ଷା ବିଜୟଲକ୍ଷ୍ମୀ ପରିଡ଼ାଙ୍କୁ ପଚାରିବାରୁ ସେ କହିଥିଲେ, ଖାତା ଦେଖିବା ପାଇଁ ସ୍ଥାନ ନ ଥିବା ନେଇ ଜିଲା ପ୍ରଶାସନଠାରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦକୁ ଜଣାଇଛୁ। ହେଲେ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରତ୍ୟୁତ୍ତର ଆସିନାହିଁ। ଜିଲାପାଳ ଡା. ଏନ୍ ତିରୁମାଲା ନାୟକ କହନ୍ତି, ଯଦି ସେମାନେ ତଳ ରୁମ୍‌ରେ ଖାତା ଦେଖିବା ପାଇଁ କହୁଛନ୍ତି ତା'ହେଲେ ସେଠାରେ ତାଙ୍କୁ ଅନୁମତି ଦିଆଯିବ।

---

## ମଦ ଜବତ, ୨ ଗିରଫ

**ଦଶପଲ୍ଲା,୫।୪ (ଡି.ଏନ୍.ଏ.)**

ଦଶପଲ୍ଲା ବ୍ଲକର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଶୁକ୍ରବାର ଚଢାଉ କରି ପୋଚ ଓ ଦେଶୀମଦ ସହ ମଦରନ୍ଧା ସାମଗ୍ରୀ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ଥାନା ଅଧିକାରୀ ସତ୍ୟ ନାରାୟଣ ଦାଶଙ୍କ ନେତୃତ୍ୱରେ ଭୋର ପ୍ରାୟ ୪ ଟାରେ ଦଶପଲ୍ଲା ବ୍ଲକର କାଚପଲ୍ଲୀ, ଲେମ୍ବୁଗୋଛା, ଜାମୁସାହି, ତୁମାଣ୍ଡି, ଝିଣ୍ଟିକାବାରି ଓ ଗମ୍ଭାରୀଖୋଲ ଗ୍ରାମର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା। ଏହି ସମୟରେ ଜଙ୍ଗଲ ମଧ୍ୟରୁ ୧୨୦ ଲିଟର ପୋଚ ଜବତ କରାଯାଇ ନଷ୍ଟ କରାଯାଇଥିବା ବେଳେ ମଦରନ୍ଧା ସାମଗ୍ରୀ ଜବତ କରାଯାଇଛି। ଝିଣ୍ଟିକାବାରି ଗ୍ରାମର ରଞ୍ଜନ ନାୟକ (୩୬)ଙ୍କଠାରୁ ୫ ଲିଟର ଓ ତୁମାଣ୍ଡି ଗ୍ରାମର ତ୍ରିନାଥ ମୁଦୁଲି (୬୦)ଙ୍କଠାରୁ ୩ ଲିଟର ଦେଶୀ ମଦ ଜବତ କରାଯିବା ପରେ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।



ଜବତ ମଦ ସହ ଗିରଫ ଅଭିଯୁକ୍ତ।

---

■ ରାସ୍ତା ଉପରେ ବେଙ୍ଗଳା ଯୋଗୁ ଦୁର୍ଘଟଣା

## ସ୍ତ୍ରୀଙ୍କ ପାଇଁ ଔଷଧ ନେଇ ଫେରୁଥିବାବେଳେ ସ୍ୱାମୀଙ୍କ ମୃତ୍ୟୁ

**ଖଣ୍ଡପଡା,୫।୪(ସ୍ୱ.ପ୍ର.)**

ମୁଖ୍ୟ ରାସ୍ତା ଉପରେ ଧାନ, କୋଳଥ ବେଙ୍ଗଳା ପକାଯିବା ଯୋଗୁ ଦୁର୍ଘଟଣା ବୃଦ୍ଧି ପାଉଛି। ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଏଥିପ୍ରତି କେହି ସଚେତନ ହେଉ ନଥିବା ପରିଲକ୍ଷିତ ହୋଇଛି । ଏହି ବେଙ୍ଗଳା ଯୋଗୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭାପୁର ବ୍ଲକ ଅନ୍ତର୍ଗତ ପଥରଚକଡା ପଞ୍ଚାୟତ ମାଧପୁର ଗ୍ରାମର ବୃନ୍ଦାବନ ସାହୁ(୫୨)।

ପ୍ରକାଶ ଯେ, ଗଣିଆ ବ୍ଲକ ଅନ୍ତର୍ଗତ ଇଶ୍ୱରପୁର ଗ୍ରାମର ଜଣେ ଯୁବକ ତାଙ୍କର ଜଣେ ସମ୍ପର୍କୀୟଙ୍କ ଦଶାହ କାର୍ଯ୍ୟରେ ଯୋଗଦେବାକୁ ତାଙ୍କ ଡାଲା ଅଟୋରେ ଭୁବନେଶ୍ୱରରୁ ଗଣିଆ ଆସୁଥିଲେ । ଅପରପକ୍ଷରେ ମାଧପୁର ଗ୍ରାମର ବୃନ୍ଦାବନ ତାଙ୍କ ସ୍ତ୍ରୀଙ୍କ ପାଇଁ ଔଷଧ ଧରି କଣ୍ଟିଲୋରୁ ସାଇକେଲରେ ନାତିକୁ ବସାଇ ଘରକୁ ଫେରୁଥିଲେ । ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ କଣ୍ଟିଲୋ– ଫତେଗଡ ମୁଖ୍ୟ ପୂର୍ତ୍ତ ରାସ୍ତାର ପଥରଚକଡା ଠାରେ ଜଣେ ବ୍ୟକ୍ତି କୋଳଥ ବେଙ୍ଗଳା ପକାଉଥିଲେ । ବୃନ୍ଦାବନ ଉକ୍ତ ରାସ୍ତା ପାର ହେଉଥିବାବେଳେ ବିପରିତ ଦିଗ ଫତେଗଡ–କଣ୍ଟିଲୋ ରାସ୍ତାରେ ଆସୁଥିବା ଅଟୋଟି ବେଙ୍ଗଳା ଯୋଗୁ ସାଇଡମାରି ଡାହାଣ ପାର୍ଶ୍ୱରେ ସାଇକେଲ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବୃନ୍ଦାବନ ତଳେ ପଡି ଗୁରୁତର ହୋଇଥିଲେ । ତାଙ୍କୁ ନୟାଗଡ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା । ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ଗ୍ରାମବାସୀ ଅଟୋ ଚାଳକଙ୍କୁ ଅଟକାଇଥିବା ବେଳେ ବେଙ୍ଗଳା ଯୋଗୁ ଏପରି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ କରିଛନ୍ତି ।

---

## ଝିଅାରୀଙ୍କୁ ବଳାତ୍କାର: ସମ୍ପର୍କୀୟ ବଡ଼ବାପା ଗିରଫ

**ନୟାଗଡ଼ ଅଫିସ,୫।୪**

ନାବାଳିକା ଝିଆରୀ (୧୬)ଙ୍କୁ ପ୍ରଥମେ ବଳାତ୍କାର ଓ ପରେ ଗର୍ଭ ନଷ୍ଟ କରିବା ଅଭିଯୋଗରେ ଇଟାମାଟି ପୋଲିସ ଶୁକ୍ରବାର ସମ୍ପର୍କୀୟ ବଡ଼ବାପାଙ୍କୁ ଗିରଫ କରିଛି। ଘଟଣାରୁ ପ୍ରକାଶ ଯେ, ୬ବର୍ଷ ତଳେ ନାବାଳିକାଙ୍କ ବାପାଙ୍କ ମୃତ୍ୟୁ ଘଟିଥିଲା। ମାଆ ବିଦ୍ୟାଳୟରେ ରୋଷେଇ କାମ କରନ୍ତି। ଘରେ ନାବାଳିକା ଏକୁଟିଆ ରହୁଥିବାରୁ ଏହାର ସୁଯୋଗ ନେଇ ପଡ଼ୋଶୀ ସମ୍ପର୍କୀୟ ବଡ଼ବାପା ଟିଭି ଦେଖାଇବା ବାହାନାରେ ନାବାଳିକାଙ୍କୁ ତାଙ୍କ ଘରକୁ ଡାକିନିଅନ୍ତି। ପରେ ଘରେ ତାଙ୍କ ସହିତ ଦୈହିକ ସମ୍ପର୍କ ରଖନ୍ତି। ୬ମାସ ହେଲା ବଡ଼ବାପା ଜଣକ ଏହିଭଳି କରିଆସୁଥିଲେ। କିଛିଦିନ ତଳେ ନାବାଳିକା ୪ ମାସର ଗର୍ଭବତୀ ହୋଇଥିବା ସମ୍ପର୍କୀୟ ବଡ଼ମାଆ ଜାଣିବାକୁ ପାଇଥିଲେ। ପରେ ଉଭୟ ସ୍ୱାମୀ ସ୍ତ୍ରୀ ମିଶି ଗତ ୨୭ ତାରିଖରେ ଘରୋଇ ଉପାୟରେ ନାବାଳିକାଙ୍କ ଗର୍ଭନଷ୍ଟ କରିଦେଇଥିଲେ। ଏହାର କିଛିଦିନ ପରେ ନାବାଳିକାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କ ମାଆ ଏ ବିଷୟରେ ପଚାରିଥିଲେ। ଝିଅଠାରୁ ସମସ୍ତ କଥା ଶୁଣିବା ପରେ ନାବାଳିକାଙ୍କ ମାଆ ଶୁକ୍ରବାର ଏ ନେଇ ଇଟାମାଟି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୫୨/୧୯ରେ ମାମଲା ରୁଜୁ କରି ସମ୍ପୃକ୍ତ ବଡ଼ବାପାଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି। ସେହିଭଳି ବଡ଼ମାଆଙ୍କୁ ମଧ୍ୟ ଥାନାରେ ଅଟକ ରଖାଯାଇଥିବା ସେ ସୂଚନା ଦେଇଥିଲେ।

---

## ନୂଆଗାଁ ପଞ୍ଚୁପାଣ୍ଡବଠାରେ ଚାଷୀ ସମାବେଶ

**ନୂଆଗାଁ,୫।୪(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ପି.ଏମ କିଷାନ ଯୋଜନା ଓ ରାଜ୍ୟ ସରକାରଙ୍କ କାଳିଆ ଯୋଜନାରୁ ଅନେକ ଚାଷୀ ବଞ୍ଚିତ ହୋଇଛନ୍ତି । ଫଳରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଚାଷୀ ମାରଣା ନୀତି ପ୍ରତିବାଦରେ ନୟାଗଡ ଜିଲା ନୂଆଗାଁ ବ୍ଲକ ପଞ୍ଚୁପାଣ୍ଡବ ମଠ ଠାରେ ଶୁକ୍ରବାର ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ନୂଆଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ନୂଆଗାଁ ବ୍ଲକ ଚାଷୀ ମୂଳିଆ ସଂଘର ସଭାପତି ଶରତ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ଚାଷୀ ସମାବେଶରେ ନୂଆଗାଁର ବିଭିନ୍ନ ଅଞ୍ଚଳରୁ ବହୁ ଚାଷୀ ଯୋଗଦେଇଥିଲେ। କେନ୍ଦ୍ର ସରକାର ଓ ରାଜ୍ୟ ସରକାର କିଛି ଲୋକଙ୍କୁ ପି.ଏମ କିଷାନ ଯୋଜନା ଓ କାଳିଆ ଯୋଜନାରେ ସାମିଲ କରି ଅନୁଦାନ ରାଶି ପ୍ରଦାନ କରିଥିବା ବେଳେ ଅନେକ ଲୋକଙ୍କୁ ଅଣଦେଖା କରିଛନ୍ତି। ଯାହା ଫଳରେ ଚାଷୀମାନଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗାମୀ ଦିନରେ ଏହି ଚାଷୀ ଆନ୍ଦୋଳନ ତୀବ୍ରରୂପ ନେବ ବୋଲି ଆବାହକ ସ୍ୱାଇଁ କହିଛନ୍ତି।

---

## ୩ ନିର୍ବାଚନମଣ୍ଡଳୀ ପାଇଁ ୨୩ ପ୍ରାର୍ଥୀ

■ ରଣପୁର ୧୦, ନୟାଗଡ଼ ୯ ଓ ଖଣ୍ଡପଡ଼ା ପାଇଁ ୪

**ନୟାଗଡ଼ ଅଫିସ,୫।୪**

ଶୁକ୍ରବାର ପ୍ରାର୍ଥୀପତ୍ର ଯାଞ୍ଚ ପରେ ନୟାଗଡ଼ ଜିଲାରେ ତୃତୀୟ ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନ ଲାଗି ୩ ନିର୍ବାଚନମଣ୍ଡଳୀ ପାଇଁ ଦାଖଲ କରିଥିବା ସମସ୍ତ ୨୩ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ରଣପୁର ନିର୍ବାଚନମଣ୍ଡଳୀ ପାଇଁ ସର୍ବାଧିକ ୧୦, ନୟାଗଡ଼ ଲାଗି ୯ ଓ ଖଣ୍ଡପଡ଼ା ପାଇଁ ୪ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ୮ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଅପରାହ୍ନରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଆଫିଡେଭିଟ ଜରିଆରେ ପ୍ରାର୍ଥୀମାନେ ଦାଖଲ କରିଥିବା ସମ୍ପତ୍ତି ତାଲିକା ନିମ୍ନରେ ପ୍ରଦାନ କରାଗଲା।

### ରଣପୁର ନିର୍ବାଚନମଣ୍ଡଳୀ

| କ୍ର.ନଂ. | ଦଳ | ପ୍ରାର୍ଥୀ | ଅସ୍ଥାବର ସମ୍ପତ୍ତି | ସ୍ଥାବର ସମ୍ପତ୍ତି | ଶିକ୍ଷାଗତ ଯୋଗ୍ୟତା |
|---|---|---|---|---|---|
| ୧. | ବିଜେଡ଼ି | ସତ୍ୟନାରାୟଣ ପ୍ରଧାନ | ୩୪,୯୮,୭୦୮ | ୯୦ ଲକ୍ଷ | ଏଲ୍‌ଏଲ୍‌ବି |
| ୨. | ଭାଜପା | ସୁରମା ପାଢ଼ୀ | ୩୧,୮୩,୪୮୦ | ୨ କୋଟି ୯୪ ଲକ୍ଷ | ଏମ୍‌ଏ,ଏଲ୍‌ଏଲ୍‌ବି |
| ୩. | କଂଗ୍ରେସ | ଶୁଭଶ୍ରୀ ପଣ୍ଡା | ୮,୫୮,୪୭୪ | ନାହିଁ | ଏଲ୍‌ଏଲ୍‌ବି |
| ୪. | ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ | ଦେବରାଜ ସାହୁ | ୨୪,୪୫୧ | ୩୬ ଲକ୍ଷ | ଦଶମ |
| ୫. | ସିପିଆଇ (ଏମ୍) | ନିତ୍ୟାନନ୍ଦ ପରିଡ଼ା | ୪,୧୬,୭୮୫ | ନାହିଁ | ବିଏ |
| ୬. | ସ୍ୱାଧୀନ | ସନ୍ତୋଷ କୁମାର ସାହୁ | ୨ ଲକ୍ଷ | ନାହିଁ | ବି ଟେକ୍ |
| ୭. | ସ୍ୱାଧୀନ | ରବୀନ୍ଦ୍ର ମହାପାତ୍ର | ୧,୯୦,୫୦୦ | ୨ ଲକ୍ଷ ୬୦ ହଜାର | ଅଷ୍ଟମ |
| ୮. | କଳିଙ୍ଗସେନା | ରେଣୁବାଳା ମହାନ୍ତି | ଦର୍ଶାଇନାହାନ୍ତି | ନାହିଁ | ଦଶମ |
| ୯. | ବିଏସ୍‌ପି | କୁଳମଣି ନାୟକ | ଦର୍ଶାଇନାହାନ୍ତି | ଦର୍ଶାଇନାହାନ୍ତି | ଇଣ୍ଟରମେଡ଼ିଏଟ |
| ୧୦. | ସ୍ୱାଧୀନ | ରଣଜିତ ପଟ୍ଟନାୟକ | ୩ ଲକ୍ଷ | ନାହିଁ | ଯୁକ୍ତ ୨ |

### ନୟାଗଡ଼ ନିର୍ବାଚନମଣ୍ଡଳୀ

| କ୍ର.ନଂ. | ଦଳ | ପ୍ରାର୍ଥୀ | ଅସ୍ଥାବର ସମ୍ପତ୍ତି | ସ୍ଥାବର ସମ୍ପତ୍ତି | ଶିକ୍ଷାଗତ ଯୋଗ୍ୟତା |
|---|---|---|---|---|---|
| ୧ | ବିଜେଡ଼ି | ଅରୁଣ କୁମାର ସାହୁ | ୧୯,୮୦,୨୪୦ | ୪ ଲକ୍ଷ | ପିଏଚଡ଼ି |
| ୨ | ଭାଜପା | ଇରାନୀ ରାୟ | ୧,୧୪,୭୮,୪୯୬ | ୯ କୋଟି ୧୫ ଲକ୍ଷ | ବିଏ |
| ୩ | କଂଗ୍ରେସ | ମନୋଜ କୁମାର ସାହୁ | ୧୩,୬୫,୯୧୭ | ନାହିଁ | ଏଲ୍‌ଏଲ୍‌ବି |
| ୪ | ସ୍ୱାଧୀନ | ବଳରାମ ସାହୁ | ୧୩,୨୮, ୭୪୮ | ନାହିଁ | ଡିପ୍ଲୋମା |
| ୫ | କଳିଙ୍ଗସେନା | ଶ୍ରୀକାନ୍ତ ଦାଶ | ନାହିଁ | ନାହିଁ | ଦଶମ |
| ୬ | ସ୍ୱାଧୀନ | ହେମନ୍ତ କୁମାର ପୃଷ୍ଟି | ୧,୫୩,୧୨୭ | ନାହିଁ | ବିଏ, ବିଇଡ଼ି |
| ୭. | ଆମ୍ବେଦକର ନ୍ୟାଶନାଲ୍ କଂଗ୍ରେସ | ଶୁଭଲକ୍ଷ୍ମୀ ଦାସ | ୩ ଲକ୍ଷ ୭୦ ହଜାର | ନାହିଁ | ବିଏ |
| ୮ | ସ୍ୱାଧୀନ | ଗିରିଧାରୀ ରାଉତ | ୭,୭୩,୨୩୭ | ନାହିଁ | ଏଲ୍‌ଏଲ୍‌ବି |
| ୯ | ସ୍ୱାଧୀନ | ସନ୍ତୋଷ କୁମାର ପ୍ରଧାନ | ୨୦ ଲକ୍ଷ ୧୫ ହଜାର | ୧ କୋଟି ୨୭ ଲକ୍ଷ | ବିଏ |

### ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ

| କ୍ର.ନଂ. | ଦଳ | ପ୍ରାର୍ଥୀ | ଅସ୍ଥାବର ସମ୍ପତ୍ତି | ସ୍ଥାବର ସମ୍ପତ୍ତି | ଶିକ୍ଷାଗତ ଯୋଗ୍ୟତା |
|---|---|---|---|---|---|
| ୧ | ବିଜେଡ଼ି | ସୌମ୍ୟରଞ୍ଜନ ପଟ୍ଟନାୟକ | ୮,୫୬,୨୧,୫୬୯ | ୧୮,୦୦୬୨,୫୦୦ | ଏମଏ |
| ୨ | ଭାଜପା | ସିଦ୍ଧାର୍ଥ ଶେଖର ସିଂ | ୨୬ , ୦୭, ୨୨୩ | ନାହିଁ | ବିଏ |
| ୩ | କଂଗ୍ରେସ | ବସନ୍ତ କୁମାର ମହାରଣା | ୩୩,୩୯୮ | ୨ ଲକ୍ଷ | ବିକମ୍ |
| ୪ | ସ୍ୱାଧୀନ | ଦୁଷ୍ମନ୍ତ କୁମାର ସ୍ୱାଇଁ | ୨୪, ୮୨,୧୧୪ | ୧କୋଟି ୮୦ଲକ୍ଷ | ବ୍ୟାଚଲର ଅଫ ଆର୍କିଟେକ୍ |

---

## ଆସ୍ଥା, ବିଶ୍ୱାସର ପ୍ରତୀକ ଦଣ୍ଡଯାତ୍ରା

**ରଣପୁର,୫।୪(ସ୍ୱ.ପ୍ର.)**



ଦଣ୍ଡ ଠାକୁରଙ୍କୁ ସାହି ପରିକ୍ରମା କରାଯାଉଛି।

■ଏନ୍‌ଏସି ଅଧୀନରେ ପାଳିତ ହୁଏ ୪ଟି କୋଠି ଯାତ୍ରା
■ଠାକୁରଙ୍କୁ ଉପାସନା କରନ୍ତି ପାଟ ଦଣ୍ଡୁଆ, ୧୩ ଭଗତା
■ନିଆଁ ଉପରେ ଓଲଟ ଝୁଲିବା, ପାଟ କଣ୍ଟା ଫୋଡ଼ିବା ଓ ଝାମୁ ସାଜେ ଆକର୍ଷଣ

ଓଡିଶା ସଂସ୍କୃତି, ଲୋକନାଟ୍ୟ ପରମ୍ପରାରେ ଦଣ୍ଡଯାତ୍ରା ଅତି ପ୍ରାଚୀନ। ଏହି ଯାତ୍ରାର ଆରାଧ୍ୟ ହେଉଛନ୍ତି ଶିବପାର୍ବତୀ । ତେଣୁ ଶିବ ଓ ଶକ୍ତିଙ୍କୁ ଉପାସନା କରାଯାଇଥାଏ। ଆସ୍ଥା ଓ ବିଶ୍ୱାସକୁ ଉଦ୍ରେକ ଏବଂ ଉଜ୍ଜୀବିତ କରୁଥିବା ପରମ୍ପରାର ପ୍ରତୀକ ଭାବେ ଲୋକେ ଏହି ପର୍ବ ପାଳନ କରିଥାନ୍ତି। ନୟାଗଡ ଜିଲା ରଣପୁର ଅଞ୍ଚଳରେ ଦଣ୍ଡନାଚ ଅନ୍ୟତମ ପର୍ବ ଭାବେ କେଉଁ ଏକ ଆବହମାନ କାଳରୁ ପାଳିତ ହୋଇଆସୁଛି । ଦୋଳପୂର୍ଣ୍ଣମୀ ପରବର୍ତ୍ତୀ ମୀନ ସଂକ୍ରାନ୍ତିର ୯ଦିନ ପରେ ଏହା ୭, ୧୧, ୧୩, ୧୭, ୨୧ ଦିନ ଧରି ପାଳନ କରାଯାଇଥାଏ । ମହାବିଷୁବ ସଂକ୍ରାନ୍ତି କିମ୍ବା ତା ପୂର୍ବଦିନ ମେରୁ ପର୍ବ ପାଳନ ପରେ ଯାତ୍ରା ଉଦ୍‌ଯାପିତ କରାଯାଏ। ରଣପୁରର ବିଭିନ୍ନ ଅଞ୍ଚଳରେ ଏହା ପାଳିତ ହେଉଥିବାବେଳେ ଏନ୍‌ଏସି ଅଧୀନରେ ୪ଟି କୋଠି ଦଣ୍ଡଯାତ୍ରା ଅନୁଷ୍ଠିତ ହୁଏ । ପ୍ରତିବର୍ଷ ବଡ କୋଠି ଚଣ୍ଡେଶ୍ୱର ଦେବ, ସାନ କୋଠି ସ୍ୱପ୍ନେଶ୍ୱର ଦେବ, ପୁରୁଣା ବସନ୍ତର ବାଲୁଙ୍କେଶ୍ୱର ଦେବ, ସାନଗଡର ବାଲୁଙ୍କେଶ୍ୱର ଦେବଙ୍କ ଦଣ୍ଡଯାତ୍ରା ଅନୁଷ୍ଠିତ ହୁଏ । ଚଣ୍ଡେଶ୍ୱର ଠାକୁରଙ୍କୁ ବଡ ଦାଣ୍ଡରେ ଥିବା କାମନା ମନ୍ଦିରକୁ ଅଣାଯାଇଥାଏ। ଏଠାରେ ପଞ୍ଚୁଦୋଳ ପଡିଆରେ ଥିବା ପୋଖରୀରେ ପ୍ରତ୍ୟେକ ଅପରାହ୍ନରେ ଭଗତାମାନେ ନିଜର ନିତ୍ୟ କର୍ମସାରି ଠାକୁରଙ୍କୁ ପୂଜାର୍ଚ୍ଚନା କରି ପାଣିତୋଳା କାର୍ଯ୍ୟ କରିଥାନ୍ତି । ମୁଖ୍ୟ ଭଗତାଙ୍କ ନେତୃତ୍ୱରେ ୧୩ ଜଣ ଭଗତା ବା ଦଣ୍ଡୁଆ ନିଷ୍ଠା ସହକାରେ ଠାକୁରଙ୍କୁ ପୂଜା, ଉପାସନା କରି ତାଙ୍କୁ ମନ୍ଦିରକୁ ଆଣିଥାନ୍ତି। ମୁଖ୍ୟ ଭଗତାଙ୍କୁ ପାଟ ଦଣ୍ଡୁଆ କୁହାଯାଏ। ଚଳିତ ବର୍ଷ ୧୭ଦିନ ପାଇଁ ଠାକୁରଙ୍କୁ ଅଣାଯାଇଛି। ପ୍ରତ୍ୟହ ରାତ୍ରରେ ଦଣ୍ଡନୃତ୍ୟ ପରିବେଷଣ ମାଧ୍ୟମରେ ଠାକୁରଙ୍କ ମହିମା ପ୍ରଚାର କରାଯାଏ । ବିଶ୍ୱାସ ରହିଛି, ନିଷ୍ଠାର ସହ ଦଣ୍ଡପର୍ବ ପାଳନ କଲେ ମନସ୍କାମନା ପୂରଣ ହୋଇଥାଏ। ଭଗତାମାନେ ଦିନ ତମାମ ଉପବାସ ରହି ବିଭିନ୍ନ ପ୍ରକାରର କଷ୍ଟ(ଦଣ୍ଡ)ସହି ରାତିରେ ପଣା ସେବନ କରିଥାନ୍ତି । ମେରୁ ଦିନ ଦଣ୍ଡୁଆମାନେ ଓଲଟା ନିଆଁରେ ଝୁଲିବା ସହ ପିଠିରେ ପାଟକଣ୍ଟା ଫୋଡି ସହର ଓ ଗ୍ରାମ ପରିଭ୍ରମଣ କରିଥାନ୍ତି। ପ୍ରବଳ ଖରାରେ ରଡ ନିଆଁରେ ଚାଲିଥାନ୍ତି। ଝାମୁଯାତ୍ରା ଦିନ ଦଣ୍ଡୁଆମାନେ ନିଆଁ ଗାଡ଼ରେ ଚାଲିଥାନ୍ତି । ଉଲ୍ଲେଖଯୋଗ୍ୟ, କେଉଁ ଆବହମାନ କାଳରୁ ରଣପୁରରେ ୩କୋଠିଙ୍କ ଯାତ୍ରା ଚାଲିଥିବାବେଳେ କିଛିବର୍ଷ ହେଲା ସାନଗଡ ଠାକୁରଙ୍କ ଯାତ୍ରା ଆରମ୍ଭ ହୋଇଛି । ଠାକୁର ବିଜେ କରିବା ସମୟରେ ବାଦ୍ୟ, ଘଣ୍ଟ ଓ ହୁଳହୁଳି ଧ୍ୱନୀ ସହ ଦ୍ୱାରରେ ପୂର୍ଣ୍ଣକୁମ୍ଭ ସ୍ଥାପନ ପୂର୍ବକ ସ୍ୱାଗତ କରାଯାଇଥାଏ। ମେରୁ ପର୍ବ ପରେ ଠାକୁର ପୁଣି କାମନା ମନ୍ଦିରକୁ ଫେରିଯାନ୍ତି।

## ସଂକ୍ଷେପରେ

### ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଖର୍ଚ୍ଚ ରେଜିଷ୍ଟର ତଦାରଖ ଆଜି

**ନୟାଗଡ଼ ଅଫିସ,୫।୪:** ଚଳିତମାସ ୬, ୧୦ ଓ ୧୪ ତାରିଖ ସକାଳ ୧୦ଟା ୩୦ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ବଳରାମ ସାହା କନ୍ଧମାଳ ଲୋକ ସଭା ଅନ୍ତର୍ଗତ ଦଶପଲ୍ଲା ନିର୍ବାଚନମଣ୍ଡଳୀର ପ୍ରାର୍ଥୀମାନଙ୍କର ଖର୍ଚ୍ଚ ରେଜିଷ୍ଟର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଯାଞ୍ଚ କରିବେ। ଏହି ନିର୍ବାଚନମଣ୍ଡଳୀର ପ୍ରାର୍ଥୀ କିମ୍ବା ତାଙ୍କ ଦ୍ୱାରା ମନୋନୀତ ପ୍ରତିନିଧି ଖର୍ଚ୍ଚ ସମ୍ବନ୍ଧୀୟ ରେଜିଷ୍ଟର ସହିତ ଉପସ୍ଥିତ ରହିବାକୁ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଗଡ଼ିଲା ଦିବ୍ୟାଙ୍ଗ ଭୋଟର ସଚେତନତା ରଥ



**ପୁରୀ ଅଫିସ, ୫।୪:** ୨୦୧୯ ସାଧାରଣ ନିର୍ବାଚନରେ ଯେପରି ପ୍ରତ୍ୟେକ ବର୍ଗର ଭୋଟର ସାମିଲ ହୋଇପାରିବେ ତାହା ଉପରେ ନିର୍ବାଚନ କମିଶନ ଗୁରୁତ୍ୱାରୋପ କରିଛନ୍ତି। ତେଣୁ ଦିବ୍ୟାଙ୍ଗ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟିକରିବା ଲାଗି ପୁରୀ ଜିଲା ପ୍ରଶାସନ ଏକ ରଥର ଶୁଭାରମ୍ଭ କରିଛି। ଦିବ୍ୟାଙ୍ଗ ଭୋଟର ସଚେତନତା ରଥକୁ ଶୁକ୍ରବାର ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଜିଲାପାଳ କହିଛନ୍ତି ଯେ, ସାଧାରଣତଃ ଦିବ୍ୟାଙ୍ଗ ଭୋଟରମାନେ ବୁଥ୍‌କୁ ଯିବା ଲାଗି ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି କାରଣ ଯୋଗୁ ଅନେକେ ମତଦାନ ସାବ୍ୟସ୍ତ କରିପାରନ୍ତି ନାହିଁ। ଚଳିତ ନିର୍ବାଚନ ଲାଗି ପୁରୀ ଜିଲାରେ ପ୍ରାୟ ୨୦ ହଜାର ଦିବ୍ୟାଙ୍ଗ ଭୋଟରଙ୍କୁ ଚିହ୍ନଟ କରାଯାଇଛି। ସେମାନେ କିଭଳି ବୁଥ୍‌କୁ ଆସି ଭୋଟ ଦେବେ ସେ ସବୁର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ବୁଥ୍‌ରେ ର୍‌ୟାମ୍ପ ଏବଂ ହ୍ୱିଲ୍‌ଚେୟାର ରହିଛି। ଦିବ୍ୟାଙ୍ଗ ଭୋଟରଙ୍କୁ ଘରୁ ଆଣିବା ଲାଗି ପ୍ରାୟ ୧,୧୦୦ ଗାଡ଼ିର ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ଜିଲାରେ ପ୍ରାୟ ୧୫୦ ମଡେଲ ବୁଥ୍ କରାଯାଇଛି। ଦିବ୍ୟାଙ୍ଗ ଭୋଟରଙ୍କୁ ସହଯୋଗ କରିବା ଲାଗି ପ୍ରତି ବୁଥ୍‌ରେ ୨ଜଣ ଲେଖାଏ ସ୍ୱେଚ୍ଛାସେବୀ ନିୟୋଜିତ ରହିବେ। ସବୁ ବ୍ଲକରେ ଏହି ରଥମାନ ପରିକ୍ରମା କରିବା ନିମନ୍ତେ ସମ୍ପୃକ୍ତ ବିଡିଓ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଜିଲାପାଳ କହିଥିଲେ। ଅକ୍ଷୟ କୁମାର ସାହୁ ଏବଂ ରବି କୁମାର ତ୍ରିପାଠୀ ଦିବ୍ୟାଙ୍ଗ ଭୋଟର ସଚେତନତା କାର୍ଯ୍ୟକ୍ରମର ଆଇକନ ରହିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର (ନିର୍ବାଚନ) ସୁମନ୍ତ କର, ସଦର ବିଡିଓ ରବୀନ୍ଦ୍ର ବାରିକ, ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀ ହରିଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍କୁଲର ବାର୍ଷିକ ଉତ୍ସବ

**ଖୋର୍ଦ୍ଧା ଅଫିସ,୫।୪:** ଗୋଳବାଇ ବିନାୟକ ପବ୍ଲିକ୍ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରଫେସର ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ପିଲାଙ୍କ ପ୍ରାଥମିକ ଶିକ୍ଷାରେ ମା' ମାନଙ୍କର ଭୂମିକା ଉପରେ ଟିପ୍ପଣୀ ଦେଇଥିଲେ। କମାଗୁରୁ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗୀରଥି ରାଉତରାୟ ମୁଖ୍ୟବକ୍ତା ରୂପେ ଯୋଗଦେଇଥିବା ବେଳେ ଲକ୍ଷ୍ମୀଧର ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମାନସ ବରିଶଲ ସ୍ୱାଗତ ଭାଷଣ, ସମ୍ପାଦକ ଚିନ୍ମୟ ମହାନ୍ତି ବାର୍ଷିକ ବିବରଣୀ ଓ ସୁଲୋଚନା କୁଣ୍ଡୁ ଧନ୍ୟବାଦ ଦେଇଥିଲେ।

### ନାଟ୍ୟକାରଙ୍କ ବିୟୋଗରେ ସ୍ମୃତିସଭା

**ଖୋର୍ଦ୍ଧା ଅଫିସ,୫।୪:** ଆନ୍ତର୍ଜାତିକ ସ୍ତରରେ ସୁନାମ ଅର୍ଜନ କରିଥିବା ଓଡ଼ିଶା ନବନାଟ୍ୟ ଆନ୍ଦୋଳନର ଅଗ୍ରଣୀ ପୁରୋଧା, ସ୍ରଷ୍ଟା ଶହେରୁ ଉର୍ଦ୍ଧ୍ୱ ଓଡ଼ିଆ ଓ ହିନ୍ଦୀ ନାଟକର ସ୍ରଷ୍ଟା ଡ. କାର୍ତ୍ତିକ ଚନ୍ଦ୍ର ରଥଙ୍କ ବିୟୋଗରେ ଆମରିସତ୍ୟ ପତ୍ରିକା ପକ୍ଷରୁ ଖୋର୍ଦ୍ଧାରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆମରିସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ତାଙ୍କ ଛାତ୍ର ଅନୁଭୂତିରେ ସ୍ୱର୍ଗତ ରଥ ପୁରସ୍କାର ପାଇଥିଲେ। ତାଙ୍କରି ନାଟକ ରକ୍ତର ପାହାଡ଼, ଅନ୍ଧାରର ଆଇନା, ଶହୀଦ ଭଗତ ସିଂହ, ଅସ୍ତ ସୂର୍ଯ୍ୟର ସମ୍ମାନ ପରିସ୍ଫୁଟ ହୋଇଥିଲା। ସଭାରେ ଜବାହରଲାଲ ସୁବୁଦ୍ଧି, ଗୋବିନ୍ଦ ଚନ୍ଦ୍ର ମହାରଣା, ବିଭୂ ପ୍ରସାଦ ହରିଚନ୍ଦନ, ରାମଶଙ୍କର, ଇତିଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ ଆରମ୍ଭରୁ ପାନୀୟଜଳ ଯୋଗାଣ ବ୍ୟବସ୍ଥା ବନ୍ଦ

# ପିଇବା ପାଣି ପାଉନାହାନ୍ତି କୋରଡ଼ା ପଞ୍ଚାୟତବାସୀ

**ନୂଆଗାଁ, ୫।୪(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋରଡ଼ା ପଞ୍ଚାୟତରେ ଲାଗି ରହିଛି ବହୁ ସମସ୍ୟା। ଏହା ମଧ୍ୟରେ ପାନୀୟଜଳ ମୁଖ୍ୟ ସମସ୍ୟା ହୋଇଛି। ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ଆରମ୍ଭରୁ ବନ୍ଦ ହୋଇ ରହିଛି। ଫଳରେ ପଞ୍ଚାୟତବାସୀ ପିଇବା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ଭୋଗୁଛନ୍ତି।

କୋରଡ଼ା ପଞ୍ଚାୟତର କୋରଡ଼ା ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାଧ୍ୟମରେ ୪ ଲକ୍ଷ ଟଙ୍କା ବ୍ୟୟରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି । ତାହାର ନିର୍ମାଣ କାର୍ଯ୍ୟ ଶେଷହେବା ପରେ ପରୀକ୍ଷାମୂଳକ ଭାବେ ପମ୍ପ ଚାଲୁକରି ତାହା ପରଠାରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ବନ୍ଦ ରହିଛି। ସେହିପରି ଶ୍ମଶାନ ଗୃହ, ଯାତ୍ରୀ ବିଶ୍ରାମ ଗୃହ ନିର୍ମାଣ ପାଇଁ ଅନେକ ମାସ ହେଲା କାର୍ଯ୍ୟାଦେଶ ଦିଆଯାଇଥିଲେ ମଧ୍ୟ ତାହା ନିର୍ମାଣ ହୋଇପାରୁନାହିଁ । ୱାର୍ଡଗୁଡିକରେ ଡ୍ରେନ୍ ବ୍ୟବସ୍ଥା ପାଇଁ ନିଷ୍ପତ୍ତି ନେଇ ଆକଳନ କରାଯାଇ ଅନୁଦାନ ଦିଆଯାଇଥିଲେ ମଧ୍ୟ ତାହାର କାର୍ଯ୍ୟାଦେଶ ଦିଆଯାଉ ନାହିଁ। ଏପରିକି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚ ପଞ୍ଚାୟତ କାର୍ଯ୍ୟାଳୟକୁ ନ ଆସିବାରୁ ତିନିମାସ ହେଲା ବୈଠକ ହୋଇପାରୁ ନାହିଁ । ପାନୀୟ ଜଳ ଯୋଗାଣ ଅବ୍ୟବସ୍ଥା ବିଷୟରେ ଗ୍ରାମ୍ୟ ପରିମଳ ଓ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଓ କୋରଡ଼ା ସରପଞ୍ଚଙ୍କୁ ପଚାରିବାରେ ଉଭୟେ ପରସ୍ପର ଉପରେ ଦୋଷାରୋପ କରୁଛନ୍ତି।



ବନ୍ଦ ହୋଇ ପଡିଥିବା କୋରଡ଼ା ପାନୀୟ ଜଳ ଯୋଗାଣ ପ୍ରକଳ୍ପ।

## ସେମାନେ କୁହନ୍ତି



" ଟଙ୍କା ଖର୍ଚ୍ଚକରି ପମ୍ପ ହାଉସ କରାଗଲା, କିନ୍ତୁ ଗୋଟିଏ ଦିନ ବି ଲୋକମାନେ ପାଣି ପାଇଲେ ନାହିଁ । ପାଣି ବ୍ୟବସ୍ଥା ନ ହୋଇ ମଧ୍ୟ ସେଗୁଡ଼ିକୁ ମରାମତି କରି ଅଯଥାରେ ଖର୍ଚ୍ଚ କରାଯାଉଛି ।

**ସୁଶାନ୍ତ କୁମାର ଚମ୍ପତି, କୋରଡ଼ା ଗ୍ରାମବାସୀ।**

" ଆମମାନଙ୍କ ବଡ଼ ସମସ୍ୟା ହେଉଛି ପିଇବାପାଣି । ଅନେକ ଗୁହାରି ପରେ ପାଣି ପାଇଁ ବାଛିଥିଲୁ । କିନ୍ତୁ କିଛି ଲାଭ ହେଲାନି । ସେ କାର୍ଯ୍ୟାଳୟକୁ ଆସୁନାହାନ୍ତି ତାଙ୍କ ସ୍ୱାମୀ ସବୁ କାମ କରୁଛନ୍ତି।

**ଆନନ୍ଦ ଗୁରୁ , ଗ୍ରାମବାସୀ କୋରଡ଼ା**

" ଲୋକଙ୍କ ଅସୁବିଧାକୁ ସୁଧାରିବା ପାଇଁ ଲୋକମାନେ ଆମକୁ ନିର୍ବାଚିତ କରିଛନ୍ତି । କିନ୍ତୁ ସରପଞ୍ଚ ଓ ପିଇଓଙ୍କ ଯୋଗୁ ଆମେ କିଛି ବି ବ୍ୟବସ୍ଥା କରିପାରୁନାହୁଁ । ଶ୍ମଶାନ ଗୃହ , ଯାତ୍ରୀ ବିଶ୍ରାମ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲେ ମଧ୍ୟ କୌଣସି କାମ ହେଉନାହିଁ କି ସରପଞ୍ଚ, ପିଇଓ କିଛି କରୁନାହାନ୍ତି । ଏପରିକି ୩ ମାସ ହେଲା ପଞ୍ଚାୟତ ବୈଠକ ବସୁନାହିଁ।

**ଶଙ୍କର ସେଠୀ ,ୱାର୍ଡ ମେମ୍ବର , ୬ ନଂ ୱାର୍ଡ**





" ସରପଞ୍ଚ କୌଣସି ଦିନ ପଞ୍ଚାୟତ କାର୍ଯ୍ୟାଳୟକୁ ଆସନ୍ତି ନାହିଁ । ସରପଞ୍ଚଙ୍କ ବଦଳରେ ତାଙ୍କ ସ୍ୱାମୀ ସବୁ କାର୍ଯ୍ୟ ପରିଚାଳନା କରୁଛନ୍ତି । ସରପଞ୍ଚ ନ ଆସିବା ହେତୁ ପଞ୍ଚାୟତ ଅଧିକାରୀ ବି ୩ ମାସ ହେଲା ଘରେ ବସି ପଞ୍ଚାୟତ କାମ କରୁଛନ୍ତି ।

**ଉମାଶଙ୍କର ଦାସ , ଗ୍ରାମବାସୀ କୋରଡ଼ା**



" ଆମର ଭଲ କାମ କରିବା ପାଇଁ ଆମେ ସରପଞ୍ଚଙ୍କୁ

" କୋରଡ଼ା ଗ୍ରାମବାସୀ ପାଣି ପାଉ ନ ଥିବା ଅଭିଯୋଗ ମୋ ପାଖରେ ନାହିଁ । ପାଣି ଯୋଗାଇବା କାମ ସରପଞ୍ଚଙ୍କର । ତେଣୁ ଗ୍ରାମବାସୀ ପାଣି ନ ପାଇବା ନେଇ ସରପଞ୍ଚ ଉତ୍ତରଦାୟୀ ରହିବେ । ସରପଞ୍ଚ ଆମକୁ ସହଯୋଗ କରୁନାହାନ୍ତି ।

**ନିତ୍ୟାନନ୍ଦ ମିଶ୍ର , କନିଷ୍ଠ ଯନ୍ତ୍ରୀ , ଆର୍‌ଡବ୍ଲ୍ୟୁଏସ୍‌ଏସ୍**

" ନିର୍ବାଚନ ପାଇଁ ଆଚରଣବିଧି ଲାଗୁ ହେବାରୁ ବୈଠକ କରିନାହୁଁ । ଶ୍ମଶାନ ଗୃହ , ଯାତ୍ରୀ ବିଶ୍ରାମ ଗୃହ ନିର୍ମାଣ କାର୍ଯ୍ୟ ଠିକାଦାର ବିଳମ୍ବ କରୁଛନ୍ତି । ଜଳ ଯୋଗାଣ ପାଇଁ ବିଭାଗୀୟ ଅଧିକାରୀମାନେ ଆମକୁ ହଇରାଣ କରୁଛନ୍ତି। କୌଣସି କାମରେ ସହଯୋଗ କରୁନାହାନ୍ତି ।

**ଗୋଲାପ ନାୟକ, ସରପଞ୍ଚ କୋରଡ଼ା**

" କୋରଡ଼ାବାସୀ ପାଣି ପାଉ ନ ଥିବା ମୁଁ ଅବଗତ ହୋଇଛି। ଏ ନେଇ ମୁଁ ତୁରନ୍ତ ପଦକ୍ଷେପ ନେବି ।

**ସୌରଭ ଦୀକ୍ଷିତ ,ଏସ୍‌ଡିଓ , ଆର୍‌ଡବ୍ଲ୍ୟୁଏସ୍‌ଏସ୍**


## ଯୁବକଙ୍କ ଆତ୍ମାହୁତି ଧମକ

**ପୁରୀ ଅଫିସ,୫।୪**

ପୁରୀ ପୌର ସଂସ୍ଥା ପକ୍ଷରୁ ସ୍ୱଚ୍ଛ ଭାରତ ଯୋଜନାରେ କେତେକ ୱାର୍ଡରୁ ଅଳିଆ ହଟାଇବା ଲାଗି ଠିକା ନେଇଥିବା ଜଣେ ବ୍ୟକ୍ତି ବକେୟା ଅର୍ଥ ନ ପାଇ ଶେଷରେ ଆତ୍ମାହୁତି କରିବାକୁ ଧମକ ଦେଇଛନ୍ତି। ସେ ହେଲେ ସଦର ବ୍ଲକ ଶାସନ ଦାମୋଦରପୁର ଗ୍ରାମର ରାକେଶ ଦାଶ। ରାକେଶ ଶୁକ୍ରବାର ଗାନ୍ଧୀପାର୍କଠାରେ ଏକ ଖବରଦାତା ସମ୍ମିଳନୀ ଡାକି ଏ ସମ୍ପର୍କରେ ଜଣାଇଥିଲେ। ବାରମ୍ବାର ବକେୟା ଅର୍ଥ ପାଇବା ଲାଗି ପୌର ସଂସ୍ଥା, ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ କରି ନିରାଶ ହେବା ପରେ ଏହି ଚରମ ନିଷ୍ପତ୍ତି ନେଇଥିବା ଗଣମାଧ୍ୟମକୁ ଜଣାଇଛନ୍ତି। ଶନିବାର ସେ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେବୋଲି ନିଷ୍ପତ୍ତି ନେଇଛନ୍ତି।

ରାକେଶ କହିଲେ ଯେ, ସ୍ୱଚ୍ଛ ଭାରତ ଯୋଜନାରେ କେତେକ ୱାର୍ଡରୁ ଅଳିଆ ହଟାଇବା ଲାଗି ଟେଣ୍ଡର ନେଇଥିଲେ। ଏ ବାବଦକୁ ପୌର ସଂସ୍ଥା ଠାରୁ ଲକ୍ଷାଧିକ ଟଙ୍କା ପାଇବାର ଅଛି। ବାରମ୍ବାର ଲିଖିତ ଅଭିଯୋଗ ସତ୍ତ୍ୱେ ପୌର କର୍ତ୍ତୃପକ୍ଷ ଅର୍ଥ ପ୍ରଦାନ କରିନାହାନ୍ତି। ଅନ୍ୟପଟେ କର୍ମଚାରୀଙ୍କୁ ଦରମା ଦେଇ ନ ପାରି ସେ କରଜରେ ବୁଡି ରହିଛନ୍ତି। ଏତେଗୁଡାଏ ଟଙ୍କା ନ ପାଇଲେ, ମୁଁ କ୍ଷତିଗ୍ରସ୍ତ ହେବି ବୋଲି ସେ କହିଥିଲେ।

# ନାଟମଣ୍ଡପ ବିମ୍‌ରେ ଫାଟ



ବିମ୍‌ରେ ଫାଟ ଯାଞ୍ଚ କରୁଛନ୍ତି ଆମିକସ୍ କ୍ୟୁରି।

**ପୁରୀ ଅଫିସ, ୫।୪**

■ ଠିକ୍ ଭାବେ ରିଡିଂ କରୁନି ମିଟର
■ ଅନୁଧ୍ୟାନକଲେ ଆମିକସ୍ କ୍ୟୁରି

ଶ୍ରୀମନ୍ଦିର ନାଟମଣ୍ଡପ ବିମ୍‌ରେ ହୋଇଥିବା ଫାଟ ମରାମତି ପାଇଁ ଇଲେକ୍ଟ୍ରିକାଲ ଏବଂ ମେକାନିକାଲ ମିଟର ଲାଗିଛି। କିନ୍ତୁ ଏହି ମିଟରଗୁଡ଼ିକ ଠିକ୍‌ଭାବେ ରିଡିଂ କରୁନି। ଏ ନେଇ ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ଏନ୍. କେ. ମହାନ୍ତି ଶୁକ୍ରବାର ଶ୍ରୀମନ୍ଦିର ଆସି ଅନୁଧ୍ୟାନ କରିଛନ୍ତି। ତେବେ ଏହି ମିଟରକୁ ପୁନଶ୍ଚ ଠିକ୍ ଭାବେ ବସାଯିବ। ରିଡିଂ ଠିକ୍ ଭାବେ ଆସିବା ପରେ ହାଇକୋର୍ଟରେ ଏଏସ୍‌ଆଇ ସତ୍ୟପାଠ ଦାଖଲ କରିବ ବୋଲି ଜଣାପଡ଼ିଛି । ଶ୍ରୀମନ୍ଦିର ନାଟମଣ୍ଡପ ମୁଖ୍ୟ ବିମ୍ (ଗରୁଡ଼ ସ୍ତମ୍ଭ ସମ୍ମୁଖ) ସମେତ ଆହୁରି ଦୁଇଟି ବିମ୍‌ରେ ଫାଟ ହୋଇଛି। ମୁଖ୍ୟ ବିମ୍ ସ୍ଥିତି ସଙ୍ଗୀନ ଥିବା ବିଶେଷଜ୍ଞମାନେ ନାଟମଣ୍ଡପ ଯାଞ୍ଚ କରିବା ବେଳେ ଜାଣିଥିଲେ। ଏହାପରେ ନାଟମଣ୍ଡପରେ ଫାଟ ମାପ ପାଇଁ ଇଲେକ୍ଟ୍ରିକାଲ ଏବଂ ମେକାନିକାଲ ମିଟର ଗତ ଡିସେମ୍ବରରେ ଲଗାଯାଇଥିଲା। ଫାଟ ମେଲୁଛି କି ନାହିଁ ଯଦି ମେଲୁଛି କେତେ ପରିମାଣରେ ମେଲୁଛି ଏ ସବୁର ଆକଳନ ଲାଗି ଏହି ମିଟର ବସାଯାଇଥିଲା। ହେଲେ ବିଭିନ୍ନ ସ୍ଥାନରେ ଲାଗିଥିବା ଏହି ମିଟର ଠିକ୍ ଭାବେ ବସି ନ ଥିବାରୁ ରିଡିଂ ଠିକ୍ ହେଉନାହିଁ। ଗତ ମାର୍ଚ୍ଚ ମାସରେ ଏଏସ୍‌ଆଇ ପକ୍ଷରୁ ରିଡିଂକୁ ନେଇ ରିପୋର୍ଟ ହାଇକୋର୍ଟରେ ଦାଖଲ ହୋଇଥିବା ବେଳେ ଆମିକସ୍‌କ୍ୟୁରି ରିଡିଂ ଠିକ୍ ହେଉ ନ ଥିବା କହିଥିଲେ। ଫଳରେ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। ଗତ ଦୁଇଦିନ ଧରି ମାଡ୍ରାସ ଆଇଆଇଟି ଏବଂ ସିବିଆରଆଇ (ସେଣ୍ଟ୍ରାଲ ବିଲ୍ଡିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍)ର ବିଶେଷଜ୍ଞ ଯାଞ୍ଚ କରିଛନ୍ତି। ଶୁକ୍ରବାର ଆମିକସ୍‌କ୍ୟୁରି ମହାନ୍ତି ମଧ୍ୟ ମୁଖ୍ୟ ବିମ୍ ଫାଟକୁ ଅନୁଧ୍ୟାନ କରିଛନ୍ତି। ତେବେ ମିଟରକୁ ଠିକ୍ ଭାବେ ବସାଇବା ପରେ ମାସେ ଅନୁଧ୍ୟାନ କରାଯିବ। ଖୁବ୍‌ଶିଘ୍ର ଏ ନେଇ ଏଏସ୍‌ଆଇ ପକ୍ଷରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯିବ ବୋଲି ଜଣାପଡିଛି।

■ ଭାଲିଆବାଡ଼ିରେ ବୋମାମାଡ଼

# କାନ୍ଥ ଫାଟିଲା, ଆଜବେଷ୍ଟସ ଭାଙ୍ଗିଲା

**ଖୋର୍ଦ୍ଧା ଅଫିସ,୫।୪**

ଖୋର୍ଦ୍ଧା ଆଦର୍ଶ ଥାନାର ଭାଲିଆବାଡ଼ି ଗ୍ରାମର ଗୁରୁବାର ବିଳମ୍ବିତ ରାତିରେ କଷ୍ଟଚନ୍ଦ୍ର ପଲେଇଙ୍କ ଘର ଉପରକୁ ବୋମାମାଡ ହୋଇଛି। ବୋମାମାଡରେ ଆଜବେଷ୍ଟସ ଭାଙ୍ଗିଯିବା ସହ ବୋମାର କିଛି ଅଂଶ ଘର ଭିତରେ ପଡିଥିଲା। ଘରର କାନ୍ଥ ଓ ବାରଣ୍ଡା ଫାଟି ଯାଇଛି। ସ୍ତ୍ରୀ ସରସ୍ୱତୀ ପରିବାର ସହ ନିତ୍ୟକ୍ରମ ସାରି ରାତିରେ ଶୋଇଥିବା ଅବସ୍ଥାରେ ଘର ଉପରକୁ ବୋମାମାଡ କରାଯାଇଥିଲା। ବୋମର ଶବ୍ଦ ଶୁଣି ଭୟରେ ପରିବାର ଲୋକ ବାହାରକୁ ପଳାଇ ଆସିଥିଲେ। ତେବେ ବୋମାମାଡ ସମୟରେ ଜୈନିକ ବ୍ୟକ୍ତି ତାଙ୍କ ଘର ସାମ୍ନାରେ ଠିଆ ହୋଇଥିବା ସରସ୍ୱତୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ ମକଦ୍ଦମା ରୁଜୁ କରିନାହିଁ।

## ୨ୟ ଥର ଲାଗି ମିଷ୍ଟର ଇଣ୍ଡିଆ ହେଲେ ଅନିଲ

**ପୁରୀ ଅଫିସ, ୫।୪**

ତାମିଲନାଡୁ ଠାରେ ଅନୁଷ୍ଠିତ ଜାତୀୟ ସିନିୟର ବଡି ବିଲ୍‌ଡିଙ୍ଗ୍ ଚାମ୍ପିୟନଶିପ୍‌ରେ ମିଷ୍ଟର ଇଣ୍ଡିଆ ଟାଇଟଲ ହାସଲ କରିଛନ୍ତି ଅନିଲ ଗୋଛିକାର। ଦ୍ୱିତୀୟ ଥର ଲାଗି ସେ ଏହି ଟାଇଟଲ ହାସଲ କରିଛନ୍ତି। ଏହି ଅବସରରେ ଶୁକ୍ରବାର ପୁରୀ ଜିଲା ବଡି ବିଲ୍‌ଡିଙ୍ଗ ଆସୋସିଏଶନ ତରଫରୁ ବ୍ୟାୟମ ଭବନ ଠାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଆସୋସିଏଶନର ସଭାପତି ସତ୍ୟନାରାୟଣ ମହାନ୍ତି, ସମ୍ପାଦକ ନାରାୟଣ ଚନ୍ଦ୍ର ବେହେରା, ଯୁଗ୍ମ ସମ୍ପାଦକ ଭାରତୀକୃଷ୍ଣ ବ୍ରହ୍ମା, ଅଜୟ କୁମାର ମହାପାତ୍ର ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଅନିଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଭାରତବର୍ଷର ବିଭିନ୍ନ ସ୍ଥାନରୁ ପ୍ରାୟ ୬ଶହ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ୭୦କେଜି ପ୍ରତିଯୋଗିତାରେ ଅନିଲ ସ୍ୱର୍ଣ୍ଣପଦକ ସହ ଟାଇଟଲ ହାସଲ କରିଥିଲେ। ପୂର୍ବରୁ ସେ ଜାତୀୟ ସ୍ତରରେ ୨୦୧୭ ମଧ୍ୟପ୍ରଦେଶରେ ସ୍ୱର୍ଣ୍ଣ, ମହାରାଷ୍ଟ୍ରରେ ଆନ୍ତର୍ଜାତୀକ ସ୍ତରରେ ସ୍ୱର୍ଣ୍ଣ ଏବଂ ୨୦୧୮ରେ ଜାତୀୟ ସ୍ତରରେ ରୌପ୍ୟ ପଦକ ହାସଲ କରିଥିଲେ।

# ଓଡ଼ଗାଁ ଏନ୍‌ଏସି: ଦିନ ଦ୍ୱିପ୍ରହରରେ ଜଳୁଛି ଷ୍ଟ୍ରିଟ ଲାଇଟ୍

**ଓଡ଼ଗାଁ, ୫।୪(ସ୍ୱ.ପ୍ର.)**

ସ୍ଥାନୀୟ ସଦର ସମେତ ଆଖାପାଖ କେତେକ ଗ୍ରାମକୁ ନେଇ ଓଡ଼ଗାଁ ଏନ୍‌ଏସି ଘୋଷଣା କରାଯିବା ପରେ ସହର ସାରା ଅତ୍ୟାଧୁନିକ ଏଲ୍‌ଇଡି ବଲ୍‌ବ ଲଗାଯାଇ ଆଲୋକିତ କରାଯାଇଥିଲା । ହେଲେ ବିଭିନ୍ନ ସମୟରେ ସହରର କେତେକ ରୋଡରେ ଥିବା ଷ୍ଟ୍ରିଟ ଲାଇଟ୍ ସବୁ ଦିନସାରା ଜଳୁଥିବା ଦେଖାଯାଇଛି। ଏ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରି ଗଣମାଧ୍ୟମ ପ୍ରତିନିଧିଙ୍କ ଜରିଆରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବିଶେଷତଃ ବ୍ଲକ ଛକଠାରୁ କଲେଜ ରୋଡରେ ଥିବା ସମସ୍ତ ଲାଇଟ୍ ପୋଷ୍ଟର ଏଲ୍‌ଇଡି ଲାଇଟ୍ ଦିନସାରା ଜଳୁଛି। ଫଳରେ ଜଳୁଥିବା ଲାଇଟ୍‌ର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଅଯଥା ବିଦ୍ୟୁତ୍ ଶକ୍ତି ଅପଚୟ ହେଉଛି । ଏ ସମ୍ପର୍କରେ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଦିନସାରା ଜଳୁଥିବା ଏଲ୍‌ଇଡି ଲାଇଟ ପୋଷ୍ଟକୁ ଏକ ଅତ୍ୟାଧୁନିକ ସିଷ୍ଟମ ଦ୍ୱାରା ଭୁବନେଶ୍ୱର ସହିତ ବାଙ୍ଗାଲୋରରୁ ନିୟନ୍ତ୍ରଣ କରାଯାଇଥାଏ। ଏସବୁ ଲାଇଟ୍ ପୋଷ୍ଟ ନିମନ୍ତେ ଉଦ୍ଦିଷ୍ଟ କଣ୍ଟ୍ରୋଲ ବକ୍ସରେ ଲାଗିଥିବା ସିଷ୍ଟମରେ ଲାଇଟ ଜଳିବା ଟାଇମିଂରେ ଅସୁବିଧା ଦେଖାଦେଇଥିବାରୁ ଏଭଳି ଅନିୟମିତତା ଦେଖାଦେଇଛି। ଏ ନେଇ ସମ୍ପୃକ୍ତ ସଂସ୍ଥାକୁ ଚିଠି ମାଧ୍ୟମରେ ଜଣାଇଥିବାରୁ ଖୁବ୍‌ଶୀଘ୍ର ଏଥିରେ ସୁଧାର ଆସିବ ବୋଲି ସେ ପ୍ରକାଶ କରିଛନ୍ତି।



ଜଳୁଥିବା ଷ୍ଟ୍ରିଟ୍ ଲାଇଟ୍।

# ଅଟୋ, ବାଇକ୍ ଧକ୍କା: ଜଣେ ଗୁରୁତର

**ନିରାକାରପୁର,୫।୪(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁବାର ରାତି ପ୍ରାୟ ୧୧ଟାରେ ଏହି ଥାନା ଅନ୍ତର୍ଗତ ଲେଣ୍ଡୋ କାଜ ନିକଟସ୍ଥ ନୂଆ ଜଗନ୍ନାଥ ସଡ଼କ ଉପରେ ଅଟୋ ଓ ବାଇକ୍ ମଧ୍ୟରେ ଧକ୍‌କା ହେବା ଯୋଗୁ ଦୁର୍ଘଟଣା ଘଟିଛି । ଫଳରେ ପ୍ରକାଶ ନାୟକ ନାମକ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ତାଙ୍କ ଘର ପୁରୀ ଜିଲା ଗଡିଶାଗଡା ଥାନା ଅନ୍ତର୍ଗତ ଓଷଣା ହରିଜନ ସାହି ବୋଲି ଜଣାପଡ଼ିଛି। ପ୍ରକାଶ ବାଇକ୍‌ରେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ଅଟୋ ସହ ଧକ୍କା ହୋଇଥିଲା। ଫଳରେ ତାଙ୍କର ନାକ, କାନ, ମୁଣ୍ଡ ଆଦିରେ ଗଭୀର ଆଘାତ ଲାଗିଥିଲା। ରକ୍ତାକ୍ତ ଅବସ୍ଥାରେ ପ୍ରକାଶ ରାସ୍ତା ଉପରେ ପଡ଼ିଯାଇଥିବାବେଳେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ନିରାକାରପୁର ଥାନା ପୋଲିସ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲକୁ ପଠାଇବା ସହ ୨ଗାଡ଼ିକୁ ଜବତ କରିଛି। ଏ ଘଟଣା ନେଇ ଅଟୋଚାଳକ ଦାଶରଥି ଜେନାଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଛି । ସୂଚନାଯୋଗ୍ୟ, କଣାସ ଥାନା ଅନ୍ତର୍ଗତ ତ୍ରିଲୋଚନ ପୁର କଣ୍ଟପଡା ଗ୍ରାମବାସୀ ଦାଶରଥି ଡାଲା ଅଟୋ ନଂ ଓଡି ୩୩ ବି ୨୧୫୯ ଯୋଗେ ରାମେଶ୍ୱର ଛକକୁ ମାଛ ଆଣିବା ପାଇଁ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା।



ଦୁର୍ଘଟଣାଗ୍ରସ୍ତ ଅଟୋ।

# ଭାଲିଆଗୁଡ଼ା ଜଙ୍ଗଲରୁ ବନ୍ଧୁକ, ଗୁଳି ଜବତ

**ମୋହନା/ଚନ୍ଦ୍ରଗିରି,୫।୪(ଡି.ଏନ୍.ଏ.)**

■ ନୟାଗଡ଼ ଅସ୍ତ୍ରାଗାରରୁ ଲୁଟ୍ ହୋଇଥିବା ସନ୍ଦେହ
■ ହିଟାଗାନ୍ଧୀ ଗ୍ରାମରୁ ୨ ବନ୍ଧୁକ ଜବତ, ୨ ଗିରଫ, ତଦନ୍ତ ଆରମ୍ଭ

ଗଜପତି ଜିଲା ମୋହନା ଥାନା ମଳାସପଦର ପଞ୍ଚାୟତସ୍ଥିତ ଭାଲିଆଗୁଡା ଜଙ୍ଗଲରୁ ମୋହନା ପୋଲିସ ଓ ସିଆର୍‌ପିଏଫ ଯବାନଙ୍କ ମିଳିତ ଅପରେଶନରେ ଏକ ଇନ୍‌ସାସ୍ ରାଇଫଲ, ମାଗାଜିନ୍ ଓ ଗୁଳି ଜବତ ହୋଇଛି। ଏଥିସହ ପୋଲିସର ଅନ୍ୟଏକ ଟିମ୍ ହିଟାଗାନ୍ଧୀ ଗ୍ରାମରେ ଚଡାଉ କରି ୨ଜଣଙ୍କ ଠାରୁ ଦୁଇଟି ଦେଶୀ ବନ୍ଧୁକ ଜବତ କରି ସେମାନଙ୍କୁ ଗିରଫ କରିଛି। ଇନ୍‌ସାସ ରାଇଫଲ୍‌ଟି ୨୦୦୮ରେ ନୟାଗଡ ଅସ୍ତ୍ରାଗାରରୁ ଲୁଟ୍ ହୋଇଥିବା ଅନୁମାନ କରାଯାଉଛି ଓ ଏନେଇ ଅଧିକ ତଦନ୍ତ ଚାଲିଛି ବୋଲି ଗଜପତି ଏସ୍‌ପି ସାରା ଶର୍ମା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗୁରୁବାର ବିଳମ୍ବିତ ରାତିରେ ଗଜପତି ଏସ୍‌ପିଙ୍କୁ ଭାଲିଆଗୁଡା ଜଙ୍ଗଲରେ ବନ୍ଧୁକ ପୋତାଯାଇଥିବା ଓ ମଳାସପଦର ପଞ୍ଚାୟତ ହିଟାଗାନ୍ଧୀ ଗ୍ରାମର ୨ ଜଣ ଲୋକଙ୍କ ପାଖରେ ୨ଟି ଦେଶୀ ବନ୍ଧୁକ ରହିଥିବା ସୂଚନା ମିଳିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ମୋହନା ଥାନା ଅଧିକାରୀ ସୁଜିତ କୁମାର ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ସିଆରପିଏଫ ଯବାନଙ୍କ ସହିତ ଶୁକ୍ରବାର ସକାଳେ ଭାଲିଆଗୁଡା ଜଙ୍ଗଲରେ ତଲାସି କରି ପୋତା ଯାଇଥିବା ବନ୍ଧୁକକୁ ଠାବ କରାଯାଇଥିଲା। ଏଥିରେ ବିଏଟିଟି ନଂ. ପିଟିଏସ୍-୯୧ ଲେଖାଯାଇଛି। ଏହା ବ୍ୟତୀତ ସେଠାରୁ ୫ଟି ମାଗାଜିନ୍, ୮୬ଟି ଗୁଳି ମଧ୍ୟ ଜବତ ହୋଇଥିଲା। ଏସବୁ ୨୦୦୮ରେ ନୟାଗଡ ଟ୍ରେନିଂ ସ୍କୁଲ ଅସ୍ତ୍ରାଗାରରୁ ମାଓବାଦୀମାନେ ଲୁଟ୍ କରିଥିବା ଓ ମୋହନା ଥାନା ଭାଲିଆଗୁଡା ଗ୍ରାମଠାରେ ବିଗତ ଦିନରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ସମୟରେ ଉକ୍ତ ବନ୍ଧୁକ ଗୁଡ଼ିକୁ ବ୍ୟବହାର କରାଯାଇଥିଲା। ପରେ ଏହାକୁ ମାଓବାଦୀମାନେ ଜଙ୍ଗଲରେ ପୋତି ଚାଲିଯାଇଥିବା ସନ୍ଦେହ କରାଯାଉଛି ବୋଲି ଏସ୍‌ପି ଶର୍ମା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେହିପରି ଗୁରୁବାର ମଧ୍ୟ ରାତିରେ ଏସଆଇ ପିଙ୍କି ମୁର୍ମୁ, ହେମନ୍ତ ସେଠୀ, ସିଆଇଏସ୍‌ଏଫ ଓ ପୋଲିସ ଫୋର୍ସ ସହ ହିଟାଗାନ୍ଧୀ ଗ୍ରାମ ନିକଟ ଜଙ୍ଗଲପାଖରେ ଏରିଆ ଡୋମିନେସନ ଡ୍ୟୁଟି କରିବା ସମୟରେ ବେତିଙ୍ଗି ଗ୍ରାମର ରବି ମଲ୍ଲିକ, ହରିରାଜ ମଲ୍ଲିକଙ୍କ ଠାରୁ ୨ଟି ବନ୍ଧୁକ ଜବତ କରିଥିଲେ। ଏ ନେଇ ମୋହନା ଥାନାରେ ନଂ. ୬୨/୧୯ ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଉଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।



ଏସ୍‌ପି ସାରା ଶର୍ମା ଖବରଦାତା ସମ୍ମିଳନୀରେ ସୂଚନା ଦେଉଛି।